ମାର୍ଚ୍ଚ ୨୦୨୨ • ୫୦ ଟଙ୍କା


# ରେବତୀ

ଆମ ମାଟିର ସ୍ୱର

website :
www.rebatee.in

## ପ୍ରସଙ୍ଗ:
## ପର୍ଯ୍ୟଟନ





SG
SMILE GOLD
JEWELLERS
Making
Flat 50% OFF
On Gold Ornaments
Flat 25% OFF
On Diamond Ornaments
Making
Flat 50% OFF
On Silver Ornaments
Flat 20% OFF
On Branded Watches
Saheed Nagar, Bhubaneswar
Mob: 9438019696, 9438029797
Ph.: 0674-2969696, 2969797

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଚତୁର୍ଥ ବର୍ଷ : ୫ମ ସଂଖ୍ୟା, ମାର୍ଚ୍ଚ ୨୦୨୨ ■ Vol-4, Issue : 5, March 2022



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର ବିଶ୍ୱାଳ**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**



**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*
*rebati.edit2020@gmail.com*


Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

## ସୂଚୀପତ୍ର

୪ର୍ଥ ବର୍ଷ ୫ମ ସଂଖ୍ୟା । ମାର୍ଚ୍ଚ ୨୦୨୨ ।

# ରେବତୀ

ଆମ ମାଟିର ସ୍ୱର

୦୩ ସମ୍ପାଦକୀୟ : ପରିବାରରେ ମୂରବୀର...: ସୁବାସିନୀ ଜେନା









୦୮
ବିଶେଷ ମତ : ସର୍ଜନଶୀଳତାର...: ଡକ୍ଟର ଶିଶିର ବେହେରା

୧୪
ଦେବାଳୟ : ଶିବମୟ ଯାଜପୁର: ନାରାୟଣ ରାଉତରାୟ

୨୨
ପର୍ଯ୍ୟଟନ-୧ : କଥାକହେ କୁରୁକ୍ଷେତ୍ର: ଡକ୍ଟର ଫକୀରମୋହନ ନାହାକ

୩୨
ପର୍ଯ୍ୟଟନ-୨ : ଭୂସ୍ୱର୍ଗର ଭାଷା: ଦାଶରଥି ଭୂୟାଁ

୩୮
ପର୍ଯ୍ୟଟନ-୩ : କାଠର କୋଣାର୍କ : ଜୟନ୍ତ ଶେଠ୍

୪୪
ପର୍ଯ୍ୟଟନ-୪ : କାମରୂପର କାମାକ୍ଷା: ଲକ୍ଷ୍ମୀପ୍ରିୟା ଓଝା

୪୯
ପର୍ଯ୍ୟଟନ-୫ : ବିରଳ ବଗ୍‌ଦା: ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି

୫୨ ସମ୍ବାଦ ବାହିକା : ରେବତୀ ନ୍ୟୁଜ୍ ବ୍ୟୁରୋ
୫୪ ଦ୍ୱି-ପ୍ରଚ୍ଛଦ : ମନୀଷା ଧର ମହାପାତ୍ର
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ରଞ୍ଜନ ବାଗ
୫୮ : ସିତାଂଶୁ ଲେଙ୍କା
୫୯ : ବିଚିତ୍ରା ଦାଶ
୬୦ : ଦୀନବନ୍ଧୁ ସାହୁ
୬୧ : ସାବିତ୍ରୀ କବି
୬୨ : ଅନୀତା ପାଣି
୬୩ : ନିରାକାର ଦାସ
୬୪ : ଗୋପାଳକୃଷ୍ଣ ମିଶ୍ର
: ନରେଶ୍ ମଣ୍ଡଳ
















୬୫ କଥା-କାହାଣୀ : **କିଶୋର ଆକାଶ**
୭୦ ଚରିତ-ଉପନ୍ୟାସ : **ପବିତ୍ର ମୋହନ ଦାଶ**
୭୬ ଅବଲୋକନ : **ମଣୀନ୍ଦ୍ର କୁମାର ମେହେର**
୭୯ କଳା-ସଂସ୍କୃତି : **ଶ୍ୱେତା ରାଉତ**
୮୫ ଆତ୍ମଜୀବନୀ : **ଜୟନ୍ତୀ ରଥ**
୮୮ ପର୍ଯ୍ୟଟନ-୬ : **ଡକ୍ଟର ପ୍ରଦୀପ କୁମାର ମିଶ୍ର**
୯୫ ଗୃହ ସମସ୍ୟା : **ଡକ୍ଟର ହରପ୍ରସନ୍ନ ଦାସ**





## ନିୟମିତ ବିଭାଗ

ରୋଷେଇଶାଳ:


୯୮ **ରୋନାଲିସା ପଣ୍ଡା**
୧୦୦ **ଦେବଯାନୀ ରାୟ**
୧୦୨ **ମାଧୁରୀ ପଣ୍ଡା**






୧୦୪ ଶେଷପୃଷ୍ଠା : **ସର୍ଜନଶୀଳତାରେ ମୂରବୀ : କୃଷ୍ଣ କୁମାର ମହାନ୍ତି**











ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ଖୁସି କୁମାର,** ବାରିପଦା
ଉଚ୍ଚତା : **୫ ଫୁଟ୍ ୨ ଇଞ୍ଚ୍**
ଶିକ୍ଷା : **ସ୍ନାତକୋତ୍ତର (ହିନ୍ଦୀ)**
ବୃତ୍ତି : **ଟିଭି ଉପସ୍ଥାପିକା, ଭଏସ୍ ଡବିଂ ଆର୍ଟିଷ୍ଟ, ଡାନ୍ସର୍**
ପ୍ରବୃତ୍ତି : **ନାଚ ଓ ଗୀତ ଶୁଣିବା**
ପ୍ରଚ୍ଛଦ ଫଟୋଗ୍ରାଫି : **ପପୁ ବେହେରା,** ବାରିପଦା
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କମ୍ପ,** ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : **ରୋହିମା ନିଶା,** ବାରିପଦା
ସ୍ଥାନ : **ବୁଢ଼ାବଳଙ୍ଗ ନଦୀ ପଠା, ବାରିପଦା**

**ମଲାଟ କଥା :** ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ହିନ୍ଦୁଧର୍ମ ବିଶ୍ୱାସରେ ସୃଷ୍ଟି, ସ୍ଥିତି ଓ ସଂହାରର ନିୟନ୍ତା ରୂପେ ବିବେଚନା କରାଯାଏ । ମହେଶ୍ୱର ଶିବ ସୃଷ୍ଟିର ସମସ୍ତ ଅନିଷ୍ଟକାରୀ, ଅପଶକ୍ତି ଓ ଅନୀତିକୁ ସଂହାର କରି ସଂସାରକୁ ସୁଖଶାନ୍ତି ପ୍ରଦାନ କରିଥାଏ । ତେଣୁ ଶିବ ଉପାସନା ଆମ ପରଂପରାର ଏକ ବିଶେଷ ଦିଗ । ମୁନି ସନତ କୁମାରଙ୍କ ମତରେ ଶିବଙ୍କୁ ପ୍ରସନ୍ନ କରିବାର ଦଶଗୋଟି ବ୍ରତ ଅଛି । ସେ ମଧ୍ୟରୁ ଶିବରାତ୍ରି ବ୍ରତ ସର୍ବଶ୍ରେଷ୍ଠ ଓ ସର୍ବକାମପ୍ରଦ ଅଟେ । ଦଶ ଶୈବ ବ୍ରତ ମଧ୍ୟରେ ଏହି ଶିବରାତ୍ରି ବ୍ରତ ଅତ୍ୟନ୍ତ ସିଦ୍ଧିଦାୟକ । ଫାଲଗୁନ ମାସ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ପାଳନ କରାଯାଉଥିବା ଶିବରାତ୍ରି ବ୍ରତକୁ ସର୍ବଶ୍ରେଷ୍ଠ ଭାବେ ଗ୍ରହଣ କରାଯାଏ । ଭାରତର ବିଭିନ୍ନ ସ୍ଥାନରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କ୍ଷେତ୍ରରେ ଏହି ପର୍ବ ବେଶ ଭକ୍ତି ଓ ଉଲ୍ଲାସର ସହ ପାଳିତ ହୋଇଥାଏ । ଏହି ଶିବ ଉପାସନାର ପ୍ରତୀକ ଏଥରର ଆମ ପ୍ରଚ୍ଛଦ ।







## ଜୟନ୍ତ ଶେଠ୍‌ଙ୍କ କାଶ୍ମୀର ଭ୍ରମଣ ଭଲ ଲାଗିଲା

● ଫେବୃଆରୀ ମାସର 'ରେବତୀ' ପଢ଼ିଲି । ଚମତ୍କାର ପ୍ରଚ୍ଛଦ । ସମ୍ପାଦିକାଙ୍କ ସରୋଗେସି ମାତୃତ୍ୱ ଉପରେ ପଚାରିଥିବା ପ୍ରଶ୍ନଟି ନିଶ୍ଚିତ ଭାବରେ ଚିନ୍ତା କରିବାର ବିଷୟ । ମାତୃତ୍ୱର ଅନୁଭବ ନଥିବା ମାଆଟିଏ ସଂପୂର୍ଣ୍ଣ ମାଆର ସୁଖ ପାଇ ପାରେନା ସନ୍ତାନକୁ ଗର୍ଭରେ ଧାରଣ କରି ପ୍ରତିଦିନ ତାର ସ୍ପର୍ଶ ପାଇବା ଏକ ନିଆରା ଅନୁଭବ । ଜୟନ୍ତ ଶେଠ୍‌ଙ୍କ କାଶ୍ମୀର ଭ୍ରମଣ କାହାଣୀ ଭିତରେ ଲେଖକ ପ୍ରକୃତରେ ପାଠକକୁ ଭୂସ୍ୱର୍ଗ ବୁଲିବାର ଆନନ୍ଦ ଦେଇଛନ୍ତି । ନିଜେ ନଯାଇ ନିଜ ଆଖିରେ ଦେଖିବା ପରି ଲାଗିଲା । ସାଂପ୍ରତିକ ସମୟରେ କାଶ୍ମୀରକୁ ନେଇ ଯେଉଁ ଭୟ ଆଶଙ୍କା ମଣିଷ ଭିତରେ ରହିଛି, ଏହା ନିଶ୍ଚୟ ସେହି ବୁଝାମଣାକୁ ଦୂର କର କରିବ । ଆମ ଜନଜାତି ଓ ଆଦିମ ଅଧିବାସୀ ବିଭାଗର ପ୍ରତିଟି ପ୍ରବନ୍ଧ ବହୁ ଗବେଷଣାର ଫଳଶ୍ରୁତି । ସେମାନଙ୍କର ଚଳଣି ଓ ସାଂସ୍କୃତିକ ପରମ୍ପରାର ବହୁ ନୂତନ ତଥ୍ୟ ଜାଣିବାକୁ ମିଳିଲା । ସମକାଳର କବିତା ଓ ଗଳ୍ପ ମନଛୁଆଁ । ପବିତ୍ର ମୋହନଙ୍କ ଦାଶଙ୍କ 'ଦାସେ ଆପଣେ' ଓ ଜୟନ୍ତୀ ରଥଙ୍କ ସ୍ମୃତିର ପ୍ରଜ୍ଞାପୀଠ ସବୁଠାରୁ ମୋର ପ୍ରିୟ । ଏହା ଦିନେ ଇତିହାସର ଦଲିଲ୍ ହୋଇ ରହିବ । 'ରେବତୀ'ର ପ୍ରତ୍ୟେକ ପୃଷ୍ଠା ଯେପରି ବିଚିତ୍ରବର୍ଣ୍ଣା, ସେହିଭଳି ଲେଖାଗୁଡ଼ିକ ଭାବଗମ୍ଭୀର । କୃଷ୍ଣ ମହାନ୍ତିଙ୍କ 'ଶେଷ ପୃଷ୍ଠା' ସମୟ ଉପଯୋଗୀ ଆଲେଖ୍ୟ । ଏହି ପତ୍ରିକାଟି ମୋ ଭଳି ଅନେକଙ୍କୁ ମୁଗ୍ଧ କରୁଥିବ ବୋଲି ବିଶ୍ୱାସ ।

**ଇନ୍ଦିରା ଦାଶ,**
**ଅନୁଗୁଳ ବଜାର, ଅନୁଗୁଳ**

## ପ୍ରତି ମାସ ପ୍ରତୀକ୍ଷା କରାଇବା ଭଳି ପତ୍ରିକା 'ରେବତୀ'

● ଆଜି ମିଳିଲା ସବୁମାସର ପ୍ରତୀକ୍ଷିତ 'ରେବତୀ' । ଏ ସଂଖ୍ୟାଟି ସଂଗ୍ରହଣୀୟ ନିଶ୍ଚୟ ତାର ଜନଜାତି ପ୍ରସଙ୍ଗ ପାଇଁ । ପତ୍ରିକା ହିସାବରେ 'ରେବତୀ'ର ପୃଷ୍ଠା ଓଲଟାଇବା ଜୀବନ, ସାହିତ୍ୟ ଓ ଦୃଷ୍ଟିକୋଣ ସହିତ ପାଠକୀୟ ହୃଦୟ ବିନିମୟ । ଏହା ସଂଭବ ହୋଇ ପାରୁଛି ସମ୍ପାଦିକା ସୁବାସିନୀ ଜେନାଙ୍କ ଅକାତ ଆଗ୍ରହ ଓ ସୁ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ ଏକକ ଏକନିଷ୍ଠ ଉଦ୍ୟମ, ଆଇଡିଆ ଓ ପରିଶ୍ରମର ଫଳ ଯୋଗୁଁ । କାଳଜୟୀ ଗପ 'ରେବତୀ' ପରି ବହୁପଥ ଅତିକ୍ରମୀ କରିବ ଅକ୍ଷରର ଚିତ୍ରିତ ଅଭିଷେକ ଆମ ମାଟିର ସ୍ୱର 'ରେବତୀ' ।

**ଭୀମ ପୃଷ୍ଟି, ଭୁବନେଶ୍ୱର**

## 'ରେବତୀ'ର ସଂପାଦକୀୟରେ ନୂଆ ନୂଆ ପ୍ରସଙ୍ଗ ମିଳେ

●ଫେବୃଆରୀ 'ରେବତୀ'ର ଜନଜାତି ବିଶେଷାଙ୍କର ଉଭୟ ପ୍ରଚ୍ଛଦ ଓ ଦ୍ୱିପ୍ରଚ୍ଛଦ ଖୁବ୍ କଳାତ୍ମକ । ପ୍ରତିଥର କିଛି କିଛି ନୂଆ ପ୍ରସଙ୍ଗରେ ସମ୍ପାଦକୀୟ ଓ 'ଶେଷପୃଷ୍ଠା' ଭେଟି ଦେଉଥିବା 'ରେବତୀ' ଏଥର ବି ଆଣିଛି ସରୋଗେସି ଭଳି ଗୋଟିଏ ଗମ୍ଭୀର ପ୍ରସଙ୍ଗ । ମାତୃତ୍ୱରେ ସରୋଗେସି ଭାରତରେ ଆଇନର ସମ୍ମତି ପାଇଥିଲେ ବି ଏହାର ବ୍ୟବହାର ଆବଶ୍ୟକତା ଅନୁସାରେ ହେବା ଉଚିତ । କିନ୍ତୁ ବେସରକାରୀ କ୍ଲିନିକ୍ ଓ ମଧ୍ୟସ୍ଥିମାନଙ୍କର ବ୍ୟବସାୟିକ ମାନସିକତା ହେତୁ ଧୀରେ ଧୀରେ ବଢ଼ି ଚାଲିଥିବା ସରୋଗେସି ନିଶ୍ଚିତ ଭାବେ ଏକ ଚିନ୍ତାର ବିଷୟ । ସୃଜନ ପ୍ରକ୍ରିୟାରେ ସରୋଗେସି ଏକ ନୂଆ ଶବ୍ଦ । ଏକଥା ସହଯୋଗୀ ସମ୍ପାଦକ ଖାଲି ସ୍ୱୀକାର କରିନାହାନ୍ତି, ବରଂ ବଳିଷ୍ଠ ଯୁକ୍ତି ସହ ପ୍ରମାଣିତ କରେଇଛନ୍ତି ଆଲେଖ୍ୟରେ । ସୃଜନରେ ସରୋଗେସି ପାଇଁ ଅର୍ଥ ଲୋଭରେ ନିଜ ସର୍ଜନଶୀଳତାକୁ ବିକୁଥିବା ଲେଖକଟି ତ ନିଶ୍ଚୟ ଦାୟୀ, କିନ୍ତୁ ଅର୍ଥ ଓ ପ୍ରତିପତ୍ତି ବଳରେ ସାହିତ୍ୟିକ ବୋଲାଉଥିବା ଅଣସାହିତ୍ୟିକଙ୍କର ଅପରାଧ କ୍ଷମଣୀୟ ନୁହେଁ । ଯାହା ଆଶା କରାଯାଉଥିଲା, 'ବିଶେଷ ମତ'ରେ ଏଥର ଡକ୍ଟର ଶିଶିର ବେହେରା, ରଂଜନ ପ୍ରଧାନଙ୍କର ଆଲେଖ୍ୟ ଉପରେ ନିଜର ବିଶେଷ ମତ ରଖିବେ । ରଖିଛନ୍ତି । ଖାଲି ଗତ ସଂଖ୍ୟାର ଆଲେଖ୍ୟର ବିଶ୍ଳେଷଣ ନୁହେଁ, କଥାକାର ତରୁଣକାନ୍ତିଙ୍କର ଗଳ୍ପ ସମଗ୍ରର ଏକ କ୍ଷୁଦ୍ର ସମୀକ୍ଷା ଭେଟି ଦେଇଛନ୍ତି ପାଠକଙ୍କୁ । କିସାନ ଜନଜାତିର ବିବାହ ବିଧିକୁ ନେଇ ଅଧ୍ୟାପିକା ପ୍ରଣତି ବେହେରାଙ୍କର ଆଲେଖ୍ୟରେ ଜନଜାତିର ନାରୀ ପ୍ରତି ସମ୍ମାନର ସୁନ୍ଦର ଉଦାହରଣ ଆମ ତଥାକଥିତ ଭଦ୍ର ସମାଜ ପାଇଁ ଏକ ଶିକ୍ଷା । ଏଥିସହିତ, ଡକ୍ଟର ରଂଜନ ପ୍ରଧାନଙ୍କର ପରଜା ଜନଜାତିର ପର୍ବପର୍ବାଣି, ରୂପେଶ ସାହୁଙ୍କର ଅକ୍ଷର ବ୍ରହ୍ମ ଯାତ୍ରା ଓ ଡକ୍ଟର ରାଜେନ୍ଦ୍ର ପାଢ଼ୀଙ୍କର ସାଜ଼ର ସିମ୍ଫୋନି ଜନଜାତି ସଂପର୍କରେ ଅନେକ ତଥ୍ୟ ପ୍ରଦାନ କଲା । ଡକ୍ଟର ପ୍ରଦୀପ କୁମାର ମିଶ୍ରଙ୍କ ଆଲେଖ୍ୟ 'ବନବାସୀଙ୍କର ଲୋକଗୀତରେ ଫୁଲ' ଏକ ଗଭୀର ଅନୁଶୀଳନ । ଦ୍ୱିତୀଚନ୍ଦ୍ର ସାହୁଙ୍କ 'କୁଣ୍ଡା କନିଆ' ଗୌଡ଼ ଜନଜାତିର ବାଲ୍ୟ ବିବାହ ଭଳି କୁପ୍ରଥା ଉପରେ ଆଲୋକପାତ କରିଛି । ଶିକ୍ଷା ଓ ସଚେତନତାର ଅଭାବ ଏ କୁପ୍ରଥାକୁ ଏଯାବତ୍ ମୂଳୋତ୍ପାଟନ କରିପାରିନାହିଁ । ଜୟନ୍ତୀ ରଥଙ୍କର ଆତ୍ମଜୀବନୀରେ ଏଥର ସହକର୍ମୀ ଚରିତ୍ର ସବୁ । କେତେ ଆତ୍ମୀୟତା ଓ ଶ୍ରଦ୍ଧା ସହ ଚରିତ୍ରମାନଙ୍କୁ ବିଶ୍ଳେଷଣ କରିଛନ୍ତି, ମାଡାମ୍ ! (ଏମିତି ପରିଚୟ ସଂକଟ...: ଏଇ ପରିଚ୍ଛେଦଟି ଭୁଲ୍‌ବଶତଃ ପୁନଃମୁଦ୍ରିତ ହୋଇଛି, ଏଥିପ୍ରତି ଯତ୍ନବାନ ହେବା ଦରକାର) କାଶ୍ମୀରକୁ ନେଇ ଅନେକ ଭ୍ରମଣକାହାଣୀ ଲେଖା ହୋଇଥିଲେ ବି ଭ୍ରମଣ ବିଶେଷଜ୍ଞ ଜୟନ୍ତ ଶେଠ୍ ଆଲେଖ୍ୟ ଭିତରେ ରମେଶ ମେହେରା, ସାଜିଦ୍ ଭାଇ ଓ ହସନ୍ ଚାଚା ଭଳି ଚରିତ୍ରମାନଙ୍କୁ ଆଣି ଆଲେଖ୍ୟକୁ ଜୀବନ୍ତ କରିପାରିଛନ୍ତି । 'ଦାସେ ଆପଣେ'ରେ ଉତ୍କଳମଣିଙ୍କର ମୟୂରଭଞ୍ଜ ରହଣି କାଳର ଅନେକ କଥା ଜାଣିବାକୁ ମିଳୁଛି । ପାଶ୍ଚାତ୍ୟ ଶିକ୍ଷା ପ୍ରଭାବିତ ତତ୍କାଳୀନ ବିଦ୍ୟାଳୟ ଶିକ୍ଷା ବିରୋଧରେ କଥାକାର ବାମାଚରଣ ମିତ୍ରଙ୍କର ଶାଣିତ ବ୍ୟଙ୍ଗ ଆମେ ହୁଏତ ବୁଝିପାରିନଥିଲୁ ସାହିତ୍ୟ ବହିରେ 'ମିମିର ସାହିତ୍ୟ ଶିକ୍ଷା'ପଠନ ସମୟରେ । ସତରେ, ଡକ୍ଟର ମଣୀନ୍ଦ୍ର କୁମାର ମେହେର ମିମି ଚରିତ୍ରକୁ ତାଙ୍କ ବିଶ୍ଳେଷଣରେ ମହନୀୟା କରିଦେଇଛନ୍ତି । ଜୟନ୍ତୀ ସାହୁଙ୍କର ଗଳ୍ପ 'ଭାଷାମଗ୍ନା'ରେ ଆମ ଭାଷାକୁ ନେଇ ତାଙ୍କର ଉଦ୍‌ବେଗ ସ୍ପଷ୍ଟ ଅନୁମେୟ । ଏଥରର କବିତା ବିଭାଗ ଚିତ୍ତାକର୍ଷକ । ପ୍ରଫୁଲ୍ଲ କୁମାର ମହାନ୍ତିଙ୍କର କବିତା ଚମତ୍କାର । ହରପ୍ରସାଦ ଦାସଙ୍କର 'ମହାଗାଥା' ଓ ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କର 'ସକାଳର ଅପେକ୍ଷାରେ' କବିତା ଦୁଇଟି ଆନ୍ଦୋଳିତ କଲା । ନିୟମିତ ବିଭାଗ 'ପୁଷ୍ପବିତାନ'ରେ ଶ୍ୱେତା ରାଉତଙ୍କର 'ଗୋଲାପ ଗାଥା'ରୁ ଗୋଲାପ ଫୁଲ ସଂପର୍କରେ ବହୁ ତଥ୍ୟ ଜାଣିହେଲା ।

**ପ୍ରତ୍ୟୁଷ ପଣ୍ଡା, ସିଡ଼ିଏ, କଟକ**

## 'ରେବତୀ'ରେ ଅନାମଧେୟ କଲେଜ ଛାତ୍ର କିମ୍ବା ଯୁବସମାଜର ମତାମତ ପ୍ରକାଶ ପାଉ

● ସାରସ୍ୱତ ଶୁଭେଚ୍ଛା ନେବେ । 'ରେବତୀ' ପଢୁଛି । ଭଲ ଲାଗୁଛି । ଏଣୁ ଏ ଚିଠିଟି ଟିକେ ପ୍ରେରଣା ବୋଲି ଧରିନେବେ । ହଁ ଜାନୁଆରୀ ସଂଖ୍ୟାରେ ତରୁଣକାନ୍ତି ମିଶ୍ରଙ୍କ ଉପରେ ଆଲେଖ୍ୟଟି ଭଲ ଲାଗିଲା ତା ସହ 'ରେବତୀ' କଥା ବି । କିନ୍ତୁ ଏଥିରେ ଆଜିର ନୂଆ ଯୁବସମାଜଙ୍କ ପ୍ରତିକ୍ରିୟା କାହିଁ ? ମୋର ଅନୁରୋଧ ରହିବ ପ୍ରସ୍ତୁତକର୍ତ୍ତା ଯେତେବେଳେ ମତ ପ୍ରସ୍ତୁତ କରୁଛନ୍ତି ଭିଡ଼ ଭିତରୁ କାହାର ମତ ଦିଅନ୍ତୁ । କେବଳ ସେତିକି ନୁହେଁ 'ରେବତୀ' ଉପରେ କୌଣସି କଲେଜର ଅନାମଧେୟ ଛାତ୍ରଟିଏର ବା ବହିଦୋକାନରେ ଗପବହି ଖୋଜୁଥିବା ପାଠକର ଟିପ୍ପଣୀ ରହିଲେ ଗପଟି ଉପରେ ସାଧାରଣ ପାଠକର ପ୍ରତିକ୍ରିୟା ଜଣା ପଡ଼ନ୍ତା । 'ରେବତୀ' ଏକ ସମ୍ଭାବନାମୟ ପ୍ରତିଶ୍ରୁତି । ଏଣୁ ସମସ୍ତଙ୍କୁ ଧନ୍ୟବାଦ ।

**ମୁକୁନ୍ଦ ଶତପଥୀ, ଅନୁଗୁଳ**

Ohm
PVC HDPE Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

# ସର୍ଜନଶୀଳତାର ସ୍ୱଚ୍ଛ ପରିଭାଷା : 'ରେବତୀ'ର ଶେଷପୃଷ୍ଠା


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର୍,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪




▲ ଚିତ୍ରରେ ଲେଖକ

ଲେଖକ ବୋଲାଇବାରେ ସେ ହିଁ ସକ୍ଷମ, ଯେ କି ସୃଜନକ୍ଷମତାର ଅଧିକାରୀ । କେବଳ ଈଶ୍ୱରଦତ୍ତ ଆଶୀର୍ବାଦ ବା କୃପାରେ ସେ ଏହି କର୍ମଟିକୁ ସମ୍ପାଦନ କରୁଛନ୍ତି କହିଦେଲେ ହେବ ନାହିଁ । ବରଂ ଅନୁଭବ ଅନୁଭୂତି ସାଙ୍ଗକୁ ଆପଣା ସର୍ଜନକୁଶଳତା ହିଁ ତାଙ୍କୁ ସାମାଜିକ ଜୀବନରେ ଲେଖକଟିଏ କରି ତୋଳେ । ଏଥିପାଇଁ ରୀତିମତ ସାଧନାର ଆବଶ୍ୟକତା ରହିଛି । ଶବ୍ଦକୁ ନେଇ ଖେଳିବାର ବିଦ୍ୟା ଯଦି ଜଣାନହେବ, ତେବେ ତାହା ତୁଚ୍ଛ- ନିରାଧାର ହୋଇପଡ଼ିବ । ସେଥିପାଇଁ ସର୍ଜନଶୀଳତା କେବଳ ଲେଖକର ପରିଚୟ ହୋଇଥାଏ । ଆଟୋପ ଏବଂ ଅପାଂକ୍ତେୟ ପ୍ରସଙ୍ଗର ସଂଯୋଜନାରେ ସାହିତ୍ୟ କର୍ମ ସମ୍ପାଦିତ ହୋଇପାରେ ନାହିଁ । ଧୈର୍ଯ୍ୟ-ନିଷ୍ଠା-ଏକାଗ୍ରତା ଦ୍ୱାରା ସ୍ୱକୀୟ ଉପଲବ୍ଧିର ସୃଜନଧର୍ମୀ ଆଲେଖ ହିଁ ସାହିତ୍ୟ ପାଲଟିବା ପାଇଁ ସଦା ଅପେକ୍ଷା ରଖିଥାଏ । ଉଧାରକରା ଦ୍ରବ୍ୟ ଓ କୃପାଲବ୍ଧ ଦାନରେ ବିଶେଷ ଗୌରବ ନଥାଏ, ବରଂ ଅର୍ଜିତ ସ୍ୱଳ୍ପ ସଂପଦ ନିଜ ପୁଞ୍ଜିର ଏକ ପରିଚୟ ହୋଇଥାଏ । ଲେଖକର ଗୌରବ ହେଉଛି କଳାବତରଣରେ, ପାଠକ ପ୍ରାଣଭେଦୀ ଶାବ୍ଦିକ ଅଭିବ୍ୟଞ୍ଜନାରେ । ଏହା ଅକୃତ୍ରିମ ସ୍ୱର୍ଗୀୟ । ଏଥିରେ ବ୍ୟତିକ୍ରମ ହେଲେ ସର୍ଜନା ବେଦନଟି ପଣ୍ଡ ହୋଇଯାଏ । ତେଣୁ ଲେଖକ ହିଁ ମୁକ୍ତ, ସ୍ୱାଧୀନ ଭାବରେ ଆତ୍ମପ୍ରକାଶ କରିପାରେ ସାହିତ୍ୟ ଜଗତରେ । ଚଳିତ 'ରେବତୀ'ର ଫେବୃଆରୀ- ୨୦୨୨ ସଂଖ୍ୟାରେ ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି 'ଶେଷପୃଷ୍ଠା'ର ସମ୍ପାଦକୀୟରେ ଏହି ପ୍ରସଙ୍ଗଟିକୁ ଅଧିକ ଆଲୋକିତ କରିଛନ୍ତି ।

ସଂପ୍ରତି ସାହିତ୍ୟିକ ହେବା ପାଇଁ ବହୁ ଲାଭାର୍ଥୀଙ୍କ କଳ-ବଳ-କୌଶଳ ଏବଂ ଏଥିସହିତ ହୀନ ଉଦ୍ୟମ କେବଳ ଓଡ଼ିଆ ସାହିତ୍ୟ ଜଗତରେ ନୁହେଁ, ଭାରତୀୟ ସାହିତ୍ୟ ପାଇଁ ଚିନ୍ତାର ବିଷୟ ପାଲଟିଛି । କବି-ଲେଖକ ବୋଲାଇବାରେ ଯେଉଁ ଗୌରବ-ଯଶଟି ସଂପୃକ୍ତ ସାଧକଙ୍କ ପ୍ରାପ୍ତ ହେଉଥିଲା, ସେଥିପ୍ରତି ତଥାକଥିତ ବ୍ୟକ୍ତିବର୍ଗଙ୍କ ଆତ୍ମଲାଳସ ଓ ବିକଳ ରୂପଟି ଆଜି ସର୍ଜନର ପବିତ୍ର କର୍ମରେ କଳଙ୍କ ଲଗାଇଛି । ଫଳରେ ପ୍ରତିଭାର ମୁକ୍ତ ନାନ୍ଦନିକ ଅଭିବ୍ୟଞ୍ଜନାଟି ଆଜି ପରପଦାନତ ହୋଇ ଯାଉଛି ସାମାନ୍ୟ ସ୍ୱାର୍ଥଲାଭ ପାଇଁ । 'ସର୍ଜନଶୀଳତା ଓ ସରୋଗେସି' ଶୀର୍ଷକରେ ଲେଖକ ଶ୍ରୀ ମହାନ୍ତି ଏହାର ବହୁମୁଖୀ ଦିଗ ଉପରେ କେବଳ ଆରୋପ ଆଲୋଚନା କରିନାହାନ୍ତି, ଅଧିକନ୍ତୁ ଏହାର ପରିଣାମ ଏବଂ ସାହିତ୍ୟ ଜଗତରେ ହେବାକୁ ଥିବା ଅବସ୍ୟମ୍ଭାବୀ ସ୍ୱେଚ୍ଛାଚାରୀର ବିଭୀଷିକାକୁ ମଧ୍ୟ ସୂଚିତ କରିଅଛନ୍ତି । ଲେଖକୀୟ ସରୋଗେସି ଭଳି ଏକ ପ୍ରସଙ୍ଗ



ଉଠାଇ ସେ ଯେଉଁ ସମସ୍ତ ଅଭିଯୋଗ ଆଣିଛନ୍ତି, ତାହା ବାସ୍ତବରେ ସକଳ ସାହିତ୍ୟ ଓ ସାହିତ୍ୟିକଙ୍କ ପାଇଁ ଲଜ୍ଜାକର ଘଟଣା । ନିଜର ସୃଜନକର୍ମୀଟିକୁ ଅନ୍ୟ ହାତରେ ଟେକିଦେଇ ସେହି ବ୍ୟକ୍ତିଙ୍କୁ ସାହିତ୍ୟ ଜଗତରେ ସମ୍ମାନନୀୟ କରାଇବାର ହୀନମାନସିକତା ଯେ ସଂପ୍ରତି ଏକ ବ୍ୟବସାୟ ପାଲଟି ଯାଇଛି, ତାହାର ପ୍ରତିବାଦ ହିଁ କୃଷ୍ଣ ମହାନ୍ତିଙ୍କ 'ସର୍ଜନଶୀଳତା ଓ ସରୋଗେସି' ସମ୍ପାଦକୀୟଟି । ଏଥିରେ ଖାଲି ତାଙ୍କ କ୍ଷୋଭ ପ୍ରକାଶ ପାଇନାହିଁ, ଜଣେ ସାହିତ୍ୟିକ ଭାବରେ ଅଙ୍ଗେ ନିଭାଇଥିବା ସୃଷ୍ଟି-ଯନ୍ତ୍ରଣାର ମଧୁର ଆହ୍ଲାଦଟି ଲେଖକର ଯେ ଚିରକାଳ ସମ୍ପଦ, ଏହି ଆବେଗଟିକୁ ମଧ୍ୟ ପ୍ରକାରାନ୍ତରେ ଉତ୍‌ଥାପିତ କରାଇଛନ୍ତି । କୃଷ୍ଣବାବୁଙ୍କ କ୍ଷୋଭ- "ଧନୀକ ଶ୍ରେଣୀ ବ୍ୟକ୍ତି, ବଡ଼ବଡ଼ ପଦବୀଧାରୀ ମଣିଷମାନେ, କ୍ଷମତା ସଂପନ୍ନସଂପନ୍ନ ପ୍ରଶାସକଗଣ ବେଳେବେଳେ ଲେଖକ ହେବାର ଲୋଭ ରଖନ୍ତି । କିନ୍ତୁ ସେମାନଙ୍କ ପାଖରେ ଲେଖାଲେଖିର ପ୍ରତିଭାଟି ନଥାଏ । ସେତେବଳେ ହିଁ ଏ ପ୍ରକାର ଏକ ଗୋପନୀୟ 'ଡିଲ୍'ହୁଏ ପ୍ରଚୁର ଅର୍ଥ ବିନିମୟରେ ଅର୍ଥାଭାବରେ ଥିବା ଜଣେ ଟାଲେଣ୍ଟେଡ୍ ଲେଖକକୁ ଠାବ କରାଯାଏ ଏବଂ ତାକୁ ଏଥିପାଇଁ ରାଜି କରାଯାଏ । ସ୍ୱତଃ ଅର୍ଥାଭାବ ଥିବାରୁ ସେ ବିଚରା ରାଜି ହୋଇଯାଏ । କିନ୍ତୁ ନୈତିକତା ଦୃଷ୍ଟିରୁ ଏହା କ'ଣ ଉଚିତ୍ ?"

ଏ କ୍ଷୋଭଟି ଆଜି ପ୍ରତିଟି ସାହିତ୍ୟର ବରେଣ୍ୟମାନଙ୍କୁ ବ୍ୟଥିତ କରୁଅଛି । ଅର୍ଥ-କ୍ଷମତା ପାଖରେ ନିଜ ପ୍ରତିଭାର ନିଲାମ ଏବଂ ପଦ-ପତିପତ୍ତି ବଳରେ ଅନ୍ୟ ସୃଷ୍ଟିବୀଜକୁ ନିଜର ବୋଲାଇବାରେ ଯେଉଁ ପ୍ରତିଯୋଗିତା ପ୍ରଚଳିତ ଚାଲିଛି ସଂପ୍ରତି, ତାହା କ୍ରମଶଃ ଏକ ଦୁଃସ୍ଥ ତଥା ରୁଗ୍‌ଣ ମାନସିକତାକୁ ସାହିତ୍ୟ ଜଗତରେ ପ୍ରବେଶ କରାଇଛି । ଅତୀତରେ ଯଦିଓ କବିମାନେ ନିଜ କୃତିରାଜିକୁ ରାଜାଙ୍କ ନାମରେ ଭଣିତା କରାଉଥିଲେ ଅର୍ଥାଭାବ ବା ଅର୍ଥପ୍ରାପ୍ତି ନିମନ୍ତେ, ତଥାପି ସେହି ସମସ୍ତ ରଚନାରେ ଊଣାଧିକେ ତାଙ୍କ ପ୍ରତିଭାର ବିକଶିତ ରୂପକୁ ମଧ୍ୟ ପ୍ରକାଶ କରାଇବାରେ ସେ ସମର୍ଥ ହୋଇଥିଲେ । କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂକୁ ଅଷ୍ଟଦୁର୍ଗରାଶ ବାଲୁଙ୍କେଶ ହରିଚନ୍ଦନଙ୍କ ନାମରେ ଭଣିତା କରାଇ ଦେବାର ନଜିର ରହିଛି । ମାତ୍ର, ଦୀନକୃଷ୍ଣ ଦାସଙ୍କ ଭଳି


J&T GEMS
JEWELLERY
JAGAMARA
Every Moment Deserves a Lttle
Elegance.
FOLLOW US ON SOCIAL MEDIA

ସ୍ୱାଭିମାନୀ ଭକ୍ତକବି ଏଥିରୁ ବିରତ ରହିଛନ୍ତି । ରାଜଦଣ୍ଡ, ଅର୍ଥଲୋଭ ତାଙ୍କୁ ପଥଭ୍ରଷ୍ଟ କରାଇନାହିଁ । ବରଂ, ସ୍ୱାଭିମାନୀ କବି ଭାବରେ ସେ ଏହି କର୍ମକୁ ତୀବ୍ର ଭର୍ତ୍ସନା ଓ ନିନ୍ଦା କରିଛନ୍ତି । ସେଥିପାଇଁ ଉପେନ୍ଦ୍ର ଭଞ୍ଜଙ୍କ ଭଳି ମହାକବି ଦୀନକୃଷ୍ଣଙ୍କ ବନ୍ଦନାଗାନ କରିଛନ୍ତି । 'ରସକଲ୍ଲୋଳ'କୁ ରାଜାଙ୍କ ନାମରେ ଭଣିତା କରାଇବାର ସକଳ ଅପେଚେଷ୍ଟାକୁ ଦୀନକୃଷ୍ଣ ପ୍ରତ୍ୟାଖ୍ୟାନ କରିବା ସହ ମୃତ୍ୟୁକୁ ଏଥିପାଇଁ ଅଧିକ ଶ୍ରେୟ ମନେ କରିଛନ୍ତି । କବି କହିଛନ୍ତି-

"କୃଷ୍ଣ ଆଶା କରି ସୁବିଦ୍ୟା ଆଚରି
ପାଷାଣ୍ଡକୁ ଯାହା ସ୍ତୁତି
କୃଷ୍ଣ ଦାସ କହେ କିଛି ଭଲ ନୋହେ
କେବଳ ଛାତିରେ କାତି ।"

କବି-ଲେଖକ-ସାହିତ୍ୟିକଟିଏ ନିଜ ସାହିତ୍ୟ-ଜଗତର ଏକାଧିପତି । ଏଥିରେ ଅନ୍ୟର ଯାଚଞ୍ଚା, ମାଗଣ ଓ ପ୍ରଭାବକୁ ସେ ସ୍ୱୀକାର କରିପାରେ ନାହିଁ । ସ୍ୱାଭିମାନୀ ଲେଖକ ଦୂରବସ୍ଥା ଭିତର ଦେଇ ଗତିକଲେ ହେଁ, ନିଜ ମାନସ ସନ୍ତାନକୁ ଅନ୍ୟ ନାମରେ କଦାପି ଲେଖାଇ ଦିଏ ନାହିଁ । ଏହା ହିଁ ଆଦର୍ଶ ଓ ସାହିତ୍ୟାଭିମାନ । ଦୀନକୃଷ୍ଣ ବୁଝିଥିଲେ ଏବଂ ବୁଝାଇଥିଲେ । ମାତ୍ର, ଏବେ ଅନ୍ୟକୁ ଦେଖି ଲେଖକ ହେବାର ଅସ୍ୱାଭାବିକ ଲାଳସା ଓ ତଦ୍‌ଜନିତ କାର୍ଯ୍ୟଧାରା ବାସ୍ତବରେ ଘୃଣ୍ୟ ବିଷୟ ପାଲଟିଛି । ଓଡ଼ିଶାରେ ଏହିଭଳି କର୍ମ ସମ୍ପାଦିତ ହେବା ନିଶ୍ଚିନ୍ତ ଭାବରେ ସକଳ ସହୃଦୟ ଲେଖକଙ୍କୁ ବ୍ୟଥିତ କରିବ ନିଶ୍ଚୟ । ଫଳତଃ ନିଜ ପୌରୁଷରେ ବିଶ୍ୱାସ ରଖିଥିବା ସୃଜନଶିଳ୍ପୀ ଯଦି ଅନ୍ୟ କବଳିତ ହୋଇ ଆତ୍ମସମର୍ପଣ ମୁଦ୍ରାରେ ନିଜ କୃତିଟିକୁ ଅଯୋଗ୍ୟଙ୍କ ହାତରେ ସମର୍ପି ଦିଏ, ତାହା କେବଳ ଜାତିର ଦୁର୍ଭାଗ୍ୟ ବୋଲି ବିଚାର କରିବା ଛଡ଼ା ଗତ୍ୟନ୍ତର ନାହିଁ । ହାତ ପତାଇ ଆଣିଥିବା ସୁଖ ଅଳୀକ, କ୍ଷଣସ୍ଥାୟୀ, ଅନୁଭବୀର ଅନୁଭବ ହିଁ ସଦାକାଳ ଝଙ୍କୃତ ହେଉଥାଏ । ସାହିତ୍ୟର ପବିତ୍ର କର୍ମରେ ଆତ୍ମନିଯୋଗ କରିବାକୁ ହେଲେ ଅନ୍ତରାତ୍ମାକୁ ଶୁଦ୍ଧ କରିବାକୁ ହୋଇଥାଏ ନିରନ୍ତର ସାଧନା ଓ ନମ୍ର ନିରାଜନା ମଧ୍ୟରେ । ପ୍ରକୃତିକୁ ଅନ୍ତରସ୍ଥ କରିବା ଏବଂ ନିଜକୁ ପ୍ରକୃତି ମଧ୍ୟରେ ସମାହିତ କରିବା ହିଁ ଜଣେ ସମର୍ଥ-ସୁଯୋଗ୍ୟ ନିଷ୍ଠାପର ସାହିତ୍ୟିକଙ୍କ ପକ୍ଷରେ ସମ୍ଭବ । ମୌଳିକ ଚିନ୍ତାଚେତନା, ସୃଜନକ୍ଷମ ଶବ୍ଦଶିଳ୍ପୀ ଏବଂ ଅନୁଭବର ମାର୍ମିକ ବ୍ୟାଖ୍ୟାକାର ହେବାର କ୍ଷମତା ମଧ୍ୟ ଥିବା ଜରୁରୀ । ତେବେଯାଇ ସାହିତ୍ୟ- ସାହିତ୍ୟିକ-ପାଠକର ତ୍ରିଭୁଜ ଅଙ୍କନ କରିହେବ । ସେଥିପାଇଁ ଭକ୍ତକବି ମଧୁସୂଦନ ରାଓ କହିଥିଲେ-

"ମୋ ପ୍ରାଣ ବିଲୀନ ହେଲା ପ୍ରକୃତିର ପ୍ରାଣେ
ପ୍ରକୃତିର ପ୍ରାଣ ଉଚ୍ଛ୍ୱସିତ ମୋ ପରାଣେ

ଜଣେ ନିରଳସ ସାଧକ ହିଁ ନିଜକୁ ପ୍ରକାଶ କରିପାରେ । ଗୋପ୍ୟ ଜଗତରୁ ଆତ୍ମପ୍ରକାଶ କରେ, ଦୃଶ୍ୟମାନ ଜଗତରେ ଅଦୃଷ୍ଟକୁ ମର୍ତ୍ତ୍ୟାବତରଣ କରାଇପାରେ । ଏହି ପବିତ୍ର କର୍ମରେ ସ୍ୱାର୍ଥ-ଛଦ୍ମ ଅଭିଳାଷ ଅଳୀକ । ଅନ୍ୟ ପାଇଁ ଲେଖିଦେବା ଅର୍ଥ ନିଜ ପ୍ରତିଭାର ହତ୍ୟା । ଏହିଭଳି ଏକ ସମ୍ବେଦନଶୀଳ ଅଥଚ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କୃଷ୍ଣ ମହାନ୍ତି 'ସରୋଗେସି'ର ପ୍ରତୀକାତ୍ମକ ଆବେଦନ ଭିତରେ ବ୍ୟକ୍ତ କରିଛନ୍ତି । ତାଙ୍କର ବିଚାରବୋଧ ଯେପରି ଯୁକ୍ତିଯୁକ୍ତ ସେହିପରି ମଧ୍ୟ ସକଳଙ୍କ ଲାଗି ଧେୟ । କହୁଛନ୍ତି-

"ଯେତେ ଅଭାବରେ ଥିଲେ ବି ଜଣେ ସୃନନଶୀଳ ଲେଖକ କଦାଚିତ୍ ନିଜ ଲେଖାକୁ ଅନ୍ୟଜଣକର ନାଁରେ ଟେକିଦେବା ଉଚିତ ନୁହେଁ । ଏହା ନିଜର ସନ୍ତାନକୁ ବିକିଦେବା ଭଳି ଭୟଙ୍କର କଥା । ସାହିତ୍ୟ ଆଉ ଯାହା ଶିଖାଉକି ନଶିଖାଉ, ଅନ୍ତତଃ ସମୂହ ହିତ ସାଧନର ମନ୍ତ୍ର ଶିଖାଇଥାଏ ।"

'ରେବତୀ'ର ଏହି ଆବେଦନ ସମଗ୍ର ସାହିତ୍ୟ ଓ ସାହିତ୍ୟିକଙ୍କ ପାଇଁ ଏକ ଆହ୍ୱାନ । 'ସରୋଗେସି' ମାତୃତ୍ୱର ଖୁସିରେ ଆତ୍ମହରା ବ୍ୟକ୍ତି ସର୍ବଦା କିନ୍ତୁ ନିଜ ଅଭାବୀ ବନ୍ଧ୍ୟାତ୍ୱକୁ ଅନୁଭବୁଥିବ ସଦାକାଳ । ମାତ୍ର, ଜଣେ ସଚେତନଶୀଳ ଲେଖକ ଏହି କାର୍ଯ୍ୟଟିକୁ ପ୍ରୋତ୍ସାହିତ ନକରୁ, ସାହିତ୍ୟ କର୍ମର ପବିତ୍ର ଧାରାଟି ସ୍ୱଚ୍ଛ-ନିର୍ମଳ-ସ୍ୱାଦଦାୟୀ ହେଉ । ସମ୍ପାଦକଙ୍କ ଦୂରଦୃଷ୍ଟି ଆମ ପାଇଁ ଆଶ୍ୱାସନାର ବିଷୟ ହେବ ନିଶ୍ଚୟ । ❤

## ଈପ୍‌ସିତା ଷଡ଼ଙ୍ଗୀଙ୍କ ଆଲୋଚନା ବେଶ୍ ସାରଗର୍ଭକ ହୋଇଛି

● 'ରେବତୀ'ର ଜାନୁଆରୀ ୨୦୨୨ ସଂଖ୍ୟା ପଢ଼ି ମୁଗ୍ଧ ହୋଇଛି । ରଂଜନ ପ୍ରଧାନଙ୍କ ଉପାଦେୟ ଓ ଭାବସମୃଦ୍ଧ ଆଲେଖ 'ଅଜଣା ତିଥିର ଜହ୍ନର କଥାଶିଳ୍ପୀ ତରୁଣକାନ୍ତି ମିଶ୍ର'ଙ୍କ ସଂପର୍କରେ ଅନେକ କଥା ଜାଣି ହେଲା । ତାଙ୍କ ସାକ୍ଷାତକାର ଖୁବ୍ ଛୁଇଁଲା ମନକୁ । ସମକାଳର କବିତାରେ ବରିଷ୍ଠ ଓ ତରୁଣ କବିଙ୍କ କବିତାର ଅନ୍ତଃସ୍ୱର ହୃଦୟକୁ ଆନ୍ଦୋଳିତ କଲା । ଆଲୋକିତ କାବ୍ୟସ୍ୱରରେ ଚର୍ଚ୍ଚିତ ଯୁବକବି ଜୟନ୍ତିକା, ଅଭୟ ନାୟକ, ତୁହିନାଂଶୁ ରଥ ଓ ମନୋରଞ୍ଜନ ପାଣିଗ୍ରାହୀଙ୍କ କାବ୍ୟସ୍ୱର ଉପରେ ସମାଲୋଚିକା ଈପ୍‌ସିତା ଷଡ଼ଙ୍ଗୀଙ୍କ ଲିଖିତ ଆଲେଖ ଭାବଗର୍ଭକ ଓ ଚିତ୍ତାକର୍ଷକ ହୋଇଛି । ଈପ୍‌ସିତାଙ୍କ ଗଭୀର ଅନ୍ତର୍ଦୃଷ୍ଟି ଓ କାବ୍ୟବୋଧର ସାନ୍ଦ୍ରତା କବିମାନଙ୍କ ସର୍ଜନକଳାକୁ ସମାଲୋଚନା ମାଧ୍ୟମରେ ଆଲୋକିତ କରିବାରେ ସମର୍ଥ ହୋଇପାରିଛି । ସମ୍ପାଦିକା ସୁବାସିନୀ ମାଡାମ ସମ୍ପାଦକୀୟରେ ପାରିବାରିକ ନୂଆପଣକୁ ନୂଆ ଭାବ ଓ ଅର୍ଥରେ ସୁନ୍ଦର ଭାବେ ଉପସ୍ଥାପିତ କରିଛନ୍ତି । 'ଶେଷପୃଷ୍ଠା'ର ସମ୍ପାଦକୀୟ 'ସର୍ଜନୀଳତାରେ ନୂଆପଣ'ରେ ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଦୀକ୍ଷିତ ପାଠକର ନୂଆପଣକୁ ତଥା ଲେଖକର ସୃଜନକଳାର ନୂଆପଣକୁ ଯଥାର୍ଥ ଗୁରୁତ୍ୱ ପ୍ରଦାନ କରିଛନ୍ତି । 'ରେବତୀ'ର ଚର୍ଚ୍ଚିତ ପ୍ରସଙ୍ଗ ଉପରେ ସତ୍ୟପ୍ରିୟ ମହାଳିକ, ରବୀନ୍ଦ୍ର କୁମାର ଦାସ, ଜ୍ଞାନୀ ଦେବାଶିଷ ମିଶ୍ର, ସନ୍ତୋଷ କୁମାର ନାୟକ ତଥା ମଣୀନ୍ଦ୍ର କୁମାର ମେହେରଙ୍କ ଆଲୋକପାତ ଖୁବ୍ ସାରଗର୍ଭକ ହୋଇଛି । ମହାଶ୍ୱେତା ସାହୁଙ୍କ କାହାଣୀ, ପବିତ୍ର ମୋହନ ଦାଶଙ୍କ ଚରିତ ଉପନ୍ୟାସ, ଜୟନ୍ତୀ ରଥଙ୍କ ଆତ୍ମଜୀବନୀ ଏବଂ ଶ୍ୱେତା ରାଉତଙ୍କ ପୁଷ୍ପବିତାନ ସୁଖପାଠ୍ୟ ଲାଗିଲା । 'ରେବତୀ'ର ଏ ସଂଖ୍ୟାଟି ବହୁ ଦିଗରୁ ଉନ୍ନତ ହୋଇଛି ।

**ସୌଭାଗ୍ୟବନ୍ତ ମହାରଣା**, ସମ୍ବଲପୁର

## ପବିତ୍ର ଦାଶଙ୍କ 'ଦାସେ ଆପଣେ' ମୋ ପାଇଁ ସବୁବେଳେ ପ୍ରିୟ

●ନୂଆବର୍ଷରେ ନୂଆ ସଂକଳ୍ପ: ପ୍ରତି ପରିବାରରେ ଦିଶିବେ ବୁଢ଼ାବାପା ଓ ମାଆଙ୍କର ମୁହଁ । ଆଉ ସେମାନଙ୍କ କୋଳରେ ବସି ଗେହ୍ଲା ହେଉଥିବେ ଘରର ନବଜାତକ । ସମ୍ପାଦିକା ସୁବାସିନୀ ଜେନାଙ୍କର ସମ୍ପାଦକୀୟରେ ଏ ଧାଡ଼ି ମୋତେ ବିହ୍ୱଳ କଲା । ଅନ୍ତତଃ ଆମେ ଯେଉଁମାନେ ବାର୍ଦ୍ଧକ୍ୟର ସ୍ୱାଗତ ଅପେକ୍ଷାରେ ଅଛୁ ନିଶ୍ଚୟ ଆଶା କରିବୁ ଏ ସଂକଳ୍ପ ସଫଳ ହେଉ ବୋଲି । ମୋ ପ୍ରିୟ ଗାଳ୍ପିକ ତରୁଣକାନ୍ତି ମିଶ୍ରଙ୍କ ସଂପର୍କିତ ଫିଚର୍ ପଢ଼ିବା ଅପେକ୍ଷାରେ ଥିଲି । ଖୁବ୍ ଭଲ ଲାଗିଲା ସାର୍‌ଙ୍କ ଅନ୍ତରଙ୍ଗ ଆଳାପ । କିନ୍ତୁ ସାର୍‌ଙ୍କର ଜୀବନ, ସଂଘର୍ଷ ଗଳ୍ପଯାତ୍ରା ସଂପର୍କିତ ଅନୁଭୂତି ସବୁ ଆହୁରି ବେଶୀ ଜାଣିବାକୁ ଇଚ୍ଛା ହେଉଥିଲା । ମନ ଭରିଲାନି । 'ଦାସେ ଆପଣେ'ରୁ ମୟୂରଭଞ୍ଜ ରାଜାଙ୍କ ସମ୍ପର୍କରେ ଜାଣିଲି । ବରୋଦାର ସାମ୍ପ୍ରଦୀକ୍ଷା ଓ ଗାଏକୱାର୍ଡ଼ ଏବଂ ମୟୂରଭଞ୍ଜ ରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ଉଭୟ ଇଂରେଜ ଏବଂ ନିଷ୍ଠାବାନ ଜ୍ଞାନୀ ଦିୱାନଙ୍କ ଦ୍ୱାରା ଶିକ୍ଷାପ୍ରାପ୍ତ । ତେଣୁ ପରାଧିନ ଭାରତରେ ମଧ୍ୟ ସେମାନେ ଥିଲେ ପ୍ରଗତିଶୀଳ । ନିଜ ରିୟାସତ୍‌କୁ ଆଧୁନିକ କରି ଗଢ଼ି ତୋଳିଥିଲେ । 'ଦାସେ ଆପଣେ' ସବୁବେଳେ ମୋର ପ୍ରିୟ । 'ରେବତୀ' ଗଳ୍ପକୁ ନେଇ ସମସ୍ତ ସ୍ରଷ୍ଟାମାନଙ୍କ ଫିଚର ଖୁବ ଉଚ୍ଚକୋଟୀର । ବହୁତ ଭଲ ଲାଗିଲା ଏ ସମସ୍ତ ଆଲୋଚନା । ତତ୍‌ସହ ଗଳ୍ପ, କବିତା ବାକି ଫିଚର୍ ମଧ୍ୟ ସୁଖପାଠ୍ୟ । 'ମତଅମତ' ପୃଷ୍ଠାରେ ସୌଭାଗ୍ୟବନ୍ତ ମହାରଣା, ଉଦୟ ନାରାୟଣ ଦାସ, ପ୍ରତ୍ୟୁଷ ପଣ୍ଡା, ମନୋଜ କୁମାର ମେହେର, ସୁଶୀଲ ପାଣିଗ୍ରାହୀ ଆଦି ଆଗଧାଡ଼ିରେ ସାହିତ୍ୟିକଙ୍କର ମୋ ଭ୍ରମଣକାହାଣୀ ସୁବର୍ଣ୍ଣ ଦେଉଳର ଭୁରିଭୁରି ପ୍ରଶଂସା ମୋତେ ଆହୁରି ଅଧିକ ଭ୍ରମଣ କାହାଣୀ ଲେଖିବାକୁ ପ୍ରେରିତ କରୁଛି । ଆଜି ଏହି ମଞ୍ଚ ମାଧ୍ୟମରେ ମୁଁ ମୋର ସମସ୍ତ ପାଠକମାନଙ୍କ ପାଖରେ କୃତଜ୍ଞତା ଜଣାଉଛି ।

**ଲକ୍ଷ୍ମୀପ୍ରିୟା ଓଝା**, ବରୋଦା, ଗୁଜରାଟ




Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

## ‘ରେବତୀ’ ପଠନ ଏକ ଅମୃତତୁଲ୍ୟ ଅନୁଭବ ଦିଏ

● ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଭାତୃଭାବର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ପତ୍ରପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଭିନ୍ନ ଦେଶର ଜାତୀୟ ଆନ୍ଦୋଳନରେ ପତ୍ରପତ୍ରିକା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ମୋ ଅଗଣାକୁ ଆମ ମାଟିର ସ୍ୱର ‘ରେବତୀ’ ଆସିଲେ ଏମିତି ଅନୁଭବ ଆସିଯାଏ । ଉପରୋକ୍ତ ଉକ୍ତି ସବୁକୁ ବାସ୍ତବ ରୂପ ଦେବା ପାଇଁ ରେବତୀ ମିଡ଼ିଆ ହାଉସ୍‌ର ପରିକଳ୍ପନା ଥାଇପାରେ ।

‘ରେବତୀ’ ପଠନରେ ଏପରି ସ୍ୱାଦ ଭରି ରହିଛି ଯେ ତାହା ଅମୃତ ତୁଲ୍ୟ ମନେହୁଏ । ଏକ ଭିନ୍ନ ସୁଗନ୍ଧରେ ଭରପୁର ମୋ ଭଳି ପାଠକ ତାହା ଉପଭୋଗ କରନ୍ତି । ‘ରେବତୀ’ର ଜନ୍ମ ବଡ଼ ଐଶ୍ୱର୍ଯ୍ୟ ଆସନ୍ତା ପିଢ଼ିଙ୍କ ପାଇଁ । ରୁଚିଶୀଳ ପାଠକ ପାଠିକାଙ୍କ ସ୍ନେହଭିଜା ଆଦର ଓ ଆକାଶରୁ ପ୍ରେରଣାର ବାରିପାତ ସାଉଁଟି ‘ରେବତୀ’କୁ ଆପଣ ଶଂଖୋଳି ନେଉଥିବାରୁ ଅଜସ୍ର ଧନ୍ୟବାଦ । ଆମ ଓଡ଼ିଆ ସାହିତ୍ୟର ପତ୍ରପତ୍ରିକାର ଦିଗ୍‌ବଳୟରେ ‘ରେବତୀ’ର ଆବିର୍ଭାବ ଏବଂ ଜୟଯାତ୍ରା ମୋତେ ଅଭିଭୂତ କରିଛି । ସତରେ ନିଜର ଉତ୍କର୍ଷତା ଯୋଗୁଁ ‘ରେବତୀ’ ଆଜି ଦୀର୍ଘ ରାସ୍ତା ଅତିକ୍ରମ କରିବାର ସଂକଳ୍ପ ନେଇ ପୂର୍ଣ୍ଣ ଗର୍ଭା ଛଳଛଳ ନଦୀଟିଏ ଭଳି ପ୍ରତି ମାସରେ ତାର ଚଳଚଞ୍ଚଳତାକୁ ବଜାୟ ରଖିଛି । ଏହାର ପ୍ରତିଟି ସଂଖ୍ୟାରେ ମାଧୁର୍ଯ୍ୟର ଅପୂର୍ବ ସମ୍ମିଶ୍ରଣ ଜଣେ ପାଠକ ପାଇଁ ପୁଲକପ୍ରଦ ପ୍ରବାହ ଭରପୁର । ‘ରେବତୀ ମିଡ଼ିଆ ହାଉସ’ର ଦ୍ୱାର ଦେଶରେ ଏହାର ଅଧିକ ପ୍ରଚାର ପ୍ରସାର କାମନା କରି ଶୁଭ କଳସଟିଏ ବସାଇ ଦେଉଛି । ଧୂପଟିଏ...ଦୀପଟିଏ...ଆଞ୍ଜୁଳାଏ ଫୁଲ ରଖି ଯାଉଛି । ଶୁଭଶଙ୍ଖ ବାଜୁଥାଉ, ପଦ୍ମଫୁଲ ଫୁଟୁଥାଉ ।

**ପ୍ରଫୁଲ୍ଲ କୁମାର ପଣ୍ଡା**, କୁଲୁଥକାନି, ଆନନ୍ଦନଗର, ସମ୍ବଲପୁର

## ସମ୍ପାଦକୀୟରେ ନୂତନତାର ଆହ୍ୱାନ ଏକ ଅଭିନନ୍ଦନୀୟ ପ୍ରସଙ୍ଗ

●ଏ ପୃଥିବୀ ବୟସ୍କ । ଆମ ଚେତନା ପ୍ରବୀଣ ହେଲେ ବି ପ୍ରାଚୀନ । ଆମେ ବର୍ତ୍ତମାନ ମଣିଷ ସଭ୍ୟତାର ଜରା କାଳରେ ଉପନୀତ । ଏଣୁ ସ୍ୱଭାବତଃ ଆମ ଚେତନାକୁ କିଛି କ୍ଳାନ୍ତ କିଛି ପୁନରାବୃତ୍ତି କିଛି ବାସିଗନ୍ଧ ଘାରିବା ସ୍ୱାଭାବିକ । ଏପରିକି ଆମ ସମୟଖଣ୍ଡର ସ୍ରଷ୍ଟା କିଛି ନୂଆକରି ନପାରିବାର ଆତଙ୍କରେ ତ୍ରସ୍ତ ନହେଲା ଯାଏଁ, ସଫଳ ସୃଜନର ସମ୍ଭାବନା ହିଁ କ୍ଷୀଣ । we create to get rid of the anxiety of influence. ଏ ପରିପ୍ରେକ୍ଷୀରେ ସମ୍ପାଦକୀୟରେ ନୂତନତାର ଆହ୍ୱାନ ଏକ ଅଭିନନ୍ଦନୀୟ ପ୍ରସଙ୍ଗ । ନୂତନତା, ହେଇ ପାରେ ପ୍ରଜ୍ଞାର ନବନବ ଉନ୍ମେଷ, କିଛି ସତେଜତା, ଶୂନରୁ ଆରମ୍ଭ । ଇଏ ବି ହେଇପାରେ ପୁରୁଣାରୁ ଧୂଳି ଝାଡ଼ି ପୁନରୁଦ୍ଧାର କରିବାର ଏକ ନାନ୍ଦନିକ ପ୍ରକ୍ରିୟା । ଆମ ପଛରେ ଯେହେତୁ ଭାଷା ଐତିହ୍ୟ ସଂସ୍କୃତିର ଅନନ୍ତ ସମୁଦ୍ରଟେ ଅଛି, ଯୁଗଯୁଗ ପ୍ରଜ୍ଞାର ପ୍ରକାଣ୍ଡ ପର୍ବତଟେ ଅଛି, ଏଣୁ ଆମେ ଅନ୍ତତଃ ପୁରୁଣାକୁ ନୂଆକରି କହିବାର ଅଭିନବ ସାଧନା ଓ ସିଦ୍ଧି ହାସଲ କରି ପାରିଲେ ହୁଏତ ଏ ନୂତନତାର ଅନ୍ୱେଷଣ ସାର୍ଥକ ହେବ । ଆଶ୍ୱାସନାର କଥା ହେଲା ଏମିତି କିଛି ପୁରୁଣା ନାହିଁ ଯାହାକୁ ନୂଆ କରି କହି ହେବନି । ଏଣୁ ପୁନର୍ବିନ୍ୟାସ, ପୁନର୍ଗଠନ, ପୁନରୁଦ୍ଧାର ଜାରିରହୁ, ସମ୍ପୂର୍ଣ୍ଣ ନୂତନତା ଯେବେ ଦୁଷ୍ପ୍ରାପ୍ୟ ।

**ବିପିନ ନାୟକ**, ବ୍ରହ୍ମପୁର

## ‘ରେବତୀ’ର ‘ଶେଷପୃଷ୍ଠା’ର ପ୍ରସଙ୍ଗ ସମୟୋପଯୋଗୀ ହୋଇଛି

●Change is constant. ପରିବର୍ତ୍ତନ ସଂସାରର ନିୟମ ଯେମିତି ଆମେ ଗୋଟିଏ ପ୍ରକାର ପୋଷାକ ପିନ୍ଧି, ଗୋଟିଏ ପ୍ରକାର ଖାଦ୍ୟ ଖାଇ, ଗୋଟିଏ ପ୍ରକାର ପରିବେଶରେ ରହି ସେଥିରେ କିଛି ନୂଆପଣ ଖୋଜୁ, ଲେଖାଟିଏ ମଧ୍ୟ ସେହିଭଳି । ନୂଆପଣ ଆସିଲେ ପାଠକ ମହଲରେ ଆଦୃତ ହୁଏ । କିନ୍ତୁ ଏମିତି ବି ନଜିର ଅଛି କିଛି ଜଣଙ୍କ ପାଇଁ ସେଇ ଚିରାଚରିତ ଦୃଷ୍ଟିକୋଣ ହିଁ ପସନ୍ଦଯୋଗ୍ୟ ହୋଇଥାଏ । ତେଣୁ କହିବାକୁ ଗଲେ ପସନ୍ଦ ଅପନି ଅପନି କିନ୍ତୁ ଗଳ୍ପରେ ନୂଆପଣ ଖୋରାକ ଯୋଗାଏ ପୁରୁଣା କଥାକୁ ଏକ ନୂଆଢଙ୍ଗରେ ପରଷି ଦେଲେ । ଲେଖାକୁ ଯୁଗୋପଯୋଗୀ କରାଇବାକୁ ହେଲେ ନୂଆପଣ ନିତାନ୍ତ ଆବଶ୍ୟକ । ନୂଆ ଜିନିଷଟିଏ ଆଖିଦୃଶିଆ ହେଲା ଭଳି ଲେଖାରେ ନୂଆପଣ ପାଠକକୁ ବାନ୍ଧିରଖେ ଆଉ ଆପଣ କହିଲା ଭଳି ସ୍ରଷ୍ଟାକୁ ନିୟୋଜିତ କରେ ନୂଆନୂଆ କଥା ଭାବିବା ପାଇଁ ନିଆରା ଢଙ୍ଗରେ । ଆପଣଙ୍କ ‘ଶେଷପୃଷ୍ଠା’ ସମୟୋପଯୋଗୀ ।

**ସୁପ୍ତି କର**, ରାଉରକେଲା

## ଲେଖକୀୟ ଅହଂ ଏକ ଆବଶ୍ୟକୀୟ ଗୁଣ

●ନୂଆପଣ ବିଷୟରେ ମୁଁ କିଛି କହିବି ନାହିଁ । ଏ ବିଷୟରେ ମୁଁ ‘ମାନସାଙ୍କ’ ବହିର ପୃଷ୍ଠବନ୍ଧରେ ଲେଖିଥିବା ପୁରୁଣା ମତଟି ଦୋହରାଉଛି । ‘ପୃଥିବୀରେ କେତେ ଗ୍ରନ୍ଥ, କେତେ ଶାସ୍ତ୍ର, କେତେ ପାଠଶାଳା । କଣ ବାକି ଅଛି ଯେ ମୁଁ ଆଉ ନୂଆକରି ଲେଖିବି ? ମୁଁ କିଛି ଅଲଗା କଥା କୁହେ ନାହିଁ । ଅଲଗା ବାଗରେ କୁହେ । ଜମ୍ମା ତରତର ହୁଏ ନାହିଁ । ଏଇଟା ମୋର ଦୁର୍ବଳ ଦିଗ ଭଳି ଅନେକ ସମୟରେ ଲାଗେ । ବିଗତ ସାତବର୍ଷ ଭିତରେ ମୁଁ ମାତ୍ର ସାତଟି ଗପ ଓ ଚଉଦଟି କବିତା...” (ମାନସାଙ୍କ/ ୨୦୧୪)

ଲେଖକୀୟ ଅହଂ ଏକ ଆବଶ୍ୟକୀୟ ଗୁଣ । ତେବେ ଲେଖକଟି ଏ ଅହଂର ଶକ୍ତିଶାଳୀ ଓ ସୁବିଧାବାଦୀ ପକ୍ଷଟି ବିପକ୍ଷରେ ଦେଖେଇବ । ସତୀର୍ଥ କିମ୍ବା ପାଠକ ପାଖରେ ନୁହେଁ । ପାଠକ ଅବଧାନ । ଏଣୁ ପାଠକ ପାଖରେ ସେ ବିନୟାବନତ ହେବ । ସତୀର୍ଥଙ୍କୁ ସମକକ୍ଷ ଭାବି ସମ୍ମାନ ଦେବ । ସମ୍ପାଦକଙ୍କୁ ଓ ପ୍ରକାଶକଙ୍କୁ ସହଭାଗୀ (equal patner) ଜ୍ଞାନ କରିବ । ‘ରେବତୀ’ର ସମ୍ପାଦକ କୃଷ୍ଣଭାଇ ଆମମାନଙ୍କୁ ଗୁରୁତ୍ୱର ସହ ପଢୁଥିବାରୁ ମୁଁ କୃତଜ୍ଞ ।

**ସୁଜିତ ପଣ୍ଡା**, କନ୍ଧମାଳ

## ଈପ୍‌ସିତା ଷଡ଼ଙ୍ଗୀଙ୍କ ଆଲୋକିତ କାବ୍ୟସ୍ୱର ଉଚ୍ଚକୋଟୀର




● ଏଥର ‘ରେବତୀ’ର ‘ମାନନୀୟେଷୁ’ ପୃଷ୍ଠାରେ ମୋର ପ୍ରିୟ ଗାଳ୍ପିକ କଥା ସ୍ୱର୍ଦ୍ଧିତ କଥାଶିଳ୍ପୀ ଶ୍ରୀ ତରୁଣକାନ୍ତି ମିଶ୍ରଙ୍କ ସଂପର୍କରେ ପଢ଼ି ମୁଗ୍ଧ ହେଲି । ମୁଁ ତାଙ୍କର ଅନେକ ଲେଖା ପଢ଼ିଛି । ସରଳ ସାବଲୀଳ ଉପସ୍ଥାପନା ଓ ସଂକ୍ଷେପରେ ଅନେକ କଥା କହିବାର କଳାରେ ସେ ପ୍ରବୀଣ । ‘ନୂଆ ରେବତୀ’ର ଚର୍ଚ୍ଚିତ ପସଙ୍ଗ ଉପରେ ସମସ୍ତ ଲେଖକଙ୍କ ଉପସ୍ଥାପନା ବେଶ୍ ଭାବଗର୍ଭକ । ଫକୀରମୋହନଙ୍କ ମାନସକନ୍ୟା ରେବତୀ ଏକ ଚରିତ୍ର ହୋଇ ରହିନାହିଁ, ପାଲଟି ଯାଇଛି ଏକ ପ୍ରତୀକ । ଯାହାକୁ ନେଇ ପରବର୍ତ୍ତୀ ସମୟରେ ଅନେକ ସଫଳ ଚରିତ୍ର ସୃଷ୍ଟି ହୋଇଛି । ‘ଆଲୋକିତ କାବ୍ୟସ୍ୱର’ରେ ଆମ ସମୟର ଚାରିଜଣ କବିଙ୍କ ଉପରେ ଲେଖିକାଙ୍କ ଗଭୀର ଅନୁଶୀଳନ ଓ ବିଶ୍ଳେଷଣ ପ୍ରକ୍ରିୟା ସାହିତ୍ୟର ମାନଦଣ୍ଡ ଦୃଷ୍ଟିରୁ ଉଚ୍ଚକୋଟୀର । ଲେଖିକା ଜୟନ୍ତୀ ରଥ ବହୁ ମହାନ ଚରିତ୍ର ସହିତ କୁଞ୍ଜୀ ଚରିତ୍ରଟିକୁ ମଧ୍ୟ ତାଙ୍କ ଲେଖକୀୟ ଦୃଷ୍ଟିକୋଣରୁ ଉଚିତ୍ ମର୍ଯ୍ୟାଦା ଦେଇଛନ୍ତି । ‘ଦାସେ ଆପଣେ’, ଗଳ୍ପ ତଥା ଅନ୍ୟ ସମସ୍ତ ଫିଚର ହୃଦୟସ୍ପର୍ଶୀ । ଏଥର ‘ରେବତୀ’ ପୃଷ୍ଠାରେ ଦୁଇଟି ନୂଆପଣ ଉପରେ ଆଲାଚନା ପଢ଼ି ବିଭୋର ହେଲି । ଗୋଟିଏ ପରିବାରରେ ଅନ୍ୟଟି ସାହିତ୍ୟ କ୍ଷେତ୍ରରେ । ‘ମୁଁ’ ବା ‘ମୋର’ ଭଳି ଅହଂକୁ ତ୍ୟାଗ କଲେ ‘ଆମ ପରିବାର’ ସମ୍ଭବ । ମହାଭାରତୀୟ ପରମ୍ପରାର ଏ ବିସ୍ତୃତ ପ୍ରସଙ୍ଗ ଉପରେ ସମ୍ପାଦିକାଙ୍କ ନୂଆପଣର ସଂକଳ୍ପ ପାଇଁ ଆହ୍ୱାନକୁ ସମ୍ମାନ ଓ ସ୍ୱାଗତ । ସମ୍ପାଦକଙ୍କ ସର୍ଜନଶୀଳତାରେ ନୂଆପଣ ଉପରେ ଆଲୋଚନା ସମସ୍ତ ଲେଖକଙ୍କ ପ୍ରେରଣା ଯୋଗାଇବ ଲେଖାରେ ନୂଆପଣର ପ୍ରୟୋଗ ନିମନ୍ତେ ଏ ମାସର ସ୍ୱୟଂସଂପୂର୍ଣ୍ଣା ‘ରେବତୀ’ ପାଇଁ ସଂପାଦନା ମଣ୍ଡଳୀ ଓ ସଂପୃକ୍ତ ଲେଖକଙ୍କୁ ସୁମନାସ ।

**ସୌଭାଗିନୀ ପରିଡ଼ା**, ଅଲ୍‌ବାହା, ସାଉଦି ଆରବ

# ପରିବାରରେ ମୂରବୀର ମହକ

ଆମେ ସମସ୍ତେ ଊଣାଅଧିକେ ଏକ ସଶକ୍ତ ପାରିବାରିକ ବନ୍ଧନରେ ଆବଦ୍ଧ ହୋଇ କାଳାତିପାତ କରୁ । ଆମ ଭିତରେ ଥିବା ଭାଇଚାରା ଓ ସହାବସ୍ଥାନର ଦୃଢ଼ ଇଚ୍ଛାଶକ୍ତି ଆମକୁ ଏକ ଶୃଙ୍ଖଳିତ ପରିଧି ଭିତରେ ବାନ୍ଧିରଖି ପରିଚାଳିତ କରିଥାଏ । ସୁତରାଂ ସଂସାର ବେଶ୍ ସୁଚାରୁ ରୂପେ ଚାଲିଥାଏ । ପରିବାରର ଯେଉଁ ନୀତିନିୟମ ଓ ଅଲିଖିତ ସମ୍ବିଧାନ ଅଛି, ତାହା ପିଢ଼ି ପରେ ପିଢ଼ି ଅନୁସୃତ ହୋଇଚାଲିଛି । ପରିବାରର ପ୍ରତ୍ୟେକ ସଦସ୍ୟ ପରସ୍ପର ପ୍ରତି ଯତ୍ନଶୀଳ ଓ ଉତ୍ତରଦାୟୀ ରହି ଜୀବନ ନିର୍ବାହ କରୁଥାନ୍ତି । ସାନରୁ ସାନ ପର୍ଯ୍ୟନ୍ତ ସଦସ୍ୟଟିର ଦାୟିତ୍ୱ ମଧ୍ୟ ପରିବାର ଭିତରେ ତୁଲାଇଥାନ୍ତି ବଡ଼ମାନେ । ଏହି ଦାୟିତ୍ୱବୋଧ ଓ ଯତ୍ନଶୀଳତା ଆମକୁ କେହି ଶିଖାଇନଥାନ୍ତି । କିମ୍ବା କୌଣସି ବିଦ୍ୟାଳୟରେ ପାଠପଢ଼ି ଏଥିପ୍ରତି କେହି ଜ୍ଞାନାର୍ଜନ କରିନଥାନ୍ତି, ଏହା ଏକ ଜନ୍ମଜାତ ଏବଂ ପାରିବେଶିକ ଶିକ୍ଷା । ପରିବାର ଭିତରୁ ହିଁ ପରିବାରର ଦାୟଦାୟିତ୍ୱ ଶିଖି ହୋଇଯାଏ । ପରିବାରର ବରିଷ୍ଠ ସଦସ୍ୟମାନେ କିମ୍ବା ପରିବାରର ଯେଉଁମାନେ ମୂରବୀ ଶ୍ରେଣୀୟ, ସେମାନଙ୍କ ଠାରୁ କନିଷ୍ଠ ସଦସ୍ୟ ଓ ସାନମାନେ ଶିକ୍ଷାଲାଭ କରିଥାନ୍ତି । ଏହା ଦେଖାଦେଖି, ଶୁଣାଶୁଣି ଏବଂ ଅନୁଭବ କରି ହିଁ ଜଣେ ଶିଖିଥାଏ ।

ଆମର ପ୍ରତ୍ୟେକ ପରିବାରର ମୂଳଦୁଆ ମୂରବୀମାନଙ୍କ ନୀତିଆଦର୍ଶର ସ୍ତମ୍ଭ ଉପରେ ଦଣ୍ଡାୟମାନ କହିଲେ ଭୁଲ୍ ହେବ ନାହିଁ । ପ୍ରତିଟି ପରିବାରରେ ତେଣୁ ମୂରବୀଙ୍କ ମର୍ଯ୍ୟାଦା ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା । ତେଣୁ ପ୍ରତ୍ୟେକ ପରିବାରରେ ଗୁରୁଜନ ବ୍ୟକ୍ତି, ବରିଷ୍ଠ ସଦସ୍ୟ, ଯେଉଁମାନେ ଘରର ମୂରବୀ ଭାବେ ପରିଗଣିତ ହୁଅନ୍ତି, ସେମାନଙ୍କ ପ୍ରତି ଏକ ସମ୍ମାନବୋଧ ଆମର ପାରିବାରିକ ପରମ୍ପରା କହିଲେ ଭୁଲ୍ ହେବ ନାହିଁ । ସେ ହୋଇପାରନ୍ତି ବାପାମାଆ, ଜେଜେବାପା ଜେଜେମାଆ କିମ୍ବା ବଡ଼ବାପା ଅବା ସାନବାପା ସାନମାଆ । ଏମାନଙ୍କ ସହିତ ଘରର ପୁଅଝିଅ, ନାତିନାତୁଣୀ, ବୋହୂ, ପୁତୁରାଝିଆରୀ ପ୍ରଭୃତି ବୟସରେ ସାନ ଓ କନିଷ୍ଠମାନେ ଏକତ୍ର ବସବାସ କରନ୍ତି । ଏଇ ଏକତ୍ର ବସବାସରୁ ଗୋଟିଏ କଥା ଅବଶ୍ୟ ଲାଭ ହୁଏ ଯେ, କନିଷ୍ଠମାନେ ପାଆନ୍ତି ବରିଷ୍ଠଙ୍କ ଆଦର ଓ ଯତ୍ନ । ଘରର ଭଲମନ୍ଦ, ସୁବିଧା ଅସୁବିଧା ବେଳେ ସେମାନେ ହିଁ ବଳ ଦେଇଥାନ୍ତି ସାନମାନଙ୍କୁ । ଏମିତି କି ଘରର ବିବାହ ବ୍ରତ, ପୂଜାପାର୍ବଣ, କର୍ମକର୍ମାଣୀ ବେଳେ ଏଇ ମୂରବୀମାନଙ୍କୁ ହିଁ ଖୋଜାପଡ଼େ । ଜ୍ଞାନ ଓ ଅଭିଜ୍ଞତାରେ ବଡ଼ ଏବଂ ବୟସରେ ଅଧିକ ହୋଇଥିବା କାରଣରୁ ଅନେକ କଥାରେ ଅନଭିଜ୍ଞ ଘରର ସାନସାନ ସଦସ୍ୟମାନେ ମୂରବୀମାନଙ୍କ ଉପରେ ନିର୍ଭର କରିଥାନ୍ତି । ଏହି ନିର୍ଭରଶୀଳତା ହିଁ ମୂରବୀଙ୍କ ପାଇଁ ପାରିବାରିକ ମର୍ଯ୍ୟାଦା ହୋଇ ଛିଡ଼ା ହୋଇଥାଏ । ଅନେକ କ୍ଷେତ୍ରରେ ଏଇ ମୂରବୀଙ୍କ ଅନୁଶାସନ ଭିତରେ ପରିବାରର ସବୁ ସଦସ୍ୟ ପ୍ରତିପାଳିତ ହୋଇ ନିଜ ନିଜକୁ ଗଢ଼ିଥାନ୍ତି । ପରିବାରର ସଂସ୍କାର, ନୀତିଆଦର୍ଶ ଏହି ମୂରବୀମାନଙ୍କ ଠାରୁ ପ୍ରାପ୍ତ ହୋଇଥାଏ ।

ପରିବାରରେ ଗୃହର ମୂରବୀ ପରିବାର ଭିତରେ ଏକ ଶକ୍ତିଶାଳୀ ସାମାଜିକ ବନ୍ଧନ ରକ୍ଷା କରିଥାନ୍ତି । ପରିବାରକୁ ସୁରକ୍ଷା ଦେବା ସହ ସଠିକ୍ ମାର୍ଗରେ ପରିଚାଳିତ କରିବାର ଭାର ମଧ୍ୟ ନେଇଥାନ୍ତି ସେମାନେ । ପରିବାରରେ ଯାହା କିଛି ଅସୁବିଧା ହେଲେ ତାହାର ଉତ୍ତରଦାୟୀ ରହନ୍ତି ପରିବାରର ମୂରବୀମାନେ । ତେଣୁ ପରିବାରରେ ମୂରବୀଙ୍କ ସ୍ଥାନ ଯେ ସ୍ୱତନ୍ତ୍ର ଏଥିରେ ଦ୍ୱିମତ ହେବାର ନାହିଁ ।

କିନ୍ତୁ ସମୟର ପରିବର୍ତ୍ତନ ସାଙ୍ଗକୁ ପରିବାର-ପରମ୍ପରା ଭାଙ୍ଗିରୁଜି କ୍ଷୀଣକାୟ ହୋଇ ଯାଇଥିବା ବେଳେ ସଂପ୍ରତି ପରିବାରଗୁଡ଼ିକ କ୍ଷୁଦ୍ରରୁ କ୍ଷୁଦ୍ରତର ହେବାକୁ ବସିଲାଣି । ଫଳରେ ପରିବାରରେ ମୂରବୀଙ୍କ ମହକ ଆଉ ନାହିଁ କହିଲେ ଚଳେ । ମୂରବୀଶୂନ୍ୟ ପରିବାରଟି ଭୂତକୋଠି ସହ ସମାନ । ଅର୍ଥାତ୍ ମୂରବୀ ନଥିବା ପରିବାରରେ ଶୃଙ୍ଖଳା, ନୀତି, ଆଦର୍ଶ କିଛି ବି ଖୋଜିବା ନିରର୍ଥକ । ଏପରି ଏକ ସମୟରେ ଆମ ପରିବାରକୁ ମୂରବୀଶୂନ୍ୟ କରିବା ଦିଗରେ ଆମେ ତତ୍ପର ନହୋଇ କିପରି ମୂରବୀଙ୍କୁ ମର୍ଯ୍ୟାଦା ଦେଇ ପରିବାର ଭିତରେ ବାନ୍ଧି ରଖିବା, ସେ ଦିଗରେ ଭାବିବାର ସମୟ ଆସିଛି । ନଚେତ ମୂରବୀଶୂନ୍ୟ ହୋଇ ଆମେ ଯେଉଁ ପରିବାରରେ ବସବାସ କରିବା ସେଠୁ ନିଜେ ଶିଖିବା ଭଳି କିଛି ପାଇବା ନାହିଁ ସତ, ସମାଜ ବି ଏସବୁ ବିଶୃଙ୍ଖଳିତ ପରିବାରର ମିଶ୍ରଣରେ ଏକ ଅସୁସ୍ଥ ସମାଜକୁ ରୂପାୟନ୍ତରିତ ହୋଇଯିବା ବିଚିତ୍ର ନୁହଁ ।

ପରିବାର ହିଁ ଅନେକ କଥା ଶିଖାଇଥାଏ । ତେଣୁ ଉତ୍ତମ ପରିବାର ଗଢ଼ିବା ଦିଗରେ ପରିବାରକୁ ମୂରବୀଶୂନ୍ୟ ନକରି ପରିବାର ଭିତରେ ମୂରବୀଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ ଦିଗରେ ଆମେ ସମସ୍ତେ ଯତ୍‌ପରୋନାସ୍ତି ଚେଷ୍ଟା କରିବା ଆବଶ୍ୟକ । ଭାବିଲେ ଦେଖି, ଯେଉଁ ପିଲାର ବାପାମାଆ ନଥାନ୍ତି ତାଙ୍କୁ ବେସାହାରା ବା ଅସହାୟ ଆଖ୍ୟା ଦିଆଯାଇ ତାକୁ ଅନାଥାଶ୍ରମକୁ ପଠାଯାଏ । ଠିକ୍ ସେହିପରି ମୂରବୀଶୂନ୍ୟ ପରିବାରର ଅବସ୍ଥା । ପୂରା ପରିବାରର ଅସହାୟ । କେହି ଜଣେ ମୂରବୀ ନଥାନ୍ତି ଭଲମନ୍ଦରେ ସହାୟ ହେବାକୁ । ଆଜି ଖୁବ୍ କମ୍ ପରିବାରରେ ବୁଢ଼ା ବାପାମାଆମାନଙ୍କୁ ଆମେ ଦେଖିପାରିବା । କାଁ ଭାଁ କେଉଁଠି ଏକୁଟିଆ ଅସହାୟ ଭାବରେ ବୁଢ଼ା ବାପାମାଆ ସଢୁଥାନ୍ତି ତ ସେମାନଙ୍କ ସନ୍ତାନସନ୍ତତି କୋଉ ବିଦେଶରେ ରହୁଥାନ୍ତି । ଭରପୁର ଖୁସି ଓ କୋଳାହଳରେ ପରିପୂର୍ଣ୍ଣ ଏକ ପରିବାର ଆଜି ସ୍ୱପ୍ନ ପରି ଲାଗେ । ସୁତରାଂ ଆଗାମୀ ପିଢ଼ି ପାଖରେ ଆମର ପରାମର୍ଶ ରହିବ, ପରିବାରରୁ ମୂରବୀମାନଙ୍କୁ ଦୂରେଇ ଦେଇ ସୁଖଶାନ୍ତି ଖୋଜନା, ବରଂ ମୂରବୀଙ୍କ ଗହଣରେ ରହି ସେମାନଙ୍କ ଆଶିଷ ଓ ଆଦର ଭିତରେ ନିଜେ ନିଜକୁ ପ୍ରତିପାଳିତ କର । ତାହା ହିଁ ହେବ ପ୍ରକୃତ ସୁଖଶାନ୍ତିର ସଂଜ୍ଞା ।

ସମ୍ପାଦିକା



# ଶିବମୟ ଯାଜପୁର



# ଶିବଭୂମି ଯାଜପୁର

**ନାରାୟଣ ରାଉତରାୟ**

ଉପୁଳାଇ, ନଗୁଆଁ, ଯାଜପୁର ରୋଡ୍, ଯାଜପୁର
ଫୋନ : ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଲେଖକ





▲ ଲେଖକ ନାରାୟଣ ରାଉତରାୟ

ପୁରାଣ ପ୍ରସିଦ୍ଧ ଯାଜପୁର । ବିରଜା କ୍ଷେତ୍ର ଭାବରେ ବିଦିତ ଏହି ପ୍ରାକ୍ତନ ତୀର୍ଥ ଭୂଇଁ ସମ୍ପର୍କରେ ଅଜସ୍ର ଆଖ୍ୟାନ ଉଚ୍ଚାରିତ ହୋଇଆସିଛି ଦୀର୍ଘକାଳରୁ । ପୁରାଣ ଠାରୁ ଆରମ୍ଭ କରି ଇତିହାସ ପର୍ଯ୍ୟନ୍ତ ସର୍ବତ୍ର ସୁପ୍ରଚାରିତ । ଏହି ଧର୍ମ ନଗରୀର ମନୋଜ୍ଞ ମାହାତ୍ମ୍ୟ ସୁବିଦିତ । ଶକ୍ତିପୀଠ ଯାଜପୁର । ଶକ୍ତି ବିନା ଶିବ ଶବ ସହିତ ସମାନ ଯେଉଁଠାରେ ଶିବ ସେଠାରେ ଶକ୍ତି ମଧ୍ୟ ରହନ୍ତି । ଐତିହ୍ୟର ଐଶ୍ୱର୍ଯ୍ୟରେ ମହିମାନ୍ୱିତ ଏହି ମହାନ ଭୂଚିତ୍ର ପ୍ରକୃତ ପକ୍ଷରେ ଶିବଲିଙ୍ଗର ସହର । ସେ ସମ୍ପର୍କରେ ଏକ ବର୍ଣ୍ଣାଢ୍ୟ ବିଶେଷ କଥନ ।

ଭାରତୀୟ ସଂସ୍କୃତିରେ ଶିବ ଉପାସନାର ମାହାତ୍ମ୍ୟ ଯଥେଷ୍ଟ ଅଧିକ । ପ୍ରତି ଗାଁ ଓ ସହର ରେ ରହିଛି ଶିବ ମନ୍ଦିର । ସମଗ୍ର ରାଜ୍ୟ ତଥା ଦେଶରେ ଶିବ ଭକ୍ତଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ । ଏହାଛଡା ବାରମାସର ତେର ପର୍ବ ମଧ୍ୟରୁ ଅଧିକାଂଶ ଓଷା, ବ୍ରତ ଓ ଉପାସନା ଶିବ ପୂଜାକୁ ନେଇ ପର୍ଯ୍ୟବସିତ । ତେଣୁ ଶିବଙ୍କ ପୂଜା ବିଷୟରେ ବହୁ ପୌରାଣିକ ଓ ଆଧ୍ୟାତ୍ମିକ ଉପାଖ୍ୟାନ ମଧ୍ୟ ରହିଛି । ଏପରି ଏକ ଉପାଖ୍ୟାନ ଅନୁଯାୟୀ ଥରେ କୈଳାସ ପର୍ବତରେ ଶିବ ପାର୍ବତୀ ଅବସ୍ଥାନ କରିଥିବା ବେଳେ ପାର୍ବତୀ ଦେବାଧିଦେବ ଶିବଙ୍କୁ ପ୍ରଶ୍ନ କରିଥିଲେ – ପ୍ରଭୁ ! ଆପଣଙ୍କର କେଉଁ ବ୍ରତ ପାଳନ କଲେ ଆପଣ ବେଶୀ ସନ୍ତୁଷ୍ଟ ହୁଅନ୍ତି ? ଉତ୍ତରରେ ଶିବ କହିଲେ– ଶିବରାତ୍ରୀ ।


ଫାଲଗୁନ ମାସ କୃଷ୍ଣ-ଚତୁର୍ଦ୍ଦଶୀ ଦିନ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସମସ୍ତେ ଏହି ବ୍ରତ ପାଳନ କରନ୍ତି । ଏହି ଦିନ ରାଜ୍ୟର ପ୍ରତ୍ୟେକ ଶୈବ କ୍ଷେତ୍ରରେ ଭକ୍ତମାନଙ୍କର ଭିଡ ଲାଗି ରହିଥାଏ, କିନ୍ତୁ ବିରଜା କ୍ଷେତ୍ରର କଥା ନିଆରା । ଦେବ ଦେବ ମହାଦେବ ଚିରଦିନ ପାଇଁ ଯେଉଁ ସ୍ଥାନରେ ରହିଯିବାକୁ ଇଚ୍ଛା କଲେ ସେହି ଅବିମୁକ୍ତ ବା ହରଗୌରୀ କ୍ଷେତ୍ରଟି ହେଉଛି ବିରଜା କ୍ଷେତ୍ର ଯାଜପୁର । ଏଠାରେ କୋଟିଏ ଶିବଲିଙ୍ଗରୁ ଗୋଟିଏ କମ୍ ଅଛି ବୋଲି ଏହା

ବାରଣାସୀର ମାନ୍ୟତା ପାଇ ପାରିଲା ନାହିଁ ।

## ଶିବରାତ୍ରିର ମହିମା

ପୂର୍ବେ ବାରଣାସୀ ନଗରରେ ଲୁବ୍ଧକ ନାମକ ଜଣେ କୃଷ୍ଣକାୟ ବ୍ୟାଧ ଅରଣ୍ୟରେ ପଶୁ ସଂହାର କରି ଜୀବିକା ନିର୍ବାହ କରୁଥିଲା । ଏକଦା ବହୁ ପଶୁ ଶିକାର କରି ସେ କ୍ଳାନ୍ତ ହୋଇ ପଡିଲା । ପଶୁଭାର କାନ୍ଧରେ ବହନ କରି ଶଲ୍ୟାଦି ଅସ୍ତ୍ରଶସ୍ତ୍ର ସହ ଫେରିଲା ବେଳେ ସେ ଅତ୍ୟନ୍ତ ଅବଶ ହୋଇ ଏକ ବେଲଗଛ ମୂଳରେ ଆଶ୍ରୟ ନେଲା । ଇତିମଧ୍ୟରେ ରାତି ହୋଇଯିବାରୁ ଗୃହକୁ ଫେରିବା ଅସମ୍ଭବ ଜାଣି ସାରାରାତି ଉଜାଗର ରହି ବୃକ୍ଷଶାଖାରେ ବସି ରହିଲା । ସେହି ବେଲବୃକ୍ଷ ମୂଳରେ ଏକ ଶିବଲିଙ୍ଗ ଅଦୃଶ୍ୟ ଭାବରେ ଥିଲେ । ସେଦିନ ଦୈବଯୋଗରେ ଶିବରାତ୍ର ହୋଇଥିବାରୁ ତାକୁ ଆଦୌ ନିଦ ହେଲା ନାହିଁ । ଉଜାଗର ହୋଇ ବସିବାରୁ ଉଦ୍ଦେଶହୀନ ଭାବରେ ବ୍ୟାଧଟି ବୃକ୍ଷଶାଖାରୁ ଗୋଟିଏ ଗୋଟିଏ ବେଲପତ୍ର ଛିଣ୍ଡାଇ ତଳେ ପକାଇଲା । ସେହି ବେଲପତ୍ର ଗୁଡିକ ତଳେ ଥିବା ଶିବଲିଙ୍ଗ ଉପରେ ପଡିବାରୁ ଶିବଙ୍କ ଦୟାରୁ ତାର ସମସ୍ତ ପାପ କ୍ଷୟ ହେଲା । ସକାଳ ହେବାରୁ ବ୍ୟାଧ ମାଂସଭାର ସହ ଘରକୁ ଯିବାବେଳେ ମୃତ୍ୟୁଲାଭ କରିବାରୁ ଶିବଦୂତ ଓ ଯମଦୂତ ତାକୁ ନେବା ପାଇଁ ପହଞ୍ଚିଥିଲେ । ତାଙ୍କୁ ଯମଦୂତମାନେ ଚର୍ମ ଦଉଡିରେ ବାନ୍ଧିବାକୁ ଉଦ୍ୟତ ହେଲାବେଳେ ଶିବ ଗଣମାନେ ଅତ୍ୟନ୍ତ କ୍ରୋଧ ପ୍ରକାଶ କରି ତାଙ୍କୁ ବାରଣ କଲେ । ଉଭୟଙ୍କ ମଧ୍ୟରେ ଘୋର କଳହ ହେଲା । ଅତନ୍ତ୍ୟ ଦୁରାଚାରୀ ପାପୀକୁ ଶିବପୁରକୁ କିପରି ନେବେ ବୋଲି ଯମଦୂତମାନେ ପ୍ରଶ୍ନ କରିବାରୁ ଶିବଙ୍କ ଦୃଢ଼ ଆଜ୍ଞା ପାଇ ସେମାନେ ଆସିଛନ୍ତି ବୋଲି କହିଲେ । ଶେଷରେ ଶିବଗଣମାନେ ବ୍ୟାଧକୁ ଦିବ୍ୟ ଦୀପ୍ତିମାନ କାରୁକାର୍ଯ୍ୟ ମଣ୍ଡିତ ରଥରେ ବସାଇ କୈଳାସ ପର୍ବତକୁ ନେଇଗଲେ ।

ଯମଦୂତମାନେ ନିରାଶ ହୋଇ ଫେରିଯାଇ ଯମ ରାଜାଙ୍କ ଆଗରେ ସବୁ କଥା କହନ୍ତେ ଯମରାଜ ଶିବରାତ୍ରି ବ୍ରତ ପାଳନକାରୀ ଶିବଭକ୍ତ ବା ପୂଜକକୁ ସ୍ପର୍ଶ ନ କରିବାକୁ ନିର୍ଦ୍ଦେଶ ଦେଇ ସତର୍କ କରିଦେଲେ । ଏପରିକି ଶୈବକ୍ଷେତ୍ରରେ ବାସ କରୁଥିବା ବ୍ୟକ୍ତି ପାଖକୁ ମଧ୍ୟ ନ ଯିବା ପାଇଁ ପରାମର୍ଶ ଦେଲେ ।



ବହୁ ପ୍ରାଚୀନ କାଳରୁ ବିରଜା କ୍ଷେତ୍ର ଯାଜପୁର ଅନ୍ୟ ଶୈବକ୍ଷେତ୍ର ଠାରୁ ମହାଦେବଙ୍କର ଅତ୍ୟନ୍ତ ପ୍ରିୟକ୍ଷେତ୍ର ରୂପେ ପୁରାଣରେ ବର୍ଣ୍ଣିତ ହୋଇଅଛି । ଏହି କ୍ଷେତ୍ରକୁ ଛୁଇଁ ପ୍ରବାହିତ ହେଉଥିବା ଚିରସ୍ରୋତା ବୈତରଣୀ ଏ କ୍ଷେତ୍ରର ମହିମାକୁ ଦ୍ୱିଗୁଣିତ କରୁଅଛି । ଏହାର ତଟରେ ବାରୁଣୀ ତୀର୍ଥ, ଗୋକର୍ଣ୍ଣ ତୀର୍ଥ, କପିଳତୀର୍ଥ ବିରାଜିତ ଏବଂ ପରଂବ୍ରହ୍ମ ନାରାୟଣ ଏଠାରେ ଦ୍ୱାଦଶ ମାଧବ



ରୂପରେ ଅବସ୍ଥାନ କରିଅଛନ୍ତି । ସିଦ୍ଧ ଗଣେଶ, ବରାହ, ଜଗନ୍ନାଥ ପ୍ରଭୃତି ଦେବଗଣ ତଥା ସପ୍ତରେଖା (ମନ୍ଦାକିନୀର ଶାଖାନଦୀ) ଏ କ୍ଷେତ୍ରର ଶୋଭାବର୍ଦ୍ଧନ କରୁଅଛନ୍ତି । ଯାଜପୁରର ହର ଓ ବରାହ ତୀର୍ଥର ମଧ୍ୟବର୍ତ୍ତୀ ସ୍ଥାନରେ ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଯଦି କୌଣସି ବ୍ୟକ୍ତି ଗଙ୍ଗାରୂପିଣୀ ବୈତରଣୀରେ ସ୍ନାନ କରେ ତେବେ ତାକୁ ଶତସୂର୍ଯ୍ୟ ଦର୍ଶନର ଫଳ ମିଳେ, ଯାହାକୁ ବାରୁଣୀଯୋଗ ବୋଲି କୁହାଯାଏ ।

ପୁରାତନ କାଳରୁ ଏହି କ୍ଷେତ୍ର ଶୈବକ୍ଷେତ୍ର ରୂପେ ପ୍ରସିଦ୍ଧିଲାଭ କରିଥିଲେ ମଧ୍ୟ ଭୌମକରମାନଙ୍କ ରାଜତ୍ୱ ସମୟରେ ଏ କ୍ଷେତ୍ରର ସୁଖ୍ୟାତି ଚରମରେ ପହଞ୍ଚିଥିଲା । ଭୌମକରମାନଙ୍କର ରାଜଧାନୀ ବିରଜା ବା ବିରଜାକ୍ଷେତ୍ର ଆଧୁନିକ ଯାଜପୁରରେ ପ୍ରତିଷ୍ଠିତ ଥିଲା । ଏହି ବଂଶର ଶାସକମାନେ ପ୍ରଥମେ ବୌଦ୍ଧଧର୍ମାବଲମ୍ବୀ ଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଶୈବଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ । ଭୌମକର ବଂଶର ରାଣୀମାନେ ଏଥିପାଇଁ ସମ୍ମାନର ପାତ୍ରୀ ଅଟନ୍ତି । କାରଣ ସେମାନେ ଶୈବଚାର୍ଯ୍ୟମାନଙ୍କ ପ୍ରଭାବରେ ରାଜାମାନଙ୍କୁ ଶୈବଧର୍ମ ପ୍ରତି ଆକୃଷ୍ଟ କରାଇବା ସଙ୍ଗେ ସଙ୍ଗେ ନିଜେ ଶିବ ମନ୍ଦିର ପ୍ରତିଷ୍ଠା ଓ ପ୍ରସାର ଲାଗି ମନୋନିବେଶ କରିଥିଲେ । ଭୌମକର ରାଜା ପ୍ରଥମ ଶୁଭାକର ଦେବ(ଖ୍ରୀ.ଅ. ୭୯୦)ଙ୍କ ରାଣୀ ମାଧବୀ ଦେବୀ ମାଧବେଶ୍ୱର ମନ୍ଦିର ନିର୍ମାଣ କରି ଯାଜପୁରକୁ ଶୈବକ୍ଷେତ୍ରରେ ପରିଣତ କରିଥିଲେ । ମାଧବେଶ୍ୱର ମହାଦେବଙ୍କ ପ୍ରତ୍ୟହ ପୂଜା ଆରାଧନା ପାଇଁ ଜଣେ ବ୍ରାହ୍ମଣ ପୁରୋହିତଙ୍କୁ ନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ଭୋଗରାଗ ନିମନ୍ତେ ଜମି ଖା କରିଥିଲେ । ଏହି ମନ୍ଦିରକୁ ଲାଗି ଏକ ପୁଷ୍କରିଣୀ ମଧ୍ୟ ଖନନ କରା ଯାଇଥିଲା । ରାଜା ଶୁଭାକର ଦେବ ବୌଦ୍ଧଧର୍ମାବଲମ୍ବୀ ଥିଲେ ମଧ୍ୟ ରାଣୀଙ୍କ କାର୍ଯ୍ୟରେ କୌଣସି ହସ୍ତକ୍ଷେପ କରି ନ ଥିଲେ, ବରଂ ସାହାଯ୍ୟ କରିଥିଲେ । ସମ୍ଭବତଃ ସେହି ମାଧବେଶ୍ୱର ମନ୍ଦିର ହିଁ ଯାଜପୁରର ସର୍ବପ୍ରଥମ ଶୈବ ମନ୍ଦିର ଥିଲା ଓ ତାହା ପରଠାରୁ ଅନ୍ୟାନ୍ୟ ଶୈବ ମନ୍ଦିର ଏହି କ୍ଷେତ୍ରରେ ଗଢି ଉଠିଥିଲା । ଭୌମକର ବଂଶର ପରବର୍ତ୍ତୀ ରାଜାମାନେ ନିଜକୁ ଶୈବ ଉପାସକ ରୂପେ ପରିଚୟ ଦେଇଥିଲେ ସେମାନଙ୍କର ଉପାଧିରୁ ପ୍ରମାଣିତ ହୁଏ । ଏହି ବଂଶର ରାଜାମାନେ ନିଜକୁ ପରମ ମହେଶ୍ୱର । ରାଣୀମାନେ ପରମ ମାହେଶ୍ୱରୀ ନାମରେ ଆଖ୍ୟାୟିତ କରିଥିଲେ । ବିରଜା କ୍ଷେତ୍ର ମହାତ୍ମ୍ୟ ଶୀର୍ଷକ ଉପପୁରାଣରୁ ଜଣାଯାଏ କୁସୁମେଶ୍ୱର, ଲଳିତେଶ୍ୱର ଓ ଦଣ୍ଡିଶ୍ୱର ଶିବ ମନ୍ଦିରମାନ କୁସୁମହର, ଲଳିତହର ଓ ଦଣ୍ଡି ମହାଦେବୀଙ୍କ ଦ୍ୱାରା

ନିର୍ମିତ ହୋଇଥିଲା ଓ ଏମାନେ ସମସ୍ତେ ଭୌମକର ରାଜବଂଶର ଅଟନ୍ତି ।

ଓଡିଆ ଭାଷାକୋଷ ଯାଜପୁର ଠାରେ ଏକଶତ ଆଠ ଶିବଲିଙ୍ଗ ଥିବାର ପ୍ରମାଣ ଦିଏ । ମାତ୍ର ବିରଜା କ୍ଷେତ୍ର ମହାତ୍ମ୍ୟରୁ କେବଳ ଏକଷଠି ଶିବଲିଙ୍ଗଙ୍କର ନାମ ମିଳିଥାଏ; ଯଥା – ଆଦିତେଶ୍ୱର, ଅପସରେଶ୍ୱର, ଅଗସ୍ତେଶ୍ୱର, ଅର୍କେଶ୍ୱର, ଆଖଣ୍ଡଳେଶ୍ୱର, ଇଶାନେଶ୍ୱର, ଉତ୍ତରେଶ୍ୱର, କପିଳେଶ୍ୱର, କାଶ୍ୟପେଶ୍ୱର, କୁସୁମେଶ୍ୱର, କିଲାଲାଟେଶ୍ୱର, ନିକାଶେଶ୍ୱର(କିଚକେଶ୍ୱର), କୁମାରେଶ୍ୱର, କେଦାରେଶ୍ୱର, ଗଙ୍ଗେଶ୍ୱର, ଗର୍ତ୍ତେଶ୍ୱର, ଗୋକର୍ଣ୍ଣେଶ୍ୱର, ଗୋଧନେଶ୍ୱର, କମ୍ପକେଶ୍ୱର, ଚିତ୍ରଗୁପ୍ତେଶ୍ୱର, ଜଟେଶ୍ୱର, ଜଦ୍ୟେଶ୍ୱର, ଯମଦେଶ୍ୱର, ତାରକେଶ୍ୱର, ତ୍ରୀଦାସେଶ୍ୱର, ତ୍ରିଲୋଚନେଶ୍ୱର,ତତ୍‌ପୁତ୍ରେଶ୍ୱର, ଦକ୍ଷେଶ୍ୱର, ନିଳକଣ୍ଠେଶ୍ୱର, ନାରଦେଶ୍ୱର, ପ୍ରଣୟମେଶ୍ୱର, ପ୍ରଭାତେଶ୍ୱର, ବରୁଣେଶ୍ୱର, ବାସୁପୁକଟେଶ୍ୱର, କଟେଶ୍ୱର, ବାସୁକେଶ୍ୱର, ଅଗ୍ନିଶ୍ୱର, ବ୍ରଘ୍ରେଶ୍ୱର, ବୈଦନାଥେଶ୍ୱର, ଉତ୍ତରେଶ୍ୱର, ଭର୍ଗବେଶ୍ୱର, ଭରବଙ୍କନଶ୍ୱର, ମାର୍କଣ୍ଡେଶ୍ୱର, ମୁକ୍ତେଶ୍ୱର, ମୃତ୍ୟୁୟଶ୍ୱର, ଜଗତେଶ୍ୱର, ଜମେଶ୍ୱର, ସୋମେଶ୍ୱର, ସିଦ୍ଧେଶ୍ୱର, ସର୍ବେଶ୍ୱର, ଶୃଙ୍ଗିଶ୍ୱର, ଶକ୍ତିଶ୍ୱର, ହରିକେଶ୍ୱର, ହଟକେଶ୍ୱର, ଚନ୍ଦ୍ରେଶ୍ୱର । ଏ ସମସ୍ତ ଶିବଲିଙ୍ଗ ମଧ୍ୟରେ ଇଶାନେଶ୍ୱର ଶିବଙ୍କ ସ୍ଥାପନା ସର୍ବପ୍ରଥମେ ହୋଇଥିଲା ବୋଲି ବିରଜା ମହାତ୍ମ୍ୟରୁ ଜଣାପଡେ ।

ଓଡିଶାର ସୋମବଂଶ ରାଜାମାନଙ୍କ ରାଜତ୍ୱ କାଳରେ ଯାଜପୁର ଅଭିନବ ଯଯାତିନଗର ନାମରେ ନାମିତ ହୋଇଥିଲା । ଏହି ବଂଶର ରାଜା ଯଯାତି କେଶରୀଙ୍କ ନାମରେ ଯଯାତିଶ୍ୱର ନାମକ ଏକ ଶିବଲିଙ୍ଗ ସ୍ଥାପନା କରା ଯାଇଥିଲା । ସମ୍ଭବତଃ ସେ ଶୈବଭକ୍ତ ଭାବରେ ଏହି ଲିଙ୍ଗ ସ୍ଥାପନ କରିଥିଲେ ଓ ପରେ ବୈତରଣୀ ନଦୀ କୂଳରେ ଦଶାଶ୍ୱମେଧ ଯଜ୍ଞ କରି ଏହି କ୍ଷେତ୍ରର ପ୍ରସିଦ୍ଧି ବୃଦ୍ଧି କରିଥିଲେ । ସେହି ଯଜ୍ଞର ସ୍ମାରକୀ ସ୍ୱରୁପ ଦଶଗୋଟି ବୃହଦାକାର ପାବଚ୍ଛ ଏ ପର୍ଯ୍ୟନ୍ତ ଭୂମିତଳେ ପୋତି ହୋଇଥିବାର ବିଶ୍ୱାସ କରାଯାଏ ।

ଏହି କ୍ଷେତ୍ରରେ ଅବସ୍ଥିତ ବଟେଶ୍ୱର, କପିଳେଶ୍ୱର ଓ ଲୋକେଶ୍ୱର





ଲିଙ୍ଗତ୍ରୟଙ୍କୁ ଦର୍ଶନ କଲେ ଜନ୍ମ ଜନ୍ମାନ୍ତର ପାପରୁ ନିସ୍ତାର ମିଳେ ବୋଲି କୁହାଯାଏ । ବିରଜା କ୍ଷେତ୍ରର ଐଶାନ କୋଣର ଦକ୍ଷିଣ ଭାଗରେ ଅବସ୍ଥିତ ମୃତ୍ୟୁୟ ଶିବଲିଙ୍ଗଙ୍କୁ ଦର୍ଶନପୂର୍ବକ ଗଦାଧରଙ୍କ ନାଭିକମଳରେ ପିଣ୍ଡଦାନ କଲେ ପିତୃପୁରୁଷମାନେ ମୁକ୍ତିଲାଭ କରିବାର ମଧ୍ୟ ପ୍ରବାଦ ଅଛି । ଏହାଛଡା ଏହି କ୍ଷେତ୍ରାଧିଷ୍ଠିତ ଆଖଣ୍ଡଳେଶ୍ୱରଙ୍କୁ ଚୈତ୍ର ଶୁକ୍ଳଚତୁର୍ଦ୍ଦଶୀରେ ସ୍ନାନପୂର୍ବକ ଦର୍ଶନ କଲେ ଜଣେ ଇନ୍ଦ୍ରଙ୍କ ସଦୃଶ୍ୟ ବୀର୍ଯ୍ୟବାନ, ଐଶ୍ୱର୍ଯ୍ୟବାନ ତଥା ସୌଭାଗ୍ୟବାନ ହୋଇଥାଏ ବୋଲି ସୂଚନା ମିଳେ ।

### ତ୍ରୟୋଦଶ ରୁଦ୍ର ଓ ତାହାର ମହିମା

ଏହି କ୍ଷେତ୍ରରେ ତ୍ରୟୋଦଶ ରୁଦ୍ର ଅତି ଗୁପ୍ତ ଭାବରେ ରହିଛନ୍ତି । ଯେଉଁ ବ୍ୟକ୍ତି ବିଧିବିଧାନ ପୂର୍ବକ ଦର୍ଶନ କରେ ତାର ପୁଣ୍ୟଫଳ ବର୍ଣ୍ଣନା କରିବା ଅସମ୍ଭବ ।

### କାଶ୍ୟପେଶ୍ୱର

ଆଷାଢ଼ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ଦିନ ଉପବାସ କରି ଚତୁର୍ଦ୍ଦଶୀ ଦିନ ସକାଳେ ବରାହଙ୍କ ଦକ୍ଷିଣରେ ଥିବା ବିଶ୍ୱେଶ୍ୱର ସମ୍ମୁଖରେ ବୈତରଣୀର ବିଶ୍ୱରୂପ ତୀର୍ଥରେ ସ୍ନାନ କରି ବରାହଙ୍କ ଦକ୍ଷିଣ ପଟରେ କ୍ରୋଡ଼ବାସିନୀ ମନ୍ଦିର ଭିତରେ କଶ୍ୟପଶ୍ୱରଙ୍କୁ ଦର୍ଶନ କରିବ ।

### ହରିକେଶ

ବେଙ୍ଗୀ ନଦିରେ ମହର୍ଷିତୀର୍ଥରେ ସ୍ନାନ କରି ସିଦ୍ଧେଶ୍ୱରଙ୍କର ପୂର୍ବରେ ଥିବା ହରିକେଶ ଲିଙ୍ଗଙ୍କୁ ଦର୍ଶନ କଲେ ବହୁ ପୁଣ୍ୟ ମିଳିଥାଏ ।

### ଗଙ୍ଗେଶ୍ୱର



ଗାରେଡଶ୍ୱର ଗ୍ରାମର ପଶ୍ଚିମ ବୈତରଣୀ ନଦୀରେ ଗଙ୍ଗତୀର୍ଥରେ ସ୍ନାନ କରି ଗଙ୍ଗେଶ୍ୱରଙ୍କୁ ଦର୍ଶନ କଲେ ରାଜସୂୟ ଯଜ୍ଞ ମିଳେ ।

### କୀଚକେଶ୍ୱର

ସିଦ୍ଧେଶ୍ୱରଙ୍କ ଉତ୍ତର ପାର୍ଶ୍ୱ ବୈତରଣୀ କୂଳରେ ଅସ୍ଥିକ୍ଷେପଣ ତୀର୍ଥରେ ସ୍ନାନ କରି ତୀର୍ଥର ଦକ୍ଷିଣରେ ଥିବା କୀଚକେଶ୍ୱରଙ୍କୁ ଦର୍ଶନ କଲେ ଲୋକେ ଅପରିସୀମ କୀର୍ତ୍ତି ଲାଭ କରେ ।

### ଭାରଭୂତଶ୍ୱର

ଯାଜପୁର ନିକଟବର୍ତ୍ତୀ ବୈତରଣୀ ତଟ ନିକଟରେ ଅବସ୍ଥିତ ଯଯାତି ତୀର୍ଥରେ ସ୍ନାନ କରି ଅଟଟେଶ୍ୱର ପାଖରେ ଥିବା ଭାରଭୂତେଶ୍ୱରଙ୍କୁ ଦର୍ଶନ କଲେ ୧୦୦ ବର୍ଷ ପୁଣ୍ୟ ତୀର୍ଥସ୍ନାନର ଫଳ ଲାଭ ହୁଏ ।

### ବୈଦ୍ୟନାଥ

ବିରଜାଙ୍କ ଦକ୍ଷିନରେ ପାଟପଡା ଗ୍ରାମରେ ଉତ୍ତରରେ ଥିବା ସ୍ୱର୍ଣ ଦ୍ୱାରା ତୀର୍ଥରେ ସ୍ନାନ କରି ନାଭିଗୟା ପୂର୍ବରେ ଥିବା ବୈଦ୍ୟନାଥଙ୍କୁ ଦର୍ଶନ କଲେ ସତ ପୌଣ୍ଡରିକ ତୀର୍ଥ ଫଳ ଲାଭ ହୁଏ ।

### ମୁକ୍ତେଶ୍ୱର

ଜଗନ୍ନାଥ ମନ୍ଦିର ବେଢ଼ାରେ ଥିବା ମୁକ୍ତେଶ୍ୱରଙ୍କୁ ଦର୍ଶନ କଲେ କୋଟି ସଂଖ୍ୟକ ଗୋଦାନର ଫଳ ଲାଭ ହୁଏ ।

### ଗୋକର୍ଣ୍ଣେଶ୍ୱର

ତ୍ରିଲୋଚନେଶ୍ୱରଙ୍କ ଦକ୍ଷିଣରେ ଗୋକର୍ଣ୍ଣ ତୀର୍ଥରେ ସ୍ନାନ କରି ଗୋକର୍ଣ୍ଣେଶ୍ୱରଙ୍କୁ ଦର୍ଶନ କଲେ ପୂର୍ବଜନ୍ମାର୍ଜିତ ପାପ ସମୁଦ୍ରରୁ ମୁକ୍ତି ମିଳେ ।

### ହଟକେଶ୍ୱର

ଡାକ୍ତର ବିଏସ୍ ଦାସଙ୍କ ଗୃହ ଦକ୍ଷିଣରେ ଯେଉଁ ପୋଖରୀଟି ଦେଖାଯାଏ ତାହା ଅଗ୍ନିତୀର୍ଥ । ସେହି ତୀର୍ଥରେ ସ୍ନାନ କରି ଜଗନ୍ନାଥ ବେଢ଼ା ମଧ୍ୟରେ ଥିବା ହଟକେଶ୍ୱରଙ୍କୁ ଦର୍ଶନ କଲେ ସମସ୍ତ କାମନା ସିଦ୍ଧ ହୁଏ ।

### ମାର୍କଣ୍ଡେଶ୍ୱର

ବିରଜାଙ୍କ ସମ୍ମୁଖରେ କାମାକ୍ଷୀ ଦେବୀଙ୍କ ପଶ୍ଚିମରେ ଅବସ୍ଥିତ ଶୁଳନୀ ତୀର୍ଥରେ ସ୍ନାନ କରି ବେଢ଼ା ମଧ୍ୟ ସ୍ଥିତ ମାର୍କଣ୍ଡେଶ୍ୱରଙ୍କୁ ଦର୍ଶନ କଲେ ଲୋକ ଅୟୁତ ସଂଖ୍ୟକ ଶିବଲିଙ୍ଗ ପୂଜାର ଫଳ ମିଳେ ।

### ଅପସରେଶ୍ୱର

ବିରଜା ମନ୍ଦିର ଉତ୍ତରରେ ଥିବା ଉର୍ବଶୀ ତୀର୍ଥରେ ସ୍ନାନ କରି ବେଢ଼ା ମଧ୍ୟରେ ଥିବା ଅପସରେଶ୍ୱରଙ୍କୁ ଦର୍ଶନ କଲେ ସକଳ ପ୍ରକାର ପାପରୁ ମୁକ୍ତି ମିଳେ ।

### ଚିତ୍ରଗୁପ୍ତେଶ୍ୱର

ଚମ୍ପାମଡେଇ ଗ୍ରାମର ପୂର୍ବଦିଗରେ ଗୌରାକୁଣ୍ଡ ନାମରେ ପ୍ରସିଦ୍ଧ କ୍ଷମ ତୀର୍ଥରେ ସ୍ନାନ କରି ଚମ୍ପ ମଡେଇ ଗ୍ରାମର ପଶ୍ଚିମରେ ଥିବା ଚିତ୍ରଗୁପ୍ତେଶ୍ୱରଙ୍କୁ ଦର୍ଶନ କଲେ ଯମ ଯାତନା ଭୋଗ କରିବାକୁ ପଡେ ନାହିଁ ।

### ମାନସେଶ୍ୱର

କୁଆମଡେଇ ଗ୍ରାମର ପୂର୍ବଦିଗରେ ଥିବା ରୌଦ୍ର ତୀର୍ଥରେ ସ୍ନାନ କରି ଗୌରାକୁଣ୍ଡ ନିକଟବର୍ତ୍ତୀ ମାନସେଶ୍ୱରଙ୍କୁ ଦର୍ଶନ କଲେ ଶତସହସ୍ର ଯଜ୍ଞର ଫଳ ମିଳେ ।

### ପ୍ରମୁଖ ଓ ପ୍ରତିଷ୍ଠିତ ଲିଙ୍ଗ

ଅଟଟେଶ୍ୱର, ଅପସେଶ୍ୱର, ଅଗସ୍ତିଶ୍ୱର, ଅର୍କେଶ୍ୱର, ଅଗ୍ନିଶ୍ୱର, ଅର୍ଦ୍ଧନାରୀଶ୍ୱର, ଆଖଣ୍ଡଳେଶ୍ୱର, ଈଶାନେଶ୍ୱର, ଉତ୍ତରେଶ୍ୱର, କପିଳେଶ୍ୱର, କାଶ୍ୟପେଶ୍ୱର, କାଳେଶ୍ୱର, କାମେଶ୍ୱର, କିଲାଟେଶ୍ୱର, କୁମାରେଶ୍ୱର, କୁବେରେଶ୍ୱର, କୁସୁମେଶ୍ୱର, କେଦାରେଶ୍ୱର, କୋଦଣ୍ଡେଶ୍ୱର, ଖଣ୍ଡେଶ୍ୱର, ଖଗେଶ୍ୱର, ଗଙ୍ଗେଶ୍ୱର, ଗଣ୍ଡେଶ୍ୱର, ଗରିମେଶ୍ୱର, ଗାରୁଡେଶ୍ୱର, ଗୋକର୍ଣ୍ଣେଶ୍ୱର,



ଗୋଧନେଶ୍ୱର, ଗୋପାଳେଶ୍ୱର, ଘଟେଶ୍ୱର, ଚମ୍ପକେଶ୍ୱର, ଚଣ୍ଡେଶ୍ୱର, ଜମେଶ୍ୱର, ଜଟେଶ୍ୱର, ଜାଡେଶ୍ୱର, ଝାଡେଶ୍ୱର, ତାରକେଶ୍ୱର, ତିଭେଣଦଡଶ୍ୱର, ତ୍ରିଲୋଚନେଶ୍ୱର, ସ୍ଥାନେଶ୍ୱର, ତ୍ରୈଲୋକ୍ୟନାଥ, ଦକ୍ଷେଶ୍ୱର, ଦଣ୍ଡିଶ୍ୱର, ଦାରୁକେଶ୍ୱର, ଧବଳେଶ୍ୱର, ଧର୍ମଶ୍ୱେର, ନନ୍ଦିକେଶ୍ୱର, ନାରଦେଶ୍ୱର, ନାରାୟଣେଶ୍ୱର, ନୈବେଦ୍ୟେଶ୍ୱର, ପାରଦାରେଶ୍ୱର, ପାଣ୍ଡବେଶ୍ୱର, ପାପମୋଚନେଶ୍ୱର, ପାଦ୍ମେଶ୍ୱର, ପରଶୁନାଥ, ପାତାଳେଶ୍ୱର, ପ୍ରଭାକରେଶ୍ୱର, ପ୍ରାଣାୟମେଶ୍ୱର, ଫାଳେଶ୍ୱର, ବରୁଣେଶ୍ୱର, ବଟେଶ୍ୱର, ବାସୁକେଶ୍ୱର, ବାସୁପୂଜିତେଶ୍ୱର, ବାଣେଶ୍ୱର, ବାରୁଣେଶ୍ୱର, ବ୍ରଘ୍ରେଶ୍ୱର, ବିଶ୍ୱେଶ୍ୱର, ବିଶ୍ୱରୂପେଶ୍ୱର, ବିଲେଶ୍ୱର, ବିମୁକ୍ତେଶ୍ୱର, ବୈଦନାତ, ଭଣ୍ଡେଶ୍ୱର, ଭଉାରତଭୂତେଶ୍ୱର, ଭାର୍ଗେଶ୍ୱର, ମାନସେଶ୍ୱର, ମାନେଶ୍ୱର, ମୁକୁଳେଶ୍ୱର, ମୁକ୍ତେଶ୍ୱର, ଯଯାତିଶ୍ୱର, ଯାମଦଗ୍ନେଶ୍ୱର, ଲୋମହର୍ହଣେଶ୍ୱର, ଲିଙ୍ଗରାଜ, ଶୀତଳେଶ୍ୱର, ଶୃଙ୍ଗେଶ୍ୱର, ସକଳେଶ୍ୱର, ସର୍ଵେଶ୍ୱର, ସିଦ୍ଧେଶ୍ୱର, ସୁକୁମାରେଶ୍ୱର, ସୋମେଶ୍ୱର, ହରକେଶ୍ୱର, ହରନ୍ତେଶ୍ୱର, ହଟକେଶ୍ୱର, କ୍ଷେତ୍ରେଶ୍ୱର ।

ଏମାନଙ୍କୁ ଛାଡି ଦେଲେ କ୍ଷେତ୍ରରେ ଯେଉଁଠାରେ ଶିବଲିଙ୍ଗ ବିଦ୍ୟମାନ ସେଗୁଡିକ ଗୋଟିଏ ଗୋଟିଏ ତୀର୍ଥରେ ପରିଣତ ହୋଇଛି । ସେଗିଡ଼ିକ ହେଲା- ଅଶ୍ୱମେଧତୀର୍ଥ, ଅସ୍ଥିକ୍ଷେପଣତୀର୍ଥ, ଅନ୍ତର୍ବେଦୀ ତୀର୍ଥ, ଅଗ୍ନିତୀର୍ଥ, ଅଗସ୍ତିତୀର୍ଥ, ଅନନ୍ତତୀର୍ଥ, ଅଜ୍ଞାମ୍ୟ, ଅଲାବୁତୀର୍ଥ, ଉତ୍ପଳତୀର୍ତ, ଉର୍ବଶୀତୀର୍ଥ, କାଶ୍ୟପତୀର୍ଥ, କିନ୍ନରତୀର୍ଥ, କିଲାଳତୀର୍ଥ, କପିଳତୀର୍ତ, କ୍ରୋଡ଼ତୀର୍ଥ, ଗଦାତୀର୍ଥ, ଜଟାତୀର୍ଥ, ଜମ୍ବୁତୀର୍ଥ, ଦୁର୍ବାସାତୀର୍ଥ, ଦଣ୍ଡିତୀର୍ଥ, ନାରାୟନତୀର୍ଥ, ନିଷାଦତୀର୍ଥ, ପ୍ରଭାସତୀର୍ଥ, ପ୍ରଜାପତିତୀର୍ଥ, ପାବକତୀର୍ଥ,ପଦ୍ମତୀର୍ଥ, ପୌରବ ତୀର୍ଥ, ବରାହତୀର୍ଥ, ବ୍ରହ୍ମତୀର୍ଥ, ବରୁନତୀର୍ଥ,



ବାରୁନୀତୀର୍ଥ, ବାସୁକିତୀର୍ଥ, ବାନ୍ତୁତୀର୍ଥ, ବିଶ୍ୱରୂପତୀର୍ଥ, ବାନାୟକତୀର୍ଥ, ବେଣୀତୀର୍ଥ, ବେତରଣୀତୀର୍ଥ, ବିମୁକ୍ତତୀର୍ଥ, ମଦ୍‌ଗରତୀର୍ଥ, ମଣିକର୍ଣ୍ଣିକାତୀର୍ଥ, ମହର୍ଷିତୀର୍ଥ, ମାତୃକାତୀର୍ଥ, ମୃତ୍ୟୁୟତୀର୍ଥ, ଯଯାତିତୀର୍ଥ, ଯମତୀର୍ଥ, ରସକୂପତୀର୍ଥ, ରସିତୀର୍ଥ, ରେବାତୀର୍ଥ, ରେଖାତୀର୍ଥ, ରୌଦ୍ରତୀର୍ଥ, ଶଶୀତୀର୍ଥ, ଶୂଳିନୀତୀର୍ଥ, ଶୀତତପ ତୀର୍ଥ, କ୍ଷେତ୍ରଦ୍ୱାରା ତୀର୍ଥ, ଶିତଗଙ୍ଗା ତୀର୍ଥ ।

## ବୈଚିତ୍ର୍ୟମୟ ଶିବଲିଙ୍ଗ

**ସିଦ୍ଧେଶ୍ୱର –** କୁହାଯାଏ, ଜ୍ୟେଷ୍ଠମାସ ଶୁକ୍ଳ ଅଷ୍ଟମୀରେ ଯଦି ଧନିଷ୍ଠା ନକ୍ଷତ୍ର ଯୋଗ ହୁଏ ତେବେ ସେହି ଦିନ ଲିଙ୍ଗ ସ୍ୱୟଂ ଉପରକୁ ଉଠନ୍ତି । ଏହି ସମୟରେ ସିଦ୍ଧେଶ୍ୱରଙ୍କ ଦର୍ଶନ ଓ ସିଦ୍ଧ ଆଶ୍ରମ ପରିଭ୍ରମଣ ପୂର୍ଣ୍ଣ ଫଳପ୍ରଦ ହୁଏ ବୋଲି ଶ୍ରଦ୍ଧାଳୁମାନେ କହିଥାନ୍ତି । ଓଡିଶାର ପ୍ରତ୍ୟେକ ଅଞ୍ଚଳରୁ ଏହି ଉତ୍ସବ ଦର୍ଶନ ନିମନ୍ତେ ଲୋକମାନେ ଆସିଥାନ୍ତି; ସେଥିପାଇଁ ଲୋକମୁଖରେ ଶୁଣାଯାଏ; ସାତଥର ଯିବ ପୁରି

ଥରେ ଯାଇଥିବ ରସିକାକଡ଼ି

ସବୁ ପାପ ଯିବ ଛାଡ଼ି ।

**ଅଗ୍ନିଶ୍ୱର –** ବିରଜା ହାଟ ନିକଟରେ ଏହି ଲିଙ୍ଗ ଅବସ୍ଥିତ । ଏହି ଶିବଲିଙ୍ଗ ଦିନରେ ତିନିରୂପ ଧାରନ କରନ୍ତି – ସକାଳ ସମୟରେ ଘନ କୃଷ୍ଣବର୍ଣ୍ଣ, ମଧ୍ୟାହ୍ନରେ ଇଷତ୍ ରକ୍ତବର୍ଣ୍ଣ ଓ ସନ୍ଧ୍ୟାକାଳରେ ଶୁଭ୍ରବର୍ଣ୍ଣ ।




**ଅଟଟେଶ୍ୱର –** ବୈତରଣୀ ନଦୀର ଦକ୍ଷିଣ ତଥା ବରାହଙ୍କର ଅଗ୍ନିକୋଣରେ ଏହି ମନ୍ଦିର ଅବସ୍ଥିତ । ପଶ୍ଚିମମୁଖୀ ଏହି ମନ୍ଦିରରେ ଏକାଦଶ ରୁଦ୍ର ଅଛନ୍ତି, ଯଥା- ହର, ତ୍ରମକ୍ୟ, ରୁଦ୍ର, ମୃଗବ୍ୟାଧେଶ୍ୱର, ଅପରାଜିତେଶ୍ୱର, କପାଳିଶ୍ୱର, ଭୈରବେଶ୍ୱର, ଶୁମ୍ଭ, କପର୍ଦ୍ଦିଶ୍ୱର,

କୃଷାକପିଶ୍ୱର, ବଟକେଶ୍ୱର ।

**ତିଳଭାଣ୍ଡେଶ୍ୱର-** କିମ୍ବଦନ୍ତୀରୁ ଜଣାଯାଏ ଏହି ଶିବଲିଙ୍ଗ ଦିନକୁ ଦିନ ବଢ଼ିବାରୁ ଦ୍ୱାର କବାଟ ବାଜି ଶକ୍ତି ମଧ ଫାଟିଗଲା । ପୂଜକ ବିରକ୍ତି ପ୍ରକାଶ କରି କହିଲା, ଆପଣ ଯଦି ଏପରି ଭାବରେ ବଢ଼ନ୍ତି, ମୁଁ ଆଉ ପୂଜା କରି ପାରିବି ନାହିଁ । ସେଇ ଦିନ ଠାରୁ ଆଉ ଶିବ ନ ବଢ଼ି ସେତିକିରେ ରହିଲେ । ଏହି କ୍ଷେତ୍ରରେ ଯେତେ ଶିବଲିଙ୍ଗ ରହିଛନ୍ତି ସେମାନଙ୍କ ଭିତରୁ ଏହି ଶିବଲିଙ୍ଗ ବିଶାଳକାୟ ।

**ତ୍ରିଲୋଚନେଶ୍ୱର-** ସାଧାରଣ ଭାବରେ ମନ୍ଦିର ଗୁଡ଼ିକର ମୁହଁ ପୂର୍ବଦିଗକୁ ରହିଥାଏ, କିନ୍ତୁ ଏହାର ମୁହଁ ପଶ୍ଚିମ ଦିଗକୁ ରହିଛି । ଏ ସମ୍ପର୍କରେ କିମ୍ବଦନ୍ତୀ କହେ, ଦିନେ ଗୋଟିଏ ଅନ୍ଧବାଳକ ସେଠାରେ ବସି ଗୀତଗୋବିନ୍ଦ ଗାଉଥିଲା । ତ୍ରିଲୋଚନେଶ୍ୱର ତାକୁ ପଚାରିଲେ ମୋ ପଛରେ ବସି କାହିଁକି ଗୀତ ଗାଉଛୁ ? ଗୀତଗୋବିନ୍ଦ ଶୁଣିବାକୁ ମୋର ପ୍ରବଳ ଇଚ୍ଛା । ତେଣୁ ମୋ ଆଗକୁ ପ୍ରତ୍ୟେକ ଦିନ ଆସି ଗୀତଗୋବିନ୍ଦ ଗାଆ । ପିଲାଟି କହିଲା, ପ୍ରଭୁ ମୁଁ ତ ଜନ୍ମରୁ ଅନ୍ଧ, ମୋ ନିକଟରେ ଆଗ ପଛ ସବୁ ସମାନ । ଆପଣଙ୍କର ଯଦି ପ୍ରକୃତରେ ଶୁଣିବା ପାଇଁ ଇଚ୍ଛା, ମୋ ଆଡ଼କୁ ମୁହଁ କରନ୍ତୁ । ତା'ପରଦିନ ଦେଖାଗଲା ମନ୍ଦିରର ମୁହଁ ପଶ୍ଚିମ ଆଡ଼କୁ ହୋଇଛି ଓ ଅନ୍ଧବାଳକ ଆଖି ପାଇଛି ।



## ଆଖଣ୍ଡଳେଶ୍ୱର

ଦେବରାଜ ଇନ୍ଦ୍ର ଗୌତମଙ୍କର ପତ୍ନୀ ଅହଲ୍ୟାଙ୍କ ରୂପ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତାହାଙ୍କୁ ସ୍ପର୍ଶ କରିବାରୁ ଗୌତମଙ୍କ ଅଭିଶାପରେ ଇନ୍ଦ୍ରପଦ ହରାଇଲେ । ଅଭିଶାପରୁ ମୁକ୍ତି ପାଇବା ପାଇଁ ମର୍ତ୍ତ୍ୟଲୋକରେ ଭ୍ରମଣ କରୁକରୁ ବୈତରଣୀ ନଦୀର ଉତ୍ତରତୀରରେ ସୁରମ୍ୟ ସ୍ଥାନଟିଏ ଦେଖିବାକୁ ପାଇଲେ । ସେଠାରେ ପାର୍ବତୀଙ୍କ ନିର୍ଦ୍ଦେଶରେ ଶିବଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରିବା ପାଇଁ ଏକାଗ୍ର ଚିତ୍ତରେ ସମାଧିସ୍ଥ ହେଲେ । ବହୁ ବର୍ଷ ପର୍ଯ୍ୟନ୍ତ ଶିବଙ୍କୁ ସନ୍ତୁଷ୍ଟ କରିବା ପାଇଁ ତପସ୍ୟା କରିବାରୁ ଶିବ ପ୍ରୀତ ହୋଇ ଇନ୍ଦ୍ରଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶିବଙ୍କୁ ଇନ୍ଦ୍ର କହିଲେ ଆପଣ ଦୟା ପରବଶ ହୋଇ ଏ ସ୍ଥାନକୁ ପବିତ୍ର କରିଅଛନ୍ତି । ତେଣୁ ଜଗତର କଲ୍ୟାଣ ନିମନ୍ତେ ସନ୍ତୁଷ୍ଟ ହୋଇ ଆପଣଙ୍କ ନାମାନୁସାରେ ମୋର ନାମ ଆଖଣ୍ଡଳେଶ୍ୱର ବୋଲି ଜନସମାଜରେ ତଥା ଦେବର୍ଷି ସମାଜରେ ଖ୍ୟାତି ଲାଭ କରୁ । ଆହୁରି ମଧ ଯେଉଁମାନେ ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଏହି ତୀର୍ଥରେ ସ୍ନାନ କରି ମୋର ରୂପାନ୍ତର ଆଖଣ୍ଡଳେଶ୍ୱର ଲିଙ୍ଗକୁ ପୂଜା ଆରାଧନା ପୂର୍ବକ ସ୍ତୁତି, ନମସ୍କାର ଓ ପ୍ରଦକ୍ଷିଣ କରନ୍ତି, ସେମାନେ ଦଶଟି ଅଶ୍ୱମେଧ ଯଜ୍ଞର ଫଳଲାଭ କରନ୍ତ । ଏହି ଆଖଣ୍ଡଳେଶ୍ୱରଙ୍କୁ ଭକ୍ତିପୂତ ହୃଦୟରେ ପୂଜା ଆରାଧନା କରି ଏକାଗ୍ର ଚିତ୍ତରେ କୁଷ୍ଟ ରୋଗୀକୁ ଦୟା କଲେ କୁଷ୍ଟରୋଗରୁ ମୁକ୍ତ ହୁଏ ଏବଂ ବନ୍ଧ୍ୟାନାରୀ ସନ୍ତାନ ଲାଭ କରେ ।

## ପଞ୍ଚାନନ

ଶୀତଳେଶ୍ୱର ଗ୍ରାମରେ ଏକ ବିରଳ ଶିବଲିଙ୍ଗ ଦୃଷ୍ଟିଗୋଚର ହୁଏ । ଏହାଙ୍କ ନାମ ପଞ୍ଚାନନ । ଲିଙ୍ଗଟି ପାଞ୍ଚମୁଖ ବିଶିଷ୍ଟ । ଚାରିପାଖରେ ଚାରିମୁଖ ଓ ଉର୍ଦ୍ଧ୍ୱକୁ କେ ମୁଖ ରହିଛି । ପଶ୍ଚିମ ପାର୍ଶ୍ୱମୁଖଟି ଶୁକ୍ଳ ବର୍ଣ୍ଣ ।

## କପିଳେଶ୍ୱର

କପିଳେଶ୍ୱର ଗ୍ରାମର ପୂର୍ବରେ କପିଳେଶ୍ୱର ମନ୍ଦିର ଅବସ୍ଥିତ । ଏହି ସ୍ଥାନଟିକୁ ମଣିକର୍ଣ୍ଣିକା ତୀର୍ଥ କହନ୍ତି । କପିଳେଶ୍ୱର ଲିଙ୍ଗଟି ପୋଖରୀର ପଶ୍ଚିମ କୋଣରେ ଜଳ ରେ ବୁଡ଼ି ରହିଛି । ୧୫୧୦ ଖ୍ରୀ.ଅ. ରେ ଚୈତନ୍ୟଦେବ ଯାଜପୁର ପରିଦର୍ଶନରେ ଆସିଥିବା ବେଳେ ଏହିଠାରେ କିଛିଦିନ ଅବସ୍ଥାନ କରିଥିଲେ । ଏଣୁ ଏଠାରେ ଗୌରାଙ୍ଗ ମଠ ନିର୍ମିତ ହୋଇଛି ।

ଖ୍ରୀଷ୍ଟିୟ ୩ୟ ଓ ୪ର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ବିରଜା କ୍ଷେତ୍ରରେ ବୌଦ୍ଧ ଧର୍ମ ଆଧିପତ୍ୟ ବିସ୍ତାର କରିଥିଲେ ମଧ ସୋମବଂଶ ରାଜତ୍ୱ ସମୟକୁ ଏହା ଏକ ପ୍ରଖ୍ୟାତ ଶୈବପୀଠରେ ପରିଣତ ହୋଇଥିଲା । ଫଳରେପ୍ରତି ଗ୍ରାମେ ଗ୍ରାମେ ଶୈବ ମନ୍ଦିରମାନ ଗଢ଼ିଉଠି ଲିଙ୍ଗ ଉପାସନା ପ୍ରଚଳିତ ହେଲା । ରତ୍ନ ଗିରି ଠାରୁ ଆଧୁନିକ ବାଲେଶ୍ୱର ଜିଲ୍ଲାର ଧାମନଗର ପର୍ଯ୍ୟନ୍ତ ବିରଜାକ୍ଷେତ୍ରରେ ଏଭଳି କୌଣସି ଗ୍ରାମ ନଥିବ ଯେଉଁଠାରେ କି ଶୈବ ମନ୍ଦିର ଗୋଟିଏ ନାହିଁ ବା ଲିଙ୍ଗ ଉପାସନା ନାହିଁ । ପରବର୍ତ୍ତୀ କାଳରେ ହୁଏତ କାଳ ବକ୍ଷରେ ମନ୍ଦିର ଗୁଡ଼ିକ ଧ୍ୱଂସ ସ୍ତୁପରେ ପରିଣତ ହୋଇଛି । କିନ୍ତୁ ଶିବଲିଙ୍ଗ ସେହି ଭଗ୍ନ ଆସ୍ଥାନ ଉପରେ ବା ବୃକ୍ଷମୂଳେ ପୂଜା ପାଉଅଛନ୍ତି । ସୋମବଂଶ ଶାସକମାନଙ୍କର ପୃଷ୍ଠପୋଷକତା ଲାଭ କରି ଶାକ୍ତ ଓ ଶୈବମାନଙ୍କ ପ୍ରଚେଷ୍ଟାରେ ବହୁ ଶିବଲିଙ୍ଗ ସପ୍ତ ମାତୃକା ଓ ଅନ୍ୟାନ୍ୟ ଦେବାଦେବୀ ମୂର୍ତ୍ତୀ ସ୍ଥାପିତ ହେବା ସଙ୍ଗେ ସଙ୍ଗେ ଖ୍ରୀଷ୍ଟିୟ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଯାଜପୁର ଏକ ଶୈବ ଓ ଶାକ୍ତ ପୀଠରେ ପ୍ରସିଦ୍ଧି ଲାଭ କଲା, କିନ୍ତୁ ଗଙ୍ଗମାନଙ୍କ ରାଜତ୍ୱ କାଳରେ ସେ ବଂଶର ଶାସକମାନେ ଯାଜପୁରକୁ ଏକ ବିଷ୍ଣୁ କ୍ଷେତ୍ରରେ ପରିଣତ କରିବାକୁ ଚାହିଁଥିଲେ ଓ ଯଜ୍ଞ ବରାହ ଓ ଶ୍ରୀଜଗନ୍ନାଥ ପ୍ରଭୃତି ବିଷ୍ଣୁ ବିଗ୍ରହମାନ ପ୍ରତିଷ୍ଠା କରି ଯାଜପୁର ଶିବ ଓ ଶାକ୍ତ ପ୍ରଭାବ ଯୁଗ କରିବା ଲାଗି ଉଦ୍ୟମ କରିଥିଲେ ମଧ ଯାଜପୁର ଅଦ୍ୟାବଧି ଏକ ଶୈବ ଓ ଶାକ୍ତ କ୍ଷେତ୍ର ରୂପେ ପ୍ରସିଦ୍ଧି ଲାଭ କରି ଆସୁଅଛି ।


ପର୍ଯ୍ୟଟନ
ଆମ ଓଡ଼ିଶାର ଗର୍ବ
ମଡ଼େଲ୍ : ଶୁଭଙ୍କରୀ ଦେବୀ
କାଲିଗ୍ରାଫି : ବିଶ୍ୱାଳ ସୁଧାକର ଓ କେକେ

# କଥା କହେ



# କୁରୁକ୍ଷେତ୍ର



# କୃଷ୍ଣକ୍ଷେତ୍ର କୁରୁକ୍ଷେତ୍ର


## ଡକ୍ଟର ଫକୀରମୋହନ ନାହାକ

ବିଭାଗୀୟ ମୁଖ୍ୟ: ୟୁନିଭରସିଟି ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡ଼ିଆ ଷ୍ଟଡ଼ିଜ୍, ଚଣ୍ଡୀଗଡ଼ ୟୁନିଭରସିଟି, ମୋହାଲି, ପଞ୍ଜାବ
ଫୋନ:୯୯୩୭୨୫୨୪୬୪

ଫଟୋ ସୌଜନ୍ୟ : ଲେଖକ




▲ଡକ୍ଟର ଫକୀରମୋହନ ନାହାକ

ଜନ୍ମାଷ୍ଟମୀରେ ଜନ୍ମ ହୋଇଥିଲି ବୋଲି ବୋଧେ ମୋ ଅବଚେତନରେ ବି ମୋତେ ଆବୋରି ବସନ୍ତି ଶ୍ରୀକୃଷ୍ଣ ଏବଂ ଶ୍ରୀଜଗନ୍ନାଥ । ଉଭୟଙ୍କ ବିନା କାହିଁକି କେଜାଣି ଜୀବନଟା ବଡ଼ ଅପୂର୍ଣ୍ଣ ଲାଗେ । ତେଣୁ ଯେକୌଣସି ନୂଆ ସ୍ଥାନକୁ ଗଲେ, ସେଇଠି ଶ୍ରୀକୃଷ୍ଣଙ୍କୁ ଖୋଜେ ବା ଶ୍ରୀଜଗନ୍ନାଥଙ୍କୁ ଖୋଜେ । ସେଥିପାଇଁ ବୋଧେ ପିଲାଦିନରୁ ହିଁ ବାପାଙ୍କ ସାଙ୍ଗେ ମଥୁରା ବୃନ୍ଦାବନ ସାଙ୍ଗକୁ ଶ୍ରୀକ୍ଷେତ୍ର ସବୁଠି ସେହି କାଳିଆ ଠାକୁରଙ୍କ ସାନ୍ନିଧ୍ୟ ଓ ଦର୍ଶନ ପାଇବାର ସୌଭାଗ୍ୟ ପ୍ରାପ୍ତି ହୋଇଛି ।

କଲେଜରେ ବି.ଏସ୍‌ସି. ପଢ଼ିଲା ବେଳେ ୧୯୯୪ ମସିହାରେ ସର୍ବଭାରତୀୟ ଯୁବ ମହୋତ୍ସବରେ ସାମିଲ ହେବା ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ମୋତେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ଯିବାର ଥିଲା । ସେଥିପାଇଁ ମୁଁ ଓ ଅନ୍ୟ ସମସ୍ତ ପ୍ରତିଯୋଗୀ ପୂରା ପ୍ରସ୍ତୁତି ବି କରିଥିଲୁ । କିନ୍ତୁ ଦୁର୍ଭାଗ୍ୟବଶତଃ ସେ ସମୟରେ ଆମ ବିଶ୍ୱବିଦ୍ୟାଳୟର ସାଂସ୍କୃତିକ ସଂଯୋଜକ ଅସୁସ୍ଥ ହୋଇପଡ଼ିଲେ । ଫଳରେ ପୂରା ବିଶ୍ୱବିଦ୍ୟାଳୟର ଟିମ୍ ହିଁ ଏହି କାର୍ଯ୍ୟକ୍ରମରୁ ବଞ୍ଚିତ ହୋଇଥିଲା । ପ୍ରାୟ ୨୭ ବର୍ଷ ତଳୁ ମନରେ ଥିଲା ଏକ ଅବସୋସ । ମୁଁ କୁରୁକ୍ଷେତ୍ର ଯାଇ ପାରିଲିନାହିଁ । ସେ କଥା ଯେବେ ବି ମନେପଡ଼େ ମନ ଦୁଃଖୀ ହୋଇଯାଏ । ମୁଁ ଅନ୍ୟମନସ୍କ ହୋଇଯାଏ ।

କୁରୁକ୍ଷେତ୍ର ହଁ...ସେହି କୁରୁକ୍ଷେତ୍ର ଯାହାକୁ ଶାସ୍ତ୍ର କହେ ଧର୍ମକ୍ଷେତ୍ର...କୃଷ୍ଣକ୍ଷେତ୍ର... ମହାଭାରତ କ୍ଷେତ୍ର...ଏ ଦେଶ ଇତିହାସର ସର୍ବଶ୍ରେଷ୍ଠ କ୍ଷେତ୍ର...କୁରୁକ୍ଷେତ୍ର । ଏଇଟା ସେହି କ୍ଷେତ୍ର, ଯେଉଁଠି ଅର୍ବୁଦ ଜନଙ୍କ ଆସ୍ଥାର ପ୍ରତୀକ- ଗୀତାର ଜନ୍ମ...ଯେଉଁଠି ସ୍ୱୟଂ ଶ୍ରୀକୃଷ୍ଣ ସାଜିଥିଲେ ପାର୍ଥସାରଥୀ...ଅର୍ଜୁନର ମୋହଭଙ୍ଗ କରିବାକୁ ଯାଇ ଆବିର୍ଭାବ ହେଲେ ସହସ୍ରଶୀର୍ଷ ପୁରୁଷ ବିଶ୍ୱ ରୂପ ନେଇ...ଯେଉଁଠି ମାଟି ଭିତରୁ ନିଜ ରଥଚକ୍ରକୁ ଉଠାଉ ଉଠାଉ ବୀରଗତି ପ୍ରାପ୍ତ ହେଲେ ଜ୍ୟେଷ୍ଠ କୌନ୍ତେୟ ଦାନବୀର କର୍ଣ୍ଣ । ଏଇଟା ସେହି କ୍ଷେତ୍ର...ଯେଉଁଠି ନିଜ ପୌତ୍ର ଧନଞ୍ଜୟର ଅବିରତ ଶରାଘାତ ପାଲଟିଗଲା ପିତାମହଙ୍କ ପାଇଁ ଶରଶଯ୍ୟା । ଯେଉଁଠି ଶ୍ରୀକୃଷ୍ଣ କହିଲେ, ପରାଜିତ ହେଲେ ବୀରଗତି ପ୍ରାପ୍ତି...ବିଜୟର ଟୀକା ପିନ୍ଧିଲେ କରିବ ମହୀଭୋଗ ।

"ହତୋବା ପ୍ରାପ୍ସ୍ୟସୀ ସ୍ୱର୍ଗଂ ଜିତ୍ୱାବା ଭୋକ୍ଷସେ ମହିଂ ।
ତସ୍ମାଦୁତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତ ନିଶ୍ଚୟ ।"

ଏଭଳି ଏକ କ୍ଷେତ୍ରର ମୋହ କେମିତି ବା ମୁଁ ଛାଡ଼ି ପାରନ୍ତି ମନରୁ ? ସେହି ଆକର୍ଷଣ, ଅବଚେତନରେ ଏହି କ୍ଷେତ୍ର ସହିତ ଯୋଡ଼ି ହୋଇଥିବା ଭାବଗତ ସଂପର୍କ ବୋଧହୁଏ ମୋତେ ଏଠାକୁ ଟାଣି ଆଣିଲା ଦୀର୍ଘ ୨୭ବର୍ଷ ପରେ । ସେତେବେଳେ ଛାତ୍ର ରୂପରେ କୁରୁକ୍ଷେତ୍ର ଆସିଥାନ୍ତି, ଏବେ କିନ୍ତୁ ଅଧ୍ୟାପକ ରୂପରେ ଛାତ୍ରଛାତ୍ରୀଙ୍କୁ ନେଇ ଯିବା ପାଇଁ କୁରୁକ୍ଷେତ୍ରକୁ କୁରୁକ୍ଷେତ୍ରରୁ ଡାକରା ପଠାଇଲେ ସ୍ୱୟଂ କ୍ଷେତ୍ରେଶ୍ୱର ଶ୍ରୀକୃଷ୍ଣ । ଚଣ୍ଡିଗଡ଼ରୁ କୁରୁକ୍ଷେତ୍ର ପାଖାପାଖି ଅଶୀ କିଲୋମିଟର । ବିଶେଷକରି ସ୍ନାତକୋତ୍ତର ଶ୍ରେଣୀର ପ୍ରାୟ ଷାଠିଏ ଜଣ ଛାତ୍ରଛାତ୍ରୀଙ୍କ ସମେତ ମୋ ସହିତ ଥାଆନ୍ତି ମୋ ସହକର୍ମୀ କାଶ୍ମୀରର ଡକ୍ଟର ରୋମିକା ଭଟ ଏବଂ ପଞ୍ଜାବର ନୀତିନ କୁମାର ।

ସୂର୍ଯ୍ୟୋଦୟ ବେଳକୁ ଆମେ ଘରୁ ବାହାରି ସାରିଥିଲୁ । ଏକ ନମ୍ବର ଜାତୀୟ ରାଜପଥରେ (ଗ୍ରାଣ୍ଡ ଟ୍ରଙ୍କ୍ ରୋଡ୍) କଡ଼େକଡ଼େ ଅନେକ ଢାବା ହୋଟେଲ୍ । ପଞ୍ଜାବର ଢାବା ସଂସ୍କୃତି ଏବେ ଦେଶର ପ୍ରାୟ ସବୁ ସ୍ଥାନରେ । କିନ୍ତୁ ଦଲ୍ଲୀରୁ ଚଣ୍ଡୀଗଡ଼ ଏବଂ ଆଗକୁ ଜାମ୍ମୁ ଓ କାଶ୍ମୀର ଯାଏଁ ସଂଯୋଗ କରୁଥିବା ଏହି ରାଜପଥରେ ଏମିତି ଅନେକ ଢାବା ମିଳିବ, ଯାହାକୁ ଦେଖିଲେ ମନେହେବ ଏହା କେଉଁ ଏକ ତାରକା ହୋଟେଲ୍ । ଖୁବ୍ ସଫାସୁତରା, ସ୍ୱାସ୍ଥ୍ୟକର ପରିବେଶରେ ବିଭିନ୍ନ ରକମର ଖାଦ୍ୟ ପରଷି ଦିଅନ୍ତି ଏମାନେ । ପରିଚାରକମାନଙ୍କ ପରିପାଟୀ ଓ ବ୍ୟବହାର ବେଶ୍ ମାର୍ଜିତ । ଛାତ୍ରଛାତ୍ରୀଙ୍କ ସହିତ ଆମେ ସମସ୍ତେ ଏମିତି ହିଁ ଏକ ଢାବାରେ ଗୋଟିଏ ଜୋରଦାର୍ ଜଳଖିଆ ଖାଇନେଲୁ । ଏମିତି ଖାଇଲୁ, ଯେମିତି ଯଦି ଦିନ ତମାମ ଆଉ କିଛି ଖାଇବାକୁ ନମିଳେ, ତାହେଲେ ବି ଚଳିବ । ଦିନ ପ୍ରାୟ ସାଢ଼େ ଦଶଟା ବେଳକୁ ଆମେ ପହଞ୍ଚିଲୁ ପିପିଲି ଛକ( ଓଡ଼ିଶାର ନୁହେଁ), କୁରୁକ୍ଷେତ୍ର ସହରର ଏହା ପ୍ରବେଶପଥ ।

ସେଥିପାଇଁ ଏହି ପିପିଲି ଛକରେ ହିଁ ତିଆରି ହୋଇଛି ଏକ ତୋରଣ, ଯାହାର ଉପରେ ନିର୍ମିତ ହୋଇଛି କୃଷ୍ଣାର୍ଜୁନ ରଥ । ଏହାକୁ ସ୍ଥାନୀୟ ଲୋକେ କହନ୍ତି ଗୀତାଦ୍ୱାର । ଏଠାରୁ

ପ୍ରାୟ ସାତ କିଲୋମିଟର ଭିତରକୁ ଗଲେ ଧର୍ମକ୍ଷେତ୍ର କୁରୁକ୍ଷେତ୍ର । ଆମ ବସ୍ ଯାଇ ପହଞ୍ଚିଲା କୁରୁକ୍ଷେତ୍ରର ପ୍ରଖ୍ୟାତ ବ୍ରହ୍ମସରୋବର ନିକଟରେ । ଏଇଠି ପ୍ରାୟ ସମସ୍ତ ଯାତ୍ରୀବାହୀ ବସ୍ ଆସି ଏକାଠି ହୁଅନ୍ତି । ତାପରେ, ସେଠାରୁ ସମସ୍ତ ଯାତ୍ରୀ ବିଭିନ୍ନ ଅଟୋରିକ୍ସା କିମ୍ବା ଇ-ରିକ୍ସା ସାହାଯ୍ୟରେ ସହରର ବିଭିନ୍ନ ତୀର୍ଥକ୍ଷେତ୍ର ଓ ପର୍ଯ୍ୟଟନ ସ୍ଥଳୀକୁ ବୁଲିଯାଆନ୍ତି ।

ଆମେ ସମସ୍ତେ ବସରୁ ଓହ୍ଲାଇ ପିଲାମାନଙ୍କୁ ନେଇ ପ୍ରଥମେ ସେହି ପାଖରେ ଥିବା ବ୍ରହ୍ମସରୋବର ଯାଇଥାନ୍ତୁ । କିନ୍ତୁ ବସ୍‌ରୁ ଓହ୍ଲାଇବା କ୍ଷଣି ବସ୍ ପଛ ପାଖରେ ଥିବା ଏକ ଛୋଟିଆ ମନ୍ଦିର ଉପରେ ମୋ ନଜର ପଡ଼ିଲା । ମୋ ଖୁସି କହିଲେ ନସରେ । ଲେଖାଥିଲା ଶ୍ରୀଜଗନ୍ନାଥ ମନ୍ଦିର । ବାଃ କି ସୌଭାଗ୍ୟ ମୋର ! କୃଷ୍ଣକ୍ଷେତ୍ର କୁରୁକ୍ଷେତ୍ରରେ ମୋତେ ପ୍ରଥମ ଦର୍ଶନ ପ୍ରଭୁ ଶ୍ରୀଜଗନ୍ନାଥ ଦେଲେ । ମୋ ସହଯୋଗୀ ଅଧ୍ୟାପକମାନଙ୍କୁ ପିଲାଙ୍କ ଦାୟିତ୍ୱ ଦେଇ ମୁଁ ସିଧା ଚାଲିଲି ଚକାନୟନଙ୍କ ଦର୍ଶନ ପାଇଁ । ପୁରୁଣାକାଳିଆ ଛୋଟିଆ ମନ୍ଦିରଟେ । ଗୋଟିଏ ବୁଲାଣି ରାସ୍ତାର ମାତ୍ର ଆଠ ଦଶମିଟର ଚଢ଼ିବା ପରେ ମନ୍ଦିର । ମନ୍ଦିର ଫାଟକ ବନ୍ଦ ଥିଲା । ମୁଁ ଯାଇ ଯେତେବେଳେ ସେହି ଫାଟକ ବାଡ଼େଇ ଉଚ୍ଚ ସ୍ୱରରେ ଡାକିଲି, ଗୋଟିଏ ଆଠ-ନଅ ବର୍ଷର ଝିଅ ଆସି ଫାଟକ ଖୋଲିଲା । ଆମ ଗାଁ ଗହଳିର ଗ୍ରାମଦେବତୀ ମନ୍ଦିର ଭଳି ଏହି ମନ୍ଦିରର ଆକୃତି । ପ୍ରାୟ କୋଡ଼ିଏ ଫୁଟ ଉଚ୍ଚ ହେବ । ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦେଖି ମୋ ମନ ଶାନ୍ତି ହୋଇଗଲା । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସମେତ ଏଇଠି ପୂଜା ପାଆନ୍ତି ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ।

ଝିଅଟିକୁ ପଚାରିଲି, କେହି କଣ ନାହାନ୍ତି ? ସେ କିଛି ଉତ୍ତର ଦେଲାନି । ତେବେ ତା ବାପା କିଶୋର ଚନ୍ଦ୍ର ବାବୁ ଏହି ମନ୍ଦିରର ପୂଜକ ବୋଲି ଜାଣି ପାରିଲି । ଉତ୍ତର ଭାରତୀୟ ଶୈଳୀରେ ନିର୍ମିତ ଏହି ମନ୍ଦିର ସପ୍ତଦଶ ଶତାବ୍ଦୀରୁ ଏଠାରେ ରହିଛି ଏବଂ ଅନେକଥର ଏହାର ଜୀର୍ଣ୍ଣୋଦ୍ଧାର କରାଯାଇଛି । ଏହି ମନ୍ଦିରର ପରିଚାଳନା ଦାୟିତ୍ୱ ରହିଛି ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ୍ ହାତରେ ।

ମନଖୁସିରେ ସେଠାରୁ ଚାଲିଲି ବ୍ରହ୍ମସରୋବର । ସେତେବେଳକୁ ମୋ ସହଯୋଗୀମାନେ ଛାତ୍ରଛାତ୍ରୀଙ୍କୁ ଏକାଠି କରି ସେମାନଙ୍କୁ ଏହି ଯାତ୍ରାରେ କଣ କଣ କାମ କରିବାକୁ ହେବ, ସେ ବାବଦରେ ବୁଝାଇ ସାରିଥାନ୍ତି । ବିଶ୍ୱବିଦ୍ୟାଳୟରୁ ଆମେ ସାଙ୍ଗରେ ଆଣିଥିବା କ୍ୟାମେରା ସବୁ ପିଲାଙ୍କ ଭିତରେ ବାଣ୍ଟି ଦିଆଗଲା । ସେମାନଙ୍କୁ କହି ଦିଆଗଲା, କୁରୁକ୍ଷେତ୍ରର କେଉଁ କେଉଁ ସ୍ଥାନ ବୁଲିବାକୁ ହେବ ଏବଂ ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ତା ଉପରେ କିଭଳି ରିପୋର୍ଟ ପ୍ରସ୍ତୁତ କରିବାକୁ ହେବ । କିଏ ଫଟୋଗ୍ରାଫି କରିବେ ଏବଂ କିଏ ଭିଡ଼ିଓଗ୍ରାଫି କରିବେ, ସେ ଦାୟିତ୍ୱ ବି ଦେଇଦିଆଗଲା । ସାମ୍ବାଦିକତା ଓ ଗଣଯୋଗାଯୋଗ ଛାତ୍ରଛାତ୍ରୀଙ୍କ ପାଇଁ ଏଭଳି ଯାତ୍ରା ଓ ରିପୋର୍ଟ ପ୍ରସ୍ତୁତି ପାଠ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଂଶ । ପିଲାମାନେ ବାହାରିଗଲେ । ତା ପରେ ଜାଣିବାକୁ ଚାହିଁଲି, କୁରୁକ୍ଷେତ୍ରର ଆକର୍ଷଣ କ'ଣ ?

## କୁରୁକ୍ଷେତ୍ର

ଆମ ପୁରାଣ, ଶାସ୍ତ୍ର ସବୁଠି ବର୍ଣ୍ଣନା ହୋଇଛି କୁରୁକ୍ଷେତ୍ର ସଂପର୍କରେ । ଗୀତାର ପ୍ରଥମ ଶ୍ଳୋକ:

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।
ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ୍ ସଞ୍ଜୟ ।

ଗୀତାର ପ୍ରାରମ୍ଭରୁ ହିଁ କୁରୁକ୍ଷେତ୍ରକୁ ଧର୍ମକ୍ଷେତ୍ର ରୂପେ ଅଭିହିତ କରାଯାଇଛି । କେବଳ ସେତିକି ନୁହେଁ, ମହାଭାରତ ଯୁଦ୍ଧର ଅନେକ ପୂର୍ବରୁ ଏ କ୍ଷେତ୍ରକୁ କୁରୁକ୍ଷେତ୍ର ବୋଲି କୁହାଯାଇଛି । ପାଣ୍ଡବ ଏବଂ କୌରବମାନଙ୍କ ପୂର୍ବଜ ରାଜା କୁରୁଙ୍କ ଏହା କର୍ମକ୍ଷେତ୍ର ଥିଲା । ତେଣୁ ତାଙ୍କରି ନାମ ଅନୁସାରେ ଏ କ୍ଷେତ୍ରର ନାମ କୁରୁକ୍ଷେତ୍ର ଏବଂ ତାଙ୍କ ବଂଶର ନାମ କୁରୁବଂଶ ହୋଇଥିଲା । ପବିତ୍ର ସରସ୍ୱତୀ ନଦୀ ଏବଂ ଦୃଷଦ୍ୱତୀ ନଦୀର ମଧ୍ୟ ଭାଗରେ ଅବସ୍ଥିତ ଥିଲା ଏହି କ୍ଷେତ୍ର । ଏହିଠାରେ ନିଜେ ରାଜା କୁରୁ ଭୂମିକର୍ଷଣ କରି ସମସ୍ତ ଦିବ୍ୟଗୁଣଙ୍କ ସଂରକ୍ଷଣ ପାଇଁ ପ୍ରୟାସ କରିଥିଲେ ବୋଲି ଜନଶ୍ରୁତି ଓ ଶାସ୍ତ୍ରମତ ରହିଛି । ଆଜି ସରସ୍ୱତୀ ଅନ୍ତଃସଲିଳା । କିନ୍ତୁ ଏ କ୍ଷେତ୍ରର ସମସ୍ତ ତୀର୍ଥରେ ସରସ୍ୱତୀର ଉପସ୍ଥିତିକୁ ଅନୁଭବ କରିହୁଏ । ପାଣ୍ଡବ ଓ କୌରବଙ୍କ ମଧ୍ୟରେ ମହାଭାରତ ଯୁଦ୍ଧ ହେବା ଯେତେବେଳେ ନିଶ୍ଚିତ ହୋଇଗଲା, ସେତେବେଳେ ଖୋଜା ପଡ଼ିଥିଲା ଏକ ବିଶାଳ ଭୂଖଣ୍ଡ । କାରଣ ଲକ୍ଷ ଲକ୍ଷ ସୈନିକ, ସେନାପତି, ଅଶ୍ୱ ଗଜ ବାହିନୀଙ୍କୁ ଏକାଠି ରଖିବା ଏବଂ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କଲା ଭଳି ସୁବିଧା ଅନ୍ୟ କେଉଁଠି ନଥିଲା । ସେଥିପାଇଁ କୁରୁବଂଶୀ





କୃଷ୍ଣ ଓ ଅର୍ଜୁନ ରଥ

ସେମାନଙ୍କ ପୈତୃକ ସ୍ଥାନକୁ ହିଁ ବାଛିଥିଲେ । ତା ସହିତ କୁହାଯାଏ, ମହାରାଜା କୁରୁଙ୍କୁ ସ୍ୱୟଂ ଭଗବାନ ବିଷ୍ଣୁ ଏକ ବରଦାନ ଦେଇଥିଲେ । ଏଠାରେ ଯେ କେହି ବି ପ୍ରାଣତ୍ୟାଗ କଲେ ତାଙ୍କୁ ବୈକୁଣ୍ଠ ପ୍ରାପ୍ତି ହେବ । ତେଣୁ ଏହି କ୍ଷେତ୍ରକୁ ରଣକ୍ଷେତ୍ରରେ ପରିଣତ କରି ଏଠାରେ ପ୍ରାଣ ହାରିବାର ଭୟ ନଥିଲା କାହାରି ।


୪୮ କୋଶ ବ୍ୟାପ୍ତ ଏହି କୁରୁକ୍ଷେତ୍ରକୁ ନେଇ ସ୍ଥାନୀୟ ଲୋକକଥା ଏବଂ କିମ୍ବଦନ୍ତୀ ସଂପର୍କରେ ସ୍ଥାନୀୟ ଗବେଷିକା ଡକ୍ଟର ଚଞ୍ଚଲ ସଚ୍ଚଦେବା କହନ୍ତି, ପାଣ୍ଡବ ଓ କୌରବଙ୍କ ଗୁପ୍ତଚରମାନେ ଯୁଦ୍ଧକ୍ଷେତ୍ରର ସନ୍ଧାନରେ ବୁଲୁଥିଲା ବେଳେ ଏହି ସ୍ଥାନରେ ପହଞ୍ଚିଥିଲେ । ସେହି ସମୟରେ କ୍ଷେତରେ ଚାଷ କରୁଥିବା ଜଣେ କୃଷକ ଦେଖିଲା, ତା କ୍ଷେତରୁ ହଠାତ୍ ମାଟି ଭିତରୁ ପାଣି ବହିବାରେ ଲାଗିଛି । ସେ ଯେତେ ମାଟି ପକାଇ ତାକୁ ବନ୍ଦ କରିବାକୁ ଚେଷ୍ଟାକଲେ ବି, ସେହି ପାଣି ବନ୍ଦ ହେଉନାହିଁ । ଅନେକ ପ୍ରୟାସ ପରେ ସେ ହଠାତ୍ ଦେଖିଲା ତା ପୁଅ କିଛି ଦୂରରେ ଖେଳୁଛି । ତାକୁ ଆଣି ସେ ତା ମୁଣ୍ଡ ଗଣ୍ଡି ଅଲଗା କରିଦେଲା ଏବଂ ଗଣ୍ଡିଟିକୁ ସେହି ପାଣି ବାହାରୁଥିବା ସ୍ଥାନରେ ପୋତିଦେଲା । ତା ପରେ ପାଣି ବନ୍ଦ । ଏହି ଦୃଶ୍ୟକୁ ସେହି ଗୁପ୍ତଚରମାନେ ଦେଖୁଥିଲେ । ସେମାନେ ପଚାରନ୍ତେ କୃଷକ କହିଲା, କିଛି ସମସ୍ୟା ନାହିଁ । ଏଇଟା କୁରୁକ୍ଷେତ୍ର । ମୁଁ ଜାଣିଛି, ଏଇଠି ଯାହାର ବି ମୃତ୍ୟୁ ହେବ, ସେ ବୈକୁଣ୍ଠ ପାଇବ । ତେଣୁ ମୋ ପୁଅ ବି ବୈକୁଣ୍ଠ ଯିବ । ଏହିକଥା ଜାଣିବା ପରେ, ସେମାନେ ତୁରନ୍ତ ଯାଇ କୁରୁସଭାରେ ଏହି ସମାଚାର ଦେଇଥିଲେ । ତାପରେ ଏଠାରେ ହିଁ ମହାଭାରତ ଯୁଦ୍ଧ ଲଢ଼ିବା ପାଇଁ ସ୍ଥିର ହୋଇଥିଲା । ମହାଭାରତ ଯୁଦ୍ଧରେ ରକ୍ତରଂଜିତ ହୋଇଥିଲା ଏହି ମାଟି । ସେଥିପାଇଁ ଲୋକେ କହନ୍ତି, ଆଜି ବି ମାଟି ଭିତରେ ରହିଛି ରକ୍ତ । ହରିୟାଣାର ପାନିପତରୁ ପଞ୍ଜାବର ପଟିଆଲା ପର୍ଯ୍ୟନ୍ତ ବ୍ୟାପ୍ତ ଏହି କୁରୁକ୍ଷେତ୍ର ଏବେ କେବଳ ଏକ ଆକର୍ଷଣୀୟ ଆଧୁନିକ ପର୍ଯ୍ୟଟନ ଓ ତୀର୍ଥକ୍ଷେତ୍ର ।

## ବ୍ରହ୍ମ ସରୋବର

କୁରୁକ୍ଷେତ୍ରର ଏକ ଭିନ୍ନ ଆକର୍ଷଣ ବ୍ରହ୍ମସରୋବର । ଆମେ ତିନି ଅଧ୍ୟାପକ ପ୍ରଥମେ ବ୍ରହ୍ମସରୋବର ବୁଲିଲୁ । କି ବିଚିତ୍ର ଆକର୍ଷଣ ଏ ସ୍ଥାନର । ଏହା ଏକ ପ୍ରାଚୀନ ବିଶାଳ ସରୋବର । ମଝିରେ ଗୋଟିଏ ଟାପୁ ବା ଦ୍ୱିପାଞ୍ଚଳ । ସ୍ଥାନୀୟ କୁରୁକ୍ଷେତ୍ର ବିକାଶ ପରିଷଦ ଏହାର ନବ ନିର୍ମାଣ କରିଛି । ଛତିଶ ଶହ ଫୁଟ ଲମ୍ବା ଏବଂ ବାରଶହ ଫୁଟ ଓସାରର ଏହି ସରୋବରକୁ ବ୍ରହ୍ମକ୍ଷେତ୍ର ବି କୁହାଯାଏ । ବର୍ଷତମାମ ଏଠାରେ ପନ୍ଦରଫୁଟ ଗଭୀରର ପାଣି ରହିଥାଏ । ଏହାକୁ ଭାଖଡ଼ା ନଙ୍ଗଲ୍ ଡ୍ୟାମ୍ ସହିତ ସଂଯୋଗ କରାଯାଇ ପାଣି ଯୋଗାଣର ବ୍ୟବସ୍ଥା କରାଯାଇଛି ।

ସରୋବରର ଚାରିପଟେ ଏକ ବିଶାଳ ପ୍ରାଚୀର । ସେହି ପ୍ରାଚୀରରେ ତୋରଣ ଭଳି ଅଙ୍କିତ ହୋଇଛି ଭାରତୀୟ ପୁରାଣ ଶାସ୍ତ୍ର ରାମାୟଣ ଓ ମହାଭାରତ




Aryan Lifesciences
Our Spirit Needs a Healthy Life...
We belive in
• Providing quality products
• Excellent service
• Prompt delivery time
• Competitive price
Aryan Life Sciences, Main Road, Opp. Auro Spinning mills, Vardhaman Chowk, Baddi, Dist- Solan, H.P., Pin- 173205
Mob: 09318032233, 09338932233 | E-mail: aaryanlifescience@gmail.com | Web: www.aryanlifesciences.in



ଭଳି ଗ୍ରନ୍ଥର ବିଭିନ୍ନ ଘଟଣାବଳୀର ଚିତ୍ର । ବର୍ଷ ତମାମ୍ ଦେଶର ବିଭିନ୍ନ ଭାଗରୁ ଯାତ୍ରୀମାନେ ଏଠାକୁ ଆସି ନିଜ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ସହିତ ସ୍ନାନ କରିଥାନ୍ତି । ବିଶେଷକରି ସୂର୍ଯ୍ୟୋପରାଗ ସମୟରେ ଏଠାରେ ଦେଶର ବିଭିନ୍ନ ଭାଗରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ । ବିଶ୍ୱାସ ରହିଛି, ସୂର୍ଯ୍ୟୋପରାଗ ସମୟରେ ଏଠାରେ ସ୍ନାନ କଲେ ସପ୍ତ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ହୁଏ । ସେଥିପାଇଁ ମହାଭାରତ ଯୁଦ୍ଧର ଢେର ପୂର୍ବରୁ ସ୍ୱୟଂ ଶ୍ରୀକୃଷ୍ଣ ନିଜ ପିତାମାତା ଓ ପରିବାର ନେଇ ଏଠାକୁ ସ୍ନାନ ପାଇଁ ଆସିଥିଲେ । ନିଜେ ପ୍ରଭୁ ରାମଚନ୍ଦ୍ର ଦେବୀ ସୀତାଙ୍କୁ ନେଇ ଏଠାରେ ସୂର୍ଯ୍ୟୋପରାଗ ସ୍ନାନ କରିଥିବା ଶାସ୍ତ୍ର ମତ ରହିଛି ।

ଏହି ସରୋବରର ମଧ୍ୟଭାଗରେ ରହିଛି ସର୍ବେଶ୍ୱର ମହାଦେବଙ୍କ ମନ୍ଦିର । ପଞ୍ଚ ଶିଖର ବିଶିଷ୍ଟ ଏହି ମନ୍ଦିର, ଏଠାକୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ପାଇଁ ଏକ ଆକର୍ଷଣ ।

ଏହି ମନ୍ଦିର ପାର୍ଶ୍ୱରେ ନିର୍ମିତ ଏକ ସେତୁ ପାର୍ ହେଲେ ରହିଛି ସେହି ଦ୍ୱୀପାଞ୍ଚଳ । ଯାହାକୁ କୁହାଯାଏ ପୁରୁଷୋତ୍ତମପୁରା । ବାମନ ପୁରାଣ ଅନୁସାରେ ଏଠାରେ ଏକ ବିଶାଳ ମନ୍ଦିର ଥିଲା ଏବଂ ଏହାକୁ ସ୍ୱୟଂ ବ୍ରହ୍ମା ସ୍ଥାପନ କରିଥିଲେ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ମୋଗଲ ଆକ୍ରମଣ ବେଳେ ଏହି ତୀର୍ଥ ଧ୍ୱଂସ ପାଇଛି । ବର୍ତ୍ତମାନ ଏଠାକାର ସବୁଠୁ ବଡ଼ ଆକର୍ଷଣ ହେଉଛି ବ୍ରୋଞ୍ଜ୍ ନିର୍ମିତ କୃଷ୍ଣାର୍ଜୁନ ରଥ । ଏକ ବିଶାଳ ରଥ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ । ପାର୍ଥ ଓ ପାର୍ଥସାରଥୀ ଏହି ବିଶାଳ ପ୍ରତିମା ଅତ୍ୟନ୍ତ ଜୀବନ୍ତ ହୋଇଉଠେ, ଯେତେବେଳେ କେହି ଜଣେ ମନେ ପକାଇଦିଏ ମହାଭାରତର ସେହି ମୁହୂର୍ତ୍ତ ସବୁକୁ ।

ବ୍ରହ୍ମ ସରୋବରର ଏହି ଦ୍ୱୀପାଞ୍ଚଳରେ ରହିଛି ଚନ୍ଦ୍ରକୂପ ବା ପାଣ୍ଡବ-ଦ୍ରୌପଦୀ କୂପ । କିମ୍ବଦନ୍ତୀ କହେ, ଏଠାରେ ହିଁ ଦୁଃଶାସନର ରକ୍ତରେ ନିଜ ମୁକ୍ତକେଶ ପ୍ରକ୍ଷାଳନ କରିବା ପରେ ପାଞ୍ଚାଳ କନ୍ୟା ଦ୍ରୌପଦୀ ସ୍ନାନ କରିଥିଲେ । ଏଠାରେ ସମ୍ରାଟ ଯୁଧିଷ୍ଠିର ଏକ ବିଜୟସ୍ତମ୍ଭ ସ୍ଥାପନ କରିଥିବା ବିଶ୍ୱାସ ରହିଛି । ତେବେ ସମୟ ସ୍ରୋତରେ ତାହା ବିଲୁପ୍ତ ହୋଇଛି । ଏହି ସ୍ଥାନରେ ଶ୍ୟାମଙ୍କୁ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରନ୍ତି । ଏହାର ପୂଜା ଦାୟିତ୍ୱ ମହିଳାମାନେ ନିର୍ବାହ କରନ୍ତି ।

ଏହି ଦ୍ୱୀପାଞ୍ଚଳରେ ରହିଛି ଏକ ବହୁ ପ୍ରାଚୀନ ବଟବୃକ୍ଷ । ଲୋକମାନେ କହନ୍ତି, ଏଇ ବଟବୃକ୍ଷ ମହାଭାରତ ଯୁଦ୍ଧର ମୂକସାକ୍ଷୀ । ଚାଲିଚାଲି ଥକି ପଡ଼ିଥିବା ପର୍ଯ୍ୟଟକମାନେ ତା ଛାଇରେ ଟିକିଏ ବିଶ୍ରାମ ନେଇଯାଆନ୍ତି । ଆମେ ବି ଟିକିଏ ବସି ପଡ଼ିଲୁ ତା ଛାଇରେ । ଓଃ କି ଶାନ୍ତି ! ଛୋଟ ଛୋଟ ପିଲାମାନେ ତା ଓହଳରେ ଆସି ଦୋଳି ଖେଳୁଥାନ୍ତି ।

## ସିଦ୍ଧପୀଠ ହନୁମାନ

ବ୍ରହ୍ମ ସରୋବରରୁ ବାହାରକୁ ଆସିଲୁ ଆମେ । ସେତେବେଳକୁ ଆମ ପଛରେ ପଡ଼ିଥାନ୍ତି ଦୁଇ ଜଣ ଅଟୋରିକ୍ସା ଚାଳକ । ଆମେ ଯଦି ସେମାନଙ୍କ ଅଟୋରେ କୁରୁକ୍ଷେତ୍ର ବୁଲିଦେବୁ, ତାହେଲେ ହୁଏତ ସେମାନଙ୍କୁ ଦି' ପଇସା ମିଳିଯିବ । ତେବେ ବ୍ରହ୍ମ ସରୋବରର ସାମ୍ନାରେ ହିଁ ରହିଛି ଏକ ପ୍ରାଚୀନ ହନୁମାନ ମନ୍ଦିର । ବାବା ବଜରଙ୍ଗବଲୀଙ୍କ ଦର୍ଶନ ବିନା କି ଆଗକୁ ବଢ଼ି ହେବ ! ମାତ୍ର କୋଡ଼ିଏ ପଚିଶ ପାହୁଣ୍ଡ ଦୂରରେ ଥିବା ଏହି ପ୍ରାଚୀନ ତୀର୍ଥର ବି ଦର୍ଶନ ହୋଇଗଲା । ମନ୍ଦିର ଭିତରେ ଫଟୋଗ୍ରାଫି ମନା । ତେଣୁ ବାହାରୁ ହିଁ ମନ୍ଦିରର ଫଟୋ ଉଠାଇ ହେବ ।

## ଗୀତାତୀର୍ଥ ଜ୍ୟୋତିସର

ତା ପରେ ମନ ଉତ୍କଣ୍ଠିତ ଥିଲା ସେହି ସ୍ଥାନରେ ପହଂଚିବା ପାଇଁ ଯେଉଁଠି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଜରିଆରେ ସମଗ୍ର ମାନବ ଜାତିକୁ ଗୀତାଜ୍ଞାନ ପ୍ରଦାନ କରିଥିଲେ । ବ୍ରହ୍ମସରୋବର ଠାରୁ ପାଖାପାଖି ସାତ କିଲୋମିଟର ଦୂରରେ ରହିଛି ଏହି ସ୍ଥାନ, ଯାହାର ନାଁ ଜ୍ୟୋତିସର । ସମୟ ପ୍ରାୟ ଦିନ ବାରଟା । ତେବେ ଶୀତଦିନ ହୋଇଥିବାରୁ ଖରା ଆଦୌ ବାଧୁନଥିଲା । ଜ୍ୟୋତିସର ପହଞ୍ଚିବା ପାଇଁ ସେହି ଅଟୋରିକ୍ସା ବାଲା ଦୁଇଜଣ ଆମର ସାରଥୀ ପାଲଟିଥିଲେ । ଆମ ସାଙ୍ଗରେ କିଛି ପିଲା ମିଶି ଯାଇଥିଲେ । ଗୀତାକ୍ଷେତ୍ର ଜ୍ୟୋତିସରରେ ପହଞ୍ଚିଲା ପରେ ଏକ ଅଦ୍ଭୁତ ଅନୁଭବ ଥିଲା ଭିତରେ । ଏଠାରେ ବି ରହିଛି ଏକ ସରୋବର । ଏହା ଗୀତାଜ୍ଞାନର ସରୋବର ଭାବେ ଅଭିହିତ । ତାରି କୂଳରେ ଗୋଟିଏ ବଟବୃକ୍ଷ ତଳେ ଗୀତା ଉପଦେଶ ତୀର୍ଥ । ଏହି ବଟବୃକ୍ଷକୁ ଅକ୍ଷୟ ବଟ ବୋଲି ବି କୁହାଯାଏ । ଏହି ବଟବୃକ୍ଷ ଗୀତା ଉପଦେଶର ମୂକସାକ୍ଷୀ



ଭାବରେ ବିବେଚନା କରାଯାଏ । କାଶ୍ମୀରର ମହାରାଜା ପ୍ରାୟ ଦେଢ଼ଶହ ବର୍ଷ ତଳେ ଏଠାରେ ଏକ ଶିବାଳୟ ନିର୍ମାଣ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଦରଭଙ୍ଗାର ମହାରାଜା ଏଠାରେ ମାର୍ବଲରେ କୃଷ୍ଣ ଓ ଅର୍ଜୁନଙ୍କ ରଥର ଏକ ଛୋଟିଆ ପ୍ରତିକୃତି ନିର୍ମାଣ କରାଇଥିବା କୁହାଯାଏ । କିଛି ଛାତ୍ରଛାତ୍ରୀଙ୍କ ସହିତ ଆମେ ବି ଏଠାକାର ସ୍ମୃତିକୁ ଚିରଦିନ ପାଇଁ କ୍ୟାମେରାରେ କଏଦ୍ କରିଦେଲୁ ।



### ପଞ୍ଚୁପାଣ୍ଡବ ମନ୍ଦିର ଓ ବାଣଗଙ୍ଗା

କୃଷ୍ଣ ଓ ଅର୍ଜୁନଙ୍କ ଏ କ୍ଷେତ୍ରକୁ ଦେଖିଲା ପରେ ମହାଭାରତର ମହାନାୟକ ପିତାମହ ଭୀଷ୍ମଙ୍କୁ ବା କେମିତି ଭୁଲି ହୁଅନ୍ତା । ଜ୍ୟୋତିସରରୁ ଆମେ ବାହାରି ପଡ଼ିଲୁ ବାଣଗଙ୍ଗା । ପିତାମହ ଭୀଷ୍ମଙ୍କୁ ଏହି ସ୍ଥାନରେ ଶରଶଯ୍ୟାରେ ଶୁଆଇ ଦେଇଥିଲେ ସବ୍ୟସାଚୀ । ତେବେ ଇଚ୍ଛାମୃତ୍ୟୁର ଅଧିକାରୀ ପିତାମହଙ୍କ ତୃଷା ନିବାରଣ ପାଇଁ ଅର୍ଜୁନ ନିଜର ଏକ ଶର ସହାୟତାରେ ଭୂମିଭେଦ କରି ଗଙ୍ଗାକୁ ଅବତରଣ କରାଇଥିଲେ । ନିଜେ ମାତା ଗଙ୍ଗା ପୁତ୍ର ଦେବବ୍ରତଙ୍କ ତୃଷା ନିବାରଣ କରିଥିଲେ । ସେଥିପାଇଁ ଏହି ସ୍ଥାନର ନାଁ ବାଣଗଙ୍ଗା । ଚାରିପଟୁ ବେଢ଼ି ହୋଇଥିବା ଏକ ଜଳାଶୟର ଉପରିଭାଗରେ ନିର୍ମାଣ ହୋଇଛି ଏକ ଅର୍ଜୁନ ଓ ଭୀଷ୍ମ ଶରଶଯ୍ୟାର ପ୍ରତିମୂର୍ତ୍ତି । ସେହି ଜଳାଶୟ ବାହାରେ ପ୍ରତିଷ୍ଠା ହୋଇଛି ପିତାମହ ଭୀଷ୍ମଙ୍କ ସମେତ ପଞ୍ଚୁପାଣ୍ଡବଙ୍କ ମନ୍ଦିର ।

### ସନ୍ନିହିତ ସରୋବର

କୁରୁକ୍ଷେତ୍ରରେ ବ୍ରହ୍ମ ସରୋବର ବ୍ରହ୍ମାଙ୍କ କ୍ଷେତ୍ର ହୋଇଥିଲା ବେଳେ ବିଷ୍ଣୁଙ୍କ କ୍ଷେତ୍ର ହେଉଛି ସନ୍ନିହିତ ସରୋବର । ବିଶ୍ୱାସ ରହିଛି ଯେ, ଏ ହେଉଛି ଏମିତି ଏକ କ୍ଷେତ୍ର ଯେଉଁଠି ସ୍ୱୟଂ ଅନ୍ତଃସଲିଳା ସରସ୍ୱତୀଙ୍କ ସମେତ ଭାରତ ବର୍ଷର ସମସ୍ତ ତୀର୍ଥର ଜଳ ଏକତ୍ର ହୋଇଛନ୍ତି । ତେଣୁ ଏହା ସନ୍ନିହିତ ତୀର୍ଥ । ଏଠାରେ ପ୍ରତ୍ୟେକ ଅମାବାସ୍ୟାରେ ତୀର୍ଥ ସମାଗମ ହୁଏ । ଏଇଠି ମୋତେ ମନେପଡ଼ି ଯାଉଥିଲା ଶ୍ରୀକ୍ଷେତ୍ରର ସ୍ୱର୍ଣ୍ଣକୂପ । ଯେଉଁଠୁ ସର୍ବତୀର୍ଥର ଜଳ ଆଣି ଶ୍ରୀଜୀଉମାନଙ୍କୁ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ କରାଯାଏ । ତେଣୁ ଶ୍ରଦ୍ଧାଳୁମାନେ କୁରୁକ୍ଷେତ୍ର ଆସିଲେ ଏଠାରେ ସ୍ନାନ କରିବା ସହିତ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ତର୍ପଣ କରନ୍ତି । ଏଠାକାର ମୁଖ୍ୟ ମନ୍ଦିରରେ ଚତୁର୍ଭୁଜ ନାରାୟଣ ଏବଂ ଭକ୍ତ ଧ୍ରୁବଙ୍କ ସୁନ୍ଦର ପ୍ରତିମା ରହିଛି । ଏହି ତୀର୍ଥର ସନ୍ନିକଟରେ ଲକ୍ଷ୍ମୀ ନାରାୟଣ ମନ୍ଦିର ବି ରହିଛି ।




### ସ୍ଥାଣ୍ୱୀଶ୍ୱର ମହାଦେବ

ବାଣଗଙ୍ଗା ଓ ସନ୍ନିହିତ ସରୋବର ପରେ ଆମେ ବାହାରି ପଡ଼ିଥିଲୁ କୁରୁକ୍ଷେତ୍ରର ଅଧିଷ୍ଠାତା ମହାଦେବ ସ୍ଥାଣ୍ୱୀଶ୍ୱରଙ୍କ ଦର୍ଶନ ପାଇଁ । ତେବେ ବାଟରେ ପଡ଼ିଥିଲା ସେକ୍ ଚିଲ୍ଲି ମକଓ୍ୱରା । ମୋଗଲ ଶାସନ କାଳରେ କୁରୁକ୍ଷେତ୍ର ଉପରେ ବି ଆକ୍ରମଣ ହୋଇଛି । ମୋଗଲଙ୍କ ଅଧୀନରେ ଏଠାକାର ଅନେକ ପୌରାଣିକ ଓ ଐତିହାସିକ କୀର୍ତ୍ତିରାଜି ନଷ୍ଟ ହୋଇଥିବା ବେଳେ ଏଠାରେ ବି ପ୍ରତିଷ୍ଠା ହୋଇଛି ଏକ ଦୁର୍ଗ । ତେବେ ମୋର ବନ୍ଧୁ ତଥା କୁରୁକ୍ଷେତ୍ର ସହରରେ ଜନ୍ମିତ ଗବେଷକ ଡକ୍ଟର ତ୍ରିଶୁ ଶର୍ମା ମୋତେ ବାରମ୍ବାର କହିଥିଲେ, କୁରୁକ୍ଷେତ୍ର ଯାଉଛନ୍ତି ମାନେ, ସ୍ଥାଣ୍ୱୀଶ୍ୱର ମହାଦେବ ଏବଂ ମାଆ ଭଦ୍ରକାଳୀଙ୍କ ଦର୍ଶନ ନିଶ୍ଚୟ କରିବେ । ତେଣୁ ବେଳ ଗଡ଼ି ଆସୁଥିଲା । ଆଉ ହାତରେ ସମୟ ନଥିଲା । ପିଲାମାନେ ସମସ୍ତେ ସେକ୍ ଚିଲ୍ଲି ମକଓ୍ୱରା ବୁଲିବାକୁ ଚାଲିଗଲେ । ମୁଁ ଓ ସହଯୋଗୀ ଡକ୍ଟର ରୋମିକାଙ୍କ ସହିତ କାଶ୍ମୀରର ଆଉ ଏକ ଛାତ୍ର ଗୌହର ଅଲ୍ଲୀ ଅତି ଉତ୍କଣ୍ଠିତ ହୋଇ ଆମ ସହିତ ଚାଲିଲା ସ୍ଥାଣ୍ୱୀଶ୍ୱର ମନ୍ଦିର । ମହାଦେବଙ୍କ ଅନେକ ନାମ ଭିତରୁ ଗୋଟିଏ ନାମ ହେଉଛି ସ୍ଥାଣୁ । ବିଶ୍ୱାସ ରହିଛି ଯେ, ନିଜେ ମହାଦେବ ହିଁ ଏହିଠାରେ ସ୍ଥାଣୁ ଲିଙ୍ଗଙ୍କୁ ପ୍ରତିଷ୍ଠା କରିଛନ୍ତି । ତେଣୁ ନିଷ୍କାମ ବା ସକାମ ଭାବ ନେଇ ଯେ କେହି ବି ଏଠାକୁ ଆସନ୍ତୁ ନା କାହିଁକି, ତାଙ୍କ ମନୋବାଞ୍ଛା ପୂରଣ ହୋଇଥାଏ । ଏମିତି ଏକ ସମୟରେ ଆମେ ସେଇଠି ପହଞ୍ଚିଥିଲୁ ଯେ, ସେଠାରେ ଭକ୍ତଙ୍କ ଭିଡ଼ ନଥିଲା । ସୌଭାଗ୍ୟ ଥିଲା ଆମର । ପୂଜକ ମହାଶୟ ଅତି ଶ୍ରଦ୍ଧାର ସହିତ ଆମେ ନେଇଥିବା ନୈବେଦ୍ୟ ଓ ବେଲପତ୍ରକୁ ଅର୍ପଣ କରାଇ ଆମ ଦ୍ୱାରା ହିଁ ଶିବାଭିଷେକ କରାଇଲେ । ଏକ ଅଦ୍ଭୁତ ଅନୁଭବ ଥିଲା ସ୍ଥାଣ୍ୱୀଶ୍ୱର ମହାଦେବଙ୍କ ପୀଠରେ । ମନ୍ଦିରଟି ଉଭୟ ହିନ୍ଦୁ ଓ ମୋଗଲ ନିର୍ମାଣ ଶୈଳୀରେ ନିର୍ମିତ ।



କାରଣ ମନ୍ଦିର ଉପରେ ରହିଛି ଏକ ବିରାଟ ଗମ୍ବୁଜ । ମନ୍ଦିର ସମ୍ମୁଖରେ ଏକ ଜଳାଶୟ । ତାରି ଭିତରେ ମହାଦେବଙ୍କ ଏକ ପ୍ରତିମା । ଭକ୍ତମାନେ ଏଠାରେ ସ୍ନାନ କରି ଶିବଦର୍ଶନ କରିପାରିବେ । ଲୋକକଥା ଅନୁସାରେ ମହାଭାରତ ଯୁଦ୍ଧ ପୂର୍ବରୁ ନିଜେ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ସାଙ୍ଗରେ ନେଇ ଏହିଠାରେ ମହାଦେବ ସ୍ଥାଣ୍ୱୀଶ୍ୱରଙ୍କୁ ପୂଜାର୍ଚ୍ଚନା ଓ ଅଭିଷେକ କରାଇଥିଲେ ।

## ଦେବୀକୂପ ଭଦ୍ରକାଳୀ

ସ୍ଥାଣ୍ୱୀଶ୍ୱର ମହାଦେବଙ୍କ ଦର୍ଶନ ପରେ ଆମ ପରବର୍ତ୍ତୀ ଗନ୍ତବ୍ୟ ସ୍ଥଳ ଥିଲା ଦେବୀକୂପ ମାତା ଭଦ୍ରକାଳୀ ପୀଠ । ଦେଶର ଏକାବନ ଶକ୍ତିପୀଠ ମଧ୍ୟରୁ ଏହା ଅନ୍ୟତମ ଶକ୍ତିପୀଠ । ବିଷ୍ଣୁ ଚକ୍ରରେ ଖଣ୍ଡବିଖଣ୍ଡିତ ଦେବୀ ସତୀଙ୍କ ଶରୀରର ଡାହାଣ ପାଦ ଓ ଏହାର ଉର୍ଦ୍ଧ୍ୱଦେଶ ଏଠାରେ ଭୂପତିତ ହେବାରୁ ଏଠାରେ ଦେବୀଙ୍କ ଆବିର୍ଭାବ । ମହାଭାରତର ଅନେକ ପୂର୍ବରୁ ଏଠାରେ ଦେବୀ ପ୍ରତିଷ୍ଠିତା । କୁରୁକ୍ଷେତ୍ରରେ ମାଆ ଭଦ୍ରକାଳୀ ଅଧିଷ୍ଠାତ୍ରୀ ଦେବୀ ହୋଇଥିଲା ବେଳେ ଏଠାକାର ଭୈରବ ହେଉଛନ୍ତି ମହାଦେବ ସ୍ଥାଣ୍ୱୀଶ୍ୱର । ଗର୍ଭଗୃହରେ ଦେବୀଙ୍କ ପ୍ରତିମା ପୂଜା ପାଉଛନ୍ତି ଏବଂ ସମ୍ମୁଖ ଭାଗରେ ରହିଛି ଏକ କୂପ । ତାରି ଉପରେ ଏକ ପଦ୍ମାକୃତିର ସ୍ଥାପତ୍ୟ ଉପରେ ଦେବୀଙ୍କ ଏକ ପାଦ ରହିଛି । ମନ୍ଦିର ଭିତରେ ଭକ୍ତମାନେ ନିଜ ମନୋକାମନା ନେଇ ନାଲି ସୂତା ବା ରୋଲି ବାନ୍ଧିଥାନ୍ତି । ଏକ ଅଖଣ୍ଡ ଦୀପରେ ତେଲ ଢାଳିଥାନ୍ତି । ମହାଭାରତ ଯୁଦ୍ଧ ପୂର୍ବରୁ ଏଠାରେ ପାଣ୍ଡବମାନେ ବିଜୟ କାମନା କରି ପୂଜାର୍ଚ୍ଚନା କରିଥିଲେ । ଯୁଦ୍ଧ ଜୟ କରିବା ପରେ ସେମାନେ ମାଆଙ୍କୁ ସୁବର୍ଣ୍ଣ ଘୋଡ଼ା ଅର୍ପଣ କରିଥିଲେ । ସେଥିପାଇଁ ଆଜି ବି ଭକ୍ତମାନେ ମନୋବାଞ୍ଛା ପୂରଣ ହେଲେ ଦେବୀଙ୍କ ନିକଟରେ ସୁନା, ଚାନ୍ଦି ବା ମାଟିର ଘୋଡ଼ା ଅର୍ପଣ କରିବା ପରମ୍ପରା ପ୍ରଚଳିତ ରହିଛି ।

## ଶ୍ରୀକୃଷ୍ଣ ସଂଗ୍ରହାଳୟ

ଦିନ ସରି ଆସୁଥାଏ । ଛାତ୍ରଛାତ୍ରୀଙ୍କୁ ନେଇ ଫେରିବାକୁ ହେବ । ତେଣୁ ଯେତେ ଶୀଘ୍ର ଆଉ ଅଧିକ ସ୍ଥାନ ବୁଲିହେବ, ସେଥିପାଇଁ ଲାଗି ପଡ଼ିଲୁ ଆମେ । ଅପରାହ୍ନ ଚାରିଟା ପୂର୍ବରୁ ଯଦି ଶ୍ରୀକୃଷ୍ଣ ସଂଗ୍ରହାଳୟରେ ପହଞ୍ଚିବେ, ତାହେଲେ ଦେଖି ପାରିବେ ମହାଭାରତ ଏବଂ ଶ୍ରୀକୃଷ୍ଣଙ୍କୁ ନେଇ କୁରୁକ୍ଷେତ୍ର ଓ ଏହାର ଆଖପାଖ ଅଞ୍ଚଳ ସମେତ, ଦେଶର ବିଭିନ୍ନ ଭାଗରୁ ସଂଗୃହୀତ ଅନେକ ସ୍ମାରକ ଓ କୀର୍ତ୍ତି । କୁରୁକ୍ଷେତ୍ର ଆସି ଯଦି କେହି ଶ୍ରୀକୃଷ୍ଣ ସଂଗ୍ରହାଳୟକୁ ଯାଇନି,ତାହେଲେ ତା ଯାତ୍ରା ଅସଂପୂର୍ଣ୍ଣ । ସଂଗ୍ରହାଳୟ ଭିତରେ ଫଟୋ ଉଠାଇବା ନିଷେଧ । କିନ୍ତୁ ଏଠାରେ ପ୍ରଦର୍ଶିତ ଲେଜର୍ ଶୋ ଏବଂ ବିଭିନ୍ନ ଗ୍ୟାଲେରୀ ଅତ୍ୟନ୍ତ ଆକର୍ଷଣୀୟ । ମହାଭାରତ ଏବଂ ଯୋଗୀରାଜ ଶ୍ରୀକୃଷ୍ଣଙ୍କ ସଂପର୍କରେ ଅନେକ କିଛି ଜାଣିବାକୁ ମିଳେ ଏଠାରେ । ସଂଗ୍ରହାଳୟ କାନ୍ଥରେ ଶ୍ରୀକୃଷ୍ଣ ଲୀଳାର ଅନେକ କାହାଣୀ କଳାକୃତି ଆକାରରେ ସ୍ଥାନିତ ହୋଇଛି । ଆଉ ତାର ସମ୍ମୁଖରେ ରହିଛି କଳା ଗ୍ରାନାଇଟ୍ ପଥରରେ ନିର୍ମିତ ଗୋକୁଳ ନନ୍ଦନ ଶ୍ରୀକୃଷ୍ଣଙ୍କ ଏକ ସୁନ୍ଦର ପ୍ରତିମା ।


## ବିଜ୍ଞାନ କେନ୍ଦ୍ର ଓ ପାନୋରମା (ଜୀବନ୍ତ ମହାଭାରତର ଅନୁଭୂତି)

ଶ୍ରୀକୃଷ୍ଣ ସଂଗ୍ରହାଳୟ ପାର୍ଶ୍ୱରେ ହିଁ ପ୍ରତିଷ୍ଠା ହୋଇଛି କୁରୁକ୍ଷେତ୍ର ବିଜ୍ଞାନ କେନ୍ଦ୍ର ଓ ପାନୋରମା । ଦେଶର ଅନ୍ୟ ଯେକୌଣସି ସ୍ଥାନରେ ବିଜ୍ଞାନ କେନ୍ଦ୍ର ଭଳି ଏଠାରେ ବି ବିଭିନ୍ନ ପ୍ରତ୍ନତାତ୍ତ୍ୱିକ ତଥା ବୈଜ୍ଞାନିକ ଜ୍ଞାନ ସମ୍ବନ୍ଧୀୟ ଗ୍ୟାଲେରୀ ପ୍ରସ୍ତୁତ ହୋଇଛି । ସେ ସବୁ ଦେଖି ସାରି ଆମେ ଫେରିଯିବାକୁ ବସିଥିଲା ବେଳେ ହଠାତ୍ ସେଠାକାର ସିକ୍ୟୁରିଟି ଗାର୍ଡ଼ ପଚାରିଲେ, "ଆପଣମାନେ ଉପର ମହଲାରେ ଥିବା ପାନୋରମା ଦେଖିଲେ ନା ନାହିଁ ?" ମତେ ଲାଗିଲା ସତେ ଯେମିତି ମୁଁ କିଛି ଗୋଟେ ଭୁଲିଗଲି । ଆମେ ପୁଣି ଉପର ମହଲକୁ ଚାଲିଲୁ । ସେଠାରେ ପହଞ୍ଚିଲା ପରେ ଆମ ଯାତ୍ରା ସାର୍ଥକ ହେଲା ଭଳି ଅନୁଭବ ହେଲା । କାରଣ ତାରି ଭିତରେ ୩୬୦ ଡିଗ୍ରୀରେ ପ୍ରସ୍ତୁତ ହୋଇଛି ଏକ ପାନୋରମା । ମହାଭାରତର ପ୍ରତିଟି କାହାଣୀ ଚିତ୍ରିତ ହୋଇଛି ସେଇଠି । ୩୬୦ ଡିଗ୍ରୀ ଆଖି ଘୁରାଇ ଆଣିଲା ପରେ ଅନୁଭବ ହେଉଥିଲା ସତେ ଯେମିତି ମୁଁ ଠିଆ ହୋଇଛି ମହାଭାରତର ଯୁଦ୍ଧଭୂଇଁ କୁରୁକ୍ଷେତ୍ରରେ । ଚାରିଆଡ଼େ କୁଢ଼ କୁଢ଼ ଶବ । ଶ୍ୱାନ ସ୍ୱାପଦଙ୍କ କିଳିକିଳା ରାବ । ଏହାକୁ ଆହୁରି ବଳିଷ୍ଠ ଓ ଜୀବନ୍ତ କରୁଥିଲା ସେଠାରେ ଚାଲିଥିବା ଅଡ଼ିଓ ସିଷ୍ଟମ୍ । ଯେଉଁଥିରେ ସଂଗୀତ ଓ ସଂଳାପ ପାନୋରମାର ସେ ଚିତ୍ର ସବୁକୁ ଜୀବନ୍ୟାସ ଦେଲା ଭଳି ଅନୁଭବ ହେଉଥିଲା ।



ସନ୍ଧ୍ୟା ହୋଇ ସାରିଥିଲା । ଆମେ ଫେରିବା ପାଇଁ ବାହାରିଲା ବେଳେ ମନେ ହେଉଥିଲା ସତେ ଯେମିତି, ଏ କୃଷ୍ଣକ୍ଷେତ୍ର କୁରୁକ୍ଷେତ୍ରରୁ ସାଉଁଟିବା ପାଇଁ ଆହୁରି ଅନେକ ମୋତି ରହିଗଲା । ସେହି ମାୟାଧର କୃଷ୍ଣଙ୍କୁ ଜାଣିବା ପାଇଁ ଯେତେ ଜିଜ୍ଞାସା ଥିଲା, ତାହା ଯେମିତି ଧୀରେ ଧୀରେ ଅନ୍ତହୀନ ହୋଇ ଯାଉଛି । ସେହି ଧର୍ମକ୍ଷେତ୍ରର ମାଟିକୁ ମୁଣ୍ଡରେ ମାରି ଫେରିଲା ବେଳେ ମନ କହୁଥିଲା, ପୁଣିଥରେ ଏ କ୍ଷେତ୍ରରେ ଆବିର୍ଭାବ ହୁଅନ୍ତେ କି ସେହି ଗୋପାଳକ କୃଷ୍ଣ ।

ହେ ଗୋପାଳକ ହେ କୃପାଜଳନିଧେ ହେ ସିନ୍ଧୁ କନ୍ୟାପତେ
ହେ କଂସାନ୍ତକ ହେ ଗଜେନ୍ଦ୍ର କରୁଣାପାରିଣ ହେ ମାଧବ ।
ହେ ରାମାନୁଜ ହେ ଜଗତ୍ରୟ ଗୁରୋ ହେ ପୁଣ୍ଡରିକାକ୍ଷମା ।
ହେ ଗୋପୀଜନନାଥ ପାଳୟ ପରଂ ଜାନାମି ନତ୍ୱଂ ବିନା ।




We Make

• Etching • Beveling • H-Polish • Designers Glass
• Colour Etching • Hi-Polish Etc. • Decorative Mirror







MIRROR HOUSE

Plot No.-19, Rebati Nagar, Near Odiani Dhaba, Cuttack-Puri N.H., Bi-pass Road,
Bhubaneswar - 751002, Mob.: 9861150065, 9040483341, Email: shankar198611@gmail.com

# ଭୂସ୍ୱ



# ର୍ଗର ଭାଷା



# ପୂର୍ବ-ୟୁରୋପର ଭୂସ୍ୱର୍ଗ: ତିବିଲିସି

**ଦାଶରଥି ଭୂୟାଁ**
ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର,
ବ୍ରହ୍ମପୁର-୭୬୦୦୦୭,
ଫୋନ: ୭୦୦୮୧୩୨୧୩୪

ଫଟୋ ସୌଜନ୍ୟ : ଲେଖକ



▶ ଲେଖକ ଦାଶରଥି ଭୂୟାଁ

ଦିଲ୍ଲୀରୁ ମସ୍କୋ ଏବଂ ମସ୍କୋରୁ ଜର୍ଜିଆର ରାଜଧାନୀ ତିବିଲିସିରେ ପହଂଚିବା ପର୍ଯ୍ୟନ୍ତ ଏକ ଅଜଣା ଭୟ ବାସ କରିଥିଲା ମୋ ମନରେ। ଦୀର୍ଘ ବିମାନ ଯାତ୍ରାର ଅଜଣା ଭୟର ପରିସମାପ୍ତି ଘଟାଇ ବିମାନ ଅବତରଣ କରିଥିଲା ଏକ ଅଜଣା ରାଇଜରେ। ଅବତରଣ କରିବାର ପୁଲକ ନିଜ ଭିତରେ ଅହେତୁକ ଉନ୍ମାଦନା ସୃଷ୍ଟି କରୁଥାଏ। ତିବିଲିସି ବିମାନ ବନ୍ଦରରେ ଓହ୍ଲାଇବା ମୁହୂର୍ତ୍ତରେ ଇମିଗ୍ରେସନ୍ ଅଫିସର୍ ନିଜ ଦେଶକୁ ସ୍ୱାଗତର ପ୍ରତୀକ ସ୍ୱରୂପ ଏକ ପାନୀୟ ବୋତଲ ହାତକୁ ବଢାଇ ଦେଇ ଅଭିନନ୍ଦନ ଜଣାଇଲେ। ବିମାନ ବନ୍ଦରରୁ ତିବିଲିସି ସହରକୁ ପ୍ରବେଶ କରିବା ମାତ୍ରେ ଦୃଷ୍ଟିଗୋଚର ହେଲା ଜର୍ଜିଆର ଏକ ଜାତୀୟ ଉତ୍ସବର କୋଳାହଳ। ସେଦିନ ଥାଏ ଜର୍ଜିଆର ସ୍ୱାଧୀନତା ଦିବସ। ନିଜର ଯାତ୍ରା ଜନିତ କ୍ଳାନ୍ତିକୁ ଭୁଲି ଆମେ ସାମିଲ ହୋଇଗଲୁ ସେଇ ଜାତୀୟ ଉତ୍ସବରେ।

ଆନନ୍ଦର ମାତ୍ରାକୁ କଳନା କରି ହେଉନଥାଏ। ଶିଶୁମାନଙ୍କ ଠାରୁ ଆରମ୍ଭ କରି ବୃଦ୍ଧମାନଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ୍ ଥିଲେ ସେଇ ଜାତୀୟ ଉତ୍ସବରେ। ଦେଶ ପ୍ରେମର ନବଉନ୍ମାଦନା ଓ ଉଦ୍ଦୀପନା ଦେଖିବାକୁ ମିଳିଲା ସେମାନଙ୍କ ମଧ୍ୟରେ।

ପିଲାଟି ଦିନରୁ ମାର୍କ୍ସବାଦ ପ୍ରତି ମୋର ପ୍ରବଳ ଆଗ୍ରହ ଥିଲା। ସ୍ୱାଧୀନ ଭାରତ ଓ ସୋଭିଏତ୍ ଋଷର ସଂପର୍କ ଥିଲା ନିବିଡ଼। ଏହି ସଂପର୍କର ନିଦର୍ଶନ ସ୍ୱରୂପ ବିଂଶ ଶତାବ୍ଦୀର ଅଶୀ ଦଶକ ପର୍ଯ୍ୟନ୍ତ ରେଡ଼ିଓ ମସ୍କୋରୁ ଓଡ଼ିଆ ଭାଷାରେ ବିଭିନ୍ନ କାର୍ଯ୍ୟକ୍ରମର ପ୍ରସାରଣ ସହିତ ମାର୍କ୍ସବାଦର ଅନେକ ପୁସ୍ତକ ଓଡ଼ିଆ ଭାଷାରେ ମୁଦ୍ରିତ ହୋଇ ସେଗୁଡ଼ିକ ଶସ୍ତାରେ ବିତରଣ ହେଉଥିଲା। ଛାତ୍ର ଜୀବନରେ ମୁଁ ରେଡ଼ିଓ ମସ୍କୋର ଜଣେ ନିୟମିତ ଶ୍ରୋତା ଥିଲି। ପତ୍ର ମାଧ୍ୟମରେ ରେଡ଼ିଓ ମସ୍କୋ ସହିତ ଯୋଗାଯୋଗ ରକ୍ଷା କରୁଥିଲି। ରେଡ଼ିଓ ମସ୍କୋରୁ ପତ୍ର ପାଉଥିଲି। ଅତୀତର ସେଇ ସ୍ମୃତିକୁ ମନେ ପକାଇ ମୋର ସ୍ୱପ୍ନର ଦେଶ ସୋଭିଏତ୍ ଋଷରେ ନିଜର ଉପସ୍ଥିତିକୁ ନେଇ ନିଜକୁ ନିଜେ ଗୌରବ ଅନୁଭବ କଲି।

ପୂର୍ବ-ୟୁରୋପୀୟ ଦେଶ ଜର୍ଜିଆର ରାଜଧାନୀ ତିବିଲିସି ସହର କୁରା ନଦୀ କୂଳରେ ଅବସ୍ଥିତ। ୟୁରୋପ ଏବଂ ଏସିଆ ମହାଦେଶର ପ୍ରବେଶ ପଥ ପୁରାତନ ସିଲ୍କ୍ ରୋଡ଼ରେ ଅବସ୍ଥିତ କାରଣରୁ ଜର୍ଜିଆ ବିଭିନ୍ନ ବିଶ୍ୱ ଶକ୍ତି ମଧ୍ୟରେ ବିବାଦର କାରଣ ପାଲଟିଥିଲା। ୧୯୨୧ ମସିହାରେ ସୋଭିଏତ୍ ଋଷ ଦ୍ୱାରା ଏହା ଅଧିକୃତ ହୋଇ ୧୯୯୧ ପର୍ଯ୍ୟନ୍ତ ଏହାର ଗୋଟିଏ ଶାସନ ଏକକ ଥିଲା। ସୋଭିଏତ୍ ଶାସନ କାଳରେ ତିବିଲିସି ସହର ଅଧିକ ଶିଳ୍ପାୟନ ହୋଇ ସୋଭିଏତ୍ ଋଷର ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ପାଲଟିଥିଲା। ଯଦିଓ ସୋଭିଏତ୍ ରୁଷର ସମାଜବାଦୀ ଆଦର୍ଶକୁ ସୁରକ୍ଷା ଦେବାକୁ ମିଖାଇଲ ଗୋର୍ବାଚେଭୋ ପ୍ରତିଶ୍ରୁତିବଦ୍ଧ ଥିଲେ, କିନ୍ତୁ ୧୯୮୬ ମସିହାର ଚେର୍ନୋବିଲ୍ ଆଣବିକ କେନ୍ଦ୍ରର ବିପର୍ଯ୍ୟୟ ପରେ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆବଶ୍ୟକତାକୁ ସେ ଅନୁଭବ କରିଥିଲେ। ରୁଷର କେନ୍ଦ୍ରୀଭୂତ ଯୋଜନା ଦେଶର ପ୍ରଗତି ଆଣିବାରେ ବିଫଳ ହୋଇଥିଲା। ନାଗରିକ ମାନେ ସାମ୍ୟବାଦ ଶାସନ ମଧ୍ୟରେ ନିଜକୁ ଅସହାୟ ମନେ କରୁଥିଲେ। ଦେଶର ଅର୍ଥନୀତି ଓ ସାମାଜିକ ସମସ୍ୟାର ସୁଧାର ପାଇଁ ସେ ଗ୍ଲାସନୋସ୍ତ ଓ ପେରୋସ୍ତ୍ରୋଇକା ଆରମ୍ଭ କଲେ। ସେ ସୋଭିଏତ୍ ରୁଷକୁ ମୁକ୍ତ ବଜାର ଗଣତନ୍ତ୍ରରେ ପରିଣତ କରିବା ପାଇଁ ଚାହୁଁଥିଲେ। ବିଶ୍ୱର ଏକ ଉଦାରବାଦୀ ନେତା ହିସାବରେ ତାହାଙ୍କ ଖ୍ୟାତି ବଢ଼ିଲା। ତାଙ୍କୁ ୧୯୯୦ ମସିହାରେ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଗ୍ଲାସନୋସ୍ତ ଦ୍ୱାରା ଗଣମାଧ୍ୟମର ସ୍ୱାଧୀନତା, ବାକ୍ ସ୍ୱାଧୀନତା ଏବଂ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ବା ସେନସରସିପ୍ କୋହଳ ହେଲା ପରେ ମିଡ଼ିଆ ଉପରୁ କମ୍ୟୁନିଷ୍ଟ ପାର୍ଟି ନିଜର ନିୟନ୍ତ୍ରଣ ହରାଇ ବସିଲା। ଏହାଦ୍ୱାରା ପଶ୍ଚିମ ଦେଶର ମିଡ଼ିଆ ସୋଭିଏତ୍ ରୁଷର ଦେଖାଦେଇଥିବା ଖାଦ୍ୟାଭାବ, ଭୋଡ଼କାର ଅବାଧ କାରବାର, ମହିଳାଙ୍କ ଦୟନୀୟ ସ୍ଥିତିକୁ ନେଇ ପ୍ରଚାର କରିବାକୁ ଲାଗିଲେ।

ମିଖାଇଲ ଗୋର୍ବାଚେଭ୍‌ଙ୍କ ରାଜନୈତିକ ଓ ଅର୍ଥନୈତିକ ସଂସ୍କାରକୁ ସମର୍ଥନକରି ସବୁ କମ୍ୟୁନିଷ୍ଟ ରାଷ୍ଟ୍ର ମାନଙ୍କରେ ପ୍ରଦର୍ଶନ ଓ ଧର୍ମଘଟ ଆରମ୍ଭ ହେବାକୁ ଲାଗିଲା। ଗଣତନ୍ତ୍ର ପ୍ରତିଷ୍ଠା, ବ୍ୟକ୍ତି ସ୍ୱାଧୀନତା ଓ ମାନବିକ ଅଧିକାର ସୁରକ୍ଷା ନାମରେ ଚଳାଇଥିବା ଆନ୍ଦୋଳନରେ ସେମାନେ ସଫଳ ହେଲେ। ବଜାର ଅର୍ଥନୀତି ଓ ଜଗତୀକରଣକୁ ଗ୍ରହଣ କରିବାକୁ ସେମାନେ ଆଗ୍ରହୀ ହେଲେ। ପଶ୍ଚିମ ୟୁରୋପ ଦେଶ ମାନଙ୍କର ଚାକଚକ୍ୟ ଭରା ଆଧୁନିକ ଜୀବନଶୈଳୀ, ସେମାନଙ୍କ ବ୍ୟକ୍ତିଗତ ସ୍ୱତନ୍ତ୍ରତା, ବ୍ୟକ୍ତି ଅଧିକାର କମ୍ୟୁନିଷ୍ଟ ଦେଶର ଲୋକମାନଙ୍କୁ ଆକୃଷ୍ଟ କରିଥିଲା। ସୋଭିଏତ୍ ରୁଷରେ ନାନାବିଧ ସମସ୍ୟା ସତ୍ତ୍ୱେ ମିଖାଇଲ୍ ଗୋର୍ବାଚେଭ୍ ସୋଭିଏତ୍ ୟୁନିଅନ୍ ସହିତ ଭାରତର ବନ୍ଧୁତାକୁ ମଜବୁତ କରିଥଲେ। ୧୯୯୬ ମସିହାରେ ସେ ଚାରି ଦିନିଆ

ଗସ୍ତରେ ଭାରତ ଆସିଥିଲେ । ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସହିତ ପ୍ରତିରକ୍ଷା ସମ୍ପର୍କିତ ଆଲୋଚନା କରିଥଲେ । ସେତିକି ବେଳକୁ ସେ ଆମେରିକା ସହିତ ରେକଜାଭିକ୍ ଠାରେ ଅସ୍ତ୍ରନିରୋଧ ସମ୍ପର୍କିତ ଆଲୋଚନା ଆରମ୍ଭ କରିସାରିଥିଲେ । ୧୯୮୮ ମସିହା ଡିସେମ୍ବର ୧୫ ତାରିଖରେ ଭାରତରେ ଚାଲିଥିବା ରୁଷ ଉତ୍ସବରେ ଯୋଗଦେବା ପାଇଁ ସେ ଭାରତକୁ ଦ୍ୱିତୀୟ ଥର ପାଇଁ ଆସିଥିଲେ । ପୂର୍ବ-ୟୁରୋପୀୟ ଦେଶମାନଙ୍କରେ ଏବଂ ସୋଭିଏତ୍ ରୁଷର ଗଣରାଜ୍ୟ ମାନଙ୍କରେ କମ୍ୟୁନିଷ୍ଟ ଶାସନ ବିରୋଧରେ ବିଦ୍ରୋହର ସ୍ୱର ସେତେବେଳକୁ ଚରମ ସୀମାରେ ପହଂଚି ସାରିଥିଲା । ମାନସିକ ଅବସାଦ ଥିବାରୁ ସେ ସାମ୍ବାଦିକ ସମ୍ମିଳନୀରେ ଯୋଗଦେବା ପାଇଁ ମନା କରିଦେଇଥିଲେ । ୧୯୮୬ ମସିହାର ଭାରତ ଗସ୍ତ ସମୟରେ ତାଙ୍କ ସହିତ ୧୧୦ ଜଣ ରୁଷ ଅଧିକାରୀ ଆସିଥିବା ବେଳେ ୧୯୮୮ ମସିହାରେ ମାତ୍ର ଅଳ୍ପ କେତେଜଣ ବଛା-ବଛା ଅଧିକାରୀ ଆସିଥିଲେ । ଗୋର୍ବାଚେଭ ହୃଦୟଙ୍ଗମ କରିଥିଲେ ଯେ ସୋଭିଏତ୍ ୟୁନିଅନ୍ ଉଭୟ ସାମରିକ ତଥା ଆର୍ଥିକ ଦୃଷ୍ଟିରୁ ପାଶ୍ଚାତ୍ୟ ଦେଶମାନଙ୍କ ଠାରୁ ନିକୃଷ୍ଟ ଥିଲା । ତେଣୁ ଏହାକୁ ହୃଦୟଙ୍ଗମ କରି ସେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ । 'ବ୍ରେଜନେଭ ଡକ୍ଟ୍ରିନଟ' ଅନୁସାରେ କୌଣସି କମ୍ୟୁନିଷ୍ଟ ରାଷ୍ଟ୍ର ସାମ୍ୟବାଦକୁ ତ୍ୟାଗ କରିପାରିବ ନାହିଁ । କିନ୍ତୁ ସେ 'ବ୍ରେଜନେଭ ଡକ୍ଟ୍ରିନ୍'କୁ ପ୍ରତ୍ୟାଖାନ କରିଥିଲେ । ୧୯୮୮ ମସିହା ଡିସେମ୍ବର ମାସ ୭ ତାରିଖରେ ମିଳିତ ଜାତିସଂଘର ସାଧାରଣ ସଭାରେ ଗୋର୍ବାଚେଭ୍ ତାଙ୍କ ଅଭିଭାଷଣରେ ପୂର୍ବ ୟୁରୋପର ରାଷ୍ଟ୍ର ମାନଙ୍କୁ ସ୍ପଷ୍ଟ ବାର୍ତ୍ତା ଦେଇ କହିଲେ ଯେ, ସୋଭିଏତ୍ ହସ୍ତକ୍ଷେପକୁ ଭୟ ନକରି ସେମାନେ ସେମାନଙ୍କର ରାଜନୀତିକ ବ୍ୟବସ୍ଥାରେ ପରିବର୍ତ୍ତନ କରିପାରିବେ । ଉକ୍ତ ଭାଷଣରେ ସେ ଆହୁରି ସ୍ପଷ୍ଟ କରିଥିଲେ ଯେ ୱାର୍ସ ଚୁକ୍ତି ସହଯୋଗୀ ଅଂଚଳରୁ ସୋଭିଏତ ରୁଷ ତାହାର ସୈନ୍ୟ ପ୍ରତ୍ୟାହାର କରିବ । ମଧ୍ୟ ଏବଂ ପୂର୍ବ ୟୁରୋପରେ କମ୍ୟୁନିଷ୍ଟ ଶାସନଗୁଡିକର ପତନ ଆଣି ସେ ଶୀତଳ ଯୁଦ୍ଧର ସମାପ୍ତି ଘଟାଇବାକୁ ଚାହୁଁଥିବା ତାଙ୍କ ବାର୍ତ୍ତାରୁ ସ୍ପଷ୍ଟ ହୋଇଥିଲା । ଏହି ବାର୍ତ୍ତା ୟୁରୋପର ଅନେକ ରାଷ୍ଟ୍ରରେ କମ୍ୟୁନିଷ୍ଟ ବିରୋଧୀ ଆନ୍ଦୋଳନକୁ ଜନ୍ମ ଦେଇଥିଲା । ୧୯୮୯-୯୦ ମସିହା ମଧ୍ୟରେ ପୂର୍ବ ୟୁରୋପର ବିଭିନ୍ନ ଦେଶ ମାନଙ୍କରେ କମ୍ୟୁନିଷ୍ଟ ଶାସନ ବିରୋଧରେ ଦେଖା ଦେଇଥିବା ଆନ୍ଦୋଳନରେ ହସ୍ତକ୍ଷେପ କରିବାକୁ ସେ ମନା କରିଦେଇଥିଲେ । ୧୯୮୯ ମସିହାରେ ବର୍ଲିନ ପ୍ରାଚୀରର ପତନ କମ୍ୟୁନିଷ୍ଟମାନଙ୍କ ପତନକୁ ଆହୁରି ତ୍ୱରାନ୍ୱିତ କଲା । ଏହି ଦିଗରେ ଆମେରିକା ଗୋଷ୍ଠୀ ସେମାନଙ୍କୁ ସମର୍ଥନ କଲା । ଆବଶ୍ୟକ ପଡିଲେ ସେମାନେ ଆମେରିକାରୁ ସାହାଯ୍ୟ ପାଇବେ ବୋଲି କୁହାଗଲା । ପୋଲାଣ୍ଡ, ହଙ୍ଗେରୀ, ରୋମାନିଆ, ଚେକୋସ୍ଲୋଭାକିଆ, ପୂର୍ବ ଜର୍ମାନୀ ଆଦି ରାଷ୍ଟ୍ର ମାନଙ୍କରେ ସାମ୍ୟବାଦ ଶାସନ ଭୁଶୁଡି ପଡିଥିଲା । ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ ରେଗାନ ଓ ମିଖାଇଲ ଗୋର୍ବାଚେଭଙ୍କ ମଧ୍ୟରେ କ୍ଷେପଣାସ୍ତ୍ର ଓ ମାରଣାସ୍ତ୍ର ନଷ୍ଟ କରିବା ପାଇଁ ଷ୍ଟାର୍ଟ ଚୁକ୍ତି ହେଲା । ୧୯୮୯ ମସିହାରେ ଗୋର୍ବାଚେଭ ଆଫଗାନିସ୍ତାନରୁ ନିଜର ସୈନ୍ୟଙ୍କୁ ହଟାଇବା ପ୍ରକ୍ରିୟା ଶେଷ କଲେ । ଫଳରେ ଶୀତଳ ଯୁଦ୍ଧର ଅବସାନ ପାଇଁ ରାସ୍ତା ଖୋଲିଲା । କମ୍ୟୁନିଷ୍ଟ ଦେଶମାନଙ୍କ ଦ୍ୱାରା ପ୍ରତିଷ୍ଠିତ ୱାର୍ସ ସନ୍ଧିର ସମାପ୍ତି ଘଟିଲା ।

୧୯୯୧ ମସିହାରେ ସୋଭିଏତ୍ ରୁଷର ସମସ୍ତ ଗଣରାଜ୍ୟ ନିଜ ନିଜକୁ ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କଲେ । ଫଳସ୍ୱରୂପ ସୋଭିଏତ ସଂଘରୁ ଅଲଗା ହୋଇଥିବା ୧୫ଟି ଗଣରାଜ୍ୟ ସ୍ୱାଧୀନ ଓ ସାର୍ବଭୌମତ୍ୱ ରାଷ୍ଟ୍ର ଭାବେ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଲେ । ଜର୍ଜିଆ ନିଜକୁ ସ୍ୱାଧୀନ ଘୋଷଣା କଲା ପରେ ମଧ୍ୟ ଏହାର ରାଜଧାନୀ ତିବିଲିସି ସହରରେ ଅସ୍ଥିରତା ଓ ଅଶାନ୍ତି ଲାଗି ରହିଥିଲା । ଗୋଲପ ବିପ୍ଳବ ନାମରେ ୧୯୯୧ ରୁ ୧୯୯୨ ପର୍ଯ୍ୟନ୍ତ ଗୃହଯୁଦ୍ଧ ଲାଗି ରହିଥିଲା । ମିଖାଏଲ ଗୋର୍ବାଚେଭ୍ଙ୍କ ସରକାରରେ ବୈଦେଶିକ ମନ୍ତ୍ରୀ ରହିଥିବା ଏଡ୍ୱାର୍ଡ ସେଭର୍ଡନାଜଦେଙ୍କ ସରକାରର ଗାଦିଚ୍ୟୁତ ପରେ ଜର୍ଜିଆ ବାସ୍ତବ ସ୍ୱାଧୀନତା ହାସଲ କରିଥିଲା ।

ଇଭାନେ ଜାଭାସ୍କାଭିଲି ରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ କର୍ଯ୍ୟସମ୍ପାଦନ କରି ମୁଁ ମୋର ରହଣୀ ସ୍ଥାନ ଗୋଟିଏ ଲଜ୍କୁ ଫେରି ଦେଖିଲି ସେଠାରେ କେତେଜଣ ଛାତ୍ର ଏକତ୍ରିତ ହୋଇଛନ୍ତି । ଭାବିଲି ସେମାନେ ମୋତେ ଭେଟିବାକୁ ଆସିଛନ୍ତି । କିନ୍ତୁ ପରେ ସେମାନଙ୍କ କର୍ଯ୍ୟରୁ ଜାଣିବାକୁ ପାଇଲି ଯେ ସେମାନେ ବିଶ୍ୱବିଦ୍ୟାଳୟର ଅଧ୍ୟୟନ ସହିତ ନିଜ ନିଜର ପଢା ଖର୍ଚ୍ଚ ପାଇଁ ସେଇ ଲଜ୍ରେ ପାର୍ଟ ଟାଇମ୍ କାର୍ଯ୍ୟରତ ଅଛନ୍ତି । ସେମାନଙ୍କୁ ଧନ୍ୟବାଦ ନଜଣାଇ ରହିପାରିଲି ନାହିଁ ।



ଇଭାନେ ଜାଭାସ୍କାଭିଲି ରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟ ହେଉଛି କାଉକସ୍ ଅଂଚଳର ସର୍ବପୁରାତନ ବିଶ୍ୱବିଦ୍ୟାଳୟ । ଏହା ୧୯୧୮ ମସିହା ଫେବୃୟାରୀ ମାସ ୮ ତାରିଖରେ ପ୍ରତିଷ୍ଠିତ ହୋଇଥିଲା । ଏହାର ପ୍ରତିଷ୍ଠାତା ଜର୍ଜିଆର ଜଣେ ଇତିହାସକାର ଏବଂ ଶିକ୍ଷାବିତ୍ ଇଭାନେ ଜାଭାସ୍କାଭିଲି ଥିଲେ । ବିଶ୍ୱବିଦ୍ୟାୟଳଟି ତାଙ୍କ ନାମରେ ନାମିତ ହୋଇଛି । ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଅଧିବେଶନ ମଧ୍ୟରେ ତିବିଲିସର ଜଣେ ବରିଷ୍ଠ ନାଗରିକ ସହ ମୋର କଥୋପକଥନ ହେଲା । ତାଙ୍କର ଭାରତ ବିଷୟରେ ଥିବା ଜ୍ଞାନକୁ ମୁଁ ଆବିଷ୍କାର କଲି । ତାଙ୍କ ଠାରୁ ଶୁଣିଲି–



ଜର୍ଜିଆର ଜଣେ ମହିଳା ଭାରତର ମୁଗଲ ସାମ୍ରାଜ୍ୟର ମାହାରାଣୀ ଥିଲେ । ତାଙ୍କର ଅନ୍ୟ ଏକ ଅଭିଯୋଗ ଥିଲା ଯେ ଭାରତର ପଂଜାବୀ କୃଷକମାନେ ଜର୍ଜିଆରେ ହଜାର ହଜାର ଏକର ଶସ୍ତା ଜମି କିଣି ସ୍ଥାନୀୟ ଲୋକଙ୍କର କ୍ରୋଧର ଶୀକାର ହୋଇଛନ୍ତି । ସେ ଅନ୍ୟ ଏକ ଅଭିଯୋଗ କରି କହିଥିଲେ ଯେ ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ ଜର୍ଜିଆ ସରକାର ଭାରତୀୟଙ୍କୁ ଅନୁମତି ଦେବା ଅନୁଚିତ । ଏହା ତାଙ୍କର ଭାରତ ବିରୋଧୀ ମନୋଭାବ ଏବଂ ଜାତୀୟତାବାଦର ସ୍ପଷ୍ଟ ପ୍ରତିଫଳନ ଥିଲା ।

ତିବିଲିସ ସହର ଏବଂ ଏହାର ଆଖପାଖ ଅଂଚଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଓ ଭ୍ରମଣ ସ୍ଥାନ ରହିଛି । ଜର୍ଜିଆର ସଂସଦ ଭବନ, ସରକାରୀ ଅଟ୍ଟାଳିକା, ତିବିଲିସି ସର୍କସ, ଶାନ୍ତି ପୋଲ ଓ ରାଷ୍ଟ୍ରୀୟ ସଂଗ୍ରହାଳୟ ଏମାନଙ୍କ ମଧ୍ୟରେ ପ୍ରମୁଖ । ତିବିଲିସିର ଐତିହାସିକ ସ୍ଥାନ ମଧ୍ୟରୁ ସବୁଠାରୁ ଉଲ୍ଲେଖନୀୟ ହେଉଛି ନାରିକାଲା ଦୁର୍ଗ । ନାରିକାଲା ଦୁର୍ଗ ହେଉଛି ପୁରୁଣା ତିବିଲିସି ସହରର କୁରା ନଦୀ କୂଳରେ ଅବସ୍ଥିତ । ଦୁର୍ଗଟି ପାହାଡ ଉପରେ ଦୁଇଟି ବିରାଟ ପାଚେରିକୁ ଘେରି ରହିଛି ।

ଦୁର୍ଗରୁ ଫେରିବା ବାଟରେ ଫ୍ରିଡମ୍ ସ୍କୋୟାର୍ ପଡ଼େ । ଫ୍ରିଡମ୍ ସ୍କୋୟାର୍ ହେଉଛି ବିଭିନ୍ନ ରାଜନୈତିକ କାର୍ଯ୍ୟକଳାପ, ବିପ୍ଳବ ଓ ପ୍ରଦର୍ଶନର ଏକ ଐତିହାସିକ ସ୍ଥାନ । ଏହା ହେଉଛି ଜର୍ଜିଆ ଜାତିର ସ୍ୱାଧୀନତା ପାଇଁ ଉତ୍ସର୍ଗୀକୃତ ସ୍ମାରକୀ । ଜର୍ଜିଆର ସ୍ୱାଧୀନତାକୁ ସମର୍ଥନ କରି ୨୦୦୫ ମସିହାରେ ଆମେରିକାର ରାଷ୍ଟ୍ରପତି ଜର୍ଜ ବୁଶ ଓ ଜର୍ଜିଆର ରାଷ୍ଟ୍ରପତି ମିଖାଇଲ ସାକାସଭିଲି ଫ୍ରିଡମ୍ ସ୍କୋୟାର୍‌ରେ ପ୍ରାୟ ଏକ ଲକ୍ଷ ଲୋକଙ୍କୁ ସମ୍ବୋଧିତ କରିଥିଲେ । ସୋଭିଏତ ଋଷର ଶାସନ କାଳରେ ଫ୍ରିଡମ ସ୍କୋୟାରରେ ନିର୍ମିତ ହୋଇଥିବା ଭ୍ଲାଡିମିର ଲେନିନଙ୍କ ଏକ ବୃହତ ପ୍ରତିମୂର୍ତ୍ତି କୁ ୧୯୯୧ ମସିହା ଅଗଷ୍ଟ ମାସରେ ଭଙ୍ଗା ଯାଇ ସେଠାରେ ଫ୍ରିଡମ୍ ସ୍ମାରକୀ ଭାବରେ ସେଣ୍ଟ ଜର୍ଜଙ୍କ ପ୍ରତିମୂର୍ତ୍ତିକୁ ସ୍ଥାପନା କରା ଯାଇଥିଲା । ଏହି ମୂର୍ତ୍ତିର ଉଚ୍ଚତା ୫.୬ ମିଟର (୧୮ ଫୁଟ), ପିତ୍ତଳରେ ନିର୍ମିତ ଏବଂ ସୁନାରେ ଆଚ୍ଛାଦିତ । ଏହି ମୂର୍ତ୍ତିର ନିର୍ମାତା ହେଉଛନ୍ତି ଜର୍ଜିଆର ବିଶିଷ୍ଟ ମୂର୍ତ୍ତି ଶିଳ୍ପୀ ଜୁରାବ ସେରେଟେଲି ।

ଫ୍ରିଡମ୍ ସ୍କୋୟାର୍‌ରୁ ପ୍ରାୟ ଦୁଇ କିଲୋମିଟର ପରେ ରୁସ୍ତାଭେଲି ଆଭେନ୍ୟୁ । ଏହି ଆଭେନ୍ୟୁ ହେଉଛି ସହରର କେନ୍ଦ୍ର ବିନ୍ଦୁ । ଏଠାରେ ଅନେକ ସରକାରୀ କର୍ଯ୍ୟାଳୟ, ବହୁରାଷ୍ଟ୍ରୀୟ କମ୍ପାନୀ ମାନଙ୍କର ବ୍ୟବସାୟିକ କେନ୍ଦ୍ର ଓ ସାଂସ୍କୃତିକ ସ୍ଥାନ ରହିଛି । ରୁସ୍ତାଭେଲି ଆଭେନ୍ୟୁ ସହରର ଦୈନନ୍ଦିନ ଜୀବନକୁ ପ୍ରତିଫଳିତ କରାଏ । ରୁସ୍ତାଭେଲି ଆଭେନ୍ୟୁ ମଧ୍ୟଯୁଗୀୟ ଜର୍ଜିଆର କବି ସୋତା ରୁସ୍ତାଭେଲିଙ୍କ



ନାମରେ ନାମିତ । ସେ ଜର୍ଜିଆର ସୁବର୍ଣ୍ଣ ଯୁଗର ଜଣେ ପ୍ରତିଷ୍ଠିତ କବି ଥିଲେ । ତାହାଙ୍କ ମୁଖ୍ୟ କବିତା ଗ୍ରନ୍ଥ ହେଉଛି- ଦି ନାଇଟ୍ ଇନ୍ ଦି ପ୍ୟାନ୍ଥର୍ସ ସ୍କିନ୍ (The Knight in the Panther's Skin) । ଏହା ହେଉଛି ଜର୍ଜିଆର ଜାତୀୟ ଗ୍ରନ୍ଥ ।

ରୁସ୍ତାଭେଲି ଆଭେନ୍ୟୁରେ ଅନେକ ଭାରତୀୟ ସ୍ତାବକ ରହିଛନ୍ତି । ସେମାନେ ଭାରତୀୟଙ୍କୁ ଦେଖିଲା ମାତ୍ରେ ହିନ୍ଦିରେ ଗୀତ ଗାଇ ପରିବ୍ରାଜକଙ୍କ ମନକୁ ମୁଗ୍ଧ କରନ୍ତି । ମୁଖ୍ୟତଃ ରାଜକପୁରଙ୍କ ଗୀତ ସେମାନଙ୍କ ଗୀତ ମଧ୍ୟରେ ସ୍ଥାନ ପାଇଥାଏ । ସେମାନଙ୍କ ସବୁଠାରୁ ଲୋକ ପ୍ରିୟ ଗୀତ ଥିଲା- ମେରା ଜୁତା ହେ ଜାପାନୀ... । ଆମେ ରହୁଥିବା ହୋଟେଲ ମାଲିକ ମଧ୍ୟ ରାଜକପୁରଙ୍କ ଅତ୍ୟନ୍ତ ପ୍ରସଂଶକ ଥିଲେ । ସେ କେତେକ ହିନ୍ଦି ଗୀତ ଶୁଣାଇ ଆମଙ୍କୁ ମନ୍ତ୍ର ମୁଗ୍ଧ କଲେ । କିନ୍ତୁ ନୂତନ ପିଢିର ଲୋକମାନେ ଭାରତ ବିଷୟରେ ଆଗ୍ରହ ନଥିବା ଅନୁଭବ କଲି ।

ତିବିଲିସର ଅନ୍ୟ ଏକ ଗୁରୁତ୍ୱପର୍ଣ୍ଣ ସ୍ଥାନ ହେଉଛି ଲୋଏର ନାରିକାଲା । ଚୋସ୍ରଏଡ ରାଜବଂଶର ରାଜା ଭାଖଟା ଗୋରଗାସାଲଙ୍କ ପ୍ରତିମୂର୍ତ୍ତି ସେଠାରେ ଶୋଭା ପାଉଥିଲା । ଗୋରଗାସାଲ ଥିଲେ ଲାଇବେରିଆ ରାଜ୍ୟର ପ୍ରତିଷ୍ଠାତା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜର୍ଜିଆର ପୂର୍ବତନ ନାମ ଥିଲା ଲାଇବେରିଆ । ଷଷ୍ଠ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ କାର୍ଟଲି ଭାବରେ ଏହି ଅଂଚଳ ମଧ୍ୟ ଜଣାଶୁଣା ଥିଲା ।

ତିବିଲିସିର ଶାନ୍ତି ପୋଲ ଏକ ଆକର୍ଷଣୀୟ ସ୍ଥାନ । ଏହା ଏକ ପଥଚାରୀ ପୋଲ ଅଟେ । କୁରା ନଦୀ ଉପରେ କାଚ ଓ ଇସ୍ପାତ ନିର୍ମିତ ଏକ ପୋଲ ପରିବ୍ରାଜକଙ୍କୁ ନୂତନ ପ୍ରରଣା ଯୋଗାଏ । ନୂଆ ଓ ପୁରୁଣା ସହରକୁ ସଂଯୋଗ କରୁଥିବା କୁରା ନଦୀ ଉପରେ ନିର୍ମିତ ଏହି ପୋଲ ପରିବ୍ରାଜମାନଙ୍କ ପାଇଁ ଥିଲା ଅନ୍ୟ ଏକ ଆକର୍ଷଣ । ଏଠାରେ ଦେଖିଲୁ ଅନେକ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ନିର୍ମାତା ସେମାନଙ୍କ ଚଳଚ୍ଚିତ୍ର ନିର୍ମାଣ ପାଇଁ ବ୍ୟସ୍ତ ରହିଥିଲେ । ସେଥି ମଧ୍ୟରେ ଥିଲେ କେତେକ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ନିର୍ମାତା

ତିବିଲିସି ସହରର ୨୦ କିଲୋ ମିଟର ଦୂରତ୍ୱରେ ଅବସ୍ଥିତ ମାସଖେତା ଏକ ଐତିହାସିକ ସ୍ଥାନ । ଜର୍ଜିଆର ଏହା ସର୍ବପୂରାତନ ରାଜଧାନୀ ଥିଲା । ଏହା ମାକଭରୀ ଏବଂ ଅରଗାଭୀ ନଦୀର ଏକ ମିଳନ ସ୍ଥାନ । ୧୯୯୪ ମସିହାରେ ଏହା ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥାନରେ ପରିଣତ ହୋଇଛି । ଜର୍ଜିଆର ଜନ୍ମସ୍ଥାନ ତଥା ଖ୍ରୀଷ୍ଟିଆନ ଧର୍ମର ଅନ୍ୟତମ କେନ୍ଦ୍ର ଭାବରେ ମାସଖେତା ପବିତ୍ର ସହର ନାମରେ ଘୋଷିତ ହୋଇଛି । ମାସଖେତା ମାକଭରୀ ଏବଂ ଅର୍ଗାଭୀ ନାମାକ ଦୁଇଟି ନଦୀର ଅବବାହିକା ବା ମିଳନ ସ୍ଥଳରେ ଏକ ସହର ଯାହାର ନିମ୍ନ ଭୂମିରେ ଅବସ୍ଥିତ ଜ୍ୱାରୀ ମଠ(Jvari Monastery)

ଉପରୁ ଏହାର ଦୃଶ୍ୟ ଅତି ମନୋରମ । ଦେଖିଲା ଲୋକ ହିଁ ହୃଦୟଙ୍ଗମ କରିପାରିବ । ଏକ ସ୍ୱର୍ଗ ଭୂମିର ବାସ୍ତବ ଚିତ୍ର ପ୍ରଦାନ କରେ ।

କାକାସସ୍ ହେଉଛି ୟୁରୋପ ଏବଂ ଏସିଆର ମଧ୍ୟ ଭାଗରେ ଅବସ୍ଥିତ ଏକ ଅଂଚଳ ଯାହା କଳା ସାଗର ଓ କାସ୍ପିୟାନ ସାଗର ମଧ୍ୟବର୍ତ୍ତୀ ଅଂଚଳ । ଜର୍ଜିଆ ହେଉଛି ଏହାର କେନ୍ଦ୍ରବିନ୍ଦୁ । ଏହି ଅଂଚଳରେ ଥିବା ସମସ୍ତ ଭାଷା କ୍ୟଥେଡ୍ରାଲ ବା ମଠ ମାନଙ୍କରୁ ଉତ୍ପତ୍ତି ।

ତିବିଲିସି ସହର ଠାରୁ ପ୍ରାୟ ତିରିଶ କିଲୋମିଟର ଦୂରତ୍ୱରେ ଅବସ୍ଥିତ ଗୋରି ନାମକ ଏକ ଛୋଟିଆ ସହରରେ ପଂହଚିବାର ଉନ୍ମାଦନା ଅତ୍ୟନ୍ତ ପ୍ରବଳ ଥିଲା । ଉନ୍ମାଦନାର କାରଣ ହେଲା ଯେ ଏହା ଥିଲା ସୋଭିଏତ ଋଷକୁ ଦୀର୍ଘଦିନ ଧରି ଶାସନ କରିଥିବା ଦୁର୍ଦ୍ଧର୍ଷ ବ୍ୟକ୍ତି ଷ୍ଟାଲିନ୍ଙ୍କ ଗ୍ରାମ । ତାହାଙ୍କ ଶାସନ କାଳରେ ୧୦ ଲକ୍ଷରୁ ଅଧିକ ଲୋକଙ୍କୁ କାରାଗାରରେ ନିର୍ଯ୍ୟାତନା ଦେଇଥିଲେ ଏବଂ ସାତ ଲକ୍ଷରୁ ଅଧିକ ଲୋକଙ୍କୁ ମୃତ୍ୟୁ ଦଣ୍ଡ ଦେଇଥିଲେ । କମ୍ୟୁନିଷ୍ଟ ଇଷ୍ଟର ନ୍ୟାସନାଲ ମାଧ୍ୟମରେ ସେ ମାର୍କ୍ସବାଦ-ଲେନିନବାଦକୁ ପ୍ରୋତ୍ସାହିତ କରିଥିଲେ । ତାହାଙ୍କ ଶାସନ କାଳରେ ସୋଭିଏତ ଋଷ ସରକାରଙ୍କ ପୂର୍ଣ୍ଣ ସମର୍ଥନ ଯୋଗୁ ଚୀନରେ ସାମ୍ୟବାଦ ଶାସନ ପ୍ରତିଷ୍ଠିତ ହୋଇଥଲା । ଗୋରୀର ଜଣେ ବୟୋଜ୍ୟେଷ୍ଠ ବାସିନ୍ଦାଙ୍କୁ ପଚାରିଲି - "ଏକ ସୁନ୍ଦର ମାର୍କ୍ସବାଦ /ସାମ୍ୟବାଦ ବ୍ୟବସ୍ଥା ଯାହା ଚଳଚ୍ଚିତ୍ର, ସାହିତ୍ୟ, କଳା, ସଂସ୍କୃତି, ସମାଜ ଶାସ୍ତ୍ର, ଅର୍ଥନୀତି, ରାଜନୀତି, ଇତିହାସ, ଚିତ୍ରପଟ୍ଟ, ଦର୍ଶନ, ଚିନ୍ତନ, ସ୍ଥାପତ୍ୟକୁ କବଳିତ କରିଥିଲା; ଯାହାକୁ ବିଶ୍ୱବାସୀ ୧୯୯୧ ମସିହା ପରେ ପ୍ରତ୍ୟାଖ୍ୟାନ କଲେ; ସେଥିପାଇଁ ଲେନିନ, ଷ୍ଟାଲିନ ଓ ମାଓସେତୁଙ୍ଗ ଦାୟୀ ନୁହନ୍ତି ତ ?"

ମୋର ପ୍ରଶ୍ନର ଉତ୍ତର ନଦେବାରେ ସେହି ବ୍ୟକ୍ତି ପାଇଁ ହୁଏତ ଭାଷା ସମସ୍ୟା ରହିଥିଲା, କିମ୍ବା ତାହାଙ୍କ ବିଶ୍ୱ ରାଜନୀତି ଉପରେ ସବିଶେଷ ଧାରଣା ନଥିଲା । ତିବିଲିସିର ସ୍ୱଳ୍ପ କେତେକ ସହରବାସୀଙ୍କୁ ଛାଡିଦେଲେ ଜର୍ଜିଆର ସମସ୍ତ ଅଧିବାସୀ ଇଂରାଜୀ ଭାଷା ସହିତ ପରିଚିତ ନଥିଲେ ଏବଂ ସୋଭିଏତ ଋଷ ଦ୍ୱାରା ଲଦି ଦିଆଯାଇଥିବା ଋଷ ଭାଷା ପ୍ରତି ବିମୁଖ ଥିଲେ । ସେମାନେ ସମସ୍ତେ ଜର୍ଜିଆ ଭାଷାକୁ ଭଲ ପାଉଥିଲେ ।

ଫେରିବା ଦିନ ବିମାନରେ ଚଢିବା ପରମୁହୂର୍ତ୍ତରେ ହିଁ ତିବିଲିସିରେ ଝଡ ତୋଫାନ ଆରମ୍ଭ ହୋଇ ଯାଇଥିଲା । ଭାଗ୍ୟକୁ ଆମ୍ଭେ ତିବିଲିସି ବିମାନ ବନ୍ଦରରେ ପହଂଚି ସାରିଥିଲୁ । ବନ୍ୟାର ପ୍ରକୋପରେ ତିବିଲିସିର ଅନେକ କ୍ଷୟକ୍ଷତି ହୋଇଥିଲା । ତାପରଦିନ ମସ୍କୋ ବିମାନବନ୍ଦରରେ ଦୂରଦର୍ଶନରୁ ତିବିଲିସିର ଛାତିଥରା ଦୃଶ୍ୟ ଦେଖି ନିଜକୁ ଭାଗ୍ୟବାନ ମନେ କଲୁ । ସହର ଏକ ପ୍ରକାର ଜଳବନ୍ଦୀ ଥିଲା । ସମସ୍ତ ପ୍ରାଣୀ ଉଦ୍ୟାନରୁ ବାଘ, ଭାଲୁ ଓ ଅନ୍ୟ ହିଂସ୍ରଜନ୍ତୁ ସହରରେ ଘୁରି ବୁଲୁଥିଲେ । ଯାହାକୁ ଦେଖିଲେ ଆକ୍ରମଣ କରୁଥିଲେ ।







# ବୁଗୁଡ଼ାର ବୈଚିତ୍ର୍ୟ

**ଜୟନ୍ତ ଶେଠ୍**

ପ୍ଲଟ୍ ନଂ- ୧୧୩୪, ପଞ୍ଚମ ଗଳି, ଏୟାରପୋର୍ଟ ଏରିଆ,
ଭୁବନେଶ୍ୱର-୭୫୧୦୨୦
ଫୋନ: ୭୦୦୮୭୭୩୫୪୪

ଫଟୋ ସୌଜନ୍ୟ : ଗୁଗୁଲ୍, ସ୍ମିତସ୍ନି ରଥ ଓ ଅଜିତ ଦାସ




ଲେଖକ ଜୟନ୍ତ ଶେଠ୍

ବୈଚିତ୍ର୍ୟମୟ ଆମ ଓଡ଼ିଶା । ପରିବେଶ, ଐତିହ୍ୟ, କଳା, ଖାଦ୍ୟରୁଚି ଆଦି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ମାଟିର ରହିଛି ସ୍ୱାତନ୍ତ୍ର୍ୟ । ଯିଏ ଯାହା କହୁ ନା କାହିଁକି, ଏଇ ମାଟିକୁ ଆଖି ପୂରେଇ ଦେଖିବାକୁ ହେଲେ ମାଟିର ମହକକୁ ଅନୁଭବ କରିବାକୁ ହେଲେ ଗୋଟିଏ ଜନ୍ମ ବି ଯଥେଷ୍ଟ ନୁହେଁ । ଆମ ଭିତରୁ ଅନେକ ଏମିତି ଅଛନ୍ତି ଯେଉଁମାନେ ଓଡ଼ିଶାକୁ ଭଲକରି ଦେଖି ନାହାନ୍ତି, ଦେଖି ପାରିନାହାନ୍ତି । ହୁଏତ ଅଜ୍ଞତା ହିଁ ଏହାର ମୁଖ୍ୟ କାରଣ ହୋଇପାରେ । ତଥାକଥିତ ସୁବର୍ଣ୍ଣ ତ୍ରିଭୁଜକୁ ବାଦ୍‌ଦେଇ ଲାସ୍ୟମୟୀ ଓଡ଼ିଶାର କେତେ ଯେ ରୂପ ଦେଖିବାକୁ ମିଳିବ ତାହା କେବଳ ରାଜ୍ୟ ବାହାରର ଲୋକ ନୁହନ୍ତି, ଖୋଦ୍ ଓଡ଼ିଆ ଲୋକ ବି ଜାଣି ପାରିନାହାନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଏକ ସୁନ୍ଦର ଆକର୍ଷଣୀୟ ସ୍ଥାନକୁ ନେଇଯିବି ଚାଲନ୍ତୁ ଆପଣମାନଙ୍କୁ ଏଥର । ସେ ସ୍ଥାନକୁ ନେଇ ମୋର ରିହଛି ଏକ ଅଭୁଲା ସ୍ମୃତି ।



କିଛିବର୍ଷ ତଳର କଥା ଇଏ । ଗୋଟିଏ ଟିଭି ଟ୍ରାଭେଲ୍ ଶୋ'ର ସୁଟିଂ ପାଇଁ ସାରା ଓଡ଼ିଶା ବୁଲୁଥାଏ । ଓଡ଼ିଶାର ବିଭିନ୍ନ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଦେଖିବାର ସୁଯୋଗ ମିଳୁଥାଏ । ଥରେ ଗଂଜାମ ଜିଲ୍ଲା ଗସ୍ତ କରୁଥିବା ବେଳେ ଗୋଟିଏ ନିଆରା ଅନୁଭୂତି ମିଳିଥିଲା । ଅବଶ୍ୟ ଏହା ବାଦ୍ ଏଭଳି ଅନେକ ଅନୁଭୂତି ଅଛି । ତେବେ ଏଥିରେ ଭିନ୍ନତା ଅଛି । ଗଂଜାମ ଜିଲ୍ଲାର ବିଭିନ୍ନ ସ୍ଥାନ ବୁଲିବା ପରେ ଭଞ୍ଜନଗରରେ ଥାଏ ରାତି ରହଣି । ସାଙ୍ଗରେ ଥା'ନ୍ତି ଆଙ୍କର୍, ବରିଷ୍ଠ ସାମ୍ବାଦିକ **ମନୋରଂଜନ ଯୋଷୀ, ସ୍ମୃତି ନନ୍ଦ,** କ୍ୟାମେରାମ୍ୟାନ **ସୁନୀଲ ପ୍ରଧାନ, ଅବ୍ଦୁଲ ଆଜିଜ୍,** ସହକାରୀ ଏମିତି ହେଇ ଆଠଜଣିଆ ଟିମ୍ । ସୂର୍ଯ୍ୟୋଦୟ ପୂର୍ବରୁ ଆମକୁ ପହଂଚିବାର ଥିଲା ବୁଗୁଡ଼ା ଓ ବାଲିପଦର ପୂର୍ବରୁ ଭେଟନଈ ନାମକ ଗୋଟିଏ ଗାଁରେ । ସେଠାରେ ଆମ ପାଇଁ ଅପେକ୍ଷା କରିଥିଲା ଏକ ବିରଳ ଦୃଶ୍ୟ । ଏହାକୁ ହାତଛଡ଼ା ନକରିବା ପାଇଁ ରାତି ୨ଟାରୁ ହିଁ ଯାତ୍ରା ଆରମ୍ଭ କରିଦେଲୁ । ମହାବିଷୁବ ସଂକ୍ରାନ୍ତିର କିଛି ଦିନ ପୂର୍ବର କଥା । ରାସ୍ତାସାରା ଯେଉଁ ଯେଉଁ ସ୍ଥାନ ଅତିକ୍ରମ କରୁଥାଉ, ଦେଖିବାକୁ ପାଇଲୁ ରାତିସାରା ଚାଲିଥିବା ଗଂଜାମର ପ୍ରସିଦ୍ଧ ଦଣ୍ଡ ଉତ୍ସବର ଦୃଶ୍ୟ । ବିଭିନ୍ନ ସ୍ଥାନରେ ଦଣ୍ଡୁଆମାନଙ୍କୁ ଉଜାଗର ରଖିବା ପାଇଁ ଚାଲିଥାଏ ଗଂଜାମର ବିଭିନ୍ନ ପ୍ରକାରର ନାଚଗୀତ । ସତେ ଯେମିତି ସମଗ୍ର ଗଂଜାମ ମାଟି ରାତିସାରା ନାଚଗୀତରେ ଦୁଲୁକୁଥାଏ । ରାତି ପାହିନଥାଏ । ପ୍ରାୟ ସାଢ଼େ ତିନିଟା ହେବ । ଆସ୍କା ପାର୍ ହୋଇଗଲା ପରେ ୧୦/୧୨ କିଲୋମିଟର ଯିବା ପରେ ଗୋଟିଏ ଗାଁ ମୁଣ୍ଡ (ରାସ୍ତାକଡ଼ରେ) ଚାଲିଥାଏ ମନୋଜ୍ଞ ଲୋକନାଟକ । ସୂର୍ଯ୍ୟୋଦୟ ପାଇଁ ଯଥେଷ୍ଟ ସମୟ ଥିବାରୁ ଘଡ଼ିଏ ଅଟକିଗଲୁ ସେଠାରେ । ମଂଚରେ ପରିବେଷିତ ହେଉଥିଲା ଗଂଜାମର ଲୋକପ୍ରିୟ ଲୋକନାଟକ 'ଭାରତଲୀଳା' ବା 'ଦୁଆରିନାଟ' । ଗ୍ରାମ୍ୟ ପରିବେଷଣରେ କଳାକାରମାନଙ୍କ ଜୀବନ୍ତ ଅଭିନୟ ଆମକୁ ଆମୋଦିତ କରୁଥାଏ । ମଂଚରେ ଅର୍ଜୁନଙ୍କ ସାମ୍ନାରେ ଦୁଆରି ଓ ସଖୀଙ୍କ ମଧ୍ୟରେ ଚାଲିଥିବା କୌତୁକିଆ କଥାବାର୍ତ୍ତା ଓ ନାଚଗୀତ ବେଶ୍ ଆକର୍ଷିତ କରୁଥାଏ । ସ୍ମାର୍ଟ ଫୋନ୍ ଯୁଗରେ ବି ଲୋକସଂସ୍କୃତିର ବିଲୋପ ଘଟିନାହିଁ – ଏହା ଥିଲା ତାର ଜ୍ୱଳନ୍ତ ଉଦାହରଣ । ଭୋର୍ ୫ଟା ବାଜିଲା । ଫୋନ୍ ଆସିଲା ଭେଟନଈରୁ । ଫୋନ କରିଥିଲେ ଗଂଜାମ ଜିଲ୍ଲା କୃଷ୍ଣସାର ସୁରକ୍ଷା ସମିତିର ସଭାପତି **ଅମୂଲ୍ୟ କୁମାର ଉପାଧ୍ୟାୟ ।**

ଭେଟନଈ ଛକରେ ଆମ ଗାଡ଼ି ପହଂଚିଲା ଠିକ୍ ପାଞ୍ଚଟା ପଇଁଚାଳିଶ୍‌ରେ । ଅମୂଲ୍ୟ ବାବୁ ଆମକୁ ପାଛୋଟି ନେଲେ ମେନ୍‌ରୋଡ଼ରୁ ଧାନ ଗହୀରକୁ । ଗହୀର ଭିତରେ ପ୍ରାୟ ଗୋଟେ କିଲୋମିଟର ଧାନବିଲ ହିଡ଼ରେ ଚାଲିବା ଭିତରେ ସୂର୍ଯ୍ୟ ଉଇଁ ସାରିଥାନ୍ତି । ପାଚିଲା ଧାନ କିଆରି ସୁନା ଭଳି ଝଟକୁଥାଏ । ହଠାତ୍ ଦେଖିଲୁ ଏକ ବିରଳ ଦୃଶ୍ୟ । ପ୍ରାୟ ପଚାଶ ସରିକି କୃଷ୍ଣସାର ମୃଗ ଧାନବିଲରେ ବୁଲୁଥାନ୍ତି । ଏହା ହିଁ ଥିଲା ଆମ ପାଇଁ ଈପ୍‌ସିତ ଆକର୍ଷଣୀୟ ଦୃଶ୍ୟ । କୃଷ୍ଣସାର ମୃଗଙ୍କୁ ଦେଖିବା ପାଇଁ ରାତି ଅଧରୁ ଧାଇଁ ଆସିଥିଲୁ ଆମେ । ଖୁବ୍ ସତର୍କ ହୋଇ ନୀରବତା ରକ୍ଷା କରି ଦୁଇଟି କ୍ୟାମେରାରେ ଭିଡ଼ିଓ ସୁଟ୍ କରୁଥିଲୁ । କୃଷ୍ଣସାର ମୃଗ ଓଡ଼ିଶାରେ କେବଳ ଗଂଜାମ ଜିଲ୍ଲାରେ ବୁଗୁଡ଼ାର ବାଲିପଦର ଓ ଭେଟନଈ ଅଂଚଳରେ ଦେଖାଯା'ନ୍ତି । ଗତ ଛଅ ବର୍ଷ ଭିତରେ ସେମାନଙ୍କ ସଂଖ୍ୟା ଦୁଇଗୁଣ ହୋଇ ପ୍ରାୟ ଚାରିହଜାରରେ ପହଂଚିଛି । ଏଥିପାଇଁ



ସ୍ଥାନୀୟ ବାସିନ୍ଦାଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ । କାରଣ ସେମାନେ ଏଠାରେ କୃଷ୍ଣସାର ମୃଗଙ୍କୁ ସୁରକ୍ଷା ପ୍ରଦାନ କରନ୍ତି । ଶୀକାର ନୁହେଁ । ସେମାନଙ୍କର ବିଶ୍ୱାସ ଏଇ ନିରୀହ ପଶୁମାନେ ହେଉଛନ୍ତି ଈଶ୍ୱରଙ୍କ ଉପହାର । ସେମାନେ ଏହି ଅଂଚଳକୁ ଆସିବା ଦିନ ଠାରୁ ଏଠାରେ ଅନାହାର କି ମରୁଡ଼ି ପଡ଼ିନାହିଁ । କୃଷ୍ଣସାର ମୃଗ ସେମାନଙ୍କର ଶସ୍ୟକ୍ଷେତକୁ ନଷ୍ଟ କଲେ ମଧ୍ୟ ସେମାନେ ଘଉଡ଼ାନ୍ତି ନାହିଁ । ଏହା ହେଉଛି ଏହି ଅଂଚଳର ପ୍ରାୟ ୭୦ଟି ଗାଁର ଲୋକମାନଙ୍କର ବିଶ୍ୱାସ ।  ଗୋଟିଏ କୃଷ୍ଣସାର ମୃଗ ଦଳରେ ଥାଏ ଗୋଟିଏ ଅଣ୍ଡିରା ମୃଗ । ଯାହାର ଦେହର ପିଠି ପଟଟି କଳା ରଙ୍ଗର ଏବଂ ପେଟପଟଟି ଧଳା ରଂଗର । ମାଈ ମୃଗଙ୍କ ପିଠିପଟଟି ମାଟିଆ ରଙ୍ଗର ଏବଂ ପେଟପଟଟି ଧଳା ରଙ୍ଗର । କୃଷ୍ଣସାର ମୃଗଙ୍କ ଶିଙ୍ଗଦୁଇଟି କୁଣ୍ଡଳାକୃତିର । ଖୁବ୍ ସୁନ୍ଦର ଦେଖାଯା'ନ୍ତି କୃଷ୍ଣସାର ମୃଗଦଳ । ଏମାନେ ମୁଖ୍ୟତଃ ଜଙ୍ଗଲ ଭିତରେ ନରହି ଖୋଲା ଆକାଶ ତଳେ ବୁଦା କିମ୍ବା କ୍ଷେତରେ ରୁହନ୍ତି ।

ରୋଗରେ ପଡ଼ିଲେ କିମ୍ବା ରାସ୍ତା ଅତିକ୍ରମ କଲାବେଳେ ଗାଡ଼ି ଧକ୍କାରେ, କିମ୍ବା କୁକୁର-ବିଲୁଆଙ୍କ ଆକ୍ରମଣରେ, ନିଜନିଜ ଭିତରେ ଲଢ଼େଇରେ ଏମାନଙ୍କ ମୃତ୍ୟୁ ଘଟେ ।  ତେବେ ବୁଗୁଡ଼ା ଅଂଚଳରେ କୃଷ୍ଣସାର ମୃଗଙ୍କ ଶୀକାର ପ୍ରାୟ ହୁଏତ ନାହିଁ କହିଲେ ଭୁଲ ହେବ ନାହିଁ । ସ୍ଥାନୀୟ ଜନତାଙ୍କ ନିଷ୍ଠାପର ଉଦ୍ୟମରୁ ଆଜି ଏହି ଅଂଚଳ ପର୍ଯ୍ୟଟକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି । ଆଖପାଖ ଗାଁ ଗୁଡ଼ିକରେ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ କେତୋଟି 'ୱାଚ୍ ଟାୱାର୍' ମଧ୍ୟ ନିର୍ମାଣ କରାଯାଇଛି ।

କୃଷ୍ଣସାର ମୃଗଙ୍କ ପାଇଁ ବୁଗୁଡ଼ା ଅଞ୍ଚଳରେ ଖାଦ୍ୟର ଅଭାବ ନାହିଁ କି ନାହିଁ ଶିକାରୀଙ୍କ ଭୟ । ସେମାନେ ଏଠାରେ ଅବାଧରେ ବିଚରଣ କରନ୍ତି । ଏମାନଙ୍କୁ ସ୍ଥାନୀୟ ଲୋକେ ବାଲିହରିଣ ବା କଳାବୋଇତି ମଧ୍ୟ କୁହନ୍ତି ।

ସ୍ଥାନୀୟ ଲୋକଙ୍କ ବିଶ୍ୱାସ ସ୍ୱାଧୀନତା ପୂର୍ବରୁ ଏଠାରେ ଭୟଙ୍କର ମରୁଡ଼ି ପଡ଼ିଥିଲା । ସେହି ସମୟରେ ଏଠାରେ କିଛି କୃଷ୍ଣସାର ମୃଗ ଆସି ରହିବାକୁ ଲାଗିଲେ । ଏହାପରେ ସେଠାରେ ପ୍ରଚୁର ବର୍ଷା ହେଲା ଏବଂ ଚାରିଆଡ଼େ ଭରିଗଲା ସବୁଜିମା । ସେହିଦିନ ଠାରୁ ସ୍ଥାନୀୟ ବାସିନ୍ଦାମାନେ କୃଷ୍ଣସାର ମୃଗଙ୍କୁ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଦୂତ ଭାବେ ଗ୍ରହଣ କରି ଆସୁଛନ୍ତି । ସେମାନଙ୍କ ପାଇଁ ଖାଦ୍ୟ-ପାନୀୟର ବ୍ୟବସ୍ଥା କରାଯିବା ସହ ସ୍ଥଳ ବିଶେଷରେ ଏମାନଙ୍କୁ ଏଠାରେ ପୂଜା ମଧ୍ୟ କରାଯାଏ ।





ସକାଳ ଆଠଟା ବାଜିବାକୁ ଯାଉଥିଲା । ଏବେ ଫେରିବାର ସମୟ । ବୁଗୁଡ଼ା ସହରକୁ ଫେରିଲୁ । ସ୍ଥାନୀୟ ସରକାରୀ ଡାକବଙ୍ଗଳାରେ ଗାଧୁଆ ପାଧୁଆ ଶେଷ କରି ବଜାରରେ ପ୍ରାତଃ ଭୋଜନ ଗ୍ରହଣ କରି ଚାଲିଲୁ ବୁଗୁଡ଼ାର ପ୍ରସିଦ୍ଧ କାଠର ଶ୍ରୀବିରଞ୍ଚିନାରାୟଣ ମନ୍ଦିର । ମନ୍ଦିରଟି ବୁଗୁଡ଼ା ସହରର ମଧ୍ୟଭାଗରେ ଅବସ୍ଥିତ । ଏହାକୁ କାଷ୍ଠକୋଣାର୍କ ମଧ୍ୟ କୁହାଯାଏ । କୋଣାର୍କ ମନ୍ଦିର ବ୍ୟତୀତ ଭଦ୍ରକ ସ୍ଥିତ ପାଳିଆ ଏବଂ ଗଞ୍ଜାମ ଜିଲ୍ଲାର ବିରଞ୍ଚି ନାରାୟଣ ମନ୍ଦିରରେ ପୂଜିତ ହୁଅନ୍ତି ସୂର୍ଯ୍ୟ ଦେବତା । ମନ୍ଦିରରେ ପ୍ରବେଶ କରିବା ପରେ ଦିଶେ ଏହାର ଅଦ୍ଭୁତ ସୌନ୍ଦର୍ଯ୍ୟ । ସଂପୂର୍ଣ୍ଣ ମନ୍ଦିରଟି ରଥ ଆକୃତିର କାଠରେ ନିର୍ମିତ ମନ୍ଦିର ।  ମନ୍ଦିର କାନ୍ଥ ଓ ଛାତରେ ଚିତ୍ତାକର୍ଷକ ମୂର୍ତ୍ତିକଳା ଦେଖି ବିମୋହିତ ହେଲୁ । ରଥ ରୂପୀ ମନ୍ଦିରଟି ଏକ ଚକ ବିଶିଷ୍ଟ ଏବଂ ଏଠାରେ ସ୍ଥାପନ କରାଯାଇଛି ସାତଟି ଘୋଡ଼ା । ଭାରତବର୍ଷର ପ୍ରାୟତଃ ଅଧିକାଂଶ ମନ୍ଦିର ପୂର୍ବମୁହାଁ । କିନ୍ତୁ ବିରଞ୍ଚିନାରାୟଣଙ୍କ ମନ୍ଦିର ଓ ସୂର୍ଯ୍ୟ ଦେବତା ବିରଞ୍ଚି ନାରାୟଣଙ୍କ ବିଗ୍ରହ ପଶ୍ଚିମମୁହାଁ । ଏହାର ତାତ୍ପର୍ଯ୍ୟ ହେଉଛି ଭକ୍ତବୃନ୍ଦ ସୂର୍ଯ୍ୟ ଦେବତାଙ୍କୁ ପୂର୍ବ ଦିଗକୁ ମୁହଁ କରି ଦର୍ଶନ କରନ୍ତି । ମନ୍ଦିର ନିର୍ମାଣ ଶୈଳୀର ଏକ ବିଶେଷତ୍ୱ ହେଉଛି ଏଠାରେ ଅସ୍ତଗାମୀ ସୂର୍ଯ୍ୟଙ୍କର ଅନ୍ତିମ କିରଣ ବିରଞ୍ଚି ନାରାୟଣଙ୍କ ବିଗ୍ରହର ପାଦ ସ୍ପର୍ଶ କରେ । ଆଉ ବିରଞ୍ଚି ନାରାୟଣଙ୍କର  ଦାରୁ ବିଗ୍ରହ, ଶିଳା ବିଗ୍ରହ ଓ ଧାତୁ ବିଗ୍ରହ ସ୍ଥାପିତ ହୋଇଛନ୍ତି । ତେବେ ମୁଖ୍ୟତଃ ଦାରୁବିଗ୍ରହ ଏଠିକାର ପୀଠାଧୀଶ ।

ଗଂଜାମର କଳା ସଂସ୍କୃତିକୁ ନେଇ ନିରନ୍ତର ଗବେଷଣା କରୁଥିବା ଆନ୍ତର୍ଜାତିକ ସ୍ତରର ଚିତ୍ରଶିଳ୍ପୀ ଓ ଚଳଚ୍ଚିତ୍ର ନିର୍ମାତା **ସ୍ମିତକ୍ଷି ରଥ**ଙ୍କ ତଥ୍ୟ ଅନୁଯାୟୀ ଘୁମୁସରର ମହାରାଜା ଶ୍ରୀକର ଭଞ୍ଜ ୧୮୧୧ ମସିହାରୁ ୧୮୩୫ ସାଲ୍ ମଧ୍ୟରେ ଏହି





ଅପୂର୍ବ କାଠ ମନ୍ଦିର ନିର୍ମାଣ କରାଇଥିଲେ । ଏଠାରେ ବିରଂଚି ନାରାୟଣଙ୍କ କାଠ ବିଗ୍ରହ  ସମେତ, ଶିଳା ବିଗ୍ରହ ଓ ଧାତବ ବିଗ୍ରହ ମଧ୍ୟ ପ୍ରତିଷ୍ଠିତ । ତେବେ ମୁଖ୍ୟତଃ କାଠ ବିଗ୍ରହ ହେଉଛନ୍ତି ପୀଠାଧୀଶ । ଆମ ମନରେ ପ୍ରଶ୍ନ ଉଠିଲା ଓଡ଼ିଶାରେ ସବୁ ମନ୍ଦିର ପଥରରେ ନିର୍ମିତ ହୋଇଥିବା ବେଳେ ବିରଞ୍ଚି ନାରାୟଣଙ୍କର କାଠରେ କାହିଁକି ମନ୍ଦିର ନିର୍ମିତ ହେଲା ? ଗବେଷକ ଶ୍ରୀଯୁକ୍ତ ରଥଙ୍କ ତଥ୍ୟ ଅନୁଯାୟୀ ସେ ସମୟରେ ଘୁମୁସର ଅଞ୍ଚଳରେ ପ୍ରଚୁର ଶାଳକାଠ ମିଳୁଥିଲା । ଏବଂ ଅନେକ କାଠ ଶିଳ୍ପୀ ମଧ୍ୟ ଥିଲେ । ସୁତରାଂ ମହାରାଜା ଶ୍ରୀକର ଭଂଜ କାଠରେ ଏକ ଅନନ୍ୟ ଓ ଅନୁପମ ମନ୍ଦିର ନିର୍ମାଣ କରାଇଥିଲେ । ମନ୍ଦିର କାଠର ଛାତ ନଷ୍ଟ ନହେବା ପାଇଁ ଏହା ଉପରେ ତମ୍ବା ଛାଉଣି କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହା ଉପରେ ପୁଣି ସିମେଣ୍ଟ୍ ଛାଉଣି କରାଗଲା ।

ଦେଖିଲୁ କିଛି ଭକ୍ତ ବିରଞ୍ଚି ନାରାୟଣଙ୍କୁ ଗୋଟିଏ ବିଚିତ୍ର ପ୍ରକାରର ଭୋଗ ଅର୍ପଣ କରୁଛନ୍ତି । ବାଉଁଶ ପାଛିଆରେ ଅରୁଆ ଚାଉଳ, ବିରି ଆଉ ପୁଞ୍ଜାଏ କଞ୍ଚା ବାଇଗଣ  ଅର୍ପଣ କରୁଛନ୍ତି । ପୁଣି ତା' ସହିତ ଝାଡୁଟିଏ ବି ଥିଲା । ପଚାରିବାରୁ ଜଣାପଡ଼ିଲା ଯେ ଯାହାର ମାନସିକ ପୂରଣ ହୁଏ ସେ ଏଠାରେ ବିରି ଚାଉଳ ଓ ବାଇଗଣ ଅର୍ପଣ କରନ୍ତି । ପୂଜା ସରିବା ପରେ ବିରି ଚାଉଳ ମନ୍ଦିର ପରିସରରେ ଥିବା ବାମ୍ଫିରେ ପକାଇ ଦିଆଯାଏ । ପାଣିରେ ଥିବା କଇଁଛ ତାକୁ ଖାଦ୍ୟ ଭାବେ ଗ୍ରହଣ କରନ୍ତି । କଞ୍ଚା ବାଇଗଣ ପ୍ରସାଦ ରନ୍ଧାରେ ବ୍ୟବହାର କରାଯାଏ । ବିଞ୍ଚଣାକୁ ନେଇ ବିରଞ୍ଚି ନାରାୟଣଙ୍କୁ ବିଞ୍ଚଣା ସେବା କରାଯାଏ । ଆଉ ଶ୍ରଦ୍ଧାଳୁ ଝାଡୁରେ ମନ୍ଦିର ପରିଷ୍କାର କରନ୍ତି । ବିଶ୍ୱାସ ଅଛି, ଏହାଦ୍ୱାରା ଶରୀର ଓ ମନରୁ ସବୁ ପ୍ରକାର କଳୁଷତା, ଗର୍ବ ଓ ଅହଂକାର ଦୂର ହୁଏ । ପୁଣି ବିଶ୍ୱାସ ଅଛି ପବିତ୍ର ବାମ୍ଫିର ପାଣିକୁ ମୁଣ୍ଡରେ ପକାଇଲେ ତା ଦେହରେ ଛୁଆଁଇ ଦେଲେ ଶରୀରର ଯାବତୀୟ ଚର୍ମରୋଗ ଆରୋଗ୍ୟ ଲାଭ କରେ । ଶାମ୍ବଦଶମି ଓ ମାଘ ସପ୍ତମି ହେଉଛି ବିରଞ୍ଚି ନାରାୟଣଙ୍କ ମୁଖ୍ୟ ପର୍ବ । ମାଘ ସପ୍ତମି ଦିନ ମନ୍ଦିର ପ୍ରତିଷ୍ଠା କାଳରୁ ପ୍ରତିବର୍ଷ ଆୟୋଜିତ ହୋଇ ଆସୁଛି ସୂର୍ଯ୍ୟ ଦେବତା ବିରଞ୍ଚି ନାରାୟଣଙ୍କର ଅନନ୍ୟ ରଥଯାତ୍ରା, ସୂର୍ଯ୍ୟ ଦେବତା ରଥାରୁଢ଼ ହୋଇ ନଗର ପରିକ୍ରମା କରନ୍ତି ।

ମନ୍ଦିରର ଛାତ, କାନ୍ଥ ଯୁଆଡ଼େ ଦେଖିବେ, ସିଆଡ଼େ ପାଇବେ କାଠର ସୂକ୍ଷ୍ମ କାରୁକାର୍ଯ୍ୟ । ମନ୍ଦିର ବାହାର ପଟ କାନ୍ଥରେ କେତେକ ସ୍ଥାନରେ ପୌରାଣିକ ଆଖ୍ୟାୟିକା ସବୁ ଆକର୍ଷଣୀୟ ମୁରାଲ୍ ଚିତ୍ର ରୂପରେ ଅଙ୍କିତ ହୋଇଛି । ସେସବୁ ପୁଣି ପ୍ରାଚୀନ ଶୈଳୀରେ ।

ବେଳ ଗଡ଼ି ଯାଉଥିଲା । ଇଚ୍ଛା ନଥିଲେ ବି ବିରଞ୍ଚି ନାରାୟଣ ମନ୍ଦିରରୁ ଫେରିବାକୁ ପଡ଼ିଲା । ବୁଗୁଡ଼ା ବଜାରରେ ଗଞ୍ଜାମ ଶୈଳୀର ରନ୍ଧା ଯାଇଥିବା ମଧ୍ୟାହ୍ନ ଭୋଜନ ଗ୍ରହଣ କରି ଆଗେଇଲୁ ସେଦିନର ଯାତ୍ରାର ଅନ୍ତିମ ଲକ୍ଷ୍ୟସ୍ଥଳ






ବୁଦ୍ଧଖୋଲ ଦିଗରେ ।

ବୁଦ୍ଧଖୋଲ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଗୋଟିଏ ପାହାଡ଼ । ବୁଗୁଡ଼ା ସହର ଠାରୁ ମାତ୍ର ୪ କିଲୋମିଟର ଦୂରରେ ଅବସ୍ଥିତ । ପାହାଡ଼ ତଳେ ପହଂଚୁ ପହଂଚୁ ଦେଖିଲୁ ଏହାର ଅପରୂପ ସୌନ୍ଦର୍ଯ୍ୟ । କାଚକେନ୍ଦୁ ଭଳି ସ୍ୱଚ୍ଛ ପାଣିରେ ପରିପୂର୍ଣ୍ଣ ଗୋଟିଏ ପୋଖରୀ । ଅଳ୍ପ ଦୂରରେ ଶିବ-ପାର୍ବତୀଙ୍କର ଏକ ବିଶାଳ ଯୁଗଳମୂର୍ତ୍ତି । କିଛିଦୂରରେ ପୁଣି ଅଛି ହନୁମାନଙ୍କର ଆଉ ଏକ ବିଶାଳମୂର୍ତ୍ତି । ନିକଟ ଅତୀତରେ ଏହି ଦୁଇ ମୂର୍ତ୍ତିକୁ ନିର୍ମାଣ କରାଯାଇଛି । ପର୍ବତରୁ ପ୍ରବାହିତ ହେଉଥିବା ଝରଣା ପାଣି ତଳକୁ ଗଡ଼ି ଏଇ ପୋଖରୀରେ ପଡ଼େ । ପାହାଡ଼ ଉପରକୁ ପାହାଚ ତ ଅଛି, ତା'ସହିତ ଗାଡ଼ି ଯିବା ପାଇଁ ରାସ୍ତା ବି ଅଛି । ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଆମେ ପାହାଚରେ ଚାଲିଲୁ । ଅପରାହ୍ନର ଥଣ୍ଡା ପବନ ଆମକୁ ଛୁଇଁ ଯାଉଥାଏ । ବୁଦ୍ଧଖୋଲ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀ ବେଳକୁ ଥିଲା ବୌଦ୍ଧଧର୍ମର ଏକ ପ୍ରମୁଖ ସାଧନାପୀଠ । ଚୀନ୍ ପରିବ୍ରାଜକ ହୁଏନ୍‌ସା ତାଙ୍କର ୧୭ ବର୍ଷର ଭାରତ ଭ୍ରମଣ ସମୟରେ ଏଠାରେ କିଛି ଦିନ ଅବସ୍ଥାନ କରିଥିଲେ ବୋଲି ଗବେଷକମାନଙ୍କ ମତ । ଏଠାରେ ବୌଦ୍ଧ ସନ୍ନ୍ୟାସୀ ମାନେ ପାହାଡ଼ର ସିଦ୍ଧଗୁମ୍ଫା ସହିତ ଅନ୍ୟାନ୍ୟ ଗୁମ୍ଫାରେ ବସବାସ କରୁଥିଲେ । ଏବେ ବି ବୁଦ୍ଧଖୋଲ ପାହାଡ଼ରେ ବହୁ ସଂଖ୍ୟକ ବୁଦ୍ଧମୂର୍ତ୍ତିର ଭଗ୍ନାବଶେଷ ଦେଖିବାକୁ ମିଳେ । ଆମେ ବି ଦେଖିବାର ସୁଯୋଗ ପାଇଲୁ ।

ତେବେ ଆଜି ଶଙ୍କରାଚାର୍ଯ୍ୟଙ୍କ ସମୟରେ ବୌଦ୍ଧ ଧର୍ମର ପ୍ରଭାବକୁ କ୍ଷୁର୍ଣ୍ଣ କରିବା ପାଇଁ ବୌଦ୍ଧ ଉପାସନାସ୍ଥଳକୁ ନଷ୍ଟ କରି ଦିଆ ଯାଇଥିଲା । ସେହି କ୍ରମରେ ବୁଦ୍ଧଖୋଲ ବୌଦ୍ଧ ଉପାସନା ପୀଠ ମଧ୍ୟ ଧ୍ୱଂସ ପାଇ ଯାଇଥିଲା । ତେବେ ପରବର୍ତ୍ତୀ ସମୟରେ ଘୁମୁସରର ଭଂଜବଂଶୀୟ ରାଜାମାନେ ତିନୋଟି ମନ୍ଦିର ପ୍ରତିଷ୍ଠା କରି ଶିବଲିଙ୍ଗଙ୍କୁ ପ୍ରତିଷ୍ଠା କରିଥିଲେ । ଆଉ ଦୁଇଟି ଶିବଲିଙ୍ଗ ବାହାରେ ସ୍ଥାପିତ ହୋଇଥିଲେ । ନିକଟ ଅତୀତରେ ଏକ ମନ୍ଦିର ନିର୍ମାଣ କରାଯାଇ ଦୁଇ ଶିବଲିଙ୍ଗଙ୍କୁ ସେଥିରେ ପୁନଃ ପ୍ରତିଷ୍ଠା କରାଯାଇଛି ।

ପାହାଡ଼ଟା ସାରା ବିଭିନ୍ନ ପ୍ରକାରର ଔଷଧିୟ ଗଛଲତାରେ ପରିପୂର୍ଣ୍ଣ । ଚାରିଆଡ଼େ ବିରାଜମାନ କରୁଥାଏ ଏକ ଅଦ୍ଭୁତ ନୀରବତା । ପୁଣି ଶୁଣା ଯାଉଥାଏ ଝରଣାର କୁଳୁକୁଳୁ ଶବ୍ଦ । ମନ୍ଦିର ପାଖରେ ରହିଛି ଦେଖିବାକୁ ଏକ ଆକର୍ଷଣୀୟ ଜଳପ୍ରପାତ । ପ୍ରାୟ ୨୫ଫୁଟ୍ ଉଚ୍ଚରୁ ଗଛର ଚେର ମଧ୍ୟ ଦେଇ ତଳକୁ ପାଣି ବିଭିନ୍ନ ଧାରାରେ ବିଭକ୍ତ ହୋଇ ପଡୁଛି । ପାଣିର ଧାରା ସିଧା ଧାଡ଼ିରେ ବିଭିନ୍ନ ଉପଧାରାରେ ପଡୁଛି । ସତେ ଯେପରି ପଞ୍ଜୁରୀ ପରି ଦେଖା ଯାଉଛି । ସେଥିପାଇଁ ଏହାକୁ ପଞ୍ଜୁରିଆ ଝରଣା ବି କୁହାଯାଏ । ଏଇ ଜଳପ୍ରପାତରୁ ପାଣି ପାହାଡ଼ ତଳକୁ ଗଡ଼ି ଯାଇ ପୋଖରୀରେ ପଡ଼େ । ପାହାଡ଼ରେ ଥିବା ବିଭିନ୍ନ ଔଷଧୀୟ ବୃକ୍ଷର ଚେରରେ ଜଳପ୍ରପାତର ପାଣି ଘଷି ହୋଇ ପ୍ରବାହିତ ହେଉଥିବାରୁ ଏଥିରେ ଔଷଧୀୟ ଗୁଣ ରହିଥିବା ସ୍ଥାନୀୟ ଲୋକଙ୍କ ବିଶ୍ୱାସ ।

ମନ୍ଦିର ଠାରୁ ଦୂର ପାହାଡ଼ ଉପରକୁ ଜଂଗଲ ଭିତରକୁ ଯିବା ପରେ ଦେଖିବାକୁ ପାଇଲୁ ଛୋଟ ଏକ ଗୁମ୍ଫା । ଏହାକୁ କୁହାଯାଏ ସିଦ୍ଧ ଗୁମ୍ଫା । ଏଠାରେ ବୌଦ୍ଧ ସନ୍ୟାସୀମାନେ ସାଧନା କରୁଥିଲେ । ପାହାଡ଼ରେ ଆଉ ଏକ ଗୁମ୍ଫା ମଧ୍ୟ ଅଛି ।

ସୂର୍ଯ୍ୟ ଢଳିବାକୁ ଆରମ୍ଭ କରିଥିଲେ । ସଂଧ୍ୟା ପୂର୍ବରୁ ଆମକୁ ସେହି ସ୍ଥାନ ଛାଡ଼ିବାର ଥିଲା । ସୁତରାଂ ଶୀଘ୍ର ଶୀଘ୍ର ପାହାଡ଼ରୁ ଚାଲି ଆସିଲୁ ।

ଓଡ଼ିଶାର ଏମିତି ଅନେକ ସ୍ଥାନ ଦେଖିଛି, ଯେଉଁ ଗୁଡ଼ିକ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଛି, ସେଥିମଧ୍ୟରୁ ବୁଗୁଡ଼ା ଅନ୍ୟତମ । ବୁଗୁଡ଼ା ଭୁବନେଶ୍ୱରରୁ ୧୫୨ କିଲୋମିଟର, ବ୍ରହ୍ମପୁରରୁ ୭୦ କିଲୋମିଟର । ଆସ୍କାରୁ ପ୍ରାୟ ୨୮ କିଲୋମିଟର । ରାସ୍ତା ଖୁବ୍ ଭଲ । ନିୟମିତ ଯାତ୍ରୀବାହୀ ବସ୍ ଚଳାଚଳ କରେ । ବୁଦ୍ଧଖୋଲ, ବିରଞ୍ଚିନାରାୟଣ ମନ୍ଦିର ଓ କୃଷ୍ଣସାର ମୃଗଙ୍କୁ ଦେଖିବାକୁ ହେଲେ ଆପଣଙ୍କ ପୂର୍ବଦିନରୁ ଆସି ରହିବାକୁ ପଡ଼ିବ । ବୁଗୁଡ଼ା ସହରରେ ଗୋଟିଏ ସାଧାରଣ ବର୍ଗର ଲଜ୍ ଅଛି । ନଚେତ୍ ଆପଣମାନେ ଆସ୍କାରେ ମଧ୍ୟ ରହି ପାରିବେ । ଅକ୍ଟୋବରରୁ ମାର୍ଚ୍ଚ ହେଉଛି ବୁଗୁଡ଼ା ଆସିବା ପାଇଁ ସର୍ବଶ୍ରେଷ୍ଠ ସମୟ ।

ପ୍ରକୃତି, ଐତିହ୍ୟ ଏବଂ ୱାଇଲଡ୍ ଲାଇଫ୍ ପର୍ଯ୍ୟଟନର ଏକ ସୁନ୍ଦର ସମାହାର ଆପଣ ବୁଗୁଡ଼ାରେ ଦେଖିବାକୁ ପାଇବେ । ଏହା ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ମାନ୍ୟତା ହାସଲ କରିବାକୁ ଯୋଗ୍ୟ । ଥରେ ବୁଗୁଡ଼ା ଆସନ୍ତୁ ନା ଆପଣ ପାଇବେ ଏକ ନିଆରା ଅନୁଭୂତି ।



# CARING FOR HEALTHY LIFE

**Cassopeia™**

**Pharmaceuticals Pvt. Ltd.**

SCF 89, Sector-20, N.B Market, Panchukula, (HR) 134117 E-mail: cassopeiapharma@gmail.com

# କାମରୂପର କାମାକ୍ଷା



# ଶକ୍ତିପୀଠ

# କାମସ୍ୱରୂପ କାମାକ୍ଷା

**ଲକ୍ଷ୍ମୀପ୍ରିୟା ଓଝା**

ଟାୱାର-ବି/୪୦୧, ଦି ଆଟ୍‌ଲାଣ୍ଟିକ୍, ମକରପୁରା ରୋଡ୍,
ବରୋଦା-୩୯୦୦୧୦, ଗୁଜୁରାଟ,
ଫୋନ : ୭୪୯୦୯୯୬୮୬୫

ଫଟୋ ସୌଜନ୍ୟ : ଲେଖିକା

ପୁରୁଷ କୈନ୍ଦ୍ରିକ ସମାଜରେ ପିତାଙ୍କ ଇଚ୍ଛାବିରୁଦ୍ଧରେ ଯାଇ ପାର୍ବତୀ ଶିବଙ୍କୁ ନିଜର ଜୀବନସାଥି ଭାବରେ ଗ୍ରହଣ କରିବା, ଯଜ୍ଞର ଆୟୋଜନ କରି ଦକ୍ଷ ପ୍ରଜାପତି ଶିବଙ୍କୁ ନିମନ୍ତ୍ରଣ ନକରିବା, ଶିବଙ୍କ ବାରଣ ସତ୍ତ୍ୱେ ପାର୍ବତୀ ପିତ୍ରାଳୟ ଗମନ କରିବା ଏବଂ ସେଠି ପିତାଙ୍କ ଦ୍ୱାରା ପତିଙ୍କ ଅପମାନ ସହ୍ୟ ନକରିପାରି ଯଜ୍ଞକୁଣ୍ଡରେ ଝାସ ଦେବା ।

ଏ ସମ୍ବାଦ ପାଇ ପାର୍ବତୀଙ୍କର ଅର୍ଦ୍ଧଦଗ୍ଧ ଶରୀରକୁ ଧରି ଶିବଙ୍କର ତାଣ୍ଡବ ନୃତ୍ୟ ଏବଂ ସଂସାରକୁ ରକ୍ଷା କରିବାକୁ ଯାଇ ବିଷ୍ଣୁ ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି କାଟିଦେବା ଏବଂ ସେ ଅଂଶ ସବୁ ଭାରତର ବିଭିନ୍ନ ସ୍ଥାନରେ ପଡ଼ି ଶକ୍ତିପୀଠର ମାନ୍ୟତା ପାଇବା- ଏ କାହାଣୀ ଆମେ ସମସ୍ତେ ଅଳ୍ପ ବହୁତେ ଜାଣିଛେ ।

ନାରୀ ସଦା ପିତ୍ରାଳୟ ଏବଂ ଶ୍ୱଶୁରାଳୟ ମଧ୍ୟରେ ବାଣ୍ଟି ହୋଇ ପରିଶେଷରେ ନିଃଶେଷ ହେଇଯିବା- ଏ କାହାଣୀର ଅନେକ ସାଙ୍କେତିକ ଅର୍ଥ ମଧ୍ୟରୁ ଅନ୍ୟତମ ।

ଭାରତର ୫ ୧ ଟି ଶକ୍ତିପୀଠ ମଧ୍ୟରୁ କାମରୂପର କାମାକ୍ଷାଙ୍କ ମନ୍ଦିର ସର୍ବ ପୁରାତନ ବୋଲି ଗବେଷକଙ୍କ ମତ । କାମରୂପର ନୀଳାଚଳ ପର୍ବତ ଉପରେ ପଡ଼ିଥିଲା ମା’ ସତୀଙ୍କର ଯୋନି ଅଂଶ । ତେଣୁ ଏଠି ମା’ ମୂର୍ତ୍ତି ରହିତା, ଯୋନି ସମ୍ଭୁତା । ପ୍ରଜଜନର ପ୍ରତୀକ ।

ଉତ୍ତରପୂର୍ବ ଭାରତର ପ୍ରବେଶ ଦ୍ୱାର ଆସାମର ଗୌହାଟୀ । ଏହି ଗୌହାଟୀ ସହର ମଝିରେ ମୁଖ୍ୟ ରାସ୍ତାରୁ ମାତ୍ର ତିନିକିଲୋମିଟର ପାହାଡ଼ି ରାସ୍ତାରେ ଉପରକୁ ଗଲେ କାମାକ୍ଷା ଦେବୀଙ୍କ ମନ୍ଦିର । ଗୌହାଟୀ ଏୟାରପୋର୍ଟରୁ ସହଜରେ ଟ୍ୟାକ୍ସି ଉପଲବ୍ଧ ଏବଂ ସହର ମୁଖ୍ୟ ବସ୍ ଅଡ୍ଡା ପଲ୍‌ଟନ୍ ବଜାରରୁ ବସ୍ ସଦା ଉପଲବ୍ଧ । ତେଣୁ ମନ୍ଦିରକୁ ପହଞ୍ଚିବାରେ କିଛି ଅସୁବିଧା ନାହିଁ ।

ଆମର ଆସାମର ଜୋରହାଟରେ ତିନିବର୍ଷ ରହଣୀ ସମୟରେ ଅନେକଥର କାମାକ୍ଷା ଦେବୀଙ୍କର ଦର୍ଶନର ସୁଯୋଗ ମିଳିଥିଲା । ପୁଣି କୋଡ଼ିଏ ବର୍ଷ ପରେ ମେଘାଳୟ ବୁଲିଯିବା ସମୟରେ ଗୌହାଟିରେ ଆମର ବନ୍ଧୁ ଅସୀମ ଦତ୍ତଙ୍କ ଘରେ ରହିବା ବେଳେ ପୁନରାୟ କାମାକ୍ଷା ମନ୍ଦିର ଯିବା ପାଇଁ ଓଝାବାବୁ କହିଲେ । ସତ କହିବାକୁ ଗଲେ ମୋର ଇଚ୍ଛା ନଥିଲେ ମଧ୍ୟ ମନା କରିବାର ସାହସ ମଧ୍ୟ ନଥିଲା ପୂର୍ବ ଅନୁଭୂତି ଯୋଗୁଁ । ଅନୁଭୂତି ଏମିତି କି ୨୦ବର୍ଷ ତଳେ ଯେବେ ଆମେ ଜୋରହାଟରେ ଥିଲୁ ଅଫିସ୍ କାମରେ ସିଲଚର୍ ଯିବା ବାଟରେ ଗୌହାଟିରେ ରହଣୀ ସମୟରେ କାମାକ୍ଷ ମନ୍ଦିରକୁ ଯାଇଥିଲୁ । ମନ୍ଦିରରେ  ସବୁ ଆଡ଼େ ରକ୍ତ । ସଦ୍ୟ ରକ୍ତର ଗନ୍ଧ ମନରେ ବିତୃଷ୍ଣା ଭରି ଦେଇଥିଲା । ମୋ ସାମ୍ନାରେ ନାରୀ ପୁରୁଷ ଉଭୟ ପାରାମାନଙ୍କୁ ହାତରେ ଧରି ମନ୍ଦିର ଶିଖର ଆଡ଼କୁ ଦେଖାଇ କିଛି ପୂଜା କରି ସେମାନଙ୍କ ବେକ ମୋଡ଼ି ଦେବା ଦୃଶ୍ୟ ମୋତେ ବିଚଳିତ କରିଦେଇଥିଲା । ତେଣୁ ମନେମନେ ସିଦ୍ଧାନ୍ତ କରିନେଲି ଆଉ କେବେ ମନ୍ଦିର ଆସିବିନି । ବାଧ୍ୟ ବାଧକତାରେ ବିନା ଇଚ୍ଛାରେ ଦର୍ଶନ କରିବାକୁ ମନ୍ଦିର ଭିତରେ ପଶି ବାହାରିଲା ପରେ ଦେଖିଲି ମୋ ହାତ କଟି ରକ୍ତ ବାହାରୁଛି । ଯଦିଓ କେଉଁଠି ବାଜିଥିବାର ମୋର ମନେ ପଡୁନଥିଲା । ମାତା ଯେ ପ୍ରତ୍ୟେକ୍ଷ- ଏକ ଭୟ ମୋ ଭିତରେ ଘର କରିଗଲା । ତେଣୁ ଓଝାବାବୁ ଯେବେ କୁହନ୍ତି ଚୁପ୍‌ଚାପ୍ ସେବେ ଯାଏ । ମନା କରେନି ।

ଏଥର ଆମେ ଯାହାଙ୍କ ଘରେ ରହିଥିଲୁ ଅସୀମ ଭାୟା ଆଉ ଭାବିଜୀଙ୍କୁ ମନ୍ଦିର ଯିବାକୁ କହିଲୁ । ସେମାନେ ମନା କଲେ । ଏବଂ ଆମେ ଜାଣି ଆଶ୍ଚର୍ଯ୍ୟ ହେଲୁ ମନ୍ଦିର ଠାରୁ ମାତ୍ର ସାତ କିଲୋମିଟର ଦୂରରେ ରହୁଥିଲେ ମଧ୍ୟ ସେମାନେ କେବେ ମନ୍ଦିର ଯାଇନାହାଁନ୍ତି । ସେମାନେ ଶଙ୍କର ଦେବଙ୍କର ଅନୁଗାମୀ ଏବଂ ମୂର୍ତ୍ତିପୂଜା ଓ ବଳିପ୍ରଥାର ବିରୋଧି । ସବୁ ଆସାମିଜ୍ ଯେ କାମାକ୍ଷ ମନ୍ଦିର  ଯାଉଥିବେ ମୋର ପୂର୍ବ ଅନୁମାନ ଭୁଲ ସାବ୍ୟସ୍ତ ହେଲା । ତେବେ ତାଙ୍କ ଝିଅ ଲୀନା ଆମ ସହ ଗଲା ।

ମୁଖ୍ୟରାସ୍ତାରୁ ପାହାଡ଼କୁ ଚଢ଼ିଲା ବେଳେ ଗୌହାଟି ସହରର ସୌନ୍ଦର୍ଯ୍ୟକୁ ଉପଭୋଗ କରି କରି ଆସିଲୁ । ମନ୍ଦିର ପାଖରେ ଧୂପ, ଦୀପ, ଫୁଲ ଆଦି କିଣି ଚପଲ ରଖିଲୁ । ଧୂପ, ଦୀପ କିଣିଲେ ଚପଲ ଫ୍ରିରେ ରଖିପାରିବେ ନହେଲେ ୧୦ଟଙ୍କା ଲେଖା ଚପଲ ପିଛା ଦେବାକୁ ପଡ଼ିବ । ଅନ୍ୟ ମନ୍ଦିରମାନଙ୍କ ପରି ପୂଜା ଭୋଗ ଆଦି କରିବା ପାଇଁ ପଣ୍ଡାମାନେ ପଚାରିଲେ ମଧ୍ୟ ଛଡ଼ାପଡ଼ା ସ୍ଥିତି ନାହିଁ ଏଠି । ସବୁ ପୂଝାରୀ ପିନ୍ଧିଥିଲେ ଲାଲରଙ୍ଗର ଧୋତି, ସାର୍ଟ ଏମିତିକି ଘୋଡ଼େଇ ହୋଇଥିବା ସାଲ୍ ମଧ୍ୟ ଲାଲ୍ ରଙ୍ଗର ।

କୋଡ଼ିଏ ବର୍ଷ ପରେ ମନ୍ଦିର ପରିସରରେ ସମୟ ସହ ତାଳ ଦେଇ ଅନେକ ପରିବର୍ତ୍ତନ ପରିଲକ୍ଷିତ ହେଲା । ପୂର୍ବରୁ ନା ଟିକେଟ ସିଷ୍ଟମ ଥିଲା ନା ବ୍ୟାରିକେଟ୍ । ଏବେ ପୂର୍ବାପେକ୍ଷା ଭିଡ଼ ଅଧିକ କିନ୍ତୁ ଲାଇନ୍ ସୁବ୍ୟବସ୍ଥିତ ଏବଂ ସୁଖପ୍ରଦ । ଫ୍ରି ଲାଇନ୍‌ରେ ଆରମ୍ଭରୁ ଶେଷଯାଏ



▶ଲେଖିକା ଲକ୍ଷ୍ମୀପ୍ରିୟା ଓଝା



ବେଞ୍ଚ୍ ବସିବା ପାଇଁ । ସେଦିନ ଅଫିସ୍ ଦିନ । ତେଣୁ ଭିଡ଼ ଅପେକ୍ଷାକୃତ କମ, ଆମେ ୧୧.୩୦ରେ ଲାଇନ୍‌ରେ ଠିଆ ହେଲୁ ୩ଟାରେ ଦର୍ଶନ ହେଲା । ଗୋଟାଏରୁ ଦି'ଟା ମନ୍ଦିର ବନ୍ଦ । ଛାଇନ୍‌ରେ ଚାଲୁଥିବା ବେଳେ ସମସ୍ତେ ଚୁପ୍ ଥିଲେ । ମନ୍ଦିର ପାଖରେ ସ୍ପେଶାଲ୍ ଲାଇନ୍ (ଟିକେଟ ୫୦୦ଟଙ୍କା, ଜଣକା ପିଛା) ମିଶିଲା ଆମ ସହ । ହାଇଦ୍ରାବାଦରୁ ଆସିଥିବା ତେଲୁଗୁ ଗ୍ରୁପ୍ ମିଶିଗଲେ ଆମ ସହ । ସେମାନେ ଦୁର୍ଗାସ୍ତୁତି ଆରମ୍ଭ କଲେ ଯେ ଶେଷ କଲେ ମନ୍ଦିର ଭିତରେ ପ୍ରବେଶ କଲା ପରେ, ପରିବେଶ ପାର୍ବଣମୟ ହେଇଗଲା । ଭକ୍ତିରସରେ ସ୍ନାନ କଲେ ସମସ୍ତ ଭକ୍ତଗଣ । ଚେନ୍ନାଇରେ ଆମର ରହଣୀ ସମୟରେ ଦକ୍ଷିଣ ଭାରତର ସଂସ୍କୃତି ସହ ମୁଁ ପରିଚିତ । ସେଠି ସ୍ତ୍ରୀ ଲୋକମାନେ ଦଳବଦ୍ଧ ଭାବରେ ମନ୍ଦିରରେ ହେଉ ବା କାହା କାହା ଘରେ ପ୍ରାୟ ସପ୍ତାହରେ ଦିନେ ଦୁଇଦିନ ଦୁର୍ଗାସ୍ତୁତି, ଲଳିତା ସହସ୍ରାଷ୍ଟକ, ବିଷ୍ଣୁ ସହସ୍ରାଷ୍ଟକ ଆଦି ପାଠ କରନ୍ତି । ଦକ୍ଷିଣ ଭାରତୀୟମାନେ ଛୋଟବେଳୁ ପୂଜାପାଠରେ ମନୋନିବେଶ କରନ୍ତି । ତେଣୁ ସେମାନଙ୍କ ସଂସ୍କୃତ ଉଚ୍ଚାରଣ ଖୁବ୍ ଶୁଦ୍ଧ, ବଳିଷ୍ଠ ଏବଂ ମଧୁର । ସେମାନେ ଦଳବଦ୍ଧ ଭାବରେ ଯେବେ ବିଷ୍ଣୁ ସହସ୍ରନାମ ବା ଲଳିତାଷ୍ଟକ ଗାଆନ୍ତି ଲାଗେ ଯେମିତି ଯଜ୍ଞରେ ବ୍ରାହ୍ମଣମାନେ ମନ୍ତ୍ରୋଚ୍ଚାରଣ କରୁଛନ୍ତି ।

ଆମେ ମନ୍ଦିର ପାଖରେ ପହଞ୍ଚିଲା ବେଳକୁ ଡାହାଣ ପଟେ ବ୍ରାହ୍ମଣଟିଏ ବସି, 'ଏଠି ମୁଣ୍ଡିଆମାର ପଇସା ପକାଅ' ବାରମ୍ବାର କହୁଥିଲା । କେହି ସେ ଆଡ଼କୁ ଧ୍ୟାନ ଦେଉନଥିଲେ । ଆଜିକାଲି ବ୍ରାହ୍ମଣଙ୍କ ପାଲରେ ପଡ଼ିବା ଲୋକ ପୂର୍ବାପେକ୍ଷା କମ୍ ହେଇଗଲେଣି । ଭୁଲ୍ ଠିକ୍ ବୁଝିଲେଣି । ସେଠୁ ଦିଶୁଥିଲା ବଡ଼ବଡ଼ ବାଲ୍‌ଟି, ବାସନ ଆଦି । ବୋଧହୁଏ ତାହା ମାଆଙ୍କର ରୋଷେଇଘର ।

ମନ୍ଦିର ଭିତରେ ପଶୁ ପଶୁ ମାଆଙ୍କର ରେପ୍ଲିକା । ପ୍ରଥମଥର ଯାଉଥିବା ଲୋକ ଭ୍ରମରେ ମୁଖ୍ୟ ମୂର୍ତ୍ତି ଭାବି ପଇସା ଦେଇ ମୁଣ୍ଡିଆ ମାରୁଥିଲେ, ପଣ୍ଡିତ ମଧ୍ୟ ପଇସା ଦେବାକୁ ବାରମ୍ବାର କହୁଥିଲେ । ଆମ ଆଗେ ଆଗେ ଚାଲୁଥିବା ଦକ୍ଷିଣ ଭାରତୀୟ ସ୍ତ୍ରୀ ଲୋକମାନେ ସାଙ୍ଗରେ ଆଣିଥିବା ଶାଢ଼ି, ଚୁଡ଼ି, ସିନ୍ଦୁର ଆଦି ସେଇଠି ଅର୍ପଣ କରିଦେଲେ । ମୁଁ ସେମାନଙ୍କୁ କହୁଥିଲି ଆଗରେ ମୁଖ୍ୟ ମନ୍ଦିର । ସେମାନେ ବୁଝି ପାରିଲେନି ବୋଧେ । ମୋ କଥା ଶୁଣି ପୂଜାରୀ କହିଲେ- "ହଁ ହଁ ମୁଖ୍ୟ ମନ୍ଦିର ଆଗରେ । ଯାଅ । ହେଲେ ଏଠି ପଇସା ଦେଇଯାଅ ।"

ପୂର୍ବରୁ ମନ୍ଦିର କେବଳ ଦୀପର ଆଲୋକରେ ଆଲୋକିତ ହେଉଥିଲା । ତେଣୁ ଭିତରେ ଯଥେଷ୍ଟ ଆଲୋକର ଅଭାବରେ ଅନ୍ଧାରିଆ ଲାଗୁଥିଲା । ସଂପୂର୍ଣ୍ଣ ମନ୍ଦିରଟି ପଥରରେ ତିଆରି ସହ ଉପର ଗମ୍ବୁଜ ଇଟାରେ । କୌଣସି ସ୍ଥାନରେ ଝରକା ବା ଆଲୋକ ପ୍ରବେଶର ସୁବିଧା ନାହିଁ । ତେଣୁ ଟିକେ ଅଣ ହୁସିଆରୀ ହେଲେ ପଥର ଦେହରେ ବାଜିବା ଥୟ । ଯଦିଓ ଏବେ ଇଲେକ୍ଟ୍ରିସିଟି ଆସିଗଲାଣି ମନ୍ଦିର ଭିତରେ । କେବଳ ଗର୍ଭଗୃହକୁ ଛାଡ଼ିଦେଲେ ବାକି ମନ୍ଦିର ଆଲୋକିତ । ମାତା ଯୋନି ସମ୍ଭୂତା ବୋଲି ଏବେ ବି ସେଠି କେବଳ ଦୀପ ହିଁ ଜଳୁଛି । ଟିକେ ହୁସିଆରି ହେଇ ଭିତରକୁ ଯିବାକୁ ପଡ଼େ ।

ଗୋଟେ କୁଣ୍ଡ ଆକୃତି ଗର୍ତ୍ତ ଭିତରେ ଫୁଲ, ଶାଢ଼ି ଆଦି ଦେଇ ଘୋଡ଼ା ଯାଇଛି । କୁହାଯାଏ ତା'ତଳେ ଗୋଟେ ଯୋନି ଆକୃତିର ପଥର ଅଛି ଏବଂ ଏ ପଥର ଉପର ଦେଇ ପାଣି ସଦା ପ୍ରବାହିତ । ଭକ୍ତମାନେ ସେଇ ପଥର ଓ ପାଣିକୁ ଛୁଇଁ ମୁଣ୍ଡିଆ ମାରନ୍ତି । ସାମ୍ନାରେ ଲକ୍ଷ୍ମୀ ସରସ୍ୱତୀଙ୍କ ମୂର୍ତ୍ତି ଅଛି । ସେଠି ପଇସା ପକାଇ ମୁଣ୍ଡିଆ ମାରିବାକୁ କାର୍ଯ୍ୟରତ ପୁଲିସକର୍ମୀ ଓ ପଣ୍ଡା କହିଲେ । ଅପେକ୍ଷାକୃତ ଧର୍ମପରାୟଣ ଦକ୍ଷିଣ ଭାରତୀୟ ମହିଳାମାନେ ମା'ଙ୍କର ଫୁଲ ମାଗିବାରୁ ପୂଝାରୀ ପଇସା ଆଗ ଦେଲେ ଫୁଲ ମିଳିବ ବୋଲି କହିଲେ । ମୁଁ ଲକ୍ଷ୍ୟ କଲି ଯିଏ ପଇସା ନେଉ ନାହାନ୍ତି ତାଙ୍କୁ ପୂଝାରୀ ତୀର୍ଯ୍ୟକ କରୁଛନ୍ତି । ଏ କଥା ମନ୍ଦିରରୁ ଫେରିଲା ପରେ ଏଥିପ୍ରତି ମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଇଥିଲି ମୁଁ ।

ମନ୍ଦିରରୁ ବାହାରି ବାହାରେ ଦୀପ ଷ୍ଟାଣ୍ଡରେ ଦୀପ ଲଗେଇ ମନ୍ଦିର ପ୍ରଦକ୍ଷିଣ କଲୁ । ପୂର୍ବରୁ ମନ୍ଦିର ଗାତ୍ରରେ ଖୋଦିତ ନଟରାଜ ମୂର୍ତ୍ତି, ଦୁର୍ଗାମୂର୍ତ୍ତି ଆଦିରେ ଭକ୍ତଙ୍କ ଦ୍ୱାରା ସିନ୍ଦୁର ବୋଳା ଯାଇଥିବାରୁ କେଉଁ ମୂର୍ତ୍ତି ବୋଲି ପ୍ରତୀୟମାନ ହେଉ ନଥିଲେ । ଏବେ ପ୍ରଶାସନ ଦ୍ୱାରା ସିନ୍ଦୁର ସଫା ହୋଇ ସୁନ୍ଦର ଭାବେ ସୁନେଲି ରଙ୍ଗଦିଆ ଯାଇ ମୂର୍ତ୍ତିଗୁଡ଼ିକୁ କାଚରେ ଲାମିନେସନ୍ କରାଯାଇଛି । ତେଣୁ ପୂର୍ବରୁ ଭୟଙ୍କର ଲାଗୁଥିବା ମୂର୍ତ୍ତି ଏବେ ସ୍ପଷ୍ଟ, ସ୍ନିଗ୍ଧ ଓ ଭବ୍ୟ ଲାଗୁଛନ୍ତି । କେବଳ ଗଣେଷଙ୍କ ମୂର୍ତ୍ତିର ପାଦ ତଳେ ଲୋକ ଲାଲ୍ ରଙ୍ଗର ସିନ୍ଦୁର ଢାଳନ୍ତି । ଅପେକ୍ଷାକୃତ ଉଚ୍ଚରେ ଥିବାରୁ ମୂର୍ତ୍ତିଟିର ବାକିଅଂଶ ଭକ୍ତଙ୍କ ପାଇଁ ଅପହଞ୍ଚ । ତେଣୁ ମୂର୍ତ୍ତିଟି ବିନା ସିନ୍ଦୁରରେ ସ୍ପଷ୍ଟ ପ୍ରତୀୟମାନ ।

ସେଇଠି ମୁଣ୍ଡିଆ ମାରିଲା ବେଳକୁ ଦଳେ କୁନିକୁନି ଝିଅ ଘେରିଗଲେ ଆମକୁ, 'ମା ଦକ୍ଷିଣା ଦିବେ, ମା ଦକ୍ଷିଣା ଦିବେ", କହି । ମୁଁ ମନା କରିବା ସତ୍ତ୍ୱେ ଓଝାବାବୁ ସେମାନଙ୍କୁ ୧୦ ଟଙ୍କା ଲେଖା ଦେଲେ । ମୁଁ ବିରକ୍ତ ହେଇ, "କାହିଁ ସେମାନଙ୍କୁ ପ୍ରୋତ୍ସାହିତ କରୁଛ ଭିକ ମାଗିବାକୁ" କହିଲା ବେଳେ ଜଣେ ଭକ୍ତ ଶୁଣିଦେଲେ ମୋ କଥା । ସେ ଜିଭ କାମୁଡ଼ି, କାନ ଧରି, "ମା କ୍ଷମା, କ୍ଷମା ମା, କ୍ଷମା' କହି ମୋ ଆଡ଼କୁ ଅନାଇ କହିଲେ, "ମା କାମାକ୍ଷା କୁମାରୀ ସ୍ୱରୂପା' । ଏ କୁନିକୁନି ଝିଅମାନେ ଦେବୀ କାମାକ୍ଷା ସ୍ୱରୂପା । ଏମାନଙ୍କୁ ସନ୍ତୁଷ୍ଟ କଲେ ମା' ସନ୍ତୁଷ୍ଟ ହେବେ । ସମସ୍ତ ମନସ୍କାମନା ପୂରଣ ହେବ ।" ମୋତେ ତାଙ୍କର ଏ କଥା ସନ୍ତୁଷ୍ଟ କରି ପାରିଲାନି । ଛୋଟ ଝିଅମାନଙ୍କୁ ଦେବୀ ମାନିବା ଆମ ଭାରତୀୟ ପରମ୍ପରାରେ ଖୁବ୍ ସୁନ୍ଦର ପ୍ରଥା । ନାରୀ ଜାତି ପ୍ରତି ସମ୍ମାନ । ଏ ଚିନ୍ତାଧାରା ସମସ୍ତଙ୍କ ମନରେ ରୋପଣ ହେଇପାରିଲେ ନାବାଳିକା ଦୁଷ୍କର୍ମ ଲୋପ ପାଇବ । କିନ୍ତୁ ମନ୍ଦିର ପରିସରରେ ଏ ଝିଅମାନଙ୍କର ପଇସା ମାଗିବା ଏବଂ ଭକ୍ତମାନଙ୍କର ତାଙ୍କୁ ପଇସା ଦେବା ପରମ୍ପରା ଆଗାମୀ ପିଢ଼ିପାଇଁ ଏକ ଭିକାରୀ ଗୋଷ୍ଠୀ ସୃଷ୍ଟି କରୁନି କି ? ଆଜି ଯେଉଁ ଝିଅମାନେ ଖୁସିରେ ପଇସା ନେଇ ନିଜ ବାପାମାଙ୍କୁ ନେଉଛନ୍ତି କାଲି ସେହିମାନେ ପରିଶ୍ରମ ନକରି ମନ୍ଦିର ପାହାଚରେ ବସି ଭିକ ମାଗିବେ । କ୍ଷଣିକ ଆତ୍ମସନ୍ତୋଷ ପାଇଁ ସେମାନଙ୍କ ବାପା ମା'ଙ୍କ ସହ ଆମ ଭଳି ଧର୍ମଭୀରୁ ଲୋକମାନେ ତାଙ୍କ ଭବିଷ୍ୟତକୁ ଅତଳ ଗହ୍ୱରକୁ ଠେଲି ଦେଉ ନାହୁଁ କି ? ଏକଥା ସେ ଅନ୍ଧ ଭକ୍ତକୁ ବୁଝାଇବାକୁ ଚେଷ୍ଟା କଲି ମୁଁ କିନ୍ତୁ ବିଫଳ ହେଲି ।

ପୁଣି ଗଲି ପ୍ରଶାସନ ଅଫିସ୍‌କୁ । ମନ୍ଦିର ପରିସର ମଧ୍ୟରେ କୁନିଝିଅମାନଙ୍କୁ ଏମିତି ଭିକ୍ଷା ମାଗିବାକୁ ନିଷେଧ କରିବାକୁ କହିଲି । ଅଫିସ୍‌ରେ ବସିଥିବା ଜଣେ ବ୍ୟକ୍ତି କହିଲ, "ଏମାନେ ଆମ ଏରିଆର ନୁହଁନ୍ତି ମ୍ୟାଡ଼ାମ । ପାହାଡ଼

ତଳୁ ଆସନ୍ତି । ସକାଳୁ ବାପା ମା ତାଙ୍କୁ ଏଇଠି ଛାଡ଼ିଦେଇ ନିଜ କାମରେ ଯାନ୍ତି । ପୁଣି ସଂଧ୍ୟାକୁ ଆସି ନେଇଯାଆନ୍ତି । ଭକ୍ତମାନେ କୁମାରୀ କନ୍ୟାଙ୍କୁ କିଛି ଦାନ ଦକ୍ଷିଣା ଦେଇ ଆତ୍ମ ସନ୍ତୋଷ ଲାଭ କରନ୍ତି ।" ସତରେ ଆମ ଧମକ ଭାବନା ଏତେ ଶକ୍ତ ଯେ ସେଥିରୁ ମୁକୁଳିବା କଷ୍ଟ । ସେଇ କୁନି ଝିଅମାନଙ୍କ ପାଇଁ କିଛି କରିବାର ଇଚ୍ଛା ଥିଲା ମୋର । ଏ ପ୍ରଥାକୁ ରୋକିବାକୁ ମନ ହେଉଥିଲା । କିନ୍ତୁ ସ୍ୱଳ୍ପ ଦିନର ରହଣୀରେ କିଛି କହିପାରିବା ସମ୍ଭବ ନୁହେଁ ଭାବି ନିବୃତ୍ତ ହେଲି ।



ଭାରତର ଅଧିକାଂଶ ସ୍ଥାନରେ ବଳିପ୍ରଥା ନିଷିଦ୍ଧ ହେଲେ ମଧ୍ୟ କାମାକ୍ଷା ମନ୍ଦିରରେ ଏବେ ବି ତାହା ପ୍ରଚଳିତ । ପ୍ରତିଦିନ ସେଠି ବହୁ ସଂଖ୍ୟାରେ ଛେଳି, ପାରା ଆଦି ବଳି ଦିଆଯାଏ । ସଦ୍ୟ ମାଂସ ଓ ରକ୍ତର ଗନ୍ଧ ଲାଇନର ଆସିଲା ବେଳେ ନାକରେ ବାଜେ । ବ୍ୟସ୍ତ ଲାଗେ । ଲାଇନରେ ଆସିଲା ବେଳେ ବଳି ସ୍ଥାନ ପାଖରେ ଗୋଟେ କୁନି ଛେଳିର ମେଁ ମେଁ ଶବ୍ଦ ଖୁବ୍ ମର୍ମନ୍ତୁଦ ଥିଲା । ମୋତେ ତା' ସ୍ୱର ଗୋଟେ ଖୁବ୍ କୁନି ପିଲାର କାନ୍ଦ ପରି ଲାଗୁଥିଲା । ନିଜର ଇଚ୍ଛାପୂର୍ତ୍ତି ପାଇଁ ନିରୀହ ପଶୁଙ୍କୁ ବଳିଦେବା ସପକ୍ଷରେ ମୁଁ ଆଦୌ ନୁହେଁ । ଏ ରୀତିକୁ ମୁଁ ଘୋର ବିରୋଧ କରେ । କିନ୍ତୁ ସେଠି ମାନ୍ୟତା ଏତେ ବଳିଷ୍ଠ ଯେ ତା' ବିରୁଦ୍ଧରେ ଏକାକୀ ସ୍ୱର ଉତ୍ତୋଳନ କରିବା ବିପଦକୁ ଆହ୍ୱାନ କରିବା ପରି । ମା'ଙ୍କ ସାମ୍ନାରେ ବଳି ସ୍ଥାନରେ ବଳି ଦିଆଯାଏ, ପୂର୍ବାପେକ୍ଷା ସେ ସ୍ଥାନ ଏବେ ଖୁବ୍ ପରିଷ୍କାର । ଯେଉଁଠି ସେଇଠି ପୂର୍ବପରି ଲୋମ, ରକ୍ତ ଆଦି ପଡୁନି । ଆଜିକାଲି ବଳି ସଂଖ୍ୟା ମଧ୍ୟ କମିଛି । ଅନେକ ଲୋକ ପୂଜାପାଠ ପରେ ଛେଳି, ପାରା ଆଦିଙ୍କୁ ନମାରି ମନ୍ଦିର ପରିସର ଭିତରେ ଛାଡ଼ି ଦିଅନ୍ତି ।

ମନ୍ଦିର ପାଖରେ ଅଛି ମିୟୁଜିୟମ୍ । ମିୟୁଜିୟମ୍ ଭିତରେ ପୂର୍ବକାଳରେ ମା'ଙ୍କ ପାଖରେ ବଳିଦେବା ପାଇଁ ବ୍ୟବହୃତ ହେଉଥିବା ଅନେକ ଅସ୍ତ୍ରଶସ୍ତ୍ର, ବାସନ ଓ ପ୍ରାଚୀନ କାମାକ୍ଷା ମନ୍ଦିରର ଭଗ୍ନାବଶେଷ ମାନ ଅଛି । ସେଠି ଆମକୁ ମିଳିଲେ ମନ୍ଦିରର ପର୍ଯ୍ୟବେକ୍ଷକ ଶ୍ରୀ ଦୀପୁ କଲିତା । ସେ ମନ୍ଦିର ଉପରେ ଖୁବ୍ ପ୍ରାଞ୍ଜଳ ଭାବରେ ସ୍ୱଇଚ୍ଛାରେ ଧାରା ବିବରଣୀ ଦେବା ସହ ନୀଳାଚଳ ପର୍ବତ ଶୃଙ୍ଖଳା ତା'ଭିତରେ ଥିବା ମନ୍ଦିର ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କଲେ, ଯାହାର ବର୍ଣ୍ଣନା ମୁଁ କରିବାକୁ ଯାଉଛି ।

ବ୍ରହ୍ମା, ବିଷ୍ଣୁ, ଶିବ- ଏହି ତିନି ପାହାଡ଼ର ସମ୍ମିଶ୍ରଣରେ ନୀଳାଚଳ ପର୍ବତ । ବ୍ରହ୍ମା, ବିଷ୍ଣୁ ପାହାଡ଼ ମଝିରେ ଥିବା ଶିବ ପାହାଡ଼ରେ ମା' କାମାକ୍ଷା ଦେବୀଙ୍କ ମନ୍ଦିର । ବିଷ୍ଣୁଙ୍କର ସୁଦର୍ଶନ ଚକ୍ରରେ ସତୀଙ୍କର ଶରୀର ଛେଦନ ବେଳେ ଯୋନି ଅଂଶ ପଡ଼ିଲା ଏଇ ଶିବ ପାହାଡ଼ରେ । ମାତାଙ୍କର ଯୋନିର ଭାର ସହି ନପାରି ପାହାଡ଼ ଧିରେ ଧିରେ ତଳକୁ ଦବିବାକୁ ଲାଗିବା ଦେଖି ଶିବ ତଳୁ ନିଜ ଭାର ଦେଇ ପାହାଡ଼କୁ ଆଉ ତଳକୁ ଦବିବାକୁ ଦେଲେନି । ଏହି ତିନି ପାହାଡ଼ ଭିତରେ ଅନେକ ଗମ୍ୟ ଓ ଅଗମ୍ୟ ମନ୍ଦିର ।


ନରକାସୁର ଅଜର ଅମର ହେବା ପାଇଁ ଯୋନି ପୀଠରେ ମା' କାମାକ୍ଷାକୁ ତପସ୍ୟା କଲା । ମା' କାମାକ୍ଷା ତା' ତପସ୍ୟାକୁ ଭଗ୍ନ କରିବା ପାଇଁ ଏକ ସୁନ୍ଦର ତରୁଣୀ ରୂପରେ ପ୍ରକଟ ହେଲେ । ତାଙ୍କୁ ଦେଖି ନରକାସୁର ମନରେ କାମାଗ୍ନୀ ଜାଗ୍ରତ ହେଲା ଏବଂ ସେ ସେହ ସୁନ୍ଦର ତରୁଣୀକୁ ବିବାହ କରିବା ପାଇଁ ଅଭିପ୍ରାୟ ପ୍ରକାଶ କଲା । ଏହା ଶୁଣି ମାତା ନୀଳାଚଳ ପର୍ବତ ଉପରେ ନିଜ ପାଇଁ ମନ୍ଦିର ଓ ପାହାଡ଼ ତଳୁ ମନ୍ଦିରକୁ ପହଞ୍ଚିବା ପାଇଁ ମନ୍ଦିର ଚାରି ଦିଗରେ ଚାରିଟି ଶିଢ଼ି ରାତି ପାହିବା ପୂର୍ବରୁ ନିର୍ମାଣ କରି ପାରିଲେ ବିବାହ କରିପାରିବାର ସର୍ତ୍ତ ରଖିଲେ । ନରକାସୁର ତାହା ନିର୍ମାଣ ମଧ୍ୟ କରିଦେଲା । ନିର୍ମାଣ ଶେଷ ହେବା ବେଳକୁ ମା' ମାୟା ରଚନା କରି କୁକୁଡ଼ାଟିଏ ତିଆରି କଲେ ଯିଏ କୁକୁଡ଼ୁକୁ କହି ସକାଳ ହେବାର ସଙ୍କେତ ଦେଲା । ସେତେବେଳକୁ ରାତି ଅନେକ ଥିଲା ଓ ଯଜ୍ଞ କାମ ସଂପୂର୍ଣ୍ଣ ହୋଇ ସାରିଥିଲା । କେବଳ ପଶ୍ଚିମପଟ ସିଡ଼ି ଅଳ୍ପ ବାକି ଥିଲା । ନରକାସୁର କୁକୁଡ଼ାକୁ ମାରିବାକୁ ଗୋଡ଼େଇ ସମୟ ନଷ୍ଟ କଲା । କୁକୁଡ଼ାକୁ ମାରିଦେଲା ସତ କିନ୍ତୁ ସେତେବେଳକୁ ସକାଳ ହେଇ ସାରିଥିଲା ଓ ସର୍ତ୍ତ ହାରିବା ସହ ପଶୁହତ୍ୟା ଦୋଷରେ ଦୋଷୀ ମଧ୍ୟ ହେଲା ।

ନରକାସୁର ଦ୍ୱାରା ସଂପୂର୍ଣ୍ଣ ହେଇଥିବା ମନ୍ଦିରରେ ପୂଜାପାଠ ବିଧିବଦ୍ଧ ଭାବରେ ହେଉଥିଲା । ସମୟକ୍ରମେ ଅନେକ ବର୍ଷ ପରେ ବାରବାଟୀ ଦୁର୍ଗକୁ ଧ୍ୱଂସ କରିଥିବା କଳାପାହାଡ଼ କାମାକ୍ଷା ମନ୍ଦିରକୁ ମଧ୍ୟ ଧ୍ୱଂସ କରିଦେଲା । ଶ୍ରୀ ଦୀପୁ କଲିତା କୁହନ୍ତି ମନ୍ଦିରର ଅନେକ ଧ୍ୱଂସାବଶେଷ ପାହାଡ଼ର ବିଭିନ୍ନ ସ୍ଥାନରେ ବିଛେଇ ହେଇପଡ଼ିଛି । ଅନେକ ମାଟି ତଳେ ପୋତି ହେଇ ଯାଇଛି । ଆଉ ଅନେକ ବଡ଼ବଡ଼ ଧ୍ୱଂସାବଶେଷ ଦୁର୍ଗମ ପଥ ଯୋଗୁ ପାହାଡ଼ ଉପରୁ ଆଣି ମିୟୁଜିୟମ୍ ଭିତରେ ରଖିବା ସମ୍ଭବ ନୁହେଁ ।



କଳାପାହାଡ଼ ଦ୍ୱାରା ଧ୍ୱଂସ ହେଉଥିବା ମନ୍ଦିର ଅନେକ ଦଶନ୍ଧି ଯାଏ ନୀଳାଚଳ ପାହାଡ଼ର ଘଞ୍ଚ ବନାନୀରେ ଅବହେଳିତ ହେଇ ପଡ଼ି ରହିଥିଲା । ଥରେ କୋଚ ରାଜବଂଶର ରାଜା ନର ନାରାୟଣଙ୍କୁ ଯୁଦ୍ଧକୁ ଯିବା ବାଟରେ ପାଣି ଭିତରୁ ସୁନାର ମୁଦି ମିଳିଲା ଓ ଯୁଦ୍ଧରେ ବିଜୟୀ ହେଇ ଫେରିଲା ପରେ ସୁନାର ମନ୍ଦିର ନିର୍ମାଣ ପାଇଁ ଦେବୀ ନିର୍ଦ୍ଦେଶ ଦେଲେ । ଯୁଦ୍ଧରେ ବିଜୟୀ ହେଇ ଫେରିଲା ପରେ ରାଜା ନରନାରାୟଣ ଦେବୀଙ୍କ ନିର୍ଦ୍ଦେଶ





ଭୁଲିଗଲେ । ସ୍ୱପ୍ନରେ ଦେବୀ ତାଙ୍କୁ ପୁନରାୟ ନିର୍ଦ୍ଦେଶ ଦେଲେ । ସେ ସୁନାର ମନ୍ଦିର ନିର୍ମାଣ ପାଇଁ ଅକ୍ଷମତା ପ୍ରକାଶ କରିବାରୁ ପ୍ରତି ଇଟା ତଳେ ରତିଏ ସୁନା ଦେବାକୁ ଦେବୀ କହିଲେ ଏବଂ ସେହି ଅନୁସାରେ ମନ୍ଦିର ନିର୍ମାଣ ହେଲା । ୮ମ ଶତାବ୍ଦୀରୁ ୧୭ ଶତାବ୍ଦୀ ମଧ୍ୟରେ ଏହି ମନ୍ଦିର ବିଭିନ୍ନ ସମୟରେ ଅନ୍ୟାନ୍ୟ ରାଜାଙ୍କ ସହ ଅହମ ରାଜାମାନଙ୍କ ଦ୍ୱାରା ପୁନଃନିର୍ମାଣ ହୋଇଛି । ବର୍ତ୍ତମାନ ଟେମ୍ପଲ୍ ଟ୍ରଷ୍ଟ୍ ମୁଖ୍ୟତଃ ବରଦୋଲୋଇ ସମାଜର ପାଞ୍ଚଟି ପରିବାର ମନ୍ଦିର ପରିଚାଳନା ଦାୟିତ୍ୱରେ ଅଛନ୍ତି ।

କାମାକ୍ଷା ଦେବୀ ଦଶ ମହାବିଦ୍ୟା । ତେଣୁ ତାଙ୍କର ଦଶରୂପ, ମନ୍ଦିର ଭିତରେ କାମାକ୍ଷା ଦେବୀଙ୍କ ନିକଟରେ ଲକ୍ଷ୍ମୀ, ସରସ୍ୱତୀଙ୍କ ସହ ଭୈରବୀ (ଅଦୃଶ୍ୟ) ରୂପରେ ଅଛନ୍ତି । ମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ କାଳୀ ଓ ତାରାଙ୍କ ମନ୍ଦିର । ବାକି ମନ୍ଦିର ପାହାଡ଼ର ବିଭିନ୍ନ ସ୍ଥାନରେ ଅବସ୍ଥିତ । ନୀଳଚଳ ପର୍ବତର ବିଷ୍ଣୁ ପାହାଡ଼ର ସବୁଠୁ ଉଚ୍ଚସ୍ଥାନରେ ମାତା ଭୁବନେଶ୍ୱରୀଙ୍କ ମନ୍ଦିର । ମନ୍ଦିର ପହଞ୍ଚିବାକୁ ଥିବା ସିଢ଼ିମାନଙ୍କରେ ଅଛନ୍ତି ସିଦ୍ଧି ବିନାୟକଙ୍କ ସହ ତିନି ପଟୁ ତିନି ଦ୍ୱାରପାଳ, ଉତ୍ତର ଓ ପଶ୍ଚିମ ସିଢ଼ି ମନ୍ଦିରକୁ ପହଞ୍ଚିବା ପାଇଁ ଲୋକେ ବ୍ୟବହାର କରୁଥିବା ସ୍ଥଳେ ପୂର୍ବ ଓ ଦକ୍ଷିଣ ସିଢ଼ି ଏବେ ମଧ୍ୟ ଜଙ୍ଗଲ ମଧ୍ୟରେ ଉହ୍ୟ ଅଛି । ପାହାଡ଼ ଭିତରେ ଅନେକ ତୀର୍ଥକୁଣ୍ଡ । ତା ସମସ୍ତଙ୍କର ମାନ୍ୟତା ସମସ୍ତଙ୍କ ଠାରୁ ଭିନ୍ନ । ମନ୍ଦିର ପରିସରରେ ମଧ୍ୟ ଦୁଇଟି ବଡ଼ କୁଣ୍ଡ ବା ପୁଷ୍କରିଣୀ ଅଛି ।

ଋଣମୁକ୍ତ କୁଣ୍ଡ ମ୍ୟୁଜିୟମକୁ ଲାଗିକି ଅଛି । ମନ୍ଦିରର ସାଧାରଣ ପୁଷ୍କରିଣୀ ପରି ଲାଗୁଥିବା କୁଣ୍ଡଟି କିନ୍ତୁ ଅସାଧାରଣ ଓ ଅନନ୍ୟ । ମୁଁ ଆସାମରୁ ଆସିଲା ପରେ ଥରେ ଦୀପୁ କଲିତା ଲାଇଭ୍ ଭିଡ଼ିଓ କଲିଂରେ ମୋତେ ସେ କୁଣ୍ଡଟି ପୁନରାୟ ଦେଖାଇଥିଲେ । ବର୍ଷକୁ ଥରେ ସେହି ପୁଷ୍କରିଣୀର ପାଣି ମଟର ଯୋଗେ କଢ଼ାଯାଏ । ଖୁବ୍ ଗଭୀର ଥାକଥାକ ସିଢ଼ି କୁଣ୍ଡ ଚାରିପଟେ । ସବାତଳେ କୂଅ ପରି ଗର୍ତ୍ତ ଭିତରେ ଶିବଲିଙ୍ଗ । ପାଣି କଢ଼ାଗଲା ପରେ ଲିଙ୍ଗକୁ ସଫା କରି ପୂଜାପାଠ କରାଯାଏ ବର୍ଷକୁ ଥରେ । ତା'ପରେ ଆପେ ପାଣି ଭର୍ତ୍ତି ହେଇ କୁଣ୍ଡଟି ପୂର୍ଣ୍ଣ ହୋଇଯାଏ । ଦୀପୁ କଲିତାଙ୍କ କହିବା ମୁତାବକ ଏହି କୁଣ୍ଡରେ ନିକଟ ଓ ଦୂର ଦୂରାନ୍ତରୁ ଅସାଧ ରୋଗରେ ପୀଡ଼ିତ ଲୋକ ଏମିତିକି ଶୁଣି ପାରୁନଥିବା, କଥା କହିପାରୁ ନଥିବା ପାଗଳ ବ୍ୟକ୍ତି ଆଦି ଆସି ପୂଜାପାଠ ପରେ ସଂପୂର୍ଣ୍ଣ ସୁସ୍ଥ ହେଇ ଫେରୁଛନ୍ତି ।

ମନ୍ଦିର ପାଖକୁ ଲାଗି ଆଉ ଗୋଟେ ବଡ଼ ପୁଷ୍କରିଣୀ ଯାହା ଦୁଇଭାଗରେ ବିଭକ୍ତ ପାଚେରୀ ଦିଆଯାଇ । ଗୋଟିଏ ପଟେ ମା'ଙ୍କ ପୂଜା ପାଇଁ ପାଣି ନିଆଯାଏ । ଅନ୍ୟପଟଟି ଭକ୍ତଙ୍କ ପଦ ପ୍ରକ୍ଷାଳନ, ସ୍ନାନାଦି ଆଦି କରି ଶୁଦ୍ଧପୂତ ହେଇ ମନ୍ଦିରକୁ ପ୍ରବେଶ୍ କରିବା ପାଇଁ ଉଦ୍ଦିଷ୍ଟ । ମାନ୍ୟତା ଅନୁସାରେ ଏହି କୁଣ୍ଡରେ ସ୍ନାନାଦି କରି ନିକଟରେ ଥିବା ଗଣପତିଙ୍କ ଆଜ୍ଞା ନେଇ ମନ୍ଦିରକୁ ପ୍ରବେଶ କରିବାର ବିଧି ଅଛି । ପୁଷ୍କରିଣୀ ଚାରିପଟେ କିଛି ଭାରତୀୟ ଏବଂ କିଛି ବିଦେଶୀ ସ୍ଥାନେ ସ୍ଥାନେ ଧ୍ୟାନ ମୁଦ୍ରାରେ ବସି ପୂଜାପାଠ କରୁଥିଲେ । ଆମେ କୁଣ୍ଡ ପାଖରେ ଥିବା ସମୟରେ ଜଣେ ବ୍ୟକ୍ତି କଦଳୀ ଗଛକୁ ନୂଆଶାଢ଼ି ପିନ୍ଧାଇ କାନ୍ଧରେ ବୋହି ଆଣି ଏହି ପାଣିରେ ବିସର୍ଜନ କରିବା ଦେଖିଲି । ଆଉ ଗୋଟେ ପରିବାର ପୂଜାପାଠ କରି ଗୋଟିଏ ଛେଳିକୁ ଗାଧୋଇ ଦେଉଥିବାର ଦେଖିଲି । ନିଜନିଜ ମନ୍ନତ ଅନୁସାରେ ପୂଝାରୀ ସାହାଯ୍ୟରେ ଲୋକମାନେ ପୂଜାପାଠ କରୁଥିବାର ଦେଖିଲି ।

ସବୁଠୁ ଆଶ୍ଚର୍ଯ୍ୟ କଥା ମନ୍ଦିର ପରସରରେ ଅଛି ଜୁନା ଆଖଡ଼ାର ଏକ ସଂସ୍ଥା । ଅବଶ୍ୟ ଜରାଜୀର୍ଣ୍ଣ ଅବସ୍ଥାରେ । କିନ୍ତୁ ଚଳଚଞ୍ଚଳ । ସାମ୍ନା ବାରଣ୍ଡାରେ ନବେ ପରେ ହେବ ଏକ ସାଧକ ନିଜ ସାଧନାରେ ବ୍ରତୀ ଥିଲେ । କାମାକ୍ଷା ଦେବୀଙ୍କର ମନ୍ଦିର ବଳି ପାଇଁ ପ୍ରସିଦ୍ଧ ହେଲେ ମଧ୍ୟ ମନ୍ଦିର ପରିସରରେ ଥିବା ଏହି ଆଖଡ଼ାର ସାଇନବୋର୍ଡ଼ରେ "ଏଠି ମାଂସ ଭକ୍ଷଣ ନିଷିଦ୍ଧ" ଦେଖି ଆଶ୍ଚର୍ଯ୍ୟ ଲାଗିଲା ।

ତନ୍ତ୍ରମନ୍ତ୍ରର ପୀଠ ରୂପେ କାମାକ୍ଷା ମନ୍ଦିର ପ୍ରସିଦ୍ଧ । କଳାବସ୍ତ୍ର ପରିଧାନ ଅନେକ ତାନ୍ତ୍ରିକ ମନ୍ଦିର ପରିସର ଓ ଆଖପାଖରେ ଦେଖିବାକୁ ମିଳନ୍ତି । ତେବେ ଜୁନ୍ ମାସରେ ପଡୁଥିବା 'ଅମ୍ବୁବାରୀ' ମେଳା ଏଠିକାର ମୁଖ୍ୟପର୍ବ । ସେହି ସମୟରେ ମାତା ରଜସ୍ୱଳା ହୁଅନ୍ତି । କୁହାଯାଏ ସେହି ସମୟରେ ମାତାଙ୍କୁ ଘୋଡ଼ା ଯାଇଥିବା ଧଳା କପଡ଼ା ଲାଲ୍ ରଙ୍ଗ ହେଇଯାଏ । ଏବଂ ସେହି ଲାଲ କପଡ଼ାର ଅଂଶ ଖଣ୍ଡେ ଭକ୍ତ ପାଇଲେ ନିଜକୁ ସୌଭାଗ୍ୟବାନ ମନେ କରନ୍ତି । ଏହି ସମୟରେ ତିନିଦିନ ମନ୍ଦିର ବନ୍ଦ ରୁହେ ଏବଂ ବାହାରେ ତାନ୍ତ୍ରିକମାନଙ୍କର ଭିଡ଼ । ଅନେକ ତାନ୍ତ୍ରିକ କେବଳ ଏହି ତିନିଦିନ ହିଁ ଦେଖାଯାନ୍ତି ବାକି ସମୟ ଗୁପ୍ତ ରୁହନ୍ତି । ଅନେକ ବାଲିରେ ନିଜର ମୁଣ୍ଡ ପୋତି, ଗୋଟିଏ ଗୋଡ଼ରେ ଠିଆ ହେବାର ବିଭିନ୍ନ ଦୃଶ୍ୟ ଦେଖିବାକୁ ମିଳେ ।

ମନ୍ଦିର ବାହାରେ ମାଗଣାରେ ଅନ୍ନପ୍ରସାଦ ମିଳେ । ତେବେ ମନ୍ଦିର ବୁଲି ସାରି ସବୁ ତଥ୍ୟ ସଂଗ୍ରହ କରିସାରିଲା ବେଳକୁ ଆଉ ସମୟ ବା ଶକ୍ତି ଆମ ପାଖରେ ନଥିଲା । ଅଗତ୍ୟା ଟ୍ୟାକ୍ସି କରି ଲୀନା ଘରକୁ ଫେରିଛି ।

କାମାକ୍ଷା ମନ୍ଦିରର ଶୈଳୀ ଭାରତର ଅନ୍ୟାନ୍ୟ ମନ୍ଦିରର ଶୈଳୀ ଠାରୁ ସଂପୂର୍ଣ୍ଣ ଭିନ୍ନ । ଏହା ନୀଳାଚଳ ଶୈଳୀରେ ନିର୍ମିତ ବୋଲି କୁହାଯାଏ । କେବଳ ଭାରତ ନୁହେଁ ଭାରତ ବାହାରେ ମଧ୍ୟ ମା' କାମାକ୍ଷାଙ୍କର ମାନ୍ୟତା ଅଛି । ଦଶହରା ସମୟରେ ନେପାଳ ନରେଶ କାମାକ୍ଷା ମନ୍ଦିରକୁ ଆସି ମଇଁଷୀ ବଳି ଦିଅନ୍ତି । ତନ୍ତ୍ରମନ୍ତ୍ର ସାଧନାର ପୀଠ ଇଏ । ଦେଶର ସମସ୍ତ ସହରରୁ ଗୌହାଟିକୁ ସିଧା ଟ୍ରେନ୍, ବସ୍, ପ୍ଲେନ୍‌ର ସୁବିଧା ଅଛି ଏବଂ ରହଣୀ ପାଇଁ ଶସ୍ତାରୁ ମହଙ୍ଗା ସବୁ ପ୍ରକାର ହୋଟେଲ ଅଛି । ଶୀତଦିନେ ଗୌହାଟୀରେ ସାଢ଼େ ତିନିଟା ପରେ ସଂଧ୍ୟା ହୋଇଯାଏ ଏବଂ ବର୍ଷାଦିନେ ଏଠିକୁ ଆସିବାକୁ ଆଡ଼ଏଡ଼ କଲେ ଭଲ । ଉତ୍ତରପୂର୍ବ ଭାରତ ଭ୍ରମଣ ସମୟରେ କାମାକ୍ଷା ଦର୍ଶନ ପାଇଁ ଗୋଟେ ଦିନ ରଖିବା ଆବଶ୍ୟକ । ନହେଲେ ପରିଭ୍ରମଣ ପୂର୍ଣ୍ଣ ପୂର୍ଣ୍ଣ ଲାଗିବନି ।



# ବିରଳ ବଗଦା

# ବଗ୍‌ଦା ବିଚ୍‌ର ବୈଚିତ୍ର୍ୟ


**ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି**

ଫକୀରମୋହନ ନଗର, ବାଲେଶ୍ୱର-୭୫୬୦୦୧
ଫୋନ:୮୨୪୯୩୫୩୮୩୪


ଫଟୋ ସୌଜନ୍ୟ : ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ




**ସର୍ବବୃହତ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବାଲେଶ୍ୱରର ବଗ୍‌ଦା ବିଚ୍: ଏକମାତ୍ର ଅକ୍ଷତ ସମୁଦ୍ର କୂଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ଶାନ୍ତ ପରିବେଶ ଓ ନିରବତାକୁ ପସନ୍ଦ କରୁଥିବା ପର୍ଯ୍ୟଟକଙ୍କ ଲାଗି ଏହା ଏକ ଅନିନ୍ଦ୍ୟ ନନ୍ଦନକାନନ କୁହାଯାଇପାରେ । ନୂଆ ବିଚ୍, ନୂଆ ଆବିଷ୍କାର । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସହିତ ଗହଳ ଝାଉଁ (କାଜୁରିନା) ବଣର ଶୋଭା ସତରେ ମନକୁ ମୋହିନେବ । ଲେଖକ ଓ କବି ହୋଇଥିଲେ ନିଶ୍ଚୟ ଆସନ୍ତୁ 'ବଗ୍‌ଦା'ଥରଟିଏ ।**




▲ ଲେଖିକା ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି

ସର୍ବବୃହତ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବାଲେଶ୍ୱରର ବଗ୍‌ଦା ବିଚ୍: ଏକମାତ୍ର ଅକ୍ଷତ ସମୁଦ୍ର କୂଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ଶାନ୍ତ ପରିବେଶ ଓ ନିରବତାକୁ ପସନ୍ଦ କରୁଥିବା ପର୍ଯ୍ୟଟକଙ୍କ ଲାଗି ଏହା ଏକ ଅନିନ୍ଦ୍ୟ ନନ୍ଦନକାନନ କୁହାଯାଇପାରେ । ନୂଆ ବିଚ୍, ନୂଆ ଆବିଷ୍କାର । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସହିତ ଗହଳ ଝାଉଁ (କାଜୁରିନା) ବଣର ଶୋଭା ସତରେ ମନକୁ ମୋହିନେବ । ଲେଖକ ଓ କବି ହୋଇଥିଲେ ନିଶ୍ଚୟ ଆସନ୍ତୁ 'ବଗ୍‌ଦା'ଥରଟିଏ ।

ଓଡ଼ିଶାର ଉପକୂଳ ଜିଲ୍ଲା ବାଲେଶ୍ୱର ସହରଠୁ ମାତ୍ର ୩୫ କିଲୋମିଟର ଦୂରରେ ବଗ୍‌ଦା ବିଚ୍ । ସହରର ଜନଗହଳିପୂର୍ଣ୍ଣ ବାତାବରଣ ତଥା ବ୍ୟସ୍ତବହୁଳ ଦିନଚର୍ଯ୍ୟାରୁ ବାହାରି ଟିକେ କ୍ଳାନ୍ତି ମେଣ୍ଟାଇବାର ଏକ ଶାନ୍ତ ପରିବେଶଯୁକ୍ତ ଏକ ଅଦ୍ୱିତୀୟ ସ୍ଥାନ ଏଇ ବଗ୍‌ଦା । ମାତ୍ର ଦୁଇ ବର୍ଷ ହେବ ଲୋକଲୋଚନକୁ ଆସିଥିବା ଏ ସ୍ଥାନ ଏବେବି ଅନେକଙ୍କ ଅଗୋଚରରେ । ତେବେ ଥରେ ଯେ ଯାଇଛି ସେ ବେଶ୍ ଭଲ ପାଇଛି ବଗ୍‌ଦାକୁ । ଯଦ୍ୟପି ପର୍ଯ୍ୟଟନ ସ୍ଥଳୀର ଯଥାର୍ଥ ମାନ୍ୟତା ପାଇନାହିଁ, ତଥାପି ଏହା କିଛି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ସାରିଛି । ଅଳ୍ପସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନରେ ଏବେ ମୁଖରିତ ହେଉଥିବା ବଗ୍‌ଦା ଏକ ପ୍ରକାର ବେସରକାରୀ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇପାରିଛି । ସେଥିପାଇଁ ତ ନିଜର ଅବସର ସମୟ ସେପରି ଏକ ପରିବେଶରେ କଟେଇବା ପାଇଁ ଛୁଟି ଆସନ୍ତି ବାଲେଶ୍ୱର ସହର ଓ ଆଖପାଖ ଅଞ୍ଚଳରୁ ସଭିଏଁ । ଖୁବ୍ ଅଳ୍ପ ଲୋକଙ୍କ ଦୃଷ୍ଟିକୁ ଆସିଥିବା ଏହି ସ୍ଥାନଟିକୁ ସତରେ ନିଜ ଆଖିରେ ନଦେଖିଲେ କେହି ଅନୁଭବ କରିପାରିବେ ନାହିଁ । ସ୍ଥାନଟି ହେଉଛି ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ପଞ୍ଚାୟତର ଦୁବଲାଗଡ଼ି ଗାଁର ବଗ୍‌ଦା ବେଳାଭୂମି ।

ଚାନ୍ଦିପୁର ବେଳାଭୂମି ଦେଶ ବିଦେଶରେ ପରିଚିତ ଥିଲେ ମଧ୍ୟ କିଛି ବର୍ଷ ହେଲା ପର୍ଯ୍ୟଟକଙ୍କ ଆଡୁଆଳରେ ଥିବା ବଗ୍‌ଦା ବିଚ୍ କିଛି ଲୋକଙ୍କୁ ଆକୃଷ୍ଟ କରିବା ଆରମ୍ଭ କରିସାରିଲାଣି । ସହରର ଜନଗହଳିଠୁ ଅନତି ଦୂରରେ ଥିବା ଏହି ବେଳାଭୂମିର ପରିବେଶ ଅତ୍ୟନ୍ତ ଆନନ୍ଦଦାୟକ ଓ ଉପଭୋଗ୍ୟ । ଏହି ବେଳାଭୂମି ଚାନ୍ଦିପୁର ପରି ଫ୍ଲାଟ୍ ବା ସମତଳ ନୁହେଁ ବରଂ ଉଚ୍ଚା ରହିଛି । ଏମିତିକି ଚାନ୍ଦିପୁରର କାଦୁଅମିଶା ସମୁଦ୍ର ତଟ ପରି ନୁହେଁ ଏହା । ଏହି ବିଚ୍‌ରେ ବାଲି ଆଉ ବାଲି ପାଇବେ । ବାଲିର ଶଯ୍ୟାରେ ସଜା ଏହି ବିଶାଳ ଓ ସୁଦୀର୍ଘ ବେଳାଭୂମି, ଘଞ୍ଚ ଝାଉଁ ଜଙ୍ଗଲ, ବାଲିସ୍ତୂପ ଏବଂ ସେଠାରେ ସୂର୍ଯ୍ୟାସ୍ତର ଦୃଶ୍ୟ ବେଶ ମନଲୋଭା ଓ ଅଭୁଲା । ଜନଗହଳି ପୂର୍ଣ୍ଣ ପରିବେଶରୁ ଘଡ଼ିଏ ନିରୋଳାରେ ସମୟ ଅତିବାହିତ କରିବା ପାଇଁ ଚାହୁଁଥିବା ପର୍ଯ୍ୟଟକଙ୍କ ପାଇଁ ବଗ୍‌ଦା ବିଚ୍ ଏକ ନୈସ୍ୱର୍ଗିକ ପର୍ଯ୍ୟଟନ ସ୍ଥଳୀ କହିଲେ ଭୁଲ ହେବ ନାହିଁ । ଏହାବ୍ୟତୀତ ବଗ୍‌ଦା ବେଳାଭୂମିର ଆଦୃତିକୁ ଦେଖି ସେଠାରେ ରହିବା ଓ ଖାଇବା ବ୍ୟବସ୍ଥା ପାଇଁ ବ୍ୟକ୍ତିଗତ ଭାବେ ଟେଣ୍ଟ୍ ହାଉସ୍ ଓ କଟେଜ୍ ବା କୁଡ଼ିଆଘର (ଚାଳଘର)ର ମଧ୍ୟ ବ୍ୟବସ୍ଥା କରାଯାଇଛି । ଲୋକେ ଟେଣ୍ଟ୍ ହାଉସ୍ ନହେଲେ କଟେଜ୍‌ରେ ରହି ସେଠାକାର ପରିବେଶକୁ ଉପଭୋଗ କରିପାରିବାର ବ୍ୟବସ୍ଥା ରହିଛି । ବିଶେଷକରି ନଭେମ୍ବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବଗ୍‌ଦା ବେଳାଭୂମି ପାଇଁ ବୁଲିବାର ପ୍ରକୃଷ୍ଟ ସମୟ । ଏହା ହିଁ ଉପଯୁକ୍ତ ସମୟ । ସେଠାରେ ବଣଭୋଜି କରିବାକୁ ଚାହୁଁଥିଲେ ତାର ବ୍ୟବସ୍ଥା ମଧ୍ୟ

କରାଯାଇଛି । ଇତିମଧ୍ୟରେ ପର୍ଯ୍ୟଟନ ବିଭାଗ ଉକ୍ତ ସ୍ଥାନକୁ ଯାଇ ପରିଦର୍ଶନ କରିଛନ୍ତି ।



ସହରର ଜନଗହଳିରୁ ବାହାରି ନିରୋଳା ଶାନ୍ତ ପରିବେଶରେ କିଛି ସମୟ ବିତାଇବା ପାଇଁ ବଗ୍‌ଦା ବେଳାଭୂମି ସବୁଠୁ ଉତ୍ତମ ସ୍ଥାନ । ସେଠାକାର ସୁଦୀର୍ଘ ବେଳାଞ୍ଚଳ, ଘଞ୍ଚ ଝାଉଁଜଙ୍ଗଲ ଏବଂ ଇକୋ କଟେଜ୍‌ର ବ୍ୟବସ୍ଥା ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରୁଛି । ଏହା ଏକ ସ୍ୟାଣ୍ଡି ବା ବାଲୁକାପୂର୍ଣ୍ଣ ବେଳାଭୂମି । ବଗ୍‌ଦା ବେଳାଭୂମି ବିଷୟରେ ବାଲେଶ୍ୱରର ପର୍ଯ୍ୟଟନ ଅଧିକାରୀ ଗଗନ କୁମାର ସାହୁ କହନ୍ତି, "ଏ ବେଳାଭୂମିର ପ୍ରଚାର ପ୍ରସାର ହୋଇନଥିବାରୁ ବେଶି ଲୋକ ଜାଣନ୍ତି ନାହିଁ ଏହାର ଆକର୍ଷଣ ବିଷୟରେ । ଏହାର ଉପଯୁକ୍ତ ପ୍ରଚାର ପ୍ରସାର ସାଙ୍ଗକୁ ବିକାଶ କରାଗଲେ ଏହା ଚାନ୍ଦିପୁର ଓ ତଗରା ବେଳାଭୂମିକୁ ପଛରେ ପକାଇଦେବ ବୋଲି ସେଠାକୁ ଆସିଥିବା କିଛି ପର୍ଯ୍ୟଟକ କହିଛନ୍ତି । ବୁଲାବୁଲି ସହ ବଣଭୋଜିର ପ୍ରକୃତ ଆନନ୍ଦ ଉଠାଇବା ପାଇଁ ଏହା ଲୋକଙ୍କର ପ୍ରଥମ ପସନ୍ଦ ହେବ ବୋଲି ଆମେ କହି ପାରିବା । କୌଣସି ଅସାମାଜିକ କାର୍ଯ୍ୟକଳାପ ନଥିବା ବିପଦମୁକ୍ତ ଏହି ବଗ୍‌ଦା ବିଚ୍‌କୁ ପରିବାର ସହ ନହେଲେ ସାଙ୍ଗସାଥି ସହିତ ଯାଇ ନିଜର ମୁହୂର୍ତ୍ତକୁ ସ୍ମରଣୀୟ କରିପାରିବେ ପର୍ଯ୍ୟଟନପ୍ରେମୀ ଯେକେହି ।"


ଗଗନ କୁମାର ସାହୁ, ପର୍ଯ୍ୟଟନ ଅଧିକାରୀ

ବଗ୍‌ଦା ବେଳାଭୂମିରେ ନିଜ ଏକକ ଉଦ୍ୟମରେ 'ମାଇ ଇକୋ କ୍ୟାମ୍ପ୍' ପ୍ରତିଷ୍ଠା କରି ପର୍ଯ୍ୟଟକଙ୍କୁ ସୁବିଧା ଦେଉଥିବା **ରାମଚନ୍ଦ୍ର ସାମନ୍ତ** ଜଣେ ସଫ୍ଟୱେୟାର୍ ଡେଭ୍‌ଲୋପର୍ ତଥା 'ମାଇ ଇକୋ କ୍ୟାମ୍ପ୍'ର ମ୍ୟାନେଜିଂ ପାର୍ଟନର୍ । ନିଜର ଇକୋ କ୍ୟାମ୍ପ୍ ବିଷୟରେ ସେ କହନ୍ତି, "ଆମେ ୬ଜଣ ମିଶି ନୂଆ କରି ବଗ୍‌ଦା ବେଳାଭୂମି ନିକଟରେ ଏକ ବର୍ଷ ହେବ 'ମାଇ ଇକୋ କ୍ୟାମ୍ପ୍' ଆରମ୍ଭ କରିଛୁ । ଆମର ୨୯ଟି ଟେଣ୍ଟ୍ ଏବଂ ୭ଟି ଇକୋ-କଟେଜ୍ ବ୍ୟବସ୍ଥା ରହିଛି । ରହିବା ସହ ଖାଇବାର (ପ୍ରିବୁକିଂ)ମଜା ମଧ୍ୟ ନେଇ ପାରିବେ । ବଗ୍‌ଦାର ସଜ ବାଗଦା (ବଡ଼) ଚିଙ୍ଗୁଡ଼ି ଓ ଫ୍ରେସ୍ ଭେକ୍‌ଟି ମାଛର ଘରୁଆ ରୋଷେଇ ସ୍ୱାଦ ଆପଣଙ୍କୁ ଆଉଥରେ ଆସିବାକୁ ବାଧ୍ୟ କରିବ । ଏହି ବଗ୍‌ଦା ହେଉଛି ସର୍ବବୃହତ ବେଳାଭୂମି ଯେଉଁଠି ପର୍ଯ୍ୟଟକ ସବୁଜ ଓ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପରିବେଶ ପାଇବେ । ଓଡ଼ିଶାର ଯେକୌଣସି ବେଳାଭୂମି ଗଲେ ପର୍ଯ୍ୟଟକ କଂକ୍ରିଟ ଭରା ଜାଗା ପାଇବେ । ତେଣୁ ଆମେ ଏହି ବେଳାଭୂମିକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରଚେଷ୍ଟା କରୁଛୁ । ଯିଏବି ଏଠାକୁ ଆସୁଛନ୍ତି ଏହି ଜାଗାକୁ ପସନ୍ଦ କରିବା ସହ ପ୍ରଶଂସା ମଧ୍ୟ କରୁଛନ୍ତି । ଆଗ୍ରହୀ କେହି ବି www.myecocamp.com ସାଇଟ୍‌କୁ ଯାଇ ପୁରା ତଥ୍ୟ ପାଇ ପାରିବେ ।


ରାମଚନ୍ଦ୍ର ସାମନ୍ତ, ମାଇ ଇକୋ କ୍ୟାମ୍ପ୍

## କେମିତି ଯିବେ

ଭୁବନେଶ୍ୱରରୁ ବାଲେଶ୍ୱର ସହରକୁ ଟ୍ରେନ୍ କିମ୍ବା ବସ୍ କିମ୍ବା ନିଜସ୍ୱ ଗାଡ଼ିରେ ଆସି ପାରିବେ । ପରେ ବାଲେଶ୍ୱର ସହରରୁ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ୍ କିମ୍ବା ଷ୍ଟେସନରେ ଓହ୍ଲାଇବା ପରେ କାର୍ ଭଡ଼ା କରି ଯାଇପାରିବେ । ନଚେତ ନିଜସ୍ୱ ଗାଡ଼ିରେ ଆସିଥିଲେ ଏକାଥରେ ବଗ୍‌ଦା ବିଚ୍‌ରେ ପହଞ୍ଚି ପାରିବେ । ବାଲେଶ୍ୱର ସହରରୁ ହଳଦୀପଦା ଯିବେ । ହଳଦୀପଦାରୁ ସୋଲପଟା ଏବଂ ସେଠାରୁ ହନୁମାନ ଛକ ପରେ ଗାଁ ଭିତର ଦେଇ ପ୍ରାୟ ଦେଢ଼ଘଣ୍ଟା ଗଲେ ତାପରେ ବଗଦା ବେଳାଭୂମିରେ ପହଞ୍ଚିହେବ । ଗମନାଗମନ ପାଇଁ ଭଲ ରାସ୍ତା ମଧ୍ୟ ରହିଛି । ଜଣେ ଚାହିଁଲେ ବାଇକ୍, ଚାରିଚକିଆରେ ସେଠାରେ ପହଞ୍ଚି ପାରିବେ ।

## ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ:

ବାଲେଶ୍ୱର ଆସୁଥିବା ପର୍ଯ୍ୟଟକମାନେ ପ୍ରଥମେ ପଞ୍ଚଲିଙ୍ଗେଶ୍ୱର, ଇମାମୀ ଜଗନ୍ନାଥ ମନ୍ଦିର, ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିର, ବାଘାଯତୀନ ସ୍ମୃତିପୀଠ, ଫକୀରମୋହନ ସ୍ମୃତିପୀଠ 'ଶାନ୍ତକାନନ' ଆଦି ଭ୍ରମଣ କରିବା ପରେ ବଗ୍‌ଦା ବେଳାଭୂମିର ମଜା ଉଠାଇ ପାରିବେ ।



ନିଆରା ବ୍ୟକ୍ତିତ୍ୱ

# ଆନ୍ତର୍ଜାତୀୟ ଚିତ୍ରଶିଳ୍ପୀ ପ୍ରଦୀପ୍ତ କିଶୋର ଦାସ

## ପ୍ରଦୀପ୍ତଙ୍କ ଚିତ୍ରରେ ସାମାଜିକ ସମସ୍ୟା ପ୍ରସ୍ଫୁଟିତ

ବାଲେଶ୍ୱର: ବାଲେଶ୍ୱରର ଐତିହାସିକ ଗାଁ ଇଞ୍ଚୁଡ଼ିରେ ସ୍ୱର୍ଗତ ଗୋବର୍ଦ୍ଧନ ଦାସ ଓ ସୁମିତ୍ରାମଣି ଦାସଙ୍କ ସାନପୁଅ ପ୍ରଦୀପ୍ତ କିଶୋର ଦାସ। ବର୍ତ୍ତମାନ ରାଜସ୍ଥାନର ଯୋଧପୁରରେ ରହୁଥିବା ପ୍ରଦୀପ୍ତ ଜଣେ ଆନ୍ତର୍ଜାତୀୟ ଚିତ୍ରଶିଳ୍ପୀ ଭାବେ ବେଶ୍ ପରିଚିତ। ପାଖାପାଖି ୨୭ ବର୍ଷ ଧରି ପ୍ରଦୀପ୍ତ ନିଜ ଚିତ୍ରକର ଜୀବନକୁ ନେଇ ବଂଚି ଆସୁଛନ୍ତି। ପ୍ରଦୀପ୍ତ ସାନ ଥିବାବେଳେ ଘରେ ସରସ୍ୱତୀ ପୂଜା ହେଉଥିବାରୁ ଜଣେ ବଙ୍ଗୀୟ ଶିଳ୍ପୀ ସରସ୍ୱତୀ ମୂର୍ତ୍ତି ତିଆରି କରୁଥିଲେ। ସେ ମୂର୍ତ୍ତି ତିଆରି ସମୟରେ ଘଣ୍ଟା ଘଣ୍ଟା ଧରି ଶିଳ୍ପୀଙ୍କୁ ଅନୁଧ୍ୟାନ କରୁଥିଲେ ଏବଂ ଧୀରେ ଧୀରେ ତାଙ୍କୁ ମୂର୍ତ୍ତି ତିଆରିରେ ସାହାଯ୍ୟ କରୁଥିଲେ। ଏମିତିକି ଗୁରୁବାର ଓଷାରେ ଝୋଟି ଓ କାର୍ତ୍ତିକ ପୂର୍ଣ୍ଣିମାରେ ରଙ୍ଗୋଲି ଆଦି ତାଙ୍କ ମାଆଙ୍କୁ ଆଙ୍କୁଥିବା ଦେଖି ଚିତ୍ର ପ୍ରତି ତାଙ୍କର ଆଗ୍ରହ ଧୀରେ ଧୀରେ ବଢ଼ିଥିଲା। ପରବର୍ତ୍ତୀ ସମୟରେ ଚିତ୍ର ହିଁ ତାଙ୍କର ଦୁନିଆ ହୋଇ ଯାଇଥିଲା। ତାଙ୍କ ଚିତ୍ରରେ ସେ ସବୁବେଳେ ସାମାଜିକ ସମସ୍ୟା ପ୍ରସ୍ଫୁଟିତ କରିବାକୁ ପ୍ରୟାସ କରିଛନ୍ତି। ଫକୀରମୋହନ ମହାବିଦ୍ୟାଳୟରୁ ଯୁକ୍ତ ଦୁଇ ବିଜ୍ଞାନ ପାସ୍ କରି ବାଲେଶ୍ୱର ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରୁ ତାଲିମ ନେବା ପରେ ଆପ୍ରେଣ୍ଟିସ୍ କରୁଥିବା ସମୟରେ ୧୯୯୪ ମସିହାରେ ବାଲେଶ୍ୱର ରେମୁଣା ଗୋଲାଇ ସ୍ଥିତ ବ୍ୟାସବିହାର ପରିସରରେ ନୂଆ କରି ଆର୍ଟ କଲେଜ ଆରମ୍ଭ ହେଲା। ତାଙ୍କର ଚିତ୍ର ପ୍ରତି ଆଗ୍ରହ ଥିବାରୁ ସେ ସୁଯୋଗର ହାତଛଡ଼ା ନକରି ଆର୍ଟ କଲେଜ୍‌ରେ ନାମ ଲେଖାଇଥିଲେ। ସେହିଦିନଠାରୁ ଆରମ୍ଭ ହେଲା ତାଙ୍କ ଜୀବନର ରଙ୍ଗ ତୂଳିର ଯାତ୍ରା। ଦୀର୍ଘ ୨୮ ବର୍ଷ ଭିତରେ ଅନେକ ସଫଳତା ବିଫଳତା, ଉତ୍‌ଥାନ ପତନକୁ ସାମ୍ନା କରି ସେ ତାଙ୍କର କଳାକୃତି ପାଇଁ ବିଶ୍ୱର ବହୁ ଦେଶ, ବିଜ୍ଞବ୍ୟକ୍ତି, କଳାପ୍ରେମୀ ଓ ସମାଜର କୋଣେ ଅନୁକୋଣେ ପହଞ୍ଚି ପାରିଛନ୍ତି। ଏହାବ୍ୟତୀତ କିଛି ଯୁବ କଳାକାରଙ୍କ ସହଯୋଗରେ ଇଷ୍ଟର୍ନ ଫାଉଣ୍ଡେସନ ଅଫ୍ ଆର୍ଟ ଏଣ୍ଡ୍ କଲଚର ନାମକ ଏକ ସଂଗଠନ ଜରିଆରେ ଭାରତର କଳା ଓ ସଂସ୍କୃତିକୁ ପୁନରୁଦ୍ଧାର କରିବା, ସମାଜରେ ଚିତ୍ରକଳାର ଜାଗରଣ ସୃଷ୍ଟି କରିବା, ପ୍ରତ୍ୟେକ ବର୍ଷ ବହୁ ଯୁବ ତଥା ଅଭିଜ୍ଞ ଶିଳ୍ପୀମାନଙ୍କୁ ତାଙ୍କର ସୃଜନଶୀଳତା ପାଇଁ ମଞ୍ଚ ପ୍ରଦାନ କରିବାର ପ୍ରୟାସ ଜାରି ରଖିଛନ୍ତି। ସେ ବର୍ତ୍ତମାନ ଦିଲ୍ଲୀ ପବ୍ଲିକ ସ୍କୁଲ, ଯୋଧପୁର, ରାଜସ୍ଥାନରେ ଚିତ୍ରକଳା ବିଭାଗରେ କଳା ଶିକ୍ଷକ ଭାବରେ କାର୍ଯ୍ୟରତ। ପ୍ରଦୀପ୍ତ ଚିତ୍ରକଳାରେ କ୍ୟାରିୟର ଆରମ୍ଭ ସମୟରେ ବାଲେଶ୍ୱର ମଲ୍ଲିକାଶପୁରସ୍ଥିତ ଶାନ୍ତିକାନନ ପରିସରରେ କିଛିବର୍ଷ ନିଜର କଳାସୃଜନ ପାଇଁ ସାଧନା କରିଥିଲେ। ପ୍ରଦୀପ୍ତ ଦାସ ସ୍ପେନିଶ୍ ଚିତ୍ରକର ସାଲଭର ଡାଲିଙ୍କ ଅତିବାସ୍ତବବାଦ ଚିତ୍ରରେ ବହୁତ ପ୍ରଭାବିତ। ତାଙ୍କ କାନ୍‌ଭାସ୍ ଜରିଆରେ କୁଶିକ୍ଷା, ଦାରିଦ୍ର୍ୟ, ଦୁର୍ନୀତି, ଅସହିଷ୍ଣୁତା, କ୍ଷମତାର ଅପବ୍ୟବହାର, ଘୃଣ୍ୟ ସାମାଜିକ ପ୍ରଥା ଆଦି ବିଷୟ ସହିତ ଗାନ୍ଧୀ ଦର୍ଶନ ଉପରେ ମଧ୍ୟ ଅନେକ ଛବି ଆଙ୍କି ପ୍ରଶଂସା ସାଉଁଟିଛନ୍ତି। ଏତଦ୍ ବ୍ୟତୀତ ଆମ ସଂସ୍କୃତିର ବହୁ ବିଷୟବସ୍ତୁ ଉପରେ ମଧ୍ୟ ଛବି କରିଛନ୍ତି। ପ୍ରଦୀପ୍ତ କହନ୍ତି, ଚିତ୍ର କେବଳ ଘର ସଜେଇବାର ଉପକରଣ ନୁହଁ, ନିଜର ସ୍ୱର ସମାଜ ଆଗରେ ରଖିବାର ଏହା ଅମୋଘ ଅସ୍ତ୍ର। ସେ ତାଙ୍କ ଛବିରେ ଉଭୟ କଲର୍ ଟେକ୍ସଚର୍ ଓ ରେଖାକୁ ଗୁରୁତ୍ୱ ଦେଇଥାନ୍ତି। ମହାତ୍ମା, ଟେରୀଫିକ ଟ୍ରାଫିକ, ସଙ୍କଟମୋଚନ, ମ୍ୟାନ୍ ଅଫ୍ ଅହିଂସା, ଚେୟାର, କଳ୍ପବୃକ୍ଷ ଓ ମାଇଣ୍ଡସ୍କୋପର ସିରିଜ ୱାର୍କ ଶୀର୍ଷକ ଛବି ଇତ୍ୟାଦି ତାଙ୍କର ଅମୂଲ୍ୟ କୃତି। ସେ ୪୪ଟି ଜାତୀୟସ୍ତରୀୟ ପୁରସ୍କାର, ୬ଟି ସ୍ଥାନରୁ ସମ୍ମାନିତ, ୨୬ଟି ଚିତ୍ରକଳା ଶିବିରରେ ଅଂଶଗ୍ରହଣ, ୫ଟି ଏକକ କଳା ପ୍ରଦର୍ଶନୀ, ୨୦୦ରୁ ଅଧିକ ପ୍ରଦର୍ଶନୀରେ ଭାଗ ନେବା ସହିତ ୧୦୦ରୁ ଅଧିକ ଗ୍ରୁପ କଳା ପ୍ରଦର୍ଶନୀ କରିଛନ୍ତି। ବମ୍ବେ ଆର୍ଟ ସୋସାଇଟି (୨୦୧୬ମସିହା), ଅଲ ଇଣ୍ଡିଆ ଫାଇନ୍ ଆର୍ଟ ସୋସାଇଟି, ନୂଆ ଦିଲ୍ଲୀ (୨୦୧୫), ଫାଇନ୍ ଆର୍ଟ ଏକାଡ଼େମୀ, ଅମୃତସର(୨୦୦୨), ତିଳକ ସ୍ମାରକ ମନ୍ଦିର ପୁନେ (୨୦୧୪), ସାଉଥ ସେଣ୍ଟ୍ରାଲ ଜୋନ କଲଚଉରାଲ ସେଣ୍ଟର ନାଗପୁର (୨୦୦୨, ୨୦୧୦) ଆଦି ସ୍ଥାନରୁ ପୁରସ୍କୃତ ହୋଇଛନ୍ତି। ସେହିପରି ସୁଇଜରଲାଣ୍ଡ, ୟୁଏସଏ, ବାଂଲାଦେଶ, ଦିଲ୍ଲୀରେ ଇଣ୍ଡିଆ ହେବିଟାଟ ସେଣ୍ଟର, ଚିତ୍ରକଳା ପରିଷଦ ବାଙ୍ଗାଲୁରୁ, ଥିରୁବନନ୍ତପୁରମ୍ ପ୍ରଭୃତି ସ୍ଥାନରେ ପ୍ରଦର୍ଶନୀ କରିଛନ୍ତି। ତାଙ୍କର ଚିତ୍ର ରାଜସ୍ଥାନର ଉମେଦ ଭବନ ରାଜପ୍ରାସାଦ, ସାଉଥ୍ ସେଣ୍ଟ୍ରାଲ୍ ଜୋନ କଲଚୁରାଲ ସେଣ୍ଟର, ନାଗପୁର, କାନାଡ଼ା, ଲଳିତକଳା ଏକାଡ଼େମୀ, ଭୁବନେଶ୍ୱର ଆଦି ବହୁ ସ୍ଥାନରେ ସଂଗୃହୀତ ହୋଇଛି। ପ୍ରଦୀପ୍ତ ରାଜସ୍ଥାନର ସୂର୍ଯ୍ୟନଗରୀ ନାମରେ ପରିଚିତ ଯୋଧପୁରରେ ପତ୍ନୀ ସ୍ମିତା, କନ୍ୟା ଅଭିନ୍ନା ଓ ପୁତ୍ର ଅନ୍ବେଷଙ୍କ ସହ ୧୬ବର୍ଷ ଧରି ରହିଲେଣି।



## ବେଙ୍ଗାଲୁରୁରେ ଓଡ଼ିଶା ମିଷ୍ଟାନ୍ନର ସ୍ୱାଦ 'ଛପନ ଭୋଗ'

ବେଙ୍ଗାଲୁରୁ: ସ୍ୱାଦିଷ୍ଟ ମିଠା ଏବଂ ଉତ୍କୃଷ୍ଟ ନିରାମିଷ ବ୍ୟଞ୍ଜନ ପାଇଁ ଓଡ଼ିଶାରେ ବେଶ୍ ପ୍ରତିଷ୍ଠିତ 'ଛପନ ଭୋଗ' ଏବେ ଏହାର ନୂଆ ଶାଖା ବେଙ୍ଗାଲୁରୁରେ ଖୋଲିଛି। ସରସ୍ୱତୀ ପୂଜା ଅବସରରେ ଏହା ଖୋଲିଛି। ଏ ଉପଲକ୍ଷେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ 'ଛପନ ଭୋଗ'ର ନିର୍ଦ୍ଦେଶକ ସତ୍ୟବ୍ରତ ମହାନ୍ତି ଏବଂ ବରିଷ୍ଠ ସାମ୍ବାଦିକ ତଥା ଖାଦ୍ୟ ବିଶେଷଜ୍ଞ ଭକ୍ତ ତ୍ରିପାଠୀ ଓଡ଼ିଶା ବାହାରେ ଛପନଭୋଗର ପ୍ରଥମ ୟୁନିଟ୍ ଖୋଲିବା ସଂପର୍କରେ ମତ ରଖିଥିଲେ। ୨୦ ବର୍ଷରୁ ଅଧିକ ସମୟ ଧରି ଛପନ ଭୋଗ ଓଡ଼ିଶାରେ ନିଜର ଉପସ୍ଥିତିକୁ ମଜବୁତ ରଖିଛି। ଭୁବନେଶ୍ୱର ଜୟଦେବ ବିହାରରେ ଏହାର ଏକ କାଉଣ୍ଟର ରହିଥିବା ବେଳେ ଏଠାରେ ମିଠା ଠାରୁ ଆରମ୍ଭ କରି ନିରାମିଷ ଭୋଜନ ଉପଲବ୍ଧ। ମୂଲ୍ୟ ଏବଂ ସ୍ୱାଦ ଦୃଷ୍ଟିରୁ ଏହା ଉତ୍କୃଷ୍ଟ ଥିବାରୁ ଲୋକଙ୍କ ନିକଟରେ ବେଶ୍ ପ୍ରିୟଭାଜନ ହୋଇପାରିଛି। ଶୁକ୍ରବାରର ସାମ୍ବାଦିକ ସମ୍ମିଳନୀରେ ବେଙ୍ଗାଲୁରୁରେ ରହୁଥିବା ବହୁ ପ୍ରତିଷ୍ଠିତ ଓଡ଼ିଆ ଅଧିକାରୀ ସାମିଲ ହୋଇ ଶ୍ରୀ ମହାନ୍ତି ଏବଂ ଶ୍ରୀ ତ୍ରିପାଠୀଙ୍କ ଏହି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଛପନ ଭୋଗ ମୁମ୍ବାଇ, ପୁଣେ, ଦିଲ୍ଲୀ, ଗୁରୁଗାଓଁ ଏବଂ ହାଇଦ୍ରାବାଦରେ ଷ୍ଟୋର ଖୋଲିବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ। ଛପନଭୋଗ ଅନ୍‌ଲାଇନ୍ ଫୁଡ଼୍ ଡେଲିଭରି ପ୍ଲାଟ୍‌ଫର୍ମରେ ମଧ୍ୟ ସଫଳତା ହାସଲ କରିଛି। ଏହି ସାମ୍ବାଦିକ ସମ୍ମିଳନୀ ଅବସରରେ ଉପସ୍ଥିତ ଅତିଥିମାନଙ୍କୁ ରସଗୋଲା, ଛେନାପୋଡ଼, ରସାବଳି, ଛେନାଝିଲିର ସ୍ୱାଦ ପରସା ଯାଇଥିଲା। ଭୁବନେଶ୍ୱରରୁ ୧୦ଜଣ ପ୍ରତିଷ୍ଠିତ ମିଠା ଓ ଅନ୍ୟ କାରିଗରମାନେ ବେଙ୍ଗାଲୁରୁରେ ପହଁଚି ସାରିଛନ୍ତି। ଏହି ସହରରେ ଲକ୍ଷାଧିକ ଓଡ଼ିଆ ରହୁଥିବାରୁ ସେମାନେ ଦୂରରେ ଥାଇ ମଧ୍ୟ ନିଜ ଘରର ସ୍ୱାଦ ପାଇ ପାରିବେ ବୋଲି କହିଛନ୍ତି ଶ୍ରୀ ମହାନ୍ତି ଓ ଶ୍ରୀ ତ୍ରିପାଠୀ।

# ଶିଶୁ ପ୍ରତିଭା

# ଚିତ୍ର ପାଇଁ ପରିଚିତା ବାଲେଶ୍ୱରର ଦିଶିତା



ବାଲେଶ୍ୱର: ତାଙ୍କ ହାତରେ ରଙ୍ଗ ପେନ୍‌ସିଲ୍ ଓ ୱାଟର୍ କଲର୍ ଆସିଲେ ଏକ ଜୀବନ୍ତ ଦୃଶ୍ୟ ତୋଳି ପାରନ୍ତି ତୂଳୀରେ । ଗାଁର ପରିବେଶ ହେଉ ଅବା ପିଲାଦିନ ଖେଳ, ଠାକୁର ହୁଅନ୍ତୁ ଅବା ମାଆର ରୋଷେଇ ଘର- ଏସବୁକୁ ବେଶ୍ ସୁନ୍ଦର ଭାବେ ନିଜ ହାତରେ ତିଆରି କରନ୍ତି ସେ । ତାଙ୍କ ଚିତ୍ର ଏତେ ଉନ୍ନତଧରଣର ଯେ ସେ ଖୁବ୍ କମ୍ ବୟସରେ ନିଜ ଚିତ୍ର ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରି ପାରିଛନ୍ତି । ସେ ହେଉଛନ୍ତି ଡିଏଭି ପବ୍ଲିକ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିବା ଦିଶିତା ପାତ୍ର । ବୟସ ମାତ୍ର ୧୧ବର୍ଷ । କେବଳ ଚିତ୍ର ନୁହେଁ ଓଡ଼ିଶୀ ନୃତ୍ୟରେ ମଧ୍ୟ ବେଶ୍ ପାରଙ୍ଗମ ଦିଶିତା । ଏହି ଅଳ୍ପ ବୟସରେ ଦିଶିତା ଜିଲ୍ଲା ତଥା ରାଜ୍ୟସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରି ଅନେକ ପୁରସ୍କାର ହାସଲ କରିଛନ୍ତି । ବାଲେଶ୍ୱର ସହର ଶୋଭାରାମପୁରରେ ରହୁଥିବା କରୁଣାକର ପାତ୍ର ଓ ତନୁଜା ମହାନ୍ତିଙ୍କର ଏକମାତ୍ର କନ୍ୟା ସେ । ମାତ୍ର ଅଢ଼େଇ ବର୍ଷ ବୟସର ହୋଇଥିବା ବେଳେ ଦିଶିତା ଆରମ୍ଭ କରିଥିଲେ ଚିତ୍ର କରିବା । ପରେ ପରେ ନୃତ୍ୟ କରିବା ମଧ୍ୟ । ଏହାକୁ ଦେଖି ଦିଶିତାଙ୍କ ମାଆ ଝିଅକୁ ଚିତ୍ର ଓ ନୃତ୍ୟ ଶିକ୍ଷା ଦେବାର ବ୍ୟବସ୍ଥା କରିଥିଲେ । ଗୁରୁ ରାଜେଶ କୁମାର କରଙ୍କ ଠୁ ନୃତ୍ୟ ଏବଂ ଶଶିକାନ୍ତ ଗିରିଙ୍କ ଠୁ ଚିତ୍ର ଶିକ୍ଷା ଗ୍ରହଣ କରୁଛନ୍ତି ଦିଶିତା । ଓଡ଼ିଶୀ ନୃତ୍ୟରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ୪ଟି ପରୀକ୍ଷା ଦେଇ ସାରିଥିବା ବେଳେ ଚିତ୍ରକଳାରେ ଓଡ଼ିଶା ଲଳିତକଳା ଏକାଡ଼େମୀରୁ ପ୍ରିପାରୋଟୋରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାରିଛନ୍ତି । କହିବାକୁ ଗଲେ ଚିତ୍ର ଓ ନୃତ୍ୟରେ ପାରଙ୍ଗମ ଦିଶିତା । ଅନେକ ଧୈର୍ଯ୍ୟ ଧରି ଦିଶିତା ଗୋଟିଏ ଗୋଟିଏ ସୁନ୍ଦର ରଙ୍ଗୀନ ଚିତ୍ର କରି ବସନ୍ତି ଧଳା କାଗଜ ଉପରେ । ସେହିପରି ପାଦରେ ଘୁଙ୍ଗୁର ବାନ୍ଧି ଦର୍ଶକଙ୍କୁ ବାନ୍ଧି ରଖିପାରନ୍ତି ସେ । ଚିତ୍ର ପାଇଁ ସେ ଚିତ୍ରକଳା ପ୍ରତିଯୋଗିତାରେ ଜିଲ୍ଲାରେ ୪ବର୍ଷ ହେଲା ପ୍ରଥମ ହୋଇ ଆସୁଥିବା ବେଳେ ଦୁଇବର୍ଷ ହେଲା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ଓ ୪ର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏଥିସହିତ ଜିଲ୍ଲା ତଥା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପୁରସ୍କାର ହାସଲ କରିଛନ୍ତି । ସେହିପରି ଓଡ଼ିଶୀ ନୃତ୍ୟରେ ଦିଶିତା ଚନ୍ଦ୍ରଭାଗା, ଜ୍ଞାନଶ୍ରୀ, ୟୁଥ୍ ଟେଲେଣ୍ଟ୍, ଇଣ୍ଟିଗ୍ରେସନ୍ ଏବଂ ବିଭିନ୍ନ ଅନ୍‌ଲାଇନ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ବହୁତ ପୁରସ୍କାର ପାଇଛନ୍ତି । ଏମିତିକି ପୁରୀ, ଦିଲ୍ଲୀରେ ନୃତ୍ୟ ପରିବେଷଣ କରି ସାର୍ଟିଫିକେଟ ହାସଲ କରିଛନ୍ତି । ଏହାବ୍ୟତୀତ ଦିଶିତା କୁଇଜ୍‌ରେ ମଧ୍ୟ ପାରଦର୍ଶିତା ରଖନ୍ତି । ତେବେ ଭବିଷ୍ୟତରେ ଦିଶିତା ଜିଲ୍ଲାପାଳ ହେବାକୁ ଇଚ୍ଛା ରଖିଥିବା କଥା ପ୍ରକାଶ କରିଛନ୍ତି । ଏଥିସହିତ ନିଜର ପ୍ରତିଭାକୁ ଆହୁରି ପ୍ରସ୍ଫୁଟିତ କରିବାକୁ ପ୍ରୟାସ କରିବେ ବୋଲି କହିଛନ୍ତି ।

## 'ବିଜ୍ଞାପନ'ପକ୍ଷରୁ 'ଓଡ଼ିଶା ରାଜନୀତି' ଡିରେକ୍ଟୋରି ଉନ୍ମୋଚିତ



ଭୁବନେଶ୍ୱର: ଓଡ଼ିଶାର ନିର୍ବାଚିତ ଲୋକପ୍ରତିନିଧି ଏବଂ ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କ ଯୋଗାଯୋଗ ନମ୍ବର ସମ୍ବଳିତ ତଥ୍ୟମୂଳକ ଡିରେକ୍ଟୋରି 'ଓଡ଼ିଶା ରାଜନୀତି' ଗଣମାଧ୍ୟମ ଅନୁଷ୍ଠାନ 'ବିଜ୍ଞାପନ'ର ବରମୁଣ୍ଡାସ୍ଥିତ କାର୍ଯ୍ୟାଳୟରେ ଉନ୍ମୋଚିତ ହୋଇଛି । 'ବିଜ୍ଞାପନ'ର ଡାଇରେକ୍ଟର (ପ୍ରକଳ୍ପ) ମନୋଜ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାଇରେକ୍ଟର (ପ୍ରଶାସନ) କମଳାକାନ୍ତ ମହାନ୍ତି, ଗ୍ରୁପ୍ ଏଡ଼ିଟର୍ ଦିଲ୍ଲୀପ ମିଶ୍ର, କଳା ସମ୍ପାଦିକା ମଧୁସ୍ମିତା ପଲାଇ, ଡାଟା ଏକ୍‌ଜିକ୍ୟୁଟିଭ୍ ଲକ୍ଷ୍ମୀପ୍ରିୟା ରାୟ ଏବଂ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, 'ଓଡ଼ିଶା ରାଜନୀତି'ରେ ରାଜ୍ୟର ସମସ୍ତ ସାଂସଦ, ବିଧାୟକ, ବିଭିନ୍ନ ସରକାରୀ ନିଗମର ଅଧ୍ୟକ୍ଷ ଏବଂ ପରାମର୍ଶଦାତାଙ୍କର ଯୋଗାଯୋଗ ନମ୍ବର ସହ କେତେକ ଆଲେଖ୍ୟ ରହିଛି । ଡିରେକ୍ଟୋରିଟିକୁ ପାଇବା ପାଇଁ ଦୀପକ ନାୟକଙ୍କ ସହିତ ୯୪୩୭୯୨୭୩୪୭ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ମାତୃ ବିୟୋଗ



ବାଲେଶ୍ୱର : ବାଲେଶ୍ୱରର ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ମାଆ ସୁଧାମଣି ଦେବୀଙ୍କର ୯୦ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ରବୀନ୍ଦ୍ର ଜେନାଙ୍କ ମାନସିଂ ବଜାରସ୍ଥ ବାସଭବନରେ ଅପରାହ୍ଣ ୪.୩୦ ମିନିଟ ସମୟରେ ତାଙ୍କର ଦେହାନ୍ତ ହୋଇଥିଲା । କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ଜଟିଳ ସମସ୍ୟାରେ ପୀଡ଼ିତ ଥିଲେ ସେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶେଷ ଦର୍ଶନ ପାଇଁ ଗଣ୍ୟମାନ୍ୟ ବ୍ୟକ୍ତିମାନେ ପହଞ୍ଚିଥିଲେ । ସ୍ୱର୍ଗତ ସୁଧାମଣିଙ୍କର ବସ୍ତା ବ୍ଲକ ଦନେଇପୁରରେ ଜନ୍ମ ହୋଇଥିଲା । ସ୍ୱାମୀ ପର୍ଶୁରାମ ଜେନାଙ୍କର ୨୦୧୨ ମସିହାରେ ଦେହାନ୍ତ ହୋଇଥିଲା । ଗୁରୁବାର ସନ୍ଧ୍ୟାରେ ତାଙ୍କର ମରଶରୀର ନାଡ଼ବଣିରେ ଥିବା ଇଂ. ଜେନାଙ୍କ ଜନ୍ମସ୍ଥାନକୁ ଶେଷକୃତ୍ୟ ପାଇଁ ନିଆଯାଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ସାନପୁଅ ଇଂ. ଜେନାଙ୍କ ସମେତ ବୋହୂ ସୁବାସିନୀ ଜେନା, ନାତି ପ୍ରତୀକ କୁମାର ଜେନାଙ୍କ ସହ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ସୁଧାମଣି ନିଜ ଅଞ୍ଚଳର ଲୋକମାନଙ୍କ ପାଇଁ ଦେବୀ ଭଳି ଥିଲେ । ଗାଁ ଗହଳିରେ ଯାହାର ବି ଅସୁବିଧା ସୁବିଧାରେ ନିଜେ ପହଞ୍ଚୁଥିଲେ । ଦାନ ତାଙ୍କ ଜୀବନର ଅନ୍ୟତମ ବ୍ରତ ଥିଲା । ଜମିଦାର ପରିବାରର ଝିଅ ହୋଇଥିଲେ ବି ସାଧାରଣ ଲୋକଙ୍କ ପାଇଁ ସବୁବେଳେ ଦରଦୀ ମଣିଷଟିଏ ଥିଲେ । ନାଡ଼ବଣିରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯିବା ବେଳେ ସେଠାରେ ବଡ଼ପୁଅ ପଦ୍ମଲୋଚନ ଜେନା, ବୋହୂ ସୁକାନ୍ତି ଜେନା, ପୁତୁରା ଅଜୟ ଜେନା, ବିଜୟ ଜେନା, ପ୍ରଣବ ଜେନା ଓ ପୁତୁରା ବୋହୂ ରେଣୁବାଳା, ନମିତା, ସୁନିତା ପ୍ରମୁଖ ଉପସ୍ଥିତ ଥିଲେ । ପରିବାରର ଅନ୍ୟମାନଙ୍କ ସହ ଝିଆରୀ ଅଞ୍ଜଳି, ନାତୁଣୀ ସୁମନ ଓ ଅମିତ ପ୍ରମୁଖ ଉପସ୍ଥିତ ଥିଲେ ।


ଦ୍ୱି-ପ୍ରଚ୍ଛଦ
ସ୍ୱରବାର୍ତ୍ତା
ଆମ ମାଟିର ସ୍ୱର
ମଡେଲ୍ : ମନିଷା ଧର ମହାପାତ୍ର, ବାରିପଦା
ଫଟୋଗ୍ରାଫିଃ ଦୀପକ ଅଗ୍ରଓ୍ୱାଲ, ଏଲିଗେଣ୍ଟ୍ ଫଟୋଗ୍ରାଫି, ବାରିପଦା
ଉଚ୍ଚତା : ୫ ଫୁଟ୍ ୨ ଇଞ୍ଚ୍
ଶିକ୍ଷା : ଇଣ୍ଟିଗ୍ରେଟେଡ୍ ବିଇଡ଼ି, ଏମ୍ଇଡ଼ି
ବୃତ୍ତି : ଅଭିନୟ
ପ୍ରବୃତ୍ତି : ନାଚ ଓ ପେଣ୍ଟିଂ
ମେକ୍ଅପ୍ : ସୁନୀଲ ଶାହା
ସ୍ଥାନ : ଭଞ୍ଜପୁର, ବାରିପଦା

ଲେଣ୍ଡର

# ମାର୍ଚ୍ଚ - ୨୦୨୨

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

**ପର୍ବପର୍ବାଣି**

୦୧/୦୩/୨୦୨୨ : ମହାଶିବରାତ୍ରି (ଜାଗର)
୧୮/୦୩/୨୦୨୨ : ଦୋଳ ପୂର୍ଣ୍ଣିମା
୧୯/୦୩/୨୦୨୨ : ରଙ୍ଗହୋଲି ଉତ୍ସବ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୧୩

## ପ୍ରଫୁଲ୍ଲ କୁମାର ମହାନ୍ତି

**(କୃଷ୍ଣ ରାଗର ସ୍ପନ୍ଦନ)**

ପଛେଇ ଗଲେ ସେନା ଅଳ୍ପନା
ଛାଡ଼ିଦେଇ ଆଖିଭେଟ ପାଇଁ,
କୃଷ୍ଣ ଦ୍ରୌପଦୀଙ୍କୁ ସ୍ପନ୍ଦିତ ପଲକର
ପ୍ରଥମ ଆବେଗ ପାଇଁ ନୀରବ ସଙ୍କେତରେ,
ହୁଏତ ଉପାଦାନମାନେ ବୁଝିଥିବେ
କଣ ସେମାନେ କହିଲେ ଖର ନିଃଶ୍ୱାସରେ ।

ହେ ସୁନ୍ଦରୀ ଅଗ୍ନିକନ୍ୟା
ପାଇଛି ମୁଁ ତୁମ ଇଙ୍ଗିତର ଶିଖା
ଯାହାଥିଲା ତୁମ ଉପହାରର ଜ୍ୟୋତିରେ:
ଆଶା କରୁଛି ନିଶ୍ଚୟ ତୁମ ମନ ଥିଲା
ନିଜ ସ୍ଥାନରେ ସ୍ଥିର ଅଚଞ୍ଚଳ
ଯେତେବେଳେ ତୁମେ କଳ୍ପନା କଲ
ମୟୂର ଚନ୍ଦ୍ରିକାର ସ୍ୱର୍ଣ୍ଣ ଶତଦଳ
ପ୍ରେମମୟ ସମୟର ମୁକୁଟ ମଣ୍ଡଳ
ଜୀବନର ରେଖାଛବି ସତେଜ ଉଜ୍ଜ୍ୱଳ ।

ଦ୍ରୌପଦୀ ଆଖିର ଗଭୀରତା ମାପିନେଲେ କୃଷ୍ଣ:
କି ଭୂମିକା ନିଭାଇବ ତୁମେ
ଇତିହାସର ଜୀବନ ପୃଷ୍ଠାରେ ?
ମୋର ଲୀଳା ଚଞ୍ଚଳ ଜୀବନର ସାକ୍ଷୀ
ନା ନିଜ ସ୍ୱତନ୍ତ୍ର ଜୀବନର ଉଦାତ୍ତ ନାୟିକା ?
ଧରା ମଞ୍ଚରେ ତୁମେ ହେବ ତୁମର ନାଟିକା
ନିଆଁରେ ଚାଲିବ ଝଡ଼ ତୋଫାନରେ ଉଡ଼ିବ
ପାଇବାକୁ ଟୋପାଏ ଅମୃତ ଧରିବାକୁ
ସମୟର ସାତଫେଣୀ ଫୁଲର ଭ୍ରମରେ !
ଖୋଜିବାକୁ ହେବ ନିଜ ସ୍ୱର
ଗାଇବାକୁ ଜୀବନ ତାଳରେ ।

ତୁମେ ଏବେ ମାଟିର ଦ୍ରୌପଦୀ
କୌଣସି ଜନ୍ମର ସ୍ମୃତି ନାହିଁ ତୁମ ପାଖେ
ହେ ଅଗ୍ନିକନ୍ୟା ତୁମେ ଆସିଛ ସ୍ମୃତି ଗଢ଼ିବାକୁ
ନୂଆ କଳ୍ପନାର ନୂଆ ଅନୁଭୂତି

ମୁଁ ବି ଗଢୁଛି ଏଠି ନିଜର ପୃଥିବୀ
ଇଚ୍ଛାର ପୁଲକରେ ଅନ୍ୟ ଇଚ୍ଛା ବିରୋଧରେ
ଅଲଗା ବିଶ୍ୱ ମୋର ଚେଷ୍ଟା କର୍ମ ସାଧନାରେ:
କୁହ ଦ୍ରୌପଦୀ କଥା କୁହ ତୁମର ହସ ମତେ
ଦ୍ୱନ୍ଦ୍ୱ ସଂଶୟର ଅବୁଝା ରହସ୍ୟ ପରି
ହଜାଇ ଦେଇଛି ପଞ୍ଚଭୂତର ସମୀକ୍ଷା ବାହାରେ-



ସାହସ କରି ପଚାରିଲା ଦ୍ରୌପଦୀ
ମୋର କିଛି ଭୂମିକା କେଉଁଠି ଅଛି
ନା ମୁଁ ଅନ୍ୟ ଇଚ୍ଛାର ହେବି କ୍ରୀଡ଼ନକ ?
ହଁ ଅଛି ତୁମର ଭୂମିକା, ତୁମ ଲାଗି
ବୋହିବ ରକ୍ତନଦୀ ଆଉ ତୁମେ ପହଁରି ପହଁରି
ଆବିଷ୍କାର କରିବ ନୀତି ଧର୍ମ ନୂଆ କର୍ମଭୂମି
ଆର୍ଯ୍ୟାବର୍ତ୍ତର ନୂଆ ରୂପ ଦେବ ତୁମେ-


ହଁ ତୁମ ବିବାହ ନିର୍ଣ୍ଣୟ ମୁଁ କରିଛି
ବାପା ଦ୍ରୁପଦଙ୍କ ଇଚ୍ଛା ଭାରତର ଶ୍ରେଷ୍ଠ ଧନୁର୍ଦ୍ଧର
ହେବ ଜାମାତା ତାଙ୍କର ନେବା ଲାଗି ପ୍ରତିଶୋଧ
ତାଙ୍କ ଜର୍ଜରିତ ଗ୍ଳାନିର
ଆଉ ସେଥିପାଇଁ ହେବ ଏକ ଅଗ୍ନିପରୀକ୍ଷା
ଏକ ସ୍ୱୟଂବରର ମହାଡମ୍ବର:

ଯଦି କେଉଁ ବିକୃତ ଶିକାରୀ
ଜିଣେ ସେ ପରୀକ୍ଷା ସେ କିପରି ହେବ
ସାଥୀ ମୋର ଏ ଜନ୍ମର- ପଚାରିଲା ଦ୍ରୌପଦୀ:
ଅପେକ୍ଷା କର ଦେଖ କଣ ବାହାରୁଛି
ସମୟର ଏନ୍ତୁଡ଼ିଶାଳରୁ

ଜୀବନ ତୁମର ବାତ୍ୟା ବନାଗ୍ନିଭରା
କିନ୍ତୁ ପୂର୍ଣ୍ଣ ଭିନ୍ନ ଏକ ଶୂନ୍ୟତାର ଭ୍ରମ
ତୁମେ ଦେବ ମଣିଷକୁ ନୂଆ ଏକ ସତ୍ତାର ଆହ୍ୱାନ:

ମୁଁ ରହିବି ତୁମ ସଖା
ତୁମେ ହେବ ସଖୀ ମୋର ଭାବ ଇଲାକାରେ
ବରଫ ଜଳିବା ଯାକେ ପ୍ରଳୟ ପ୍ରହରେ
ପୁଣି ଗଢ଼ିବା ପାଇଁ ସୃଜନର ନୂଆରୂପ
ତୋଳିବାକୁ ବୀଜମନ୍ତ୍ର ଅଜଣା କାଲିର ।

‘ଚିତ୍ରକାବ୍ୟ’, ଶିଶୁ ବିହାର, ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୬୨୩



ଡଃ ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି

# ପୁରୁଷକାର - ୧୦

ରଞ୍ଜନ ବାଗ



ଚିତ୍ର : ଶିଳ୍ପୀ ପ୍ରତ୍ୟୁଷା ପାଢ଼ୀ

ମୁହଁ ଖୋଲି କିଛି କହି ପାରିଲି
ନା ମାଗି ପାରିଲି !

ସେଇଥି ପାଇଁ ତ
କୋଣରେ ଠେସି ହୋଇ ରହିଗଲି,
ତୁମେ ସବୁ ବୋକାଟିଏ ବୋଲି କହିଲ ।

ସବୁ ଦେଖିଲି ବୁଝିଲି
ପୁଣି ବାଟ ଭାଙ୍ଗି
ଅନ୍ୟ ରାସ୍ତା ଧରିଲି,
ତୁମେ କହିଲ
ଆଖିଥାଇ ଅନ୍ଧ ।

ଯାହା ଉପରେ ଭରସା ଥିଲା
ହଠାତ୍ ସେ କାହାର ଡାକରାରେ
ଫେରିଗଲେ ।

ଗୋଟିଏ ସ୍ୱାଭିମାନର ବୋଝ
ମୁଣ୍ଡେଇ ରାସ୍ତା ଚାଲିବା
ଏତେ ସହଜ ନୁହେଁ, ଚକ୍ରଧର !
ଏମିତି ଯାତ୍ରାରେ
ଏବେ ମୁଁ ଯେଉଁଠି ପାଦ ଥାପିଛି,
ଆରମ୍ଭ ଠାରୁ ଯୋଜନ ଯୋଜନ ଦୂର ।

ପଛରେ ରହିଗଲା
ଆବେଗ ଓ ଆତ୍ମୀୟତାର
ଭଗ୍ନ ଉଆସ ।

ଯାହା ଆଉ କେବେ
ଭୋଗିବା ଅସମ୍ଭବ ।
ଆଗକୁ ଚାଲିବାର ସଂକଳ୍ପ ଥିଲେ ବି
ଆଉ ହେଲା ନାହିଁ,
କିଏ ଯେମିତି ପଛରୁ ଖାମ୍ପି ଧରିଲା
ମୋର ଦୁଇ ହାତ ।

ସୁତରାଂ ସେଇଠି ଅଟକି ରହିଗଲି
ସହଯାତ୍ରୀମାନେ ଏବେ ବହୁ ଆଗରେ ।

ମୋ ସାମ୍ନାରେ ଏବେ
ଅନେକ ଘଟଣା ଦୁର୍ଘଟଣା ।
ମୁଁ କିନ୍ତୁ ପଥର ପାଲଟି ସାରିଛି ।



ଛବି ରଞ୍ଜନ ବାଗ

ମଲ୍ଲିକାଶପୁର, ବାଲେଶ୍ୱର-୭୫୬୦୦୧
ଫୋନ: ୯୪୩୭୨୬୪୩୩୬



▶ ଚିତ୍ର : ଶିଳ୍ପୀ ଜ୍ୟୋତିରାଣୀ ଘୋଷ

# ଗାଁ ଝିଅ ଓ ପ୍ରେମକଥା

**ସିତାଂଶୁ ଲେଙ୍କା**

ମୁଁ ତା'ରି କଥା ଇ ତ କହୁଛି

ସେ ଦାଣ୍ଡ ଦୁଲୁକେଇ ଦିଏ
ରିବନ୍ ବାନ୍ଧିଥିଲା ବେଳେ ବେଣୀରେ
ତା' ପିଠିରେ ଇନ୍ଦ୍ରଧନୁ ଖେଳେ

ଅଳତା ଲଗେଇ ଥିଲା ବେଳେ ପାଦରେ
ଆନନ୍ଦରେ ପବନକୁ ବଢ଼େଇ ଦିଏ ତାର ଖୁସିର ନିଶ୍ୱାସ

ଛି ଛାକର କ'ଣ କମ୍ ଶୁଣେକି
ଦଉଦଉ ହାତରୁ ଖସିପଡ଼େ ଲୁଣ କାଠୁଆ
ଢାଳିଦିଏ ପାଣିନୁଟା

ସଣ୍ଣା ଜାଣେନି
ଖାଲି ଲୁଗା ଗୁଡ଼େଇ ହେଇ ସଂଜ ଦଉଦଉ
ଦୀପ ନିଆଁରେ ଲାଗିଯାଏ ତା ପଣତ କାନି

ସଅଳ ସଅଳ ବଡ଼ ହେଇଯାଏ ଗାଁ ଝିଅ
କଲେଜ ଯାଏ...

କଉଠି ହେଇଥିବ ତା' ଗାଁ
କାଶୀପୁର ନା ବିଶ୍ୱନାଥ ପୁର
ହାଟ ସଉଦା କରି ଏକଲା ଫେରେ
ମେଞ୍ଚେ ଛୁଆଙ୍କୁ ଧରି

ସକାଳେ ସଞ୍ଜେ ପଢ଼ାଏ
ନୀଳ ହଳଦୀ ରଙ୍ଗର ଶାଢ଼ି ପିନ୍ଧିଲେ ତାକୁ ମାନେ
କଅଁଳ ଯୌବନକୁ ବୋହି ବୋହି ସ୍କୁଲ ଯାଏ
କ'ଣ ପଢ଼ାଏ ଅଙ୍କ ନା ସାହିତ୍ୟ
ଯେମିତି କବିତା ଧାଡ଼ିଏର ସୌନ୍ଦର୍ଯ୍ୟରେ
ଉଛୁଳି ପଡୁଥାଏ
ଚୁନାଚୁନା ଢେଉ ଢେଉକା ଦେହ

ପଛରୁ ଡାକି ଦେବିକି ଦିଦି ବୋଲି
ଚମକି ପଡ଼ିବ ନିଶ୍ଚେ ଏଇ ସଞ୍ଜ ଅନ୍ଧାରରେ
କିଏ କ'ଣ କହି ଦେବେକି
ଲାଜରେ ଫଣଫଣ ଦିଶିବ ତା ମୁହଁ
ଡର ଗୋଟେ କ'ଣ
ପ୍ରେମରେ ଶୋଇଥାଏ ସାପ ଭଳି
ଗୁଡ଼େଇ ମୁଡ଼େଇ
ପ୍ରେମ ଗୋଟେ କ'ଣ
ଛାତିରେ ଖେଳୁଥାଏ
ଆକାଶେ ତାରା ପରି ବିଛୁଡ଼ି ମିଛୁଡ଼ି

ନା' ଥାଉ
ପ୍ରେମ ପ୍ରେମ ହେଇ ଥାଉ ।

♥ ମେଘଡମ୍ବରୁ, କୁରୁଡ଼ା, ବାଲେଶ୍ୱର, ଫୋନ:୯୦୪୦୪୪୭୨୭୯



▶ ସିତାଂଶୁ ଲେଙ୍କା



ଚିତ୍ର : ଶ୍ରୀ ଭାରତୀ ଓଝ

# ରୂପେଇ

## ବିଚିତ୍ରା ଦାଶ

ଆଉ କେତେଦିନ ।

ଆଉ କେତେଦିନ ପର ରାଇଜେ / ପରଘରେ
ବାସନ ମାଜି, ବାରିଘର ଝାଟେଇ
ନିଜ ରକ୍ତକୁ ପାଣି ଫଟଉଥିବୁ ରୂପେଇ ମାଉସୀ
ଆଉ କେତେଦିନ ?

ଅନୁଭବୁଛି ତୋ' ଆତ୍ମାର ଅଦୃଶ୍ୟ ଯନ୍ତ୍ରଣା
ଦେଖିପାରୁଛି ଆଖି ଦିଓଟିରେ ଆହତ ସ୍ୱପ୍ନଙ୍କ କାନ୍ଦଣା
ଭାବୁଛି କେବେ ଝଡ଼ିବ ତୋ' ଦୁଃଖଙ୍କ ଦେହରୁ ଡେଣା
ଆଉ କେତେଦିନ !

ଡିବିରି ଆଲୁଅ ଭିଡ଼ରେ
ତୋ' ପେଟରେ ଡିଆଁ ଅନ୍ଧାରକୁ ଓଦାକରେ ପୁଞ୍ଜାଏ ପଖାଳ
ପାଞ୍ଚଘର ପାଇଟିକରା ଦେହକୁ
ପାରିଦେଉ ମଶିଣା ଉପରେ
ମାଣ୍ଡି ଥାଉବା ନଥାଉ ମୁଣ୍ଡ ତଳେ
ବୋହୁ ପଛେ ଝର୍ଝର ଝାଳ !

ରୂପେଇ ମାଉସୀକୁ ପଚାରିଲେ କହେ
ଜହ୍ନ ବୁଡ଼ିବାର ବେଳ
ବାଲ୍‌ଟିଏ ଜଳରେ ଦେହ ଧୁଏ ତ
ତା' ସମଗ୍ର ଶରୀରେ ସଂଚରିଯାଏ ଶତ ସିଂହର ବଳ
ସାତସାନ ମୁଁ ସତରେ
ସକାଳ ଶେଯରୁ ଉଠି ସଳଖି ପାରେନି ଗୋଡ଼
ପେଙ୍ଗେଇ ଚାଲିଲେ ଭୂଇଁରେ ପାଦ ହୁଏ ଟଳମଳ ।
ଅପାରଗପଣରେ ଅତିଷ୍ଠ ମୋ' ଅବୟବ
ହେଲେ, ତୁ ଆଦରି ନେଇଛୁ ମୋ' ଘରର ଯାବତୀୟ ଜଞ୍ଜାଳ ଯଥାବତ୍
ସମ୍ଭବ ।

ତୁଉ ମାଆ, ତୁଉ ବା କୋଉ ମହକରୁ ଊଣା !
ତୁ' ଥାଉ ଥାଉ କିଆଁ ମୁଁ ଖୋଜିବି
ପଥର ପ୍ରତିମା ଠାକୁରାଣୀର ଠିକଣା ।

ଚିନ୍ତାରେ ଚିତ୍ରିତ ଚଉରା ମୂଳେ
ଭକ୍ତିରେ ଭିଜା ସଳିତା ଜାଳି ନିଇତି ସଂଜରେ
କିଛି ଲକ୍ଷ୍ୟହୀନ ବ୍ୟଥାକୁ ବିସର୍ଜି ଦେଉ
ଦି'ଧାର ଲୁହରେ ।
କି ଅଭାବ ରହିଲା ଯେ, ତୋ' ପୂଜାରେ,
ତୋ' ଅପ୍ରମିତ ପ୍ରାର୍ଥନାରେ
ପୁତ୍ ନାମକ ନର୍କରୁ ଉଦ୍ଧାରିବ ଯିଏ
ତୋତେ ଉଷୁନା ଧାନ ପରି ଉଷେଇଁ ଚାଲେ
ତା' ଘନଘୋର ଘୃଣାରେ ।

ତଥାପି ତୋର ବଉଳୁଥାଏ ବିଶ୍ୱାସ
ଦିନେ ବାହୁଡ଼େଇ ନେବ ତୋତେ
ତୋ' ଭାଙ୍ଗିଲା ବାସ ।

ଲୋ ରୂପେଇ ମାଉସୀ
ଆଉ କେତେଦିନ ଏ ପ୍ରଲମ୍ବିତ ପ୍ରତୀକ୍ଷାର ହେବ ଅବସ୍ଥାନ
ଆଉ କେତେଦିନ !

ଶ୍ରୀମୟ, ଇନ୍ଦ୍ରଦ୍ୟୁମ୍ନ ଛକ, ଟିକରପଡ଼ା, ପୁରୀ
ଫୋନ:୯୪୩୮୫୦୪୫୮୯



ଫଟୋ ବିଚିତ୍ରା ଦାଶ

# ଜୀବନ ଭୋଗ-୫

## ଦୀନବନ୍ଧୁ ସାହୁ



ଚିତ୍ର : ଶ୍ରୀ ଡାକ୍ତର ଦୀନବନ୍ଧୁ ସାହୁ

ଗର୍ଭ ଉଖାରି ମାଟିଚିରି
ଉହୁଁକି ଆସୁଚି ଭ୍ରୁଣ
ପୋଷେ ଅନ୍ଧାରକୁ ପୁଞ୍ଜି କରି
ଆଲୋକମୁଖା ହେବାର ଏ ସ୍ୱପ୍ନିଳ ପ୍ରଯତ୍ନ
ସାନ୍ଦ୍ରୀଭୂତ ଦୀର୍ଘଶ୍ୱାସ
ବକ୍ଷ କୋରଡ଼ରେ ଜମାଟ
ଲୁହକୋହର ଆନିକଟ
ଭରାବୁକୁ ଉଦଗ୍ର ବ୍ୟଥାର ଭଣ୍ଡାର ।

ନଈଦାଢ଼ ଗହିରୀଆ ବେଣାପାଟ
ସ୍ୱଚ୍ଛ ଶୁଭ୍ର କାଶତଣ୍ଡୀ ବଣରେ
କେହି ଜଣେ ଛଡ଼ାଉଛି କାତି
ନୂଆ ସ୍ୱପ୍ନ, ନୂଆ ରଂଗ, ନୂଆ ରୂପରେ
ସାଜ କରୁଛି କଳେବର
ନୂଆକରି ଆରମ୍ଭିବ ସକାଳ
ଭୋଗିବ ସଜ ସୂରୁଜର ଆଭା
ନବ ଉନ୍ମାଦ ନବୀନ ଉଦୟ ।

ଅନ୍ଧାରକୁ ଆଲୋକ ପିନ୍ଧାର ନିଷ୍ଠାରେ
ସାରାରାତି ଉଜାଗର
କାହାର ଏ ଜାଗରଜଳା
ନିରୁତ୍ତର ସଅଁପା !

ବଇଠାରୁ ସରି ଆସୁଚି ତେଲ
ସରି ଆସୁଚି ସଳିତା... !

ପାଳିବ ପାଳିବ ବୋଲି ସଂକଳ୍ପ
ମେଞ୍ଚାଏ ଅନ୍ଧାରକୁ
ପେଟରେ ପାଳୁଚି ଗେହ୍ଲି ବାୟାଣୀ
ବିଶ୍ୱାସ ନ ହାରି
ପ୍ରତାରଣାରେ ପଖାଳି ନିଜକୁ
ନିଗାଡୁଚି ରକ୍ତ ମିଶା ଲୁହ... ।

ନଟେଇ ହାତରେ ନିରାଶ ଗୁଡ଼ିଉଡ଼ାଳି
ଛିଣ୍ଡିଲା ସୂତାରେ ଲେଖା
ଫର୍‌ଫର୍ କଟା ଗୁଡ଼ିର ଭାଗ୍ୟ... !

ଅଧାଗଢ଼ା ଅଧାଭଙ୍ଗା
ଜୀଜିବିଷାର ମୃଣ୍ମୟୀ ଫୁଆର ।

ମରୁଛାତିରେ ପେଟ ପାରିଛି ଓଟ
ଆପଣା ରକ୍ତରେ ସ୍ୱାଦଭରା
କଣ୍ଟକିତ ଭୋଜନ
ପାକୁଳା ପାଟିର ଓଠଫାଙ୍କରେ
ରକ୍ତରାଗରେ ଝରୁଚି ଯା'
ତେଜ ତେଜ ବଂଚିବାର ମୋହ
ସ୍ୱପ୍ନ ସରସର... ।



ଡାକ୍ତର ଦୀନବନ୍ଧୁ ସାହୁ

ପରଦେଶୀ ପଡ଼ା, ଭବାନୀପାଟଣା, କଳାହାଣ୍ଡି
ଫୋନ:୯୪୩୭୨୧୯୧୪୭

# ଶୋଇଗଲା ସୁନାଝିଅ

**ସାବିତ୍ରୀ କବି**

ଦିନେ ଠିକ୍ ଏମିତି ଖବରଟେ ପହଞ୍ଚିବ,
ଆକାଶରୁ ଖସି ପଡ଼ିବା ପରି ଲାଗିବ ସବୁକଛି ।
ତମର ବିଶ୍ୱାସ ହେବନି, ଭାବିବ ସୁଦ୍ଧୁ ମିଛ ।

କାଲି ରାତିରେ ଶୋଇବା ପୂର୍ବରୁ
କଥା ହୋଇଥିଲା, କବିତା ଶୁଣେଇଥିଲା,
ଶୁଣେଇଥିଲା ତା ପ୍ରିୟ ଗୀତ,
ସେତିକିରେ ତା'ର ସବାଶେଷ ଚିଠିର ଉତ୍ତର ନପାଇଥିବାର
ପାହାଡ଼ ପରିକା ଅଭିମାନ ଧୋଇ ଯାଇଥିଲା ଓ
କହିଥିଲା: "ରାତି ଅନେକ ହେଲାଣି, ଶୋଇପଡ଼
ନଚେତ୍ ଏ ପୃଥିବୀ ତିଆରି ହେବା ପରଠୁ
କେହି ବି କେବେ ବି ଦେଖି ନଥିବା ସ୍ୱପ୍ନଟିଏ ହୋଇ ତମେ
କେମିତି ଆସିବ ମୋ ସ୍ୱପ୍ନ ଭିତରକୁ ।"

ତା'ପରେ ପୋଖରୀର ଗୋଳିପାଣି ପରି
ଦିଶୁଥିବା ଖରା ଛୋଟ ଛୋଟ ବରଫ ଖଣ୍ଡ ହୋଇ
ମିଳେଇ ଯାଉଥିବ ଆଖିଭର୍ତ୍ତି ଲୁହରେ ।
ତମେ ଆଶ୍ୱସ୍ତ ହେବ ଓ ସେ ଯାହାଯାହା ମାଗୁଥିଲା ଦେଇ
ନ ପାରିବାର ଦୁଃଖ ଭୁଲିଯିବ ।

ତମ ଲୁହ କେହି ବି ନଦେଖୁ,
ଦେଖିବା ଆଗରୁ ନଈମାନେ ଶୁଖିଯାଇଥିବେ ନାହିଁ ନଥିବା ଖରାରେ,
ପାହାଡ଼-ମାନେ ମେଘଖଣ୍ଡ ପରି ମିଳେଇ ଯାଇଥିବେ
ଶୂନ୍ୟରେ, ସବୁ ଗଛ ଫୁଲଗଛ ପରି ଦିଶୁଥିବେ,
ଅନ୍ଧାରରେ ବାରି ହେଉ ନଥିବ କିଛି ବୋଲି କିଛି ।

ଖବରଟି ସତ କି ମିଛ ଜାଣିବା ପାଇଁ କାହାକୁ
ପଚାରିବାକୁ ତମର ସାହସ ହେଉ ନଥିବ,
କାଗଜରେ ଛପା ହୋଇଥିବା ଖବରଟି ମିଛ ହୋଇଥାଉ
ବୋଲି ତମେ କେତେ ନ ଭାବିବ ।

ଶେଷକୁ 'ଶୋଇଗଲା ସୁନାଝିଅ' ଖବରଟି ପୂରାପୂରି
ସତ ବୋଲି ଧରିନେବ ।
ଘର ଫେରନ୍ତା ଚଢ଼େଇଙ୍କ ମଧ୍ୟରୁ ଗୋଟିଏ ଚଢ଼େଇର
ନିଖୋଜ ହେବାର ଖବର,
ତାରାମାନଙ୍କ ଗହଣରୁ ଗୋଟିକର ଅନୁପସ୍ଥିତି ଖବର,
ଗଣମାଧ୍ୟମରେ ପରିବେଶିତ ଲକ୍ଷ ଲକ୍ଷ ବହୁ ଚର୍ଚ୍ଚିତ
ଖବର ଗୁରୁତ୍ୱ ହରାଇବା କାହାକୁ ବିଚଳିତ
କରିବନି ଘଟଣାର କିଛିଦିନ ପରେ ।

ବାଟଗଲା ଲୋକେ କହୁଥିବେ, ଆହାଃ ! ଖୁ'ସହିଲା
ବିଚରା ମରିଗଲାନି ତରିଗଲା,
ଗାଁ ଲୋକେ କହୁଥିବେ ବିଧାତାର ବିଚାର ନାହିଁ
ପିଲାମାନେ ଛୋଟ, ସେ ଥିଲା ଆମ ଗାଁର ମରଡ଼ମଣି
ସେମାନଙ୍କ କଥାକୁ ତାଳପତ୍ର ହଲେଇ
ସ୍ତାକଡ଼ ଗଛମାନେ ସମବେଦନା ଜଣାଉଥିବେ ଓ ଭାବୁଥିବେ,
କିଏ ଆଉ ତା' ପରି ସେମାନଙ୍କ ମନକଥା ବୁଝି ଛାଇ ଓ ପବନ
ପାଇଁ ଅଝଟ କରିବ,

ସ୍ନେହ ଓ ଆତ୍ମୀୟତାରେ ଗୋଟାପଣେ ବାନ୍ଧି ଦେଇ
ଆନନ୍ଦରେ ଆତ୍ମହରା ହେବ ।

ଆକାଶରୁ ତାରାଟିଏ ଖସି ପଡ଼ିଲେ
ଶୁଖିଲା ପତ୍ରଟିଏ ଗୁଡ଼୍କିନା ହେଲେ ଜାଣିବ
ଅଭିଯୋଗର ଫର୍ଦ୍ଦଟିଏ ଧରି ସେ ତମ ଦୁଆର
ସାମ୍ନାରେ ଠିଆ ହୋଇଛି, ସେ କାଗଜରେ ଲେଖିଥିବା
ପ୍ରଶ୍ନମାନଙ୍କର ଗୋଟିଏ ବି ଉତ୍ତର, ତମେ ଦେଇପାରୁ ନଥିବ ।

କେହିକେହି ଖୋଜିବେ ସେ ସାଇତିଥିବା ଧନରତ୍ନ
ଫାଇଲ୍ ଭିତରେ, ଟିଣ ବାକ୍ସରେ, ସେମାନେ ନିରାଶ ହେବେ
ଗନ୍ଧଗୁଳି ଦେଇ ସାଇତି ରଖିଥିବା, କେଇଖଣ୍ଡ ତା' ପସନ୍ଦର ଶାଢ଼ି,
କାହା ନାଁ ଲେଖିଥିବା ମୁଦି,
ମହମହ ବାସୁଥିବା ସଫାଧଳା ରଙ୍ଗର ରୁମାଲ୍
ଯା' ଦେହରେ ଚମକୁଥିବ ଅନେକ ଦିନ ତଳର
କାହା ହାତ ଅଙ୍କା ଛବି,
ଧିରେ ଧିରେ ସଭିଏଁ ପାସୋରିଯିବେ ତା' ସ୍ମୃତି
ଯେତେ ଚାହିଁଲେ ବି ସେହି ମୁହଁଟିକୁ ଖୋଜି ପାଇବେନି କେହି
କେଉଁଠି, କେବେ ବି

ଦିନେ ମଲା ସ୍ମୃତିମାନଙ୍କ ଗହଣରୁ
ସେ ପୁଣି ଫେରି ଆସିବ, ଛାପା ଯାଇଥିବା, ସମସ୍ତ ଖବରକୁ ମିଛ କରି,
ତମେ ଚାଲି ଯାଉଥିଲା ବେଳେ ପଛରୁ ଡାକିବ
"ଏଇ ଶୁଣ, ମୁଁ ପରା ଏଇଠି ଅପେକ୍ଷା କରିଛି କେଉଁକାଳୁ,
ମୋତେ କ'ଣ ସାଙ୍ଗରେ ନେବନି !"

ଚଳଚ୍ଚିତ୍ର ଦୃଶ୍ୟ ପରି ଘଟି ଯାଉଥିବା ସମସ୍ତ ଘଟଣା
ତମକୁ ଆଚମ୍ବିତ କରୁଥିବା ବେଳେ ତମେ ଭାବୁଥିବ
'ଶୋଇଗଲା ସୁନାଝିଅ' ଖବରଟି ମିଛ,
ଏମିତି ମିଛ ଖବରସବୁ କାଗଜରେ
କାହିଁକି ଛପାହୁଏ କେଜାଣି ।


ସେତେବେଳେ ତମକୁ ଅନ୍ଧାର ଦିଶୁଥିବ
ଜହ୍ନ ପରି ଓ ଜହ୍ନ ଅନ୍ଧାର ପରି ।

♥ ବିଶ୍ୱନାଥପୁର, ରାହାଞ୍ଜ, ରାଣୀତାଳ,
ଭଦ୍ରକ-୭୫୬୧୧୧, ଫୋନ:୯୪୩୯୧୧୧୩୮୦



# ମୁଁ ଏବେ ନିଖୋଜ

**ଅନୀତା ପାଣି**



ଚିତ୍ର : ଶ୍ରୀ ତପନ ସାହୁ

ମୋ ଭିତରୁ ମୁଁ ଏବେ ନିଖୋଜ
ନିଜକୁ ଓଲଟ ପାଲଟ କରି ଦେଖିଲି, ଖୋଜିଲି
ହେଲେ ପାଇଲିନି !

ହଜିଲା ଚିଜ କଣ
ମିଳିଯାଏ ସହଜରେ,
ମୋ ଭିତରୁ ମୁଁ ଏବେ
ଅନ୍ଧାରୀ ଘରର କବାଟ କଣରେ
ହାତଗୋଡ଼ ଜାକି ବସିଛି
ଅବା କେହି ଜୋର୍ କରି ବନ୍ଦୀ କରିଛି

ତାକୁ ମୁକ୍ତ ପବନ ମନା
ମନା ତାକୁ ସୂର୍ଯ୍ୟାଲୋକ
ମନା ତାକୁ ସ୍ୱପ୍ନ ।
ଅନ୍ଧପୁଟୁଳି ବନ୍ଧା ତା ଆଖିରେ
ତା ପାଟି ବି ବନ୍ଧା କଳା କନାରେ
କଥା କହିବା ମନା
ସ୍ୱାର୍ଥ ପାଇଁ ସବୁ ମନା ।

ହେଲେ ଗୋଟେ ବାସ୍ନା
ବିଭୋର୍ କରିଛି ତାକୁ
ଜିଇବାର ବୀଜଟିଏ କଅଁଳି ଉଠୁଛି
ଅମରିଲତା ପରି ଭାଙ୍ଗିଲେ ବି
ଲୁହରେ ସ୍ନାନ କରି
ଲେଉଟି ଆସୁଛି ତାର ସବୁଜିମା ।

ମୁଁ ବଡ଼ ଚଗଲା,



ଫଟୋ ଅନୀତା ପାଣି

ଡେଣା ହଲେ ଲଗେଇ
ବୁଲି ଆସିବ ଦିଗ୍‌ବଳୟ,
ବାଦଲ ପିଠିରେ ନାଉ ହୋଇ
ଛୁଇଁ ଦେବ ଇନ୍ଦ୍ରଧନୁ,
ସୂର୍ଯ୍ୟ ଚନ୍ଦ୍ର କାନଫୁଲ କରି ନାଇବ
ତାରା ସବୁ ପିନ୍ଧିବ ପାଉଁଜି କରି
ବିଜୁଳି ଲତା କରିବ ଅଣ୍ଟା ସୂତା ।

ଏ ପବନ ଯିବା ଆସିବା ଯାଏଁ
ବାସ୍ନାରେ ବିଭୋର୍ ହେବା ଯାଏଁ
ମୋ' ଭିତରକୁ ମୁଁ ଫେରିବାର ଅପେକ୍ଷା ରହିବ ।
ମୋ, ପରିବର୍ତ୍ତନଶୀଳ
ଦିନେ ଜୀର୍ଣ୍ଣସୀର୍ଣ୍ଣ ହେବ
ଲୋଟିଯିବ ଧରାରେ,
ଜଳିଯିବ ନିଆଁରେ
ଜଳିଯିବ ନିଆଁରେ
ପାଉଁଶ ଗଦାରୁ ମୁଁ ଚକ୍ ଚକ୍ ଦିଶିବ
ମୁଁ ହିଁ ରହିବ କାଳ କାଳକୁ ।

ପୁଣି ମୋ'କୁ ଖୋଜିବ
ଘଟରେ ସ୍ଥାପନ ହେବ ମୁଁ,
ମୁଁ, ସେଇ କାଉଁରୀ ବାସ୍ନାରେ
ବୁଲି ଆସେ ଚଉଷଠି ମୋ ।
ମୋ ଭିତରୁ ମୁଁ ନିଖୋଜ ହେଲେ
ମୋ ପାଲଟି ଯାଏ ଜୀବନ୍ତ ଶବ ।

ସାଉଥ୍ ବଲଣ୍ଡା, ତାଳଚେର, ଫୋନ:୮୩୨୭୭୦୫୯୭୦

# ଏବେ ତ ସଚେତନ ହୁଅ ମଣିଷ

## ନିରାକାର ଦାସ

ଏବେ ତ ସଚେତନ ହୁଅ ମଣିଷ !
ତୁମ ମୁଣ୍ଡ ଉପରେ ବାଜିଲାଣି
ଆକାଶର ଗରମ ନିଃଶ୍ୱାସ ।
ମାଟିତଳୁ ଶୁଖିଗଲାଣି ପାଣି
ବସୁଧାର ସରୁଛି ଆୟୁଷ !


ହେ ମଣିଷ !
କେତେବେଳେ ତୁମ ପିଠିରେ ବସୁଛି
ପବନର ପାହାର,
ତ କେତେବେଳେ ତମ ଅଣ୍ଟା ଭାଙ୍ଗୁଛି
ସମୁଦ୍ର ଜୁଆର ।
କେତେବେଳେ ପିଠିରେ ଲଦା ହେଉଛି
ଅଜ୍ଞାନତାର ବୋଝ,
ରୋଧିବାକୁ ବିପ୍ଳବର  ପଥ,
ତ କେତେବେଳେ ପେଟରେ ଠିଆ ହେଉଛି
ଭୋକର ମନ୍ଦର ପର୍ବତ
ବଢ଼େଇବାକୁ ପୁଞ୍ଜିପତିଙ୍କ ଅୟସ ବୟସ ।

ହେ ମଣିଷ !
ତୁମେ କିଛି ବୁଝୁନ ବୋଲି
ତୁମ ବେକରେ ପଡ଼ିଛି କାରଖାନିଆ ଫାଶ
ନିତି ପିଆଯାଉଛି ପ୍ରଦୂଷଣର ବିଷ ।
ତୁମ ମୁଣ୍ଡରେ ବର୍ଷୁଛି ନିତି
ଅପସଂସ୍କୃତିର ଅଦିନିଆ ମେଘ,
ଦେହସାରା ମାଡ଼ିଯାଇଛି
ଭୋଗ-ବିଳାସିଆ ରୋଗ ।

ତୁମେ ଜାଣିଛ ମଣିଷ !
ତୁମ କାନ୍ଧରେ କୁଦା ମାରୁଛି ଏବେ
ବିଦେଶୀ ନିବେଶ ବାଘ
ମୋଡ଼ି ଖାଇବାକୁ ତୁମ ସବୁଜିମା ବେକ,
ଗୋଡ଼େଇ ମାରିବାକୁ ତୁମ ଧାନବିଲ, ଶୋରିଷ କ୍ଷେତ



▶ ଡ଼ ନିରାକାର ଦାସ



▶ ଚିତ୍ର : ଶ୍ରୀ ସରୋଜିନୀ ଶତପଥୀ

ପାନ ବରଜ ।

ଏବେବି ବେଳ ଅଛି ମଣିଷ
ଆଖି ଖୋଲି ଦେଖ୍ !
ତୋ ଜୀବନ ପୃଷ୍ଠାରେ କେମିତି ଲେଖାଯାଉଛି
"ଧର୍ମର ଡାଙ୍କୁଣୀରେ ଡାଙ୍କିଦିଅ ଯାଙ୍କ ମୁଣ୍ଡକୁ
ସଂପ୍ରଦାୟର ସାୟରୀ ଶୁଣାଉଥାଅ
ଯାଙ୍କ କାନକୁ,
ଅଜ୍ଞାନତାର ଆଖି ଦେଇ ଦିଅ ସବୁ
ନିଷ୍ପେସିତଙ୍କୁ ।
ମାନସିକ ନପୁଂସକ ହୋଇ ନାଚୁଥାନ୍ତୁ ସେମିତି
ଆମ ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର ଚାରିପାଖ,
ଡାକୁଥାନ୍ତୁ ସେମିତି ହେ ଈଶ୍ୱର, ଆଲ୍ଲା ରଖ ରଖ ।
ଦୈନ୍ୟର ଦୁଆରେ ମୁଣ୍ଡ ପିଟି
ଜୀବନ ଜୀଇବାର ଭିକ୍ଷା ମାଗୁଥାନ୍ତୁ ସେମିତି
ଏ ସର୍ବଂସହା ମଣିଷ ।
ଏପଟେ ଆମେ ନିଲାମ ନେଇଯିବା
ତାଙ୍କ ପାଣି, ପବନ, ଜମି, ଜଙ୍ଗଲ, ସବୁଯାକ
ପୁଞ୍ଜିର ପାଟଲୁଗା ପିନ୍ଧି ନିର୍ବିଘ୍ନରେ ବୁଲିବା
ସଂସାର ଯାକ ।"

ହେ ନିର୍ବୋଧ ମଣିଷ !
ଦେଖି ପାରୁନ ଯଦି,
ମାଗିନେ ଆମ ବ୍ୟାସ, ବାସୁଦେବଙ୍କ ଠାରୁ ଦିବ୍ୟନେତ୍ର
ନଚେତ୍ ସେମିତି ଧର୍ମର ଗଞ୍ଜେଇ ଖୁଆଇ
ଝୁମାଉଥିବେ ତୁମକୁ ଜୀବନଯାକ,
ତୁମ ଜୀବନ, ଜୀବିକାର ଏମିତି ହୋଇ ଚାଲିଥିବ
ସର୍ବନାଶ ।

♥ ଜେ/୨, ରେଳକୁଞ୍ଜ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୭
ଫୋନ:୮୪୫୫୮୮୫୦୧୩

# ପ୍ରୀତି କାବ୍ୟ

## ଗୋପାଳକୃଷ୍ଣ ମିଶ୍ର

ବିଶ୍ୱାସରେ ଫୁଲ ଫୁଟେ, ପକ୍ଷୀ ରାବେ
କୁଳୁକୁଳୁ ନାଦ କରି ବହେ ବି ଝରଣା

ରାତି ହୁଏ, ଦିନ ହୁଏ,
ଆକାଶରେ ଲାଗିଥାଏ
ତାରା, ଚାନ୍ଦ, ସୂର୍ଯ୍ୟଙ୍କ ମେଳଣ

ବିଶ୍ୱାସ,
କାହା ପାଇଁ ଶବ୍ଦକୋଷୁ ଶବ୍ଦଟିଏ,
ମୋ ପାଇଁ ବିଶ୍ୱରୁ ବିଶ୍ୱସ୍ତ

ଆଖି ଖୋଲି ଚାହିଁ ଦେଲେ ଝରକା ସେପାଖୁ
ଓଠମାନଙ୍କରୁ ଛୁଟେ
ପ୍ରୀତିର ମଳୟ,
ସ୍ୱପ୍ନ ଆଉ ସମ୍ଭାବନା ଦେଇ
ସୃଷ୍ଟି ହୁଏ
ଅତୁଟ ବନ୍ଧନ

କେବେ ଚାରି ଯୁଗ ପାଇଁ
କେବେ ପୁଣି
ଜନ୍ମ ନାମାନ୍ତର ଯାଏଁ ।

♥ କାକୁଡ଼ି ଶାସନ, ତାଳଚେର
ଫୋନ:୮୮୯୫୬୫୨୫୭୬



▲ ଛବି ଗୋପାଳ କୃଷ୍ଣ ମିଶ୍ର



▲ ଚିତ୍ର : ଶିଳ୍ପୀ ଇପ୍‌ସିତା ଦେ

# ଭାବବନ୍ଧନ

## ନରେଶ୍ ମଣ୍ଡଳ

ଉପର ପାହାଚରରୁ
ଆଖି ଫେରେଇ ଦେଖିଲେ
ବାରି ହୋଇଯାଏ
ନିଃସଙ୍ଗ ନିଃଶ୍ୱାସର ଆକର୍ଷଣ
କେତେ ନିଷ୍ଠୁର
ତ୍ୟାଗର ହିସାବ ଖାତାକୁ
ଓଲଟାଇଲା ବେଳେ
ଶତ୍ରୁଟି ଉପରେ ଭାରି ଦୟା ଆସେ ।
ମିଛେଇ ପ୍ରେମିକାର ଅଭିନୟଭଳି
ନିବିଡ଼ ଆଶ୍ଲେଷରେ
ଅଳନ୍ଧୁ ଜମେ ।

ଏକା ଏକା ଚାଲିବି ବୋଲି
ସ୍ଥିର କଲା ବେଳକୁ
ଅନାଗତ ଅନିଶ୍ଚିତତା
ମୋର ଅଭିଳଷିତ ଅହଂକୁ
ଅନେକ ଅତୁଆ ତତୁଆ ପ୍ରଶ୍ନରେ
ଛନ୍ଦି ପକାଏ ।

ମଳିବ ଆକାଶର ନିର୍ଜନ ନିର୍ଜନ
ମେଘଖଣ୍ଡ ଭଳି ମୋ ପ୍ରାଣର
ଉତ୍ତାଳକୁ ଏକ ଦୃଢ଼ ସଙ୍କଳ୍ପର
ରୂପ ଦେଉଥାଏ ବାରମ୍ବାର ।

♥ ପ୍ରାଚୀନଗର, ଭାୟା- ମାଧବନଗର,
ଭଦ୍ରକ-୭୫୬୧୮୧,
ଫୋନ:୯୪୩୮୩୨୧୪୫୪



▲ ଛବି ନରେଶ ମଣ୍ଡଳ

# ଅରାଏ ଅନ୍ଧାର ସୋରାଏ ଆଲୁଅ



**କିଶୋର ଆକାଶ**
ସିଏସ୍ - ୫/୨୦୧, ସୁପରଟେକ୍ କେପ୍‌ଟାଉନ୍,
ସେକ୍ଟର - ୭୪, ନୋଏଡ଼ା - ୨୦୧୩୦୧ (ୟୁପି)
ଏନ୍‌ସିଆଇ
ଫୋନ : ୯୮୧୦୭୬୨୯୭୬

ଚିତ୍ର: ଈପ୍‌ସିତା ଦେ

ରାତି ତ ପାହିନି ଆହୁରି ପୁରାପୁରି । ଅଂଧାରର ପ୍ରକୋପ ତଥାପି ପ୍ରଲମ୍ବିତ ।

ଏ ପାହାନ୍ତା ପ୍ରହରରେ କିଏ ? କିଏ ଗେଟ୍ ବାଡ଼ାଉଛି ଏମିତି ଅତର୍କ୍କ ହୋଇ ?

ଓଃ ଅସହ୍ୟ । ଖୁବ୍ ଅସହ୍ୟ ଏ ଆୱାଜ୍ ।

କଲିଂ ବେଲ୍ ତ ଉପଲବ୍‌ଧ ଗେଟ୍ ବାହାରେ ।

ତଥାପି ...ଉଠି ବସିଲା ତୁଷାର ଶେଯରେ ଭୀଷଣ ବିରକ୍ତିରେ । ପାହାନ୍ତା ପ୍ରହରର ନିଦ କାଳେ ଖୁବ୍ ମିଠା ମିଠା ଆଉ ସୁହାନି । ସେଥିପାଇଁ ତ ପାହାନ୍ତା ପ୍ରହରର ସ୍ୱପ୍ନ କାଳେ ହୋଇଥାଏ ସତ ଆଉ ବାସ୍ତବ ।

ଝରକା ଖୋଲି ଦେଖିଲା । କରେଣ୍ଟ ନାହିଁ । ଶୀତଦିନ ଭଳି ଘନ କୁହୁଡ଼ିର ଆସ୍ତରଣ ସାରା ଇଲାକାକୁ ଧଳା ଚାଦରଟିଏ ଭଳି ଘୋଡ଼େଇ ଦେଇଛି ଅତି ସନ୍ତର୍ପଣରେ । ପୃଥିବୀ ଯେମିତି ଶୋଇ ଯାଇଛି ଆରାମରେ ନିଶ୍ଚିନ୍ତ ହୋଇ ।

ତରବରରେ ଗେଟ୍ ଖୋଲି ବାହାରକୁ ଆସି ଦେଖେ ତ ଗୋପୀର ବଡ଼ଭାଇ ବଦ୍ରି । ବଦ୍ରି ତୁଷାରକୁ ଦେଖି କାନ୍ଦି କାନ୍ଦି ଗୋଡ଼ ତଳେ ପଡ଼ି କୋହଭରା କଂଠରେ କହିଲା - "ଗୋପୀ ଆଉ ନାହିଁ ସାର୍ ଗୋପୀ ଆଉ ନାହିଁ ।"

ତୁଷାର ବଦ୍ରିକୁ ତଳୁ ଉଠାଇ ଆତୁରରେ ପଚାରିଲା ଥରିଲା ଥରିଲା କଂଠରେ- "କ'ଣ ହେଲା ଆମ ଗୋପୀର ? ହେଲା କଣ ?"

-କାଲି ରାତିରେ ଗୋପୀ ଟ୍ରେନ୍ ଲାଇନ୍‌ରେ ସୁଇସାଇଡ୍ କରିଦେଇଛି ସାର୍ । ଆପଣ ଆସନ୍ତୁ ଯିବା ଏବେ ଏକା ।

ମୁଣ୍ଡ ଘୁରାଇଦେଲା ତୁଷାରର । ତଥାପି ନିଜକୁ ସମ୍ଭାଳି ନେଇ ବଦ୍ରି ସହ ସିଧା ଗଲା ରେଳଲାଇନ୍ ପାଖକୁ ।

ଗୋପୀ ଘରଠୁ ମାତ୍ର ଅଧାକିଲୋମିଟର ଦୂରତାରେ ଟ୍ରେନ୍‌ଲାଇନ୍ । ଅତି କମ୍‌ରେ ଦଶପନ୍ଦର ଜଣ ଦେଖଣାହାରି ଜମା ହୋଇଥାଆନ୍ତି ସେଇଠି । ଗୋପୀ ଅଭିମାନ କରି ମୁହଁମାଡ଼ି ଶୋଇଛି ଯେମିତି । ମୁଣ୍ଡରେ ଆଘାତ ଲାଗିଛି ବୋଧେ । ପ୍ରଚୁର ରକ୍ତକ୍ଷରଣ ହୋଇଛି । ଜି.ଆର.ପି. ପୋଲିସ୍ ଆହୁରି ଆସିନାହିଁ । ଗୋପୀ ହାତରେ ଥିବା ଡ଼ାଏରୀଟି ପଡ଼ିଛି ନିକଟସ୍ଥ ବୁଦାକଡ଼େ । ସମସ୍ତଙ୍କ ଅଲକ୍ଷ୍ୟରେ ଚୁପ୍‌ଚାପ୍ ଡ଼ାଏରୀଟିକୁ ଲୁଚେଇ ସାର୍ଟ ଭିତରେ ରଖିଦେଲା ତୁଷାର । ଗୋପୀର ପ୍ରିୟ ଥିଲା ଡ଼ାଏରୀ ଆଉ ପେନ୍ । ସେ ସବୁବେଳେ ଏ ଦୁଇଟି ଜିନିଷ ଧରୁଥିଲା ଅତି ଆଗ୍ରହରେ ।

ଗୋପୀର ମା ତୁଷାରକୁ ଦେଖି ଧାଇଁ ଆସି ଟାଣି ଟାଣି ନେଇଗଲା ଗୋପୀର ଶବ ନିକଟକୁ । ମୋ ଗୋପୀ ଆଉ ନାହିଁ ସାର୍ ମୋ ଗୋପୀ ... ଢ଼ୋ ଢ଼ୋ ମୁଣ୍ଡ ପିଟି କାନ୍ଦୁଥିଲା ବିଚାରୀ ।

ଗୋପୀର ବାପା କାନ୍ଦି କାନ୍ଦି କହିଲେ- "ଆଜି ଥିଲା ଗୋପୀର ର୍ନିବନ୍ଧ । ସବୁ ଆୟୋଜନ ସରିଥିଲା ସାର୍ ହେଲେ ... ଏ ଗୋପୀ କ'ଣ କଲା ..."

କଣ କହି ସାନ୍ତ୍ୱନା ଦେବ ତୁଷାର । ସିଏ ତ ନିଜେ ଭାଂଗି ପଡୁଛି ଭିତରେ ଭିତରେ । ବିଶାଳ ମହୀରୁହ ସବୁ ଭାଂଗିଯାଇଛି ଅଦିନ ବାତ୍ୟାରେ । ଉଜୁଡ଼ି ଯାଇଛି ଜୀବନର ସବୁଜିମା । ବଂଚିବାର ଶ୍ୟାମଳିମା । ସବୁ କିଛି ବିଧ୍ୱଂସ । ସବୁଆଡ଼େ ଯେମିତି କରୁଣ ବିଳାପ । ହରାଇବାର ହାହାକାର । ଲୁହର ଲିରିକ୍ । କୋହର କୌମୁଦୀ ।

ତଥାପି ... ତଥାପି ଗୋପୀର ବାପା-

**ଖାଲି ତୁଷାରକୁ ନୁହେଁ ରାସ୍ତାଘାଟ, ହସ୍‌ପିଟାଲ୍, ବସ୍‌ଷ୍ଟାଣ୍ଡ, ଷ୍ଟେସନ୍, ବସ୍, ଟ୍ରେକର୍, ବଜାର, କ୍ଲବ୍ ସବୁଠି ତା'ର ଏ ଦୌରାତ୍ମ୍ୟ । ତେଣୁ ଗୋପୀକୁ ପାଗଳା, ଆଡ଼ବାୟା, ଗୋପୀବାୟା ବୋଲି ଅଭିହିତ କରିଥାନ୍ତି । କାରଣ ସେ ପଚାରୁଥିବା ପ୍ରଶ୍ନସମୂହର ଉତ୍ତର ସ୍ୱୟଂ ଈଶ୍ୱର ବି ଦେବାକୁ ଅକ୍ଷମ ।**



▲ଗାଳ୍ପିକ କିଶୋର ଆକାଶ

**କାହାଣୀ ପଛର କାହାଣୀ**

**ଏ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା କିଏ? ଏହାର ସହଜ ଉତ୍ତର 'ଈଶ୍ୱର' ହିଁ ହେବ । ଯଦିଓ ବୈଜ୍ଞାନିକମାନେ ଏ ତଥ୍ୟକୁ ଅସ୍ୱୀକାର କରନ୍ତି । ସେମାନେ ଅନେକ ଉଦ୍‌ଭଟ ଯୁକ୍ତିଯୁକ୍ତ( ?) ତଥ୍ୟ ଉପସ୍ଥାପନା କରିଥାନ୍ତି । ଯାହା ସମସ୍ତଙ୍କ ପାଇଁ ବିଶେଷ କରି ଭାରତୀୟମାନଙ୍କ ପାଇଁ ଜମା ଗ୍ରହଣୀୟ ନୁହେଁ । ଈଶ୍ୱରଙ୍କୁ କିଏ ଦେଖିଛି ? ଏ ଆକାଶ/ ସମୁଦ୍ର ସୁନୀଳ କାହିଁକି ? ମଣିଷର ଗୋଟିଏ ମୁଣ୍ଡ-ଦୁଇଟି ହାତ କାହିଁକି ? ଗାଈ କାହିଁକି କ୍ଷୀର ଦିଏ ? ଗଛରେ ଫୁଲ ଫଳ କେମିତି ଆସେ ? ପକ୍ଷୀ-ପଶୁମାନେ କଥା କହିପାରନ୍ତିନି କାହିଁକି ? ଏମିତି ଅନେକ ଅନେକ ପ୍ରଶ୍ନର ଲମ୍ବା ଧାଡ଼ି ମଣିଷ ମନରେ । ଯାହା ଅନୁତ୍ତରିତ ସବୁଦିନ ପାଇଁ ।**

**ଏ ଗପର ନାୟକ ଏମିତି ଅନେକ ପ୍ରଶ୍ନର ଅଡୁଆ ସୂତାରେ ଛନ୍ଦି ହୋଇ ଗାଳ୍ପିକଙ୍କୁ ଏକ ଅସୁବିଧା ପରିସ୍ଥିତିରେ ପକାଇ ଦେଇଛି । ତରୁଣ କବି ଯେ ଏତେ ଏସୋସିଏସନର ହୋଇ ନିଜ ଜୀବନକୁ ଜାଳିଦେବ- ଏକଥା ଗାଳ୍ପିକ କଳ୍ପନାରେ ସୁଦ୍ଧା ଭାବି ନଥିଲେ । ଏକ ସତ୍ୟ ଘଟଣାର ଅଙ୍ଗେନିଭା ଅନୁଭୂତିକୁ କାଳିକଲମ ଜରିଆରେ ଉତାରି ଦେବାକୁ ଚେଷ୍ଟା କରିଛି ଏକ ନୂଆପଣ, ନିଆରା ଆଉ ନୂଆବାଗରେ । ଶେଷରେ ଗପର ନାୟକ ଅବୁଝା ଖିଆଲି-ଜିଦଖୋର-ବୌଦ୍ଧିକ ତରୁଣ କବି ହିଁ ପାଲଟି ଯାଇଛି ନିଜେ ଗୋଟିଏ ପ୍ରଶ୍ନବାଣ ।**

ମା'କୁ, ବଦ୍ରି ଆଉ କେତେ ଜଣ ସାହିଭାଇଙ୍କ ସାହାଯ୍ୟରେ ଯତ୍‌କିଂଚିତ ପ୍ରବୋଧନା-ସାନ୍ତ୍ୱନା ଦେଇ, ବୁଝାଶୁଝା କରି ଘରକୁ ପଠାଇଲା ତୃଷାର ।

ସେତେବେଳକୁ ଜିଆର୍‌ପି ଆସି ସରଜମିନ ତଦନ୍ତ ସୁରୁ କରିଦେଇଛି । ଡ଼େଡ୍‌ବଡ଼ିକୁ ଷ୍ଟ୍ରେଚର୍‌ରେ ନେଇ ଆମ୍ବୁଲାନ୍‌ସ୍‌ରେ ଲଦୁଥିଲେ ଦୁଇଜଣ । ପୋଷ୍ଟ୍‌ମର୍ଟମ୍ ପରେ ହିଁ ଡ଼େଡ୍‌ବଡ଼ି ହେଣ୍ଡ୍‌ଓଭର୍ ହେବ ବୋଲି କହିଦେଇ ଜି.ଆର୍.ପି ଚାଲିଗଲାଣି ତା' ଡ୍ୟୁଟି ସାରି ଦେଇ । ସୁଇସାଇଡ୍ ନୋଟ୍‌ଟିଏ ପାଇଛି ପୋଲିସ୍ ଗୋପୀର ପକେଟ୍‌ରୁ, ଯେଉଁଥିରେ ସ୍ୱଷ୍ଟ ଭାବେ ଲେଖା ହୋଇଥିଲା ତା' ମୃତ୍ୟୁ ପାଇଁ ଆଉ କେହି ଦାୟୀ ନୁହଁନ୍ତି । ସେ ନିଜେ ହିଁ ଏଥିପାଇଁ ସଂପୂର୍ଣ୍ଣ ଦାୟୀ ।

ଅଗତ୍ୟା ଚିହ୍ନା ଡ଼ାକ୍ତରଙ୍କ ଜରିଆରେ ଶୀଘ୍ର ପୋଷ୍ଟ୍‌ମର୍ଟମ୍ କରାଇ ଦେବା ପାଇଁ ଚେଷ୍ଟା କଲା ତୁଷାର । ସଫଳ ବି ହେଲା ପ୍ରାୟ । ତଥାପି କାଗଜପତ୍ର, ଆଇନକାନୁନ୍, ଆଦବ କାଇଦାର ଘନଘଟା ଭିତରେ ପାଞ୍ଚ/ଛଅ ଘଣ୍ଟା ଚାଲିଗଲା ସବୁ କାମ ସାରିବା ପାଇଁ । ଦିନ ଦଶଟା ବେଳକୁ ଡ଼େଡ୍‌ବଡ଼ି ହେଣ୍ଡ୍‌ଓଭର୍ ହେଲା ।

ସିଧା ଘରକୁ ନିଆଗଲା ଗୋପୀର ଶବ । ଶ୍ମଶାନକୁ ନେବା ପାଇଁ ପ୍ରସ୍ତୁତି ଚାଲିଲା ବନ୍ଧୁବାନ୍ଧବ, ସାଙ୍ଗସାଥି ଜରିଆରେ ।

ଗୋପୀର ମା-ବାପାଙ୍କୁ ତ ଜମା ସମ୍ଭାଳି ହେଉନଥିଲା ସେହି ଶୋକାକୁଳ ପରିବେଶରେ । ଓଃ ! କି ହୃଦୟ ବିଦାରକ ଦୃଶ୍ୟ । ଗଛପତ୍ର, ରାସ୍ତାଘାଟ, ପଶୁପକ୍ଷୀ ବି ଯେପରି ଏ ଶୋକାଚ୍ଛନ୍ନ ମାହୋଲରେ ମୁହ୍ୟମାନ ।

ଅଚାନକ ଗୋପୀର ବାଗ୍‌ଦତ୍ତା ଗୋପା ଆସି ତୁଷାରର ହାତ ଧରି ପଚାରିଲା- "ସାର୍ ! ସେ ଉଠୁ ନାହାନ୍ତି କାହିଁକି ? ମୁଁ ଏତେ ଡ଼ାକିଲିଣି । ଡ଼କ୍ଟରଙ୍କୁ ଟିକିଏ ଡାକନ୍ତୁ ନା ପ୍ଲିଜ୍ ।"

କ'ଣ ବା ଉତ୍ତର ଦେବ ତୁଷାର ? ମୁଣ୍ଡ ପୋତି ଲୁହ ଢ଼ାଳିବା ଛଡ଼ା ଆଉ କିଛି କରିବାର ସାମର୍ଥ ନାହିଁ ତା'ର ।

ଏଣେ ଗୋପୀର ମା ଫିସ୍ ଫିସ୍ କହିଲାଣି – ଏ ପିଲାମାନେ ପାଟି କରନି ଜମା । ମୋ ଗୋପୀ ଗା ନିଦରେ ଶୋଇଛି ପରା । ତା'କୁ ଜମା ବିର କରନା । ସେ ଉଠି ପଡ଼ିବ ଯେ ...

ଓଃ ! ଛାତି ଫାଟିଯାଉଛି ତୁଷାରର । ମନ୍ଥି ହୋ ଯାଉଛି ହୃଦୟ । କାହାକୁ କ'ଣ କହି ସାନ୍ତ୍ୱନା ଦେବ ଏ ଶୋକର ସରୋବରରେ ସମସ୍ତେ ତ ଡୁ ଯାଇଛନ୍ତି ଗୋପୀର ଅକାଳ ଆକସ୍ମିକ ବିୟୋଗରେ

କାହାର କିଛି କରିବାର ନାହିଁ ।

କାହାର କିଛି କହିବାର ନାହିଁ ।

ସବୁ ପ୍ରଶ୍ନ ଅନୁତ୍ତରିତ ଏଇଠି । ଅସମାହି ଜୀଗିଷା ।

ସବୁ ଆଲୋକ ନିର୍ବାପିତ । ଅଂଧାର ଖା ଅଂଧାର । ଅଂଧାରର ଅକ୍ଟୋପାସ୍ କବଳରେ କଲବଲ ସବୁ ନିରୀହ ମଣିଷ । ଅଶନିର ଅଦୃଶ୍ୟ ଦାନବ ଗିଳି ଚାଲିଛି ଯେମିତି ବର୍ତ୍ତମାନର ସବୁ ସରାଗ ସୁଖଶାନ୍ତି ସଂପ୍ରୀତି ।

ଆପଣମାନେ ନିଶ୍ଚୟ ଧୈର୍ଯ୍ୟହରା ହୋଇ ଯିବେଣି ହୋ !

ପଚାରିବା ସ୍ୱାଭାବିକ – କିଏ ଏ ଗୋପୀ ... ? କେତେ ବୟସ ହୋଇଥିଲା ତା'କୁ । ତୁଷାର ସହ କି ସଂପର୍କ ତା'ର ? ସେ କାହିଁକି ଏମିତି ଅଚାନକ ସୁଇସାଇଡ୍‌ର ରାସ୍ତା ଆପଣେଇନେଲା ? ଆଜିକାଲି ତ ଡ଼ିପ୍ରେସନ୍‌ରେ ଆକ୍ରାନ୍ତ ହୋଇ ଦାରୁଣ ଦୁଃଖ କଷ୍ଟ ଭୋଗୁଛନ୍ତି ଏ ଦେଶର ଅଗଣିତ ତରୁଣ ତରୁଣୀ ।

ତା'ହେଲେ ଶୁଣିବା ହେଉ ଏ କାହାଣୀ ଏଥର । ଅବଶ୍ୟ ନାୟକ ତୁଷାରର କଂଠରେ ।

ଗୋପୀନାଥ ସାବତ ଓରଫ ଗୋପୀ ପିତା ରାମନାଥ ସାବତ । ବୟସ ମାତ୍ର ବାଇଶି ବର୍ଷ । ଭଂଜ ବିହାରରେ ଫିଲୋସଫିରେ ପିଜି କରୁଥିଲା । ଏଇଟା ଥିଲା ଶେଷବର୍ଷ । ଆଉ ଛଅ ମାସ ପରେ ଫାଇନାଲ୍ ପରୀକ୍ଷା ।

ଗୋପୀ ସୁସ୍ଥ ସବଳ ଗଂଭୀର ପ୍ରକୃତିର ଯୁବକଟିଏ । ଶ୍ୟାମଳ ବର୍ଣ୍ଣ ହେଲେ ବି ଆକର୍ଷଣୀୟ ଚେହେରା । ବବୁରି ବାଳ ବେଶ୍ ମାନେ ତା'କୁ । ସେ କେବେ ହସେନା । ସବୁବେଳେ ମୁହଁକୁ ଲଟକେଇ ରଖିଥାଏ ଝଡ଼ ପରର ବସାହରା ପକ୍ଷୀଟିଏ ଭଳି । ଗୁମ୍‌ସୁମ୍ । ଅସଙ୍ଗଡ଼ିଆ । କାହା ସହ ହଠାତ୍ ମିଶି ପାରେନା । ଅନ୍ୟମନସ୍କ ସବୁବେଳେ ।

ତା' ବାପାଙ୍କର ଏ ଛୋଟ ସହରରେ ଏକ ବଡ଼ କିରାନା ଦୋକାନ । ଯେଉଁଠି ତା' ବାପା ସହ ଅନ୍ୟ ବଡ଼ ଦୁଇ ଭାଇ ବଦ୍ରିନାଥ ଆଉ ବିଶ୍ୱନାଥ ବାହଲ । ଦିନ ରାତି ସେମାନେ ବ୍ୟସ୍ତ ରହୁଥାଆନ୍ତି ସେମାନଙ୍କ ବ୍ୟବସାୟରେ । ବେଶ୍ ସ୍ୱଚ୍ଛଳ ଅବସ୍ଥା ପରିବାରର । କୋଠାବାଡ଼ି, କାରଠୁଁ ଆରମ୍ଭ କରି ସବୁ ସୌଖୀନ ଚିଜ ଉପଲବଧ ସେମାନଙ୍କ ପାଖରେ ।

ଗୋପୀ ସବୁଠୁ ସାନପୁଅ । ଖୁବ୍ ଗେଲା ଆଉ ମୁଡ଼ି । ଯାା ବୁଝିଥିବ ସେଇଟା ହିଁ ଫାଇନାଲ୍ । ଭଗବାନ୍ ଆସିଲେ ବି ସେ ଆଉ ହେବନି କକ୍ଷଚ୍ୟୁତ । ଭାରି ଏଣ୍ଟ୍ରୋଭେଟେଡ୍ । ଖୁବ୍ ସାଦା ସିଧା । ଗର୍ବ ଅହଂକାର ଜମା ନାହିଁ । ଅଯଥା ବକ ବକ ହେବାକୁ ପସନ୍ଦ କରେନା ।



ତୁଷାର ଏ ସହରକୁ ଆସିବାର ବର୍ଷକ ପରେ ଗୋପୀ ଆସି ମିଶିଥିଲା ତା'ସହ । ଯେହେତୁ ତୁଷାର ଥିଲା ଜଣେ ପ୍ରତିଶ୍ରୁତିପୂର୍ଣ୍ଣ ଯୁବ କବି, ତାର କବିତା ଓଡ଼ିଶାର ପ୍ରାୟ ସବୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ ଓ ଆଦୃତ ହେଉଥିଲା ବିପୁଳ ପରିମାଣରେ ସେତେବେଳେ ।

ଗୋପୀ ଲେଖୁଥିଲା ପ୍ରଚୁର କବିତା । ତୁଷାରକୁ ପ୍ରତିଦିନ ସଂଧ୍ୟା ସାତଟାରେ ନିଶ୍ଚିତ ଭାବେ ମିଶୁଥିଲା ସିଏ । କବିତା ଆବୃତ୍ତି କରି ଶୁଣାଉଥିଲା । ହେଲେ ତା' କବିତା ଥିଲା ଦୁର୍ବୋଧ୍ୟ । କିନ୍ତୁ ଉଚ୍ଚାଙ୍ଗ । ଦର୍ଶନର ଗୁଢ଼ ତତ୍ତ୍ୱ ଓ ତିତୀକ୍ଷାରେ ଭାରାକ୍ରାନ୍ତ । ବୌଦ୍ଧିକତାରେ ଭାରି ଭାରି ଲାଗୁଥିଲା ତା' କବିତା ସମୁହ । ତୁଷାରର କବିତା ଛଳଛଳ କଳକଳ ତଟିନୀ ଭଳି ବୋଧହୁଏ ତ ଗୋପୀର କବିତା ନଇର ଗଭୀର ଗଣ୍ଡର ଜଳ । ସ୍ୱଚ୍ଛ କିନ୍ତୁ ଖୁବ୍ ଗଭୀର । ଭିତରକୁ ଯାଇ ଖୋଜିଲେ ମିଳିପାରେ ମହାର୍ଘ ମଣି । ଧୈର୍ଯ୍ୟ ଦରକାର ପାଠକର ଏଥି ପାଇଁ । କାହାର ସମୟ ଅଛି ଏ ଜୀବନର ଧାଁ ଧଉଡ଼ ଭିଡ଼ରେ ?

ତଥାପି ତୁଷାର ଗୋପୀର କବିତା ଶୁଣୁଥିଲା ମନ ଦେଇ । ତାରିଫ୍ କରୁଥିଲା । କେଉଁଠି ତ୍ରୁଟି ଥିଲେ ସଂଶୋଧନ କରି ବତାଇ ଦେଉଥିଲା । ଉଚ୍ଚମାନର କବିତା ବୋଲି ସାର୍ଟିଫାଏ ବି କରୁଥିଲା । ହେଲେ କାହିଁକି କେଜାଣି କବିତା ପ୍ରକାଶ ପାଇଁ ଦେବାକୁ ରୋକ୍‌ଠୋକ୍ ମନା କରୁଥିଲା ଗୋପୀ । କେତେ ବୁଝେଇଲେ ବି ତା' ଜିଦ୍‌ରେ ରହୁଥିଲା ଅଟଳ ।

କହୁଥିଲା- ସାର୍ ! ମୋ ଅଜାଣତରେ ମୋ କବିତା ପ୍ରକାଶ ପାଇଁ ଆପଣ କେବେ ବି ଦେଲେ ମୁଁ ସୁଇସାଇଡ଼ କରିଦେବି ହାଁ ... ! ବାଧ୍ୟ ହୋଇ ତୁଷାର, ଗୋପୀର କବିତା ପ୍ରକାଶ କରିବାରୁ କ୍ଷାନ୍ତ ରହୁଥିଲା ଉପାୟଶୂନ୍ୟ ହୋଇ ।

ସବୁଠୁ ବଡ଼ କଥା ହେଲା ତା'ର ବୌଦ୍ଧିକ ଶ୍ନସମୁହ ।

ଖାଲି ତୁଷାରକୁ ନୁହେଁ ରାସ୍ତାଘାଟ, ହସପିଟାଲ, ସଷ୍ଟାଣ୍ଡ, ଷ୍ଟେସନ, ବସ, ଟ୍ରେନ୍‌ର, ବଜାର, କ୍ଲବ ବୁଠି ତା'ର ଏ ଦୌରାତ୍ମ୍ୟ । ତେଣୁ ଗୋପୀକୁ ାଗଳା, ଆଡ଼ବାୟା, ଗୋପୀବାୟା ବୋଲି ଅଭିହିତ ରିଥାନ୍ତି । କାରଣ ସେ ପଚାରୁଥିବା ପ୍ରଶ୍ନସମୁହର ଉର ସ୍ୱୟଂ ଇଶ୍ୱର ବି ଦେବାକୁ ଅକ୍ଷମ ।

କେତୋଟି ଜ୍ୱଳନ୍ତ ଉଦାହରଣ ଦିଆ ାଇପାରେ ।

– ଗଉଡ଼ଟିଏ ଯାଉଛି ଗାଈଗୋଠ ନେଇ । ଗାପୀ ତା'କୁ ଅଟକାଇ ପଚାରିବ : ଏ ାଈଗୁଡ଼ାକର ଶିଙ୍ଗ ମୁଣ୍ଡରେ ନ ରହି ପଛପଟେ ହିଲାନି କିଆଁ ? ତା' ଲାଞ୍ଜ ପଛରେ ନ ରହି ଆଗ

ପଟେ ଥିଲେ କ'ଣ ଅସୁବିଧା ହୁଅନ୍ତା ?

-କ୍ଷୀରବାଲା ଯାଉଛି କ୍ଷୀର କେନ୍ ନେଇ ସାଇକେଲ୍ କି ସ୍କୁଟରରେ । ତା'କୁ ଅଟକାଇ ଗୋପୀ ପଚାରିବ : ଏ କ୍ଷୀରରେ କେତେ ପାଣି ମିଶାଇଛ କୁହ ? କ୍ଷୀର ତ ବାଛୁରୀ ପାଇଁ ଭଗବାନ ଦେଇଛନ୍ତି, ତୁମେ ତାହା ଚୋରି କରିଛ । ମୁଁ ତୁମକୁ ପୋଲିସ୍‌ରେ ଦେବି । ତମେ ଚୋର - ଧପ୍‌ପାବାଜ-ସଇତାନ-ପାପୀ ...

- ହସପିଟାଲ ପରିସରରେ କୌଣସି ରୋଗୀକୁ ଅଟକାଇ ପଚରିବ ଗୋପୀ : ତମର କଣ ହୋଇଛି ? ରୋଗୀଟି କହିବ ତା' ପେଟ କାଟୁଛି ଜୋରରେ । ଗୋପୀ କହିବ : କାହିଁକି କାଟୁଛି ପେଟ ତୁମର-ଜାଣିଛ । ପେଟଟା ପ୍ରକୃତରେ ମୁଣ୍ଡ ଉପରେ ରହିବା କଥା । ଏତେ ତଳକୁ ଥିବାରୁ ଭାରି ହୋଇ ଓହଳି ଯାଇ କାଟୁଛି ହୋ । ତା'କୁ ତମେ ଡ଼କ୍ଟରକୁ କହି ମୁଣ୍ଡ ଉପରକୁ ନେଇଯାଅ ।

- ପାଠ ପଢ଼ିବାକୁ ଛାତ୍ରଟିଏ କି ଛାତ୍ରୀଟିଏ ସ୍କୁଲ କି କଲେଜ ଯାଉଛି ତ ତା'କୁ ଅଟକାଇ ଗୋପୀ ପଚାରିବ : ସ୍କୁଲ କଲେଜ ଯାଉଛ କ'ଣ ପାଇଁ ? ସେଠି ପରା ସବୁ ମୂଷାମାନେ ରହନ୍ତି । ତମକୁ କାଟି କୁଟି ସଫା କରିଦେବେ । ବରଂ ତୋଟାରେ ପାଠ ପଢ଼ । ଆଚ୍ଛା ପାଠ ବୋଇଲେ ବହି ନୁହେଁ ବା ନଈ ! ନଈକୁ ଯାଅ ମନଇଚ୍ଛା ପହଁର । ମାଛ ଧର । ତୋଟାରେ କୋଇଲିର ଗୀତ ଶୁଣ । ବଂଶୀ ଫୁଙ୍କ । ଖୁବ ଭଲ ଲାଗିବ ।

- ପରିବା ବଜାରକୁ ଯାଇ ପରିବା ଦୋକାନୀକୁ ପଚାରିବ ଗୋପୀ : ଆଚ୍ଛା ଏ ଆଳୁ ଗୋଲ ଆଉ ମାଟିଆ ରଂଗ ହେଲା କାହିଁକି ? ଏ କଲରାର ଦେହ ଏମିତି ଆବୁଡ଼ାଖାବୁଡ଼ା କିଆଁ ... ? ଟମାଟର ରଙ୍ଗ ଲାଲ ଆଉ ଖଟା କାହିଁକି ହେଲା ଯେ .. । ଆଚ୍ଛା ପରିବା ସବୁକୁ କଂଚା ଖାଇଦେଲେ ହୁଅନ୍ତାନି ? ଏତେ ଜାଳ, ପରିଶ୍ରମ, ତେଲ ମସଲା ଲୁଣ ବେକାରରେ ନଷ୍ଟ ହେଉଛି ନା !

- କିରାନା ଦୋକାନକୁ ଯାଇ ପଚାରିବି ଗୋପୀ । ଏ ଚିନି ମିଠା ବଦଳରେ ଖଟା ଲାଗନ୍ତାନି ? ଲୁଣ ଲାଗନ୍ତାନି ମିଠା ? ଡ଼ାଲି ଚାଉଳ କଂଚା ଖାଇଦେଲେ ହୁଅନ୍ତାନି । ସବୁ ତ ପେଟ ଭିତରକୁ ଯିବ । ଏତେ କଷ୍ଟ କରି ରାନ୍ଧିବାର ଆବଶ୍ୟକତା କଣ ଯେ.. ? ଆଚ୍ଛା ବିଲକୁଲ ଭୋକ ନ ଥିଲେ ତେଣ୍ଟା ଯାଆନ୍ତା ହୋ ଏ ପେଟ ପାଇଁ ସିନା ସବୁ ନାଟ ଏ ଦୁନିଆରେ ।

- ବସ୍‌ଷ୍ଟାଣ୍ଡରେ ବସ୍ ଡ୍ରାଇଭରକୁ ଅଟକାଇ ପଚାରିବ ଗୋପୀ : ଆଚ୍ଛା ଭାଇନା ଏ ବସ୍‌ର ଚାରିଟି ଚକା କାହିଁକି ? ଚାଳିଶଟା ଚକା କି କିଛି ଚକା ନ ଥିଲେ ହୁଅନ୍ତାନି ? ଏ ଷ୍ଟିଅରିଂ / ବ୍ରେକ୍ ଗୋଟାଏ ଗୋଟାଏ ପ୍ରତ୍ୟେକ ପାସେଞ୍ଜର ହାତରେ ଧରାଇ ଦେଲେ ଖୁବ୍ ଭଲ ହୁଅନ୍ତାନି । ଯିଏ ଯେଉଁଠି ଚାହାଁନ୍ତା ଓହ୍ଲେଇ ପାରନ୍ତା କି ଚଢ଼ିପାରନ୍ତା ।

- ଜିମ୍‌ନାସିୟମ୍‌କୁ ଯାଇ ପଚାରିବି ୱେଟ୍‌ଲିଫ୍‌ଟର୍‌କୁ ଗୋପୀ : ବାବୁ ଏ ଯେଉଁ ଓଜନ ଉଠାଉଛ ଏତେ କଷ୍ଟ କରି । କ'ଣ ମିଳୁଛି ଏ ଝାଳୁବହା ବେକାର ପରିଶ୍ରମରୁ କୁହ ତ । ବରଂ ଓଜନକୁ କୁହ ସେ ତମକୁ ଉଠେଇବ ଆଉ କଚାଡ଼ିବ । ଏ ଓଜନକୁ ପୋଷା କୁକୁର ଭଳି ତମେ ପୋଷା ମନାଅ । ଦେଖିବ ସେ ତୁମର ବୋଲ ମାନିବ ।

- ରିକ୍ରିଏସନ୍ କ୍ଲବ୍‌କୁ ଯାଇ ବାଜା ବଜାଉଥିବା ଶିଳ୍ପୀକୁ ପଚାରିବ ଗୋପୀ : ଏ ମ୍ୟୁଜିକ ଇନଷ୍ଟ୍ରୁମେଣ୍ଟ କାହିଁକି ବଜାଉଛ ବେକାରରେ ଭାଇ ! ଗଧ ରଡ଼ି ଭଳି ଭେଁ ଭେଁ ଶୁଭୁଛି ଖାଲି । ଏ ଗିଟାର୍‌କୁ କୁହ ସେ ତମକୁ ବଜାଇବ । ଏ ବଂଶୀକୁ କୁହ ସେ ତୁମକୁ ଫୁଙ୍କିବ । ଏ ତବଲା/ଢ଼ୋଲକି / ଟ୍ରଙ୍ଗ-ବଙ୍ଗକୁ କୁହ ସେମାନେ ତମକୁ ବଜାଇ ବଜାଇ ଧ୍ୱନିବ୍ରହ୍ମ ସୃଷ୍ଟି କରିବେ ।

- ଛୋଟପିଲାଟିକୁ କାଖରେ ନେଇ ମାଆଟିଏ ଯାଉଛି ତ ତା'କୁ ଅଟକାଇ ପଚାରିବ ଗୋପୀ : ମାଆ ତମେ ଏ ଛୁଆର ମା' ନ ହୋଇ ସିଏ ତୁମର ବାପା ହୋଇଥିଲେ ହୁଅନ୍ତାନି । ତା'ଛଡ଼ା ଏଭଳି ବଡ଼ ଛୁଆଟା ଚାଲିପାରୁନି ଯେ କାଖରେ ଧରିଛ । ତା'କୁ ତଳକୁ ଓହ୍ଲାଇ ଦିଅ ଦେଖିବ ସେ ହାତରେ ଚାଲିବ ବେଶ୍ ଆରାମରେ । ଆଚ୍ଛା ! ତମେ ଏ ଛୁଆର ପ୍ରକୃତ ମା' ବୋଲି ପ୍ରମାଣ ଦେଇପାରିବ ଏବେ ... ଏଇଠି ... ଏଇ ମୁହୂର୍ତ୍ତରେ ... !

- ଅଫିସ୍‌କୁ ଯାଉଥିବା କିରାଣୀ କି ଅଫିସରଙ୍କୁ ଅଟକାଇ ପଚାରିବ ଗୋପୀ; ଭାଇନା ! ତମେ ଅଫିସ୍ ନ ଯାଇ ସିବିଚ୍‌କୁ ଯାଉନ । ସେଇଠି ବସି ଲହରୀ ଗଣିଲେ ବି ପଇସା ମିଳିବ । ସେ ନିର୍ଜୀବ ଫାଇଲ ଚାଷ ନ କରି ଫାଇଲକୁ କୁହ ସେ ତୁମକୁ ଚାଷ କରିବ । ଦେଖିବ ସୁନା ଫଳିବ । ଖାଣ୍ଟି ଚବିଶ କ୍ୟାରେଟ୍ ସୁନା । ଖାଦ ଶୂନ୍ । ଆଚ୍ଛା ନେତାମାନେ ତମକୁ ଅର୍ଡ଼ର ଦେଉଛନ୍ତି ନା ! ତମେ ସେମାନଙ୍କୁ ବଳଦ ଭଳି ଯୋଚି ହଳ କରାଅ । ଦେଖିବ ଦେଶର ପ୍ରଗତି, ଦୌଡ଼ିବ ଅଚାନକ ଉପରମୁହାଁ ହୋଇ । କଲମ, କାଗଜ ବଦଳରେ ଧର ପାଂଚଣବାଡ଼ି ଆଉ ଲଂଗଳକଣ୍ଟି । ଅର୍ଥନୈତିକ ଅଭିବୃଦ୍ଧି ଘଟିବ ସାରା ଦେଶରେ । ଘିଅ ମହୁରେ ଭାସିବେ ଜନତା ।

- ମୂଲିଆଟିଏ ଯାଉଛି ମୂଲ ଲାଗିବା ପାଇଁ । ମୁଣ୍ଡରେ ଭିଡ଼ିଛି ଠେକା । ହାତରେ କୋଡ଼ି-କୋଦାଳ-ଗଇଁତି କି ଶାବଳ । ତାକୁ ଅଟକାଇ ପଚାରିବ ଗୋପୀ । କିସ ପାଇଁ ଏତେ ପରିଶ୍ରମ କରୁଛ କହିଲ ଭାଇ । ମାଲିକ ପାଇଁ ତ ! ମାଲିକକୁ ପଚାର ଏ ମାଟି-ଏ ଜମି- ଏ ଘର କାହାର ? ସବୁ ଇଶ୍ୱରଙ୍କର । ଏ ମାଲିକାନା ସାମୟିକ ଏହା ଚିରସ୍ଥାୟୀ ନୁହଁ । ଲଙ୍ଗଳା ହୋଇ ଆସିଛେ ଏକା କିଛି ଆଣିନାହେଁ । ଗଲାବେଳେ ବି ଯିବା ଏକା ସେମିତି ଲଙ୍ଗଳା ହୋଇ କିଛି ନେବା ନାହିଁ । ଏ ଅଢ଼େଇ ଦିନିଆ ଦୁନିଆରେ ଏ ବୃଥା ବଡ଼େଇ କିଆଁ ? ସବୁ ତ ନିଆଁରେ ଜଳିଯିବ ଅହଂକାର ଓ ମୋର ମୋର ହେବାର ମିଛ ଘଟାଟୋପ ।

ଏମିତି ଏମିତି ଅନେକ ଅନେକ ଅବାସ୍ତବ ଅଜବ ପ୍ରଶ୍ନ ପଚାରି ଆକ୍ରାମାକ୍ରା କରି ଦେଉଥିବ ସବୁବେଳେ ଗୋପୀ ସମସ୍ତଙ୍କୁ । ସ୍ଥାନ କାଳ ପାତ୍ରରୁ ବିବେଚନା ନଥାଏ ତା'ର । ପ୍ରତିଦିନ ଗୋଟିଏ ହିଁ ପ୍ରଶ୍ନ ପଚାରିଥାଏ ସିଏ । କେଉଁ କେଉଁ ଦିନ କିଛି ବି ପ୍ରଶ୍ନ ପଚାରି ନଥାଏ । ବେଶୀ ସମୟ ଷ୍ଟେସନର ଫୁଟ୍‌ଓଭରବ୍ରିଜ୍ ମଝିରେ ଘଣ୍ଟା ଘଣ୍ଟା ବସି ରହି ଟ୍ରେନ୍, ପକ୍ଷୀ ଆଉ ଆକାଶ ସହ ମନକୁ ମନ କଥା ହେଉଥାଏ ସିଏ ଏକା ଏକା ।

କାହାର କିଛି କ୍ଷତି କରେନା ଗୋପୀ । କାହା ମନରେ ଦିଏନା ଆଘାତ । କେବେ ରାଗେନା କାହା ଉପରେ । ଖୁବ୍ ମିଠାସ୍ ସ୍ୱରରେ ବାଳୁତ ଅବୋଧ ପିଲାଟିଏ ପରି ପଚାରେ ପ୍ରଶ୍ନ ସବୁ । ଛନ୍ଦ-କପଟ-ମିଥ୍ୟାଠାରୁ ବହୁତ ଦୂରରେ ସିଏ । ଯାହା କହେ ମୁହଁ ଉପରେ । ପଛରେ ଚାକୁ ଚଳେଇ ଆଗରେ ଚକୋଲେଟ୍ ବଚନ କହେନା କାହାକୁ । ଖୁବ୍ ସରଳ ବିଶ୍ୱାସୀ । ଶାକାହାରୀ । ପରିଶ୍ରମୀ । ସାହାଯ୍ୟ ମନୋବୃତ୍ତି ।

ଗୋପୀ ପଚାରୁଥିବା ପ୍ରଶ୍ନର ଉତ୍ତର ଆଗନ୍ତୁକ ଦେବାରେ ତ ସକ୍ଷମ ହୁଏନା ବରଂ ତା' କବଳରୁ କୌଣସି ପ୍ରକାରେ ଖସି ଚାଲିଯାଏ ଚତୁର ଭାବେ ।

ହେଲେ ତୁଷାର ଆଉ କୁଆଡ଼େ ଖସି ଯାଇପାରିବ ଗୋପୀ କବଳରୁ । ସେ ଗୋପୀକୁ ତ ନିଜର ଛୋଟଭାଇ ଭଳି ଭଲପାଇ ବସିଛି ନିଜ ଅଜାଣତରେ । କୌଣସି ଅଜଣା ଦୃଢ଼ ବଂଧନରେ ବାନ୍ଧି ହୋଇ ଯାଇଛି ଅତି ନିବିଡ଼ଭାବେ ସିଏ ।

ଗୋପୀ ପ୍ରତିଦିନ ଅନ୍ତତଃ ଗୋଟିଏ ପ୍ରଶ୍ନ ପଚାରେ ତୁଷାରକୁ ।

ଯାହାର ଉତ୍ତର ସେ ଦେଇ ପାରେନା । ନିଜର ଅକ୍ଷମତା ପ୍ରକାଶ କଲେ ସହଜରେ ମାନେନା ଗୋପୀ ।

କହେ- ଆପଣ ଦ୍ୱିତୀୟ ଇଶ୍ୱର । ଐଶୀଶକ୍ତି ନଥିଲେ କ'ଣ ଆପଣ ଏଡ଼େ ସୁନ୍ଦର ମନମୋହିଆ କଦମ୍ବଫୁଲ ଭଳି ମହମହ ବାସ୍ନା ଭରା କବିତା ଏତେ ପରିମାଣରେ ଲେଖିପାରନ୍ତେ ନା । ଆପଣ ଚାହିଁଲେ ମୋ ପ୍ରଶ୍ନର ଉତ୍ତର ନିଶ୍ଚୟ ଦେଇପାରିବେ । ଚବିଶ ଘଣ୍ଟା ଟାଇମ୍ ନିଅନ୍ତୁ । ନହେଲେ ଅଠଚାଳିଶ/ ବାସ୍ତରୀ/ଛୟାନବେ/ଶହେ କୋଡ଼ିଏ ଘଣ୍ଟା ବି ନେଇପାରନ୍ତି । ନୋ ପ୍ରୋବ୍ଲେମ୍ ।

ତୁଷାର କହେ - ତମେ ଗୋଟାଏ କାମ କର । ପ୍ରଶ୍ନ ସବୁ ଗୋଟିଏ ଧଳା କାଗଜରେ ଲେଖି ପ୍ରତିଦିନ ଦେଇଦିଅ ମତେ । ମୁଁ ପରେ ପଢ଼ିବି ବା କାହାକୁ ପଚାରିବି ।

ସେ ଆପତ୍ତି ଜଣାଏ । କହେ - ଆପଣ କପଟ କରୁଛନ୍ତି । ଆପଣ କବି-ଜ୍ଞାନୀ-ଗୁଣୀ-ଶିକ୍ଷିତ । ତିନି ତିନିଟା ଏମ୍.ଏ.ଏଲ୍‌ଏଲ୍‌ବି ପଢ଼ିଛନ୍ତି । ଆପଣ ଏକା ନିଶ୍ଚୟ ପାରିବେ । ଏ ଦୃଢ଼ ବିଶ୍ୱାସ ମୋର ଅଛି ।

ତା'ର ପ୍ରଶ୍ନଗୁଡ଼ିକ ସେମିତି ଅନୁତ୍ତରିତ ଅନ୍ୱେଷା ହୋଇ ରହିଗଲା ସବୁଦିନ ପାଇଁ । ତୁଷାର ନିଜକୁ

ଦୋଷୀ ଦୋଷୀ ମନେ କରୁଥିଲା ଆଜିର ଏ ଶୋକାପ୍ଳୁତ ସମୟରେ ।

ଗୋପୀର ପ୍ରଶ୍ନ ସମୂହରୁ କେତୋଟି ଏଇଠି, ଦିଆ ଯାଇପାରେ ।

- ଆପଣ ଈଶ୍ୱରଙ୍କୁ ଦେଖିନାହାନ୍ତି କି ଅନୁଭବ କରିନାହାନ୍ତି ତାଙ୍କରି ସତ୍ତା । କେମିତି ବିଶ୍ୱାସ କରିବା ଯେ ଏ ପୃଥିବୀରେ ଈଶ୍ୱର ଅଛନ୍ତି ବୋଲି ? ଖାଲି ପାଷାଣ ମୂର୍ତ୍ତିକୁ ପୂଜା କରିବା ଅଂଧବିଶ୍ୱାସ ନୁହେଁ ତ ଆଉ କଣ କୁହନ୍ତୁ ?

- ସୂର୍ଯ୍ୟ ପୂର୍ବଦିଗରେ ଉଦୟ ନ ହୋଇ ପଶ୍ଚିମ ଦିଗରେ ଉଦୟ ହୋଇ ପୂର୍ବ ଦିଗରେ ଅସ୍ତ ଗଲେ କଣ କ୍ଷତି ହୁଅନ୍ତା । ଆକାଶଟା ନୀଳ ରଂଗର ନ ହୋଇ ଲାଲ୍ ରଂଗରେ ରଂଗାୟିତ ହେଲେ ହୁଅନ୍ତାନି ?

- ଗୋଟିଏ ପୁରୁଷ ସହ ନାରୀର ମିଳନ କ'ଣ କେବଳ ସନ୍ତାନ ଉତ୍ପାଦନ ନା ଦୈହିକ କ୍ଷୁଧା ନିବାରଣ ପାଇଁ ଅଭିପ୍ରେତ । ଆଜିକାଲି ସେମ୍ ସେକ୍ସ ମ୍ୟାରେଜ୍, ଲିଭ ଇନ୍, ଲଭ୍ ମ୍ୟାରେଜ୍‌ର ବହୁଳ ପ୍ରଚଳନ କାହିଁକି ?

- ପୃଥିବୀ ତା' କକ୍ଷରେ ନ ଘୁରି ସ୍ଥିର ରହିଥିଲେ କ'ଣ ହୋଇଥାନ୍ତା କୁହନ୍ତୁ ।

- ମା' ତା' ଛୁଆକୁ କ୍ଷୀର ନ ଦେଇ କୁକୁର-ବିରାଡ଼ିମାନଙ୍କୁ ଖୁଆଇଲେ କ'ଣ କ୍ଷତି ହୁଅନ୍ତା । କାରଣ ଛୁଆ ତ ଗାଈ କ୍ଷୀର ପିଇପାରନ୍ତା ।

- ଅଛୁଆଁ କହି ଦଳିତ ସଂପ୍ରଦାୟର ମଣିଷଙ୍କୁ ମନ୍ଦିରକୁ ପ୍ରବେଶ ଅନୁମତି ଦିଏ ନାହିଁ କାହିଁକି ଏ ଶିକ୍ଷିତ ସମାଜ ?

- ଆମେ ରନ୍ଧା ଖାଦ୍ୟ ନ ଖାଇ କେବଳ ଫଳମୂଳ ଖାଇ ବଂଚି ପାରିବାନି ?

- ହଠାତ୍ ଯଦି ଆମେ ନିଃଶ୍ୱାସ ନେଉଥିବା ଅମ୍ଳଜାନ ଏ ପୃଥିବୀରୁ ଶେଷ ହୋଇଯାନ୍ତା ଆଉ ଅଂଗାରକାମ୍ଳ ବି ପ୍ରସ୍ତୁତ ନ ହୁଅନ୍ତା । ତେବେ ...

- ସମୁଦ୍ରର ପାଣି ଭଳି କୂଅ, ପୋଖରୀ, ନଳକୂପ, ନଇର ପାଣି ଯଦି ଲୁଣିଆ ହୋଇଯାଆନ୍ତା !

- ରାମଚନ୍ଦ୍ର ସୀତାଙ୍କୁ ଅଗ୍ନିପରୀକ୍ଷା କରିବାକୁ କହି, ପରୋକ୍ଷରେ ତାଙ୍କରି ଚରିତ୍ରକୁ ସନ୍ଦେହ ଚକ୍ଷୁରେ ଦେଖିଥିଲେ । ଅଥଚ ରାମଚନ୍ଦ୍ରଙ୍କର ଚରିତ୍ର ବିଷୟରେ ସୀତାଦେବୀ ଯଦି ପଚାରି ଥାଆନ୍ତେ ? ସେ ପୁରୁଷ ବୋଲି କଣ ସାତଖୁଣ ମାଫ୍ ।

- ନାରୀଟିଏ ପୁରୁଷର ମା, ଭଉଣୀ, ସ୍ତ୍ରୀ ଏପରି ତିନିଟି ଭୂମିକାରେ ଅବତୀର୍ଣ୍ଣ ହୋଇଥାଏ ହେଲେ ଶାରୀରିକ ଗଠନ ଦୃଷ୍ଟିରୁ ସବୁ ନାରୀ ତ ସମାନ କାହିଁକି ? ସେମାନଙ୍କର ଆଚରଣ କ'ଣ ଭିନ୍ନ ଭୂମିକା ପାଇଁ ଯଥେଷ୍ଟ ?

- ବୁଦ୍ଧ କାହିଁକି ସଂସାର ପ୍ରତି ବୈରାଗ୍ୟ ହୋଇ ସୁନ୍ଦରୀ ସ୍ତ୍ରୀ, ବାଳୁତ ପୁଅ, ରାଜ ସିଂହାସନ ତ୍ୟାଗ କରି ସନ୍ୟାସୀ ଜୀବନ ଆଦରି ନେଇଥିଲେ ? କାମନାର ବିନାଶରେ ଦୁଃଖର ବିନାଶ କେତେଦୂର ସତ ? ଅନ୍ୟକୁ ଦୁଃଖ ଦେଇ ନିର୍ବାଣ-ମୋକ୍ଷ-ଜପ ତପର ମୂଲ୍ୟ କଣ ?

- ନିରୀହ ନିର୍ଦ୍ଦୋଷ ମାଛ, ଛେଳି, ଗାଈ, କୁକୁଡ଼ାଙ୍କୁ ମାରି କେବଳ ଜିହ୍ୱା ଲାଳସାକୁ ଚରିତାର୍ଥ କରିବା କେତେଦୂର ଯୁକ୍ତିଯୁକ୍ତ । ସେମାନଙ୍କର ବି ଏଇ ସସାଗରା ଧରାରେ ବଂଚିବାର ଅଧିକାର ଅଛି ନା ନାହିଁ ?

ଏମିତି ଏମିତି ଅନେକ ଅନେକ ପ୍ରଶ୍ନର ଲମ୍ବା କ୍ୟୁ । ପ୍ରାୟ ଦୁଇବର୍ଷର ସଂପର୍କରେ ଛଅଶହ ସାତଶହ ପ୍ରଶ୍ନ ଲେଖାଥିବା କାଗଜ ଗୋପୀ ଦେଇଥିବ ତୁଷାରକୁ । ଯାହାକୁ ସେ ଗୋଟାଏ ଫାଇଲ୍‌ରେ ସଯତ୍ନେ ସାଇତି ରଖିଛି ଆଜିଯାଏଁ ।

ଗୋପୀ କେବେ ବି ଗତକାଲିର ପ୍ରଶ୍ନର ଉତ୍ତର ପାଇଁ ପଚାରେନା । ନୂଆ ପ୍ରଶ୍ନାଙ୍କିତ କାଗଜଟିଏ ବଢ଼ାଇ ଦିଏ ପ୍ରତିଦିନ ବିଶ୍ୱସ୍ତ ଅମାତ୍ୟ ଭଳି । ତା'ର ଅକ୍ଷର ଏତେ ଗୋଲ, ନିଟୋଳ ଆଉ ନିର୍ଭୁଲ ଯେ ପ୍ରିଣ୍ଟ ଭଳି ବୋଧ ହୁଏ ଦେଖିଲେ । ତା' ମୁହଁ ଦିଶେ ସେ ନିର୍ଜୀବ ଅକ୍ଷରରେ । ଗୋପୀଘର ପଡ଼ିଶା ଘରେ ରୁହନ୍ତି ଜିଲ୍ଲା ଶ୍ରମ ଅଧିକାରୀ ପୁରୁଷୋତ୍ତମବାବୁ । ତାଙ୍କରି ଏକ ମାତ୍ର କନ୍ୟା ରତ୍ନ ଗୋପା ଦେଖିବାକୁ ଅନିନ୍ଦ୍ୟ ସୁନ୍ଦରୀ । ନୀଳପରୀ, ଆସମାନତାରା, ଲାବଣ୍ୟବତୀ ଆଖ୍ୟା ଦିଆ ଯାଇପାରେ । ଗୋପୀର ମା' ଆଉ ଗୋପାର ମା' ପିଲାଦିନୁ ଦି ସମୁଦ୍ରୁଣୀ ହୋଇ ମହାପ୍ରସାଦ ଛୁଇଁ ଗୋପୀ ଓ ଗୋପାର ବିବାହ ପାଇଁ ଶପଥ ନେଇଛନ୍ତି । ଏକଥା ସାରା ସହରରୁ ଜନତାଙ୍କୁ ଗୋଚର । ଗୋପା ପଢ଼େ ଓମେନସ୍ କଲେଜରେ ବି.ଏ । ଶେଷ ବର୍ଷ ତା'ର ଏଇଟି ଗୋପୀର ଏ ପାଗଳାମୀ- ଆଡ଼ବାୟାପଣ ପାଇଁ ତାଙ୍କରି ଘରଲୋକେ ବହୁତ ବ୍ୟତିବ୍ୟସ୍ତ-ବିବ୍ରତ । ହେଲେ ଗୋପା ନିଶ୍ଚିନ୍ତ-ନିଧଡ଼କ । ସେ ଖୁବ୍ ପଜିଟିଭ୍ । ଗୋପୀକୁ ତା'ର ରୂପର କାଉଁରୀ ସ୍ପର୍ଶ ଆଉ ନିରୁତା ପ୍ରେମର ପୀୟୂଷ ପିଆଇ ପରିବର୍ତ୍ତିତ କରିଦେଇପାରିବ ଏ ଦୃଢ଼ ବିଶ୍ୱାସ ତା'ମନରେ ଅଖଣ୍ଡ ଦୀପ ଭଳି ଜଳୁଥିଲା ଅହରହ ।

ହେଲେ ଗୋପୀର ପ୍ରଶ୍ନ ତୁଷାରକୁ ଅଚାନକ ଦିନେ-ସାର୍ ! ଗୋପାକୁ ବାହାହେବା ପାଇଁ ଆମ ଘରେ ବହୁତ ପ୍ରେସର କରୁଛନ୍ତି । କିନ୍ତୁ ମୋ ଭଉଣୀ ରୀନାକୁ ହିଁ ଦେଖୁଛି ମୁଁ ଗୋପାର ଚେହେରାରେ । ତା'ଛଡ଼ା ସତ କହିଲେ ସାର୍ ବାହା ହୋଇ ଆପଣ କଣ ଖୁସି ? ତୁଷାର ଉତ୍ତର ଫେରାଏ - ଦେଖ ଗୋପୀ ଇଏ ଦିଲ୍ଲୀକା ଲଡୁ । ଯୋ ଖାୟା ଓ ପସ୍ତାୟା ଔର ଯୋ ନ ଖାୟା ଓ ବି ପସ୍ତାୟା ସାମାଜିକ ଦାୟିତ୍ୱ ଆଉ ବଂଶରକ୍ଷା ପାଇଁ ବାହାହେବାକୁ ପଡ଼ିବ । ତା'ଛଡ଼ା ଦାମ୍ପତ୍ୟ ଜୀବନରେ ମଧୁରତା ତ ଥାଏ ଗୋପୀ ! ଥରେ ଅନ୍ତତଃ ତା' ସ୍ୱାଦ ଆହରଣ କରାଯାଉ । କ୍ଷତି କଣ ?

- ନା ସାର୍ । ତାହା ସୁଗାର୍ କୋଟେଡ୍ ବିଷ । ଜହର ଜହ୍ନରାତି । ଉତ୍କଟ ପଟାସିୟମ୍ ସାଏନାଏଡ଼୍ । ପ୍ରାଣ ଚାଲିଯିବ ସାର୍ ମଣିଷ ବଂଚି ଜୀଅନ୍ତା ଶବ ପାଲଟିଯିବ । ମୁଁ ସତ କହୁଚି ସାର୍ ମତେ ବାହାଘର ପାଇଁ ସମସ୍ତେ ଅତି ପ୍ରେସର୍ କଲେ ନା ମୁଁ ...

ଝଡ଼ବେଗରେ ଚାଲିଗଲା ଯେ ଗୋପୀ ସେ ଦିନ, ପ୍ରାୟ ସାତ ଦିନ ଯାଏଁ ତୁଷାର ପାଖକୁ ଆଉ ଆସିଲାନି । ତୁଷାର ଭାବେ ପ୍ରତିଦିନ ଗୋପୀ ଘରକୁ ଯାଇ ମିଶିବ ତା'କୁ । ଘର ଜଂଜାଳ ଆଉ ଅଫିସ୍ କାମରେ ବ୍ୟସ୍ତ ରହି, ତୁଷାର ତା' ଘରକୁ ଯିବା ଆଉ ସମ୍ଭବ ହୋଇପାରି ନଥିଲା ଆଜିଯାଏ ।

ପ୍ରକୃତରେ ଆଜି ଥିଲା ଗୋପୀର ଜନ୍ମଦିନ । ମା' ଦୁର୍ଗାଙ୍କର ମହାସପ୍ତମୀ ପୂଜା । ମନେ ମନେ ଭାବିଥିଲା ତୁଷାର ଗୋପୀକୁ ସରପ୍ରାଇଜ୍ କରିଦେବ ସକାଳୁ ସକାଳୁ ତା' ଘରକୁ ଯାଇ । ନୂଆ ଡ଼ାଏରୀ, ନୂଆ ପେନ୍, ମିଠା ପ୍ୟାକେଟ୍, ଫୁଲତୋଡ଼ା କିଣି ଆଣି ରଖିଥିଲା କେତେ ଆଗ୍ରହରେ ଅଥଚ ...

ଗୋପୀଘରର ସମସ୍ତେ ଏଇ ନିର୍ବନ୍ଧ ଉତ୍ସବକୁ ଗୋପନ ରଖିଥିଲେ । ଦୁଇ ଘରର ମା ବାପା, ଭାଇ ଭଉଣୀ ଭିତରେ ସୀମିତ ଥିଲା ଏ ଖବର । କାଲି ସପ୍ତମୀ ପୂଜାଘରେ ହେବ । ତୋର ତ ଜନ୍ମଦିନ । ତୁ ପୂଜାରେ ବସିବୁ । କୁଆଡ଼େ ପଳେଇବୁନି ବୋଲି ଗୋପୀର ମା ଗୋପୀକୁ ସଂଧ୍ୟାରେ କହିଥିଲେ କେବଳ ।

ହେଲେ ରାତି ଦଶଟାରେ ଛୋଟ ଚିରକୁଟଟିଏ ପାଇଲା ଗୋପୀ-ଗୋପା ଠାରୁ ଝରକାପଟେ । ଯେଉଁଥିରେ ଲେଖାଥିଲା- କାଲି ଆମ ଦୁହିଁଙ୍କର ନିର୍ବନ୍ଧ ସକାଳ ଦଶଟାରେ । ସ୍ୱିଟ୍ ଡ୍ରିମ୍ । ଗୁଡ୍ ନାଇଟ୍ । ତମର ସ୍ୱିଟ୍ ହାର୍ଟ ଗୋପା ... ।

ବୋଧେ ବିଚଳିତ - ବିଗଳିତ-ଅସ୍ଥିର ଗୋପୀ କାଲି ରାତିରେ ହିଁ ସୁଇସାଇଡ୍ କରିବା ପାଇଁ ମନସ୍ଥ କରି ଜୀବନ ହାରିଦେଇଛି ଟ୍ରେନ୍ ଲାଇନ୍‌ରେ ।

ଶ୍ମଶାନରେ ଜଳୁଛି ଚିତା ହୁ ହୁ ହୋଇ । ଗୋପୀର ସବୁ ପ୍ରଶ୍ନର ଫାଇଲ, ନୂଆ ଡ଼ାଏରୀ, ପେନ୍, ମିଠା ପ୍ୟାକେଟ୍, ଫୁଲତୋଡ଼ା ସବୁ ଜୁଇରେ ପକାଇ ଦେଲା ତୁଷାର । ଶୁଣିଲା ଗୋପୀ ତା'ର ସବୁ କବିତା ଡ଼ାଏରୀ ରାତିରେ ହିଁ ପୋଖରୀରେ ଫିଙ୍ଗିଦେଇଛି ।

ଏ କଣ ! ଗୋପୀ ହସି ହସି ଆସି ତୁଷାରର ପାଦ ଛୁଇଁଲା । ପଚାରିଲା - "ସାର୍ ମୁଁ ଜିଣିଗଲି ନା । ଆପଣ ସମେତ ସମସ୍ତେ ଶୋଚନୀୟ ଭାବେ ହାରିଗଲେ । ମୁଁ ଦିନେ କହିଥିଲି ନା- ମୁଁ ଆଲୋକ । ମୁଁ ଶବ୍ଦବହ୍ମ- କାୟାକଳ୍ପ । ମୁଁ ଅମର କିନ୍ତୁ ..." କ୍ରମଶଃ ଅଂଧାରରେ ହଜି ଯାଉଥିଲା ଗୋପୀ ।

ତୁଷାର ଆଖିରେ ଅଂଧାର ... ଖାଲି ଅଂଧାର ... କିଟିକିଟି ଅଂଧାର ... ସେ କିଛି ଦେଖିପାରୁ ନଥିଲା । ପାଟି କରି ଡ଼ାକୁଥିଲା- ଗୋପୀ, ଏ ଗୋପୀ...ଶୁଣ । ଶୁଣ ଥରେ ।

ସମସ୍ତେ ବିସ୍ମୟାଭିଭୂତ ହୋଇ ଚାହିଁ ରହିଥିଲେ ତୁଷାରକୁ ।

ଗୋପୀର ଜୁଇ ତଥାପି ଜଳୁଥିଲା ଲେଲିହାନ ଶିଖା ଟେକି । କିଏ ଯେମିତି କାନ୍ଦି କାନ୍ଦି କହୁଥିଲା- ନାହିଁ ନାହିଁ ଗୋପୀ ଆଉ ନାହିଁ । ହଜି ଯାଇଛି ତା'ର ସତ୍ତା ଅଂଧାରର ଆଁ ଭିତରେ ସବୁଦିନ ପାଇଁ ... ହଁ ହଁ ସବୁଦିନ ପାଇଁ ।

ଧାରାବାହିକ
ଚରିତ-ଉପନ୍ୟାସ




# ଦାସେ ଆପଣେ

**୨୨**

# ଦାସେ ଆପଣେ


## ପବିତ୍ର ମୋହନ ଦାଶ

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୂଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।




▲ଔପନ୍ୟାସିକ ପବିତ୍ର ମୋହନ ଦାଶ

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ବାରିପଦା ଅନାଥାଶ୍ରମରେ ଆପଣାର ବାଲ୍ୟ ଗୁରୁ ସଦାଶିବ ମିଶ୍ରଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବାକୁ ଯାଇଥାନ୍ତି ଗୋପବନ୍ଧୁ । ଉଦ୍ଦେଶ୍ୟ ଥାଏ ଆଶ୍ରମ ପରିଚାଳନାର ଭଲ ମନ୍ଦ ଦିଗକୁ ନେଇ ଦୁଇ ପଦ କଥା ହେବା । ବାର୍ଦ୍ଧକ୍ୟରେ ଏ ନୂଆ ଜାଗାରେ ତାଙ୍କୁ କେମିତି ଲାଗୁଛି ବୁଝିବା । ସନ୍ଧ୍ୟା ସମୟ । ପିଲାମାନେ ପ୍ରାର୍ଥନାରେ ବସିଥାନ୍ତି । ସଦାଶିବ ସେମାନଙ୍କୁ ବିଭିନ୍ନ ପ୍ରକାରର ପ୍ରାର୍ଥନାର ଆବୃତ୍ତି,ଗାୟନ କୌଶଳ ଓ ତା'ର ଅର୍ଥ ଶିଖାଉଥାନ୍ତି । ଗୋପବନ୍ଧୁ ପହଁଚିଲା ବେଳକୁ ଆବୃତ୍ତି ହେଉଥାଏ:

ଅସତୋ ମାଂ ସତ୍ ଗମୟ
ତମସୋ ମାଂ ଜ୍ୟୋତିର୍ଗମୟ
ମୃତ୍ୟୁର୍ମାମ ଅମୃତମ ଗମୟ ।


ପଣ୍ଡିତ ନୀଳକଣ୍ଠ ଦାସ

ସେ ନିରବରେ ଯାଇ ପ୍ରାର୍ଥନାରେ ଯୋଗ ଦେଲେ । ସଦାଶିବଙ୍କ ଆବୃତ୍ତି ସହ ପିଲାମାନଙ୍କ ସ୍ୱର ମିଶି ଗଭୀର,ଗମ୍ଭୀର ଓ ଉଦାତ୍ତ ଭାବ ସୃଷ୍ଟି କରୁଥାଏ । ଅନ୍ଧାରରୁ ଆଲୋକକୁ ଯାତ୍ରାର ପ୍ରାର୍ଥନା ପରେ ସଦାଶିବ ଗାଇଲେ:

'ଏ ସଂସାରକୁ ଯେତେ ଜିବ ଆସିଥିଲେ ସେମାନଙ୍କର ମଙ୍ଗଳ ହେଉ
ଏ ସଂସାରକୁ ଯେତେ ଜୀବ ଆସିଛନ୍ତି ସେମାନଙ୍କର ମଙ୍ଗଳ ହେଉ
ଏ ସଂସାରକୁ ଯେତେ ଜୀବ ଆସିବେ ସମସ୍ତଙ୍କର ମଙ୍ଗଳ ହେଉ ।'

ପିଲାମାନଙ୍କ କଣ୍ଠରେ ମଧ୍ୟ ଧାଡ଼ିଗୁଡ଼ିକ ପ୍ରତିଧ୍ୱନିତ ହେଲା ।

ତା ପରେ ନିବେଦିତ ଗଳାରେ ସଦାଶିବ ଆପଣେ ଗାଇଲେ 'କୃପାସିନ୍ଧୁ ବଦନ କରି ଅବଲୋକନ 'ଆଉ ଶେଷକୁ ମାନ ଉଦ୍ଧାରଣ କର ହେ କାରଣ ଶରଣ ମୁଁ ତୁମ୍ଭ ପାଦ ତଳେ ।' ପିଲାଏ ହୁଏତ ତାଙ୍କ ପରି ଗାଇ ପାରୁ ନଥାନ୍ତି । କିନ୍ତୁ ପରିବେଶରେ ସମର୍ପଣ ଭାବ ଏପରି ଭାରି ରହିଥାଏ ଯେ ସେମାନେ ଏକବାର ମହାଭାବରେ ନିମଜ୍ଜିତ ହୋଇ ରହିଥାନ୍ତି । ଗୋପବନ୍ଧୁଙ୍କର ମନେ ପଡିଗଲା ରୂପଦେଇପୁରରେ ଏମ. ଇ. ଅଧ୍ୟୟନ କରିବା ବେଳେ ସଦାଶିବଙ୍କ ପାଖରେ କଟିଥିବା ସମୟ । ସେଠି ମଧ୍ୟ ସେ ଓ ତାଙ୍କ ପରି ପିଲାମାନେ ପ୍ରାର୍ଥନା ବେଳେ ଅଥବା ଅଧ୍ୟୟନ କାଳରେ ଏହିପରି ନିମଜ୍ଜିତ ହୋଇ ପଡୁଥିଲେ । ସଦାଶିବଙ୍କ ଅନାବିଳ ସ୍ନେହ ସେମାନଙ୍କୁ ଏକ ପ୍ରକାର ବଶୀଭୂତ କରି ରଖୁଥିଲା । ତାଙ୍କର ସନ୍ତାନହୀନ ଜୀବନରେ ସଂଚିତ ସମସ୍ତ ଅପତ୍ୟ ସ୍ନେହ ସେ ଛାତ୍ରମାନଙ୍କ ଠାରେ ଢାଳି ଦେଉଥିଲେ । ସେମାନଙ୍କୁ ଦେଖିଲେ ତାଙ୍କ ଭିତରର ଅବରୁଦ୍ଧ ପିତୃତ୍ୱ ବାଟ ପାଇ ଉଚ୍ଛୁଳି ଉଠୁଥିଲା । ଆଉ ମା ଛେଉଣ୍ଡ ଗୋପଙ୍କୁ ଦେଖିଲେ ସେ ବିଶେଷ ଭାବରେ ଅଭିଭୂତ ହୋଇ ପଡୁଥିଲେ । ଆଜି ଲାଗୁଥିଲା ସେ ଯେମିତି ସେଇ ପୁରୁଣା ଦିନର କିଶୋର । ପାଖରେ ତାଙ୍କର ପରମ ସ୍ନେହୀ ଗୁରୁ ଦେବ । ବୁଝାଉଛନ୍ତି ମହତ୍ତର ଜୀବନର ପରିଭାଷା । ତେବେ ପ୍ରକୃତିସ୍ଥ ହେବା ପରେ ଗୋପ ପଚାରି ବସନ୍ତି: 'ପିଲାମାନଙ୍କ ପାଇଁ ଏବେ କି ଅସୁବିଧା ହେଉଛି ?'

'ନା ଗୋପ ସେମିତି କିଛି ନାହିଁ । ସେମାନଙ୍କ ଭିତରେ ଅଭାବ ବୋଧ କମ୍ । ଆମ ହିସାବରେ ଆମେ ଯାହା ଯୋଗାଇବା । ତେବେ ପିଇବା ପାଣି ଜନିତ ଯେଉଁ ସମସ୍ୟା ଥିଲା ତାହା ଏବେ ଦୂରୀଭୂତ । ଆଉ ନିର୍ମାଣ କାର୍ଯ୍ୟ ତା ବାଟରେ ସରିବ । ତୁମେ ତ ତଦାରଖ କରୁଛ । ମହାରାଜ ସହଯୋଗ କରୁଛନ୍ତି । ପିଲାମାନଙ୍କୁ ବିନା ଦେୟରେ ସ୍ୱାସ୍ଥ୍ୟକର ଖାଦ୍ୟ ମିଳୁଛି,ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ପାଇଁ କର୍ତ୍ତୃପକ୍ଷ ଯତ୍ନବାନ । ତେଣୁ ମୌଳିକ ଆବଶ୍ୟକତା ତ ପୂର୍ଣ୍ଣ । ମୁଁ ବରଂ ମୋ କାମ ସଠିକ ରୂପେ କରିବାକୁ ଚେଷ୍ଟା କରୁଛି ।'

ଗୋପଙ୍କୁ ସଦାଶିବ ଆପଣେଙ୍କ ଏଇ କଥା ସବୁବେଳେ ଆଶ୍ଚର୍ଯ୍ୟ ଲାଗେ । ଲୋକେ ଯେଉଁଠି କାମ କରୁଥିବେ ସେଠି ଆଉ କଣ ଦରକାର ପଚାରିଲେ ଚାହିଦାର ଲମ୍ବା ତାଲିକା ଆସିଯାଏ । ଅଭିଯୋଗର ତାଲିକା ଲମ୍ବି ଯାଏ । ହେଲେ ସେ ଯେମିତି ଦାବି ଶୂନ୍ୟ । ତାଙ୍କର ଖାଲି ନିଜ କର୍ତ୍ତବ୍ୟରେ ମନ । ଓଲଟି ସେ ପଚାରିଲେ, 'ଆଚ୍ଛା ଗୋପ ସତ୍ୟବାଦୀ ବିଦ୍ୟାଳୟ ଖବର କଣ । ଶୁଣୁଛି ନୀଳକଣ୍ଠ ସ୍କୁଲରେ ଯୋଗ ଦେଲାଣି ।'

'ହଁ ଆପଣେ । କଣ୍ଠ ଯୋଗ ଦେଇସାରିଛି । ମୋ ଅନୁପସ୍ଥିତିରେ ସେ ବିଦ୍ୟାଳୟର ପରିଚାଳନାରେ ନିବିଷ୍ଟ ହୋଇ କାର୍ଯ୍ୟରତ । ସେ ଏବେ ସୁପରିଟେଣ୍ଡେଣ୍ଟ୍ ।'

'ବାରିପଦାରେ ତ ତୋର ଦାୟିତ୍ୱର ପରିସର ବଢ଼ି ଚାଲିଛି । ରାଜାଙ୍କ ସରକାରୀ ଓକିଲ, ମ୍ୟୁନିସିପାଲିଟିର ଭାଇସ୍ ଚେୟାରମ୍ୟାନ୍ ପୁଣି ଅନାଥାଶ୍ରମର ପ୍ରତିଷ୍ଠାତା ହିସାବରେ ତୋ ମୁଣ୍ଡରେ ଅନେକ ଚିନ୍ତା । ଯେଉଁଠିକୁ ଗଲେ ଲୋକେ ତୋ ମୁଣ୍ଡ ଉପରେ ବୋଝ ଲଦି ଦେଉଛନ୍ତି । କହନ୍ତିନି ଦୌଡ଼ିବା ବଳଦ ପଛରୁ ବାଡ଼ିଏ ।'

'ନା ଆପଣେ ! ଲୋକ ମୋତେ ସୁଖ ପାଆନ୍ତି ତେଣୁ ମୋତେ ମୋ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇ ଦିଅନ୍ତି । ତା ଛଡା କର୍ମ କାହାକୁ ମିଳେ ।'

'ସତ କହୁଛି ଗୋପ ତୋର ଏତେ କାମ କରିବା ଦେଖିଲେ ମୋର ମୁକ୍ତିଆର ଦୈତାରୀ ଦାସେ ମନେ ପଡ଼ନ୍ତି । ତାଙ୍କ ଆଦରର ଧନ ଏତେ ଖଟିବା ଦେଖିଲେ ସେ କଣ କହନ୍ତେ ?'

'ଆପଣେ ନିଜେ ପରା ଅଧ୍ୟୟନ ବେଳେ ଆମକୁ ଶିଖାଉଥିଲେ ବିଶ୍ୱ ହିତେ ଜୀବନ, ଦଶ ଲାଗି ଜୀବନ ।'

'ମନେ ଅଛି ଗୋପ, ହେଲେ ବେଳେବେଳେ ତୋ ପାଇଁ ଅନ୍ତର ବିଳପି ଉଠେ ।'

'ଆଶୀର୍ବାଦ କରନ୍ତୁ ଆପଣେ ମୁଁ ଯେମିତି ଆହୁରି ସ୍ୱପ୍ନ ଦେଖେ ତୀବ୍ର ଭାବେ କର୍ମ ନିମଜ୍ଜିତ ହୁଏ ।'

'ଜାଣେ ଗୋପ ତୋ ଭିତରର ସ୍ୱପ୍ନଦର୍ଶୀ ଓ କର୍ମୀ ଜଣକ ମୟୂରଭଞ୍ଜର ଭୂଗୋଳ ଭିତରେ ସୀମିତ ରହି ନପାରେ । ବ୍ରିଟିଶ ଶାସନ ତନ୍ତ୍ରର ନୌକର ସାହି ମନୋଭାବର ବିଶ୍ଳେଷଣ କରି ତୁ ବିବ୍ରତ ହେଉ । କଂଗ୍ରେସ ଭିତରେ ପ୍ରତିବାଦର ବାଟ କେତେ ପ୍ରଶସ୍ତ ସେ କଥାକୁ ପରଖୁ । ଉତ୍କଳ ସମ୍ମିଳନୀର ସ୍ୱପ୍ନ ସଂକଳ୍ପ ଓ କାର୍ଯ୍ୟଧାରା କୁ ନେଇ ମଧ୍ୟ ଅନ୍ତର ତୋର ଆଲୋଡ଼ିତ । ଓଡ଼ିଆ ଅସ୍ମିତାକୁ ଜାତୀୟ ସ୍ତରର ଅନୁଷ୍ଠାନରେ ଗୌଣ କରାଯିବା ଯୋଗୁ ହୃଦୟ ତୋର କରତି ହୁଏ । ତୁ ଚାହୁଁ ଓଡିଶାକୁ ସ୍ୱତନ୍ତ୍ର ଆସନ ମିଳୁ ।'

'ହେଲେ ଆପଣେ ! ସମ୍ମିଳନୀ ପଛରେ ଅଛି ଆଞ୍ଚଳିକ ମନୋଭାବ ଏହା ମୋତେ ସୀମିତ ଲାଗେ । ଯେଉଁ ଜାତିର ବିଶ୍ୱ ଦୃଷ୍ଟି ନାହିଁ ସେ ଜାତି କେବଳ ପ୍ରାନ୍ତୀୟ ବିଶେଷତ୍ୱକୁ ନେଇ ବଡ଼ ହୋଇ ପାରିବ ନାହିଁ । ଆମ ଭିତରର କର୍ମୀ ଜଣକ ଉଦାର ବିଶ୍ୱଦୃଷ୍ଟି ଦ୍ୱାରା ପରିଚାଳିତ ନହେଲେ ଆମେ ସୀମିତତାର ନିଗଡ଼ରେ ବାନ୍ଧି ହୋଇଯିବା । ମୋତେ ଲାଗେ ଆମେ ଓଡ଼ିଆ ସ୍ୱକୀୟ ମର୍ଯ୍ୟାଦା ନେଇ ଭାରତର ଅଂଶ ହେବା । ମହାଭାରତୀୟ ଅସ୍ମିତା ନେଇ, ବିଶ୍ୱଜନୀନ ଭାବରେ ଉଦ୍‌ବେଳିତ ହୋଇ ବସୁଧାକୁ କୁଟୁମ୍ବ ପରି ଦେଖିବା ।'

'ହଁ ଗୋପ କେବେ କେବେ ତୋ ପରି କେତେ ପିଲାଙ୍କୁ ଘୋଷାଇଛି – ଉଦାର ଚରିତନାମ ଚ ବସୁଧୈବ କୁଟୁମ୍ବକମ । ହେଲେ ସେ ଶିକ୍ଷା ଯେତେ

ତୋ ମର୍ମରେ ଭେଦିଛି ସେତେ ଆଉ କାହା ଭିତରେ ଏପରିକି ମୋଠି ଭେଦି ନାହିଁ । ନିମଜ୍ଜନ ଭାବ କିପରି ତାହା ପିଲାଏ ବୁଝନ୍ତୁ ଚେଷ୍ଟା କରିଛି, ହେଲେ ତୋ ପରି ନିମଜ୍ଜିତ ହୋଇ କର୍ମ କରିବା ଆଉ କାହାକୁ ଦେଖିନି ।'

'ମୋତେ ଲଜ୍ଜିତ କରନ୍ତୁ ନାହିଁ ଆପଣେ । ଆପଣଙ୍କୁ ନିମଜ୍ଜିତ ରହିବା ଦେଖି ଯାହା ମୁଁ ଶିଖିଛି । ଆପଣ ତ ପ୍ରତ୍ୟକ୍ଷରେ ଶିଖାନ୍ତି ନାହିଁ ବରଂ ନିଜେ ଦୃଷ୍ଟାନ୍ତ ହୁଅନ୍ତି । ସେଇ ବୋଧ ଓ ଦୃଷ୍ଟି ସମ୍ପ୍ରସାରିତ ହେଉ ବୋଲି ତ ଆମେ ସତ୍ୟବାଦୀରେ ବସାଇଛନ୍ତି ବିଦ୍ୟାଳୟ, ଏଠିକୁ ଡକା ହୋଇ ଆସିଛନ୍ତି ଆପଣ ।'

'ଦେଖୁଛି । ତେଣୁ ବାରିପଦାରେ ସମସ୍ତ ଦାୟିତ୍ୱ ପ୍ରତି ନିବେଦିତ ରହିବା ପରି ସତ୍ୟବାଦୀରେ ନିଜର ଦାୟ ପ୍ରତି ତୁ ଅଙ୍ଗୀକାର ବଦ୍ଧ ।'

'ସେଠି ଆମ ଯୋଜନା ମୁତାବକ କାର୍ଯ୍ୟ ଚାଲିଛି । ଅକ୍ଟୋବରରେ ନୀଳକଣ୍ଠ ସତ୍ୟବାଦୀ ବିଦ୍ୟାଳୟରେ ଯୋଗ ଦେଇଛି । କଲିକତାରୁ ଏମ୍.ଏ. ପାଶ୍ କଲା ପରେ ପୂର୍ବ ଯୋଜନା ମୁତାବକ ସେ ସତ୍ୟବାଦୀ ଅନୁଷ୍ଠାନ ଅନ୍ତର୍ଭୁକ୍ତ ହୋଇଛି । ମୁଁ ଚାହିଁଥିଲି ସତ୍ୟବାଦୀରେ ଉଚ୍ଚ ବିଦ୍ୟାଳୟର ଶ୍ରେଣୀ ଆରମ୍ଭ ହେବା ପୂର୍ବରୁ ସେ ଯୋଗ ଦେଉ । ତାହା ହିଁ ହୋଇଛି । କଲିକତାରେ ରହିବା ଫଳରେ ଜାତୀୟ ସ୍ତରର ଘଟଣାବଳୀ ଓ ଉଦ୍‌ବେଳନ ସମ୍ପର୍କରେ ସେ ଅଧିକ ସଚେତନ ହୋଇପାରିଛି । ଉଚ୍ଚ ଶିକ୍ଷା ତା ଭିତରେ କେତେ ନୂଆ ପ୍ରେରଣା ଭରି ଦେଇଛି । ତା ଭିତରର ତାର୍କିକ ଜଣକ ସାଧନ ଓ ପରିବେଶ ପାଇ ଆହୁରି ବିକଶିତ ହୋଇ ଉଠିଛି । ସେ ପରମ୍ପରାକୁ ତ ବୁଝିଛି ମାତ୍ର ତା ଭିତରେ ଥିବା ଆବର୍ଜନା କୁ ପ୍ରତ୍ୟାଖ୍ୟାନ କରିବାର ସାହସ ଅର୍ଜନ କରିଛି । ତା'ର ସଂସ୍କାରଧର୍ମୀ ବିଚାର ପାଇଁ ସେ ଢେର ଆଲୋଡନ ସୃଷ୍ଟି କରିଛି ।'


ବାରିପଦାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି
ଫଟୋ : ବିଦ୍ୟାସାଗର ଦାସ

'ମୁଁ ବି ଖବର ପାଏ ବେଳେବେଳେ । ନୀଳକଣ୍ଠ ଉପରେ ଶାସନିଏ ଘୋର ଅସନ୍ତୁଷ୍ଟ । ଅନେକ ପ୍ରଥା ପରମ୍ପରାକୁ ନମାନିବା ଯୋଗୁଁ ଲୋକେ କ୍ଷୁବ୍ଧ । ଶାସନଗୁଡିକରେ ଅଶାନ୍ତି ଗୁମୁରୁଛି ।'

'ସେ ତ ମୂଳରୁ ସେମିତି । ପିଲା ଦିନେ ତାର ବୋଉ ହରଚଣ୍ଡୀଙ୍କ ପାଇଁ ରଖିଥିବା ପାଚିଲା କଦଳୀ ଖାଇ ଦେଇଥିଲା । ଘରେ ସମସ୍ତେ ଆଶଙ୍କିତ । ହରଚଣ୍ଡୀ ତାଙ୍କ ଗାଁର ଇଷ୍ଟ ଦେବୀ । ତାଙ୍କ ମଣୋହି ପାଇଁ ରଖା ହୋଇଥିବା କଦଳୀ ଖାଇଲେ କି ଶାସ୍ତି ମିଳିବ ଭାବି ତାଙ୍କ ମା' ଓ ନନା ବଡ଼ ବ୍ୟସ୍ତ ହୋଇପଡିଥିଲେ । ମା କହିଥିଲେ – ଏଇ ଠାକୁରାଣୀ ବଡ଼ ଠାକୁରଙ୍କ ପାଖେ କେତେ ଦୟିନୀ କରି ଆମ ଗାଁକୁ ଡାକିନୀମାନଙ୍କ କବଳରୁ ବଞ୍ଚାନ୍ତି । ଗୁହାରି କରନ୍ତି – ମୁଁ ମଲା ମରୁଡ଼ିଆ ଲୋକଙ୍କୁ ଧରି ଗାଁ କରିଛି । ଡାକିନୀ ଖାଇବାକୁ ମୋ ଗାଁରେ ଲୋକ ନାହିଁ । ତାଙ୍କ ପରି ରକ୍ଷାକାରିଣୀ ମା ର ଅମଣୋହି କଦଳୀ ତୁ ଖାଇଦେଲୁ । ମା କଥା ଶୁଣି କଣ୍ଠ କହିଥିଲା- 'ବୋଉ ତୋ ପାଇଁ ଥୁଆ ହୋଇଥିବା କଦଳୀ ଖାଇ ଦେଇଥିଲେ ତୁ କଣ ମୋ ଉପରେ ରାଗିଥାନ୍ତୁ ? ହରଚଣ୍ଡୀ ଆମ ମା ସେ କାହିଁକି ରାଗିବେ ? ସଂଖୁଡି କଦଳୀ ତ ଆଉ ଭୋଗ ହେଲା ନାହିଁ । ବାବୁ ଅନୁତାପ କରିବେ କଣ ଓଲଟି ଖୁସି ଯେ ବାକିଥିବା କଦଳୀ ଖାଇବାର ଅଧିକାର ମିଳିଗଲା ।'

'ଏ ତ ବଡ଼ ତାର୍କିକ, ବଡ଼ ନିର୍ଭୀକ ।'

'ଖାଲି ନିଡ଼ର ନୁହଁ ଆପଣେ ବରଂ କହି ପାରନ୍ତି ନିଆଁ ଶିଖା । ନୀଳକଣ୍ଠ କଲିକତାରେ ପଢିବା ବେଳୁ ନିଶ ରଖେ । ବ୍ରାହ୍ମଣ ନିଶ ରଖିବା ବିପକ୍ଷରେ । ନିଶ ସହ ଦାଢ଼ି ରଖି ପାରିବ କିନ୍ତୁ କେବଳ ନିଶ ନୁହେଁ । ଏବେକୁ କଣ୍ଠର ନିଶ ରଖିବା କଥା ସେମାନଙ୍କ ପାଇଁ କଣ୍ଟା ହୋଇଛି । ସେ ପୁଣି 'ମୋ ନିଶ' ବୋଲି ଲେଖା ଲେଖି ନିଶ ଆଢୁଆଳରେ ରକ୍ଷଣଶୀଳତାର ବିରୋଧ କରିଛି । ସେମାନଙ୍କ ପାଇଁ କଣ୍ଠର ନିଶ ଶଲ ହୋଇଛି ।'

'ହଁ ଗୋପ ମୁଁ ଏକଥା ବି ଶୁଣୁଛି ତୁମ୍ଭମାନଙ୍କ ବିଚାରକୁ ନେଇ ସତ୍ୟବାଦୀର ରକ୍ଷଣଶୀଳମାନେ ଖୁବ ଅସନ୍ତୁଷ୍ଟ ।'

'ଆମ କାମ ଆରମ୍ଭ ନହେଉଣୁ ତ ଲୋକେ ଏମିତି । ଏ ତ ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିବା କଥା । ହେଲେ ଆମକୁ ସକଳ କୁସଂସ୍କାରରୁ ଦୂରକୁ ଯିବାକୁ ହେବ ।'

'ଲୋକେ ତ କହିବେ । ହେଲେ ତାରି ଭିତରେ ଆଗକୁ ଯିବାକୁ ହେବ ।'

'ଆପଣେ ଆଶ୍ଚର୍ଯ୍ୟ ହେବେ ଲୋକେ କହୁଛନ୍ତି – ଏଇଟା ବିଗିଡି ଗଲା ଗୋପ ଦେଶଟାକୁ ଟେକି ଧରିବ ପରା । ମୁଁ ତ କିଛି ବି ଟେକି ଧରିବା କଥା କହୁ ନାହିଁ, ବରଂ ଚାହୁଁଛି ଶିକ୍ଷିତମାନେ ସବୁ ଫିଙ୍ଗି ସ୍ୱାଧୀନତାର ବାଟରେ ଆଗୁସାର ହୁଅନ୍ତୁ । ଲୋକଙ୍କୁ ଶିକ୍ଷିତ କରନ୍ତୁ । ମୋ ପାଇଁ ଦେଶ କହିଲେ ଏଇ କୋଟି କୋଟି ମଳିମୁଣ୍ଡିଆ ଲୋକ । ଯିଏ ସେମାନଙ୍କ ଉନ୍ନତିରେ ମନ ଦେଉ ନାହିଁ ତା'ଠି ମୋର ମନ ନାହିଁ ।'

'ମୁଁ ବି ଶୁଣିଛି ଗୋପ ହେଲେ କହି ପାରୁ ନଥିଲି । ତେବେ କଥାରେ ନାହିଁ –ହାତୀ ଚାଲେ ବଜାରେ କୁକୁର ଭୁକେ ହଜାରେ । ହଁ ନୀଳକଣ୍ଠ କଥା ପଡିଥିଲା ପରା ।'

'ଆଜ୍ଞା । ସେଦିନ ବିଦ୍ୟାଳୟରେ ଯୋଗ ଦେଲା ପରେ ନୀଳକଣ୍ଠ ସହିତ ମୋର ହୋଇଥିଲା ଏହି ପରି ଦୀର୍ଘ ଆଳାପ –

'ଯା ହେଉ କଣ୍ଠ ତମେ ଆସି ଗଲ । ଏଠି ତୁମ ଯୋଗ ଦେବାକୁ ସକଳେ ଚାହିଁ ବସିଥିଲେ ।'

'ସକଳେଙ୍କ କଥା ପଛକୁ ଥାଉ ଆପଣେ ଚାହିଁ ବସିଥିଲା ଆମ ସଂକଳ୍ପ । ଭାର୍ଗବୀ କୂଳେ ଜହ୍ନରାତିରେ ଆମେ ନେଇଥିବା ସେ ଶପଥ ମୋତେ ସବୁବେଳେ ଚିମୁଟୁ ଥାଏ । ସେ ଶପଥ ତ ଆମ ପାଇଁ ଜହ୍ନ ରାତିର କାହାଣୀ ନଥିଲା, ବରଂ ଥିଲା ଅନ୍ତରର ଅଙ୍ଗୀକାର । ତେଣୁ ଆପଣଙ୍କ ଚାହିଁ ବସିବା ମୋ ପାଇଁ କୋଟି ନିଧି ।'

'ଭଲ ହେଲା ତୁମେ ଏମ.ଏ. ସାରିବା ପରେ ଆସିଲ । ଆମେ ଶୀଘ୍ର ଏହାକୁ ଉଚ୍ଚ ବିଦ୍ୟାଳୟରେ ପରିଣତ କରିଦେବା ।'

ତା ପରେ ନୀଳକଣ୍ଠ ବର୍ଣ୍ଣନା କରିଥିଲେ, 'ଆପଣେ ସିନା ମୋର ଏମ.ଏ. ପଢ଼ାର ଗୁରୁତ୍ୱ ପୁଣି ଆବଶ୍ୟକତା ବୁଝିଲେ ହେଲେ ଅଧ୍ୟାପକ ଗୋପାଳ ଗାଙ୍ଗୁଲି ମୋତେ କହିଥିଲେ ଅଲଗା କଥା ।'

'କଣ କହିଥିଲେ ।'

'ଦିନେ କଟକରେ ଗାଙ୍ଗୁଲିଙ୍କ ସହ ଦେଖାହୁଏ । ସେତେବେଳକୁ ମୁଁ କଲିକତା ଯିବାକୁ ପ୍ରସ୍ତୁତ ହେଉଥାଏ । ଅର୍ଥ କଷ୍ଟ ବାଧକ ହେଉଥାଏ । ଅଧ୍ୟାପକ ଗାଙ୍ଗୁଲି କହିଲେ- 'ନୀଳକଣ୍ଠ ତୁମର ତ ଆର୍ଥିକ ସ୍ଥିତି ଖରାପ । ତହିଁକି ତୁମେ ସତ୍ୟବାଦୀ ବିଦ୍ୟାଳୟରେ ରହିବାକୁ ସ୍ଥିର କରିଛ । ଏମ୍.ଏ. ପଢିବାର ଆବଶ୍ୟକତା କଣ ? ବି.ଏ. ପାଶ୍ କରିଛ ସେତିକି କଣ ଯଥେଷ୍ଟ ନୁହଁ ?' ତାଙ୍କ ପ୍ରଶ୍ନରେ ଅବଶ୍ୟ ମୋ ପାଇଁ ସମବେଦନା ଥିଲା । ସେ ବୋଧହୁଏ ମୋର ଚାକିରୀ ନ କରିବାର ନିଷ୍ପତ୍ତିକୁ ଗ୍ରହଣ କରି ପାରି ନଥିଲେ । ହେଲେ ମୁଁ ତାଙ୍କ କଥାକୁ ଅଯୌକ୍ତିକର ମନେ କରିଥିଲି ।'

'ତୁମେ କଣ ଉତ୍ତର ଦେଇଥିଲ ।'

'ମୋର ଉତ୍ତର ଥିଲା ସ୍ପଷ୍ଟ । ମୁଁ କହିଥିଲି – ଦେଖନ୍ତୁ ଆଜ୍ଞା ସତ୍ୟବାଦୀ ମଫସଲ ଅଞ୍ଚଳ । ସହର ଅପେକ୍ଷା ସେଠି ପିଲା ଓ ଅଭିଭାବକମାନଙ୍କ ମନରେ ନାନା ପ୍ରକାର ସନ୍ଦେହ ଉପୁଜିବ । ବିଦ୍ୟାଳୟର ପରିଚାଳକ ହିସାବରେ ସେମାନଙ୍କ ସବୁ ସନ୍ଦେହ ଦୂର କରିବାର ଯୋଗ୍ୟତା ମୋର ଥିବା ଦରକାର । ନହେଲେ ଏ ଦୁରୁହ ଭାର ତୁଲାଇ ହେବ ନାହିଁ ।'

ତା ପରେ ଗାଙ୍ଗୁଲି ମହୋଦୟ ମୋର ଆର୍ଥିକ ଅଭାବ ବିଷୟରେ ପ୍ରଶ୍ନ କରିଥିଲେ । ମୁଁ ତାଙ୍କୁ ଆଶ୍ୱସ୍ତ କରି କହିଥିଲି, 'ଶ୍ରେୟାମସି ବହୁବିଘ୍ନାନି । ଯେମିତି ହେଲେ ଅର୍ଥ ଯୋଗାଡ଼ ହୋଇଯିବ ।'

'ତା ପରେ ଅଦୃଷ୍ଟ ତୁମ ପାଇଁ ବାଟ ଖୋଲି ଦେଲା କଣ' କହିଥିଲି ମୁଁ ।

ମୋ କଥାକୁ ଯଥାର୍ଥତା ଦେବାକୁ ଯାଇ ନୀଳକଣ୍ଠ କହେ, 'ଅଳ୍ପ ଦିନ ପରେ ତ ମୋର ବୃତ୍ତି ପାଇବା ଖବର ବାହାରିଲା । ମାସିକ ତିରିଶ ଟଙ୍କାର ବୃତ୍ତି ମୋତେ ଆଶ୍ୱସ୍ତ କରିଥିଲା । ମୁଁ ଅଦୃଷ୍ଟ ନିକଟରେ କୃତଜ୍ଞ ଯେ କଲିକତାରୁ ଦିଆ ଯାଉଥିବା ଛଅଟି ବୃତ୍ତିରୁ ମୁଁ ପାଇଥିଲି ପ୍ରଥମଟି । ମୋର ଭାଗ୍ୟ ଉଭୟ ଏମ.ଏ. ଓ ବି. ଏଲ. ପଢା ଏଥିପାଇଁ ସମ୍ଭବ ହୋଇ ପାରିଲା ।'




ମୁଁ କହିଥିଲି – 'ହଁ ସତ ସଂକଳ୍ପକୁ ଈଶ୍ୱର ନିଜ ବାଟରେ ସହାୟ ହୁଅନ୍ତି । ତେବେ ପରୀକ୍ଷା ବେଳେ କଣ ସବୁ ସମସ୍ୟା ହୋଇଥିଲା ପରା ।'

'ହଁ ଆପଣେ ଠିକ୍ ଶୁଣିଛନ୍ତି । ପରୀକ୍ଷା ସମୟରେ ଘୋର ବାତାଜୀର୍ଣ୍ଣ ହେଲା । ସ୍ୱାଭାବିକ ଭୋଜନ କରି ହେଲା ନାହିଁ । ଦିନକୁ କେବଳ ଗୋଟିଏ ଡିମ୍ବ ଛଡା ଆଉ କିଛି ଖାଇ ପାରିଲି ନାହିଁ । ଦେହ ଖୁବ ଦୁର୍ବଳ ହୋଇଗଲା । ସେଠି ସମସ୍ତେ କହିଲେ ଏ ବର୍ଷ ପରୀକ୍ଷା ଦିଅନା । ଶରୀରମାଦ୍ୟମ ।ଭଲରେ ପଢାପଢି ନ କଲେ ପରୀକ୍ଷା ଭଲ ହେବ ନାହିଁ । ହେଲେ ଆଉ ବର୍ଷେ ଅପେକ୍ଷା କରିବାକୁ ମୋର ସ୍ପୃହା ନଥିଲା ।'

'ତେବେ ପରୀକ୍ଷା କିପରି ଦେଲ ।'

'କଣ କହିବି ଆପଣେ । ଏମ.ଏ.ର ସମୁଦାୟ ଆଠଟି ଉତ୍ତର ପତ୍ର ମଧ୍ୟ ମୁଁ ଦେଇପାରିଲି ନାହିଁ । ଦେଲି ଛଅ ଟି । ବାକି ଦୁଇ ପରୀକ୍ଷା ଦିନ ମୁଁ ଥରକୁ ଥର ପାଇଖାନା ଯାଉଥାଏ । ଏକ ପ୍ରକାର ଆଲଜିଆ ହୋଇ ଝାଉଁଳି ପଡିଥାଏ । ମନ କିନ୍ତୁ ଟାଣ ରଖିବାକୁ ଚେଷ୍ଟା କରୁଥାଏ । ଗାର୍ଡମାନେ ମୋ ପରିସ୍ଥିତି ପ୍ରତି ଢେର ସହାନୁଭୂତି ଦେଖାଉଥାନ୍ତି । ମୋତେ ସବୁ ପ୍ରକାରର ଉତ୍ସାହ ଦେଉଥାନ୍ତି, ମୋ ମନୋବଳ ବଢ଼ାଉଥାନ୍ତି । ତେବେ ଯାହା ହେଉ ଏହି ପ୍ରକାରେ ମୁଁ ଏମ.ଏ.ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଗଲି ।'

କଥା ମଝିରେ ସଦାଶିବ କହିଲେ, 'ନୀଳକଣ୍ଠ ଯେ ଏତେ କଷ୍ଟ କରିଛି ତା ମୁଁ ଜାଣି ନଥିଲି ।'

'ଠିକ କହିଛନ୍ତି । କଣ୍ଠ କଷ୍ଟ ଭିତରେ ନିଜ ସାମର୍ଥ୍ୟ ଖୋଜି ପାଏ । ତା'ପରେ ସେ ଦିନ ମୁଁ କଣ୍ଠକୁ କହିଥିଲି, 'ହଁ ନୀଳକଣ୍ଠ ତୁମର ଉତ୍ତୀର୍ଣ୍ଣ ହେବାଟା ଏଠି ଓଡ଼ିଶାରେ ପୁଣି ଆମ ଅଞ୍ଚଳରେ ଢେର ଆନନ୍ଦ ଖେଳାଇ ଦେଇଛି । ଏଥର ତୁମେ ତୁମ ସାଧନା ପୀଠର ଡୋରି ସମ୍ଭାଳ ।'

'ଆଜ୍ଞା ଆପଣେ ଯେମନ୍ତ କହିବେ ।'

'ତୁମ ଆଗମନ ପିଲାଙ୍କ ମନରେ ଅପାର ଆନନ୍ଦ ଖେଳାଇ ଦେଇଛି । ଅବଶ୍ୟ ସଶଙ୍କ ଆନନ୍ଦ । ସେମାନେ ତୁମକୁ ଦେଖି ବା ନଦେଖି କଡା ଓ ଅନୁଶାସନ ପ୍ରିୟ ବୋଲି ଜାଣି ସାରିଛନ୍ତି । ତୁମେ ସୁପରିଟେଣ୍ଡେଣ୍ଟ ଭାବେ ସବୁ କଥାର ତଦାରଖ କରିବ । ମାସିକ ତିରିଶ ଟଙ୍କା ବେତନ କୁଳାଣ ହେବ ତ ?'

ନୀଳକଣ୍ଠଙ୍କ ଉତ୍ତର ଥିଲା ସ୍ପଷ୍ଟ ଓ ସଂକ୍ଷିପ୍ତ: 'ଅର୍ଥ ରୋଜଗାର ଉଦ୍ଦେଶ୍ୟ ଥିଲେ ତ ଆମେ ବିଦ୍ୟାଳୟ ନ ବସାଇ ଆଉ କିଛି କରିଥାନ୍ତେ । ତେବେ ମୋର ଶଳା ଓ ଭଣଜା ଉଭୟେ ବିଦ୍ୟାଳୟ ଛାତ୍ର । ସେମାନଙ୍କ ଭାର ମୋ ଉପରେ । ତେଣୁ... ।'

'ହଁ କଣ୍ଠ ଠିକ କଥା ମନେ ପକାଇଛ । ସେ ବାବଦକୁ ତୁମକୁ ଅଧିକ ଦଶ ଟଙ୍କା ପ୍ରାପ୍ତ ହେବ । ଏହିପରି ସମୁଦାୟ ଚାଳିଶ ଟଙ୍କା ।' କଥା ଭିତରେ ଗୋପବନ୍ଧୁ ପୁଣି କହିଲେ, 'ଅନେକ ଦିଗରୁ ଆମେ ଭାଗ୍ୟବାନ ଯେ ରାଜ୍ୟର ଅନେକ ମୁରବୀ ସ୍ଥାନୀୟ ବ୍ୟକ୍ତି ପୁଣି ଅଙ୍ଗୀକାର ବଦ୍ଧ ବନ୍ଧୁ ଆମ ସହ ଅଛନ୍ତି ।'

'ହଁ ଆପଣେ ମଧୁସୂଦନ ଦାସ, ଫକୀର ମୋହନ ସେନାପତି,ମଧୁସୂଦନ ରାଓଙ୍କ ପରି ମୁରବୀମାନଙ୍କ ପ୍ରେରଣା ଓ ସମର୍ଥନ ଆମର ପାଥେୟ ।'

'ଠିକ ସେମିତି ବ୍ରଜସୁନ୍ଦର ପରି ବନ୍ଧୁମାନେ ଆମର ସହଯାତ୍ରୀ । ମଧୁସୂଦନ ଦାସ ଏ ବର୍ଷ ଜୁନ ଅଠର ତାରିଖରେ ସତ୍ୟବାଦୀ ବୁଲି ଆସି ଆମକୁ ଢେର ଉତ୍ସାହିତ କରିଛନ୍ତି । ଏବେ ବି ମୋର ମନେ ଅଛି ତାଙ୍କର ସେଦିନର କଥା –ସେ କହୁ କହୁ କହିଥିଲେ – ମୁଁ ବୃଦ୍ଧ । ଆପଣମାନଙ୍କୁ ଉପଦେଶ ଦେବାର ଅଧିକାର ମୋର ଅଛି ବୋଲି ମୁଁ ମନେ କରେ । ଏଠାର ଭଦ୍ର ବ୍ୟକ୍ତି ଓ ସ୍କୁଲ୍ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକୁ ମୁଁ ବିଶେଷ ପ୍ରଶଂସା କରୁଛି ।'

ତହୁଁ ନୀଳକଣ୍ଠ ମନେ ପକାଇଲେ, 'ସେ ତ ଆପଣଙ୍କ ସ୍ୱପ୍ନ ଦର୍ଶିତାର ବିଶେଷତ୍ୱ ବୟାନ କରି କହିଥିଲେ- ଗୋପବନ୍ଧୁ ପ୍ରମୁଖ ସ୍କୁଲ କର୍ତ୍ତୃପକ୍ଷ ଆତ୍ମନିର୍ଭରଶୀଳ ହୋଇ ଯେ ଏ କାର୍ଯ୍ୟ ସମ୍ପନ୍ନ କରି ଅଛନ୍ତି ତାହା ଆପଣମାନଙ୍କ ପକ୍ଷରେ ବିଶେଷ ଗୌରବର ବିଷୟ । ଗୋପବନ୍ଧୁ ବାବୁ ଓ ତାଙ୍କର ବନ୍ଧୁମାନଙ୍କୁ ମୋର ସବିଶେଷ ଅନୁରୋଧ ଆପଣମାନେ ପର ଦ୍ୱାରସ୍ଥ ନହୋଇ ନିଜ ବାହୁ ବଳରେ କାର୍ଯ୍ୟ କରିଯାଅନ୍ତୁ । ଭଗବାନ ଆପଣଙ୍କ ସହାୟ ହେବେ । ଯେ ଆତ୍ମ ନିର୍ଭରଶୀଳ ନୁହେଁ ତାହାକୁ କେବେ କେହି ସାହାଯ୍ୟ କରନ୍ତି ନାହିଁ ।'

'କଣ୍ଠ ମୋ ନାଁ ସେ ଉପଲକ୍ଷ ଭାବେ କହିଥିଲେ । କିନ୍ତୁ ଆମେ ତ ଏକ ଏକକ, ଏକ ସ୍ୱପ୍ନ ଓ ସଂକଳ୍ପ । ଆଉ ଛାତ୍ରମାନେ ହେଲେ ଆମର ଉପାଦାନ । ସେମାନଙ୍କୁ ସମ୍ବୋଧନ କରି ମଧୁବାବୁ କହିଥିଲେ – ତୁମେମାନେ ଗୋପବନ୍ଧୁ ପ୍ରମୁଖ ସ୍କୁଲ କର୍ମ କର୍ତ୍ତାମାନଙ୍କ ପରି ଆତ୍ମନିର୍ଭରଶୀଳତା ଶିକ୍ଷା କର:ବିଶେଷ ରୂପେ ଜ୍ଞାନ ଅର୍ଜନ କର । ଜ୍ଞାନର ଅର୍ଥ ବ୍ୟବହାର ଓ ଶିକ୍ଷା ବୁଝ । ମୋର ଅମୁକ ବିଷୟରେ ଜ୍ଞାନ ଅଛି ତାହାର ଅର୍ଥ ଏହି ଯେ ମୁଁ ଉକ୍ତ ବିଷୟର ବ୍ୟବହାର ଜାଣେ । ବିଷୟର ବ୍ୟବହାର ନ ଜାଣିଲେ ଜ୍ଞାନର ପୂର୍ଣ୍ଣତା ହୁଏ ନାହିଁ । ଚରିତ୍ର ହିଁ ବଳ । ସେହି ଚରିତ୍ରବଳ ହିଁ ତୁମ୍ଭମାନଙ୍କର ପ୍ରଧାନ ଉଦ୍ଦେଶ୍ୟ କର ।–ସେଦିନ ସତକୁ ସତ ତାଙ୍କ ବିଦବତ୍ତା ରେ ଆମେ ମୁଗ୍ଧ ହୋଇଥିଲୁ ।'

ଏତେ ସମୟ ଧରି ଅନ୍ୟମନସ୍କ ହୋଇପଡିଥିବା ଗୋପକୁ ଟିକେ ଚେତାଇ

ସଦାଶିବ ଆପଣେ କହିଲେ, 'ମନ ବୋଧେ ସତ୍ୟବାଦୀର ଗୁପ୍ତ ବୃନ୍ଦାବନ ଆଡେ ଚାଲିଗଲା ।'

ପ୍ରକୃତିସ୍ଥ ହୋଇ ଗୋପ କହନ୍ତି, 'ଯେତେ ହେଲେ ସତ୍ୟବାଦୀ ବିଦ୍ୟାଳୟ ପରା ମାନସ ସନ୍ତାନ ।'

'ନା ଗୋପ ମୁଁ ତୁମର ନିମଜ୍ଜନ ଭାବ ଦେଖି ଚକିତ । ଆଚ୍ଛା ଏଠି ଏ ଅନାଥାଶ୍ରମ କରିବା କଥା ମନକୁ କାହିଁକି ଆସିଲା ? ମୋତେ ପୁଣି ବୁଢା କାଳେ ଲୋଡ଼ା ପଡିଲା ।'

'ତା ପଛରେ ବି କାରଣ ଅଛି ଆପଣେ । ପୌଷ ମାସର କଥା । ମହାରାଜଙ୍କ ସସ୍ନେହ ଚାପରେ ମୁଁ ମ୍ୟୁନିସିପାଲିଟିର ଭାଇସ୍ ଚେୟାରମ୍ୟାନ୍ ହୋଇ ସାରିଥାଏ । ଅଫିସ୍‌ରୁ କାମ ସାରି ମୋ ବସାର ବାରଣ୍ଡାରେ ସପ ଖଣ୍ଡେ ପକାଇ ବସିଥାଏ । ପବନ ଥାଏ ଶୀତୁଆ । ମୁଁ ବସିଥାଏ ଖରାପିଠିଆ । ଦେହରେ ପକାଇଥାଏ ଟସର ଚଦର । ସଞ୍ଜ ନଇଁ ଆସୁଥାଏ । ଫ୍ରେଜର୍ ଛାତ୍ରାବାସର ପିଲାମାନେ ଖଟଟି ମାନ ପକାଇ ଆରମ୍ଭ କରିଥାନ୍ତି ପ୍ରାର୍ଥନା ଅଭ୍ୟାସ । ସେମାନେ ଭକ୍ତ କବିଙ୍କର 'ଅଖିଳ ବ୍ରହ୍ମାଣ୍ଡ ପତି ମୋ ଜୀବନ ସ୍ୱାମୀ' ତଦ୍‌ଗତ ପ୍ରାଣ ହୋଇ ଗାଉଥାନ୍ତି । ସୂର୍ଯ୍ୟ ଢଳିବା ସହ ତାଳ ଦେଇ ପବନ ହେଉଥାଏ ଅଧିକ ଶୀତୁଆ । ମୁଁ ଗମ୍ଭୀର ପରିବେଶରେ ପ୍ରବନ୍ଧ ଲେଖାରେ ମନୋନିବେଶ କରିଥାଏ । ପବନରେ କାଗଜ ପତ୍ର ଫଡଫଡ ହୋଇ ଏଣେତେଣେ ଉଡି ଯାଉଥାଏ । ସେଗୁଡିକ ସମ୍ଭାଳି ରଖିବା ଭିତରେ ମୁଁ ମୁଁ କିଛିଟା ବିରକ୍ତ ହେଉଥାଏ । ଏତିକି ବେଳେ ମୋ କାନରେ ପଡିଲା ଗୋଟିଏ ବାଳକର ଆର୍ତ୍ତ ଚିତ୍କାର । ସେ ଶୀତରେ ଯେତିକି ଥରୁ ନଥାଏ ସେତିକି ଥରୁଥାଏ ଭୟରେ ।'

'ପିଲାଟି କାହିଁକି କାନ୍ଦୁଥିଲା ?'

'ମୁଁ ବି କାନ୍ଦର କାରଣ ଖୋଜୁଥିଲି । ଅଳ୍ପ ସମୟ ପରେ ଜଣେ ମୋଟା ପେଟା ଲୋକ ହାତେ ଲମ୍ବର ବେତ ଧରି ପହଞ୍ଚେ । ସେ ରାଗରେ ପିଲାଟିକୁ କଣ କହୁଥାଏ ମୁଁ ବୁଝି ପାରୁନଥାଏ ।'

'ପ୍ରକୃତରେ କଣ ହୋଇଥିଲା ?'

'ମୁଁ କିଛି ବୁଝି ନପାରି ଲୋକଟିକୁ ଶାନ୍ତ ହେବାକୁ ବୁଝାଇଲି । ସେ ପିଲାଟିକୁ ସାଙ୍ଗରେ ନେଇ ଯିବାକୁ ଜିଦି ଧରିଥାଏ । ମୁଁ ତାକୁ ବୁଝାଇସୁଝାଇ ତା ହାତରେ ଟଙ୍କାଟିଏ ଦେଇ ତାକୁ କୌଣସି ମତେ ବିଦା କଲି । ପିଲାଟି ଟିକେ ସାଷ୍ଟମ ହେବା ପରେ ତାକୁ ପଚାରିଲି, 'ତୋର ନାଁ କଣ ?' ତିନି ଥର ପଚାରିବା ପରେ ତା ପାଟିରୁ କଥା ସ୍ଫୁରିଲା । ଥଙ୍ଗେଇ ଥଙ୍ଗେଇ କହିଲା– 'ମୋର୍ ନାମ ରୁଇଦା ।'

'ଘର କେଉଁଠି ?'

'ଘର ବାମଣ ଘାଟି ।'

'ତୋର ବାପା ମା ?'

'ବାଆ ମାଆ ମୋର୍ ନାଇଁ ନି ।'

ସଦାଶିବ କହିଲେ, 'ଆହା ପିଲାଟି କେଡେ ନାରଖାର ହେଉଥିବଟି ।'

କଥା କଣ ଜାଣିବା ପାଇଁ ପିଲାଟିକୁ ମୁଁ ପୁଣି ପଚାରିବା ଆରମ୍ଭ କଲି ।

'ସେ ମୋଟା ପେଟା ଲୋକଟି କିଏ ? ସେ କାହିଁକି ତୋତେ ମାରୁଥିଲା ? ତା ପାଖରେ ତୁ କଣ କାମ କରୁଥିଲୁ ?'

ପିଲାଟି ଜବାବ ଦେଲା 'ମୁଟା ନୁକଟା ବଜାର ପାଖ ହୁଟେଲର ବାବୁ । ମୁଇଁ ତା'ର ପାଖରେ ଦିନ ରାତି ସାରା ଘଡି କାମ କରିଥିଲି ।'

'ଲୋକଟା ତୋତେ ପଇସା ପତ୍ର ଦେଉଥିଲା ତ ?'

'ନାଇଁ ବାବୁ । ତିନି ମାସ ହେଲା ମୋକେ ଖାଲି ଦୁଇ ଦୁଇଟା ଖାଇତେ ଦିଏ । ପଇସା ଗୁଟେ ବି ଦିଏନି ।'

'କଣ କହିବି ଆପଣେ ତା'ର ଏ କଥାଶୁଣି ମୋ ଅନ୍ତରରୁ କୋହ ଉଠୁଥାଏ । ମୁଁ ପୁଣି ପଚାରିଲି – 'ତିନି ମାସ ଧରି ତ ଥିଲୁ ପୁଣି କଣ ହେଲା ?'

ସେଇଠୁ ସେ ଆହୁରି କୋହ ଉଠାଇ ଉତ୍ତର ଦେଲା, 'କାଲ ମୋକେ ବେତେ ପିଟିଲା । ସେଇନେଗି ମୁଇଁ ଦୁଇ ପହରରେ ସିଏ ଶୁଇଲା ବେଳେ ଗୁଟେ ଟଙ୍କା ଧରି ପଳାଇ ଆସୁଥେଲି ।' ସଦାଶିବ ବି ଏ କଥା ଶୁଣି କୋହ ଜରଜର ହୋଇ ପଡିଲେ । ପଚାରିଲେ, 'ତା'ର କଣ ନିଜର ହୋଇ ଆଉ କେହି ନଥିଲେ ?'

'ସେଇ କଥା ମୁଁ ବି ତାକୁ ପଚାରିଥିଲି ଆପଣେ ଯେ ତା'ର କଣ ଘର ଦ୍ୱାର ବନ୍ଧୁ କୁଟୁମ୍ବ ବୋଲି ସଂସାରରେ କେହି ନାହାନ୍ତି ? ସେ ଉତ୍ତର ଦେଲା, 'ସବୁ କିଛି ଥିଲା ବାବୁ । ମୋର ବାଆ ବାମନ ଘାଟି ରାଜାର ଧୁବା ଥିଲା । ବାରିପଦା ରାଜାର ନୁଗା ବି ସିଏ କେତେଥର କାଚିଛି । କି ଦୁଃଖ କହିବି ବାବୁ ମୋତେ ନ ବର୍ଷ ବେଳେ ରୋଗରେ ପଡ଼ି ସିଏ ଆଖି ବୁଜିଲା ।'

ମୁଁ ପଚାରିଥିଲି, 'ଆଉ ତୋର ମାଆ ?'

ଏଥର ଆଖିରୁ ଆଉରି ବେଗରେ ଲୁହ ଝରିଲା ତା'ର । 'ମୋର ମାଆ ସତ୍ୟନାଶ ହଉ ତା'ର । ମୋତେ ଦିନେ ଛାଡି ଦେଇକିରି ଆଉ ଗୁଟେ କାହାର ସାଙ୍ଗେ କେମିତି କରି ପଳାଇଲା ।' ଏଥର ତା କଣ୍ଠ ଶୁଭିଲା ଅଧିକ ଅସହାୟ ।

'ସତ କହୁଛି ଆପଣେ ମୋତେ ମଣିଷର ଜୀବନକୁ ନେଇ ସେଦିନ ଭାରୀ ନିରାଶା ଘାରିଥିଲା । ସତରେ କଣ ଏ ପୃଥିବୀରେ ଜୀବନ ଏକ ଦୁର୍ଘଟଣା ? ଆମେମାନେ ଅନେକ ବେଳେ ଦେଶ, ଜାତି ନାଁରେ କେତେ ବଡ଼ବଡ଼ କଥା କହୁ । ମଣିଷ ଜୀବନ ପଛରେ ଦୈବ ପ୍ରେରଣା ଅଛି ବୋଲି ଭାବୁ । ହେଲେ ରୁଇଦା ପରି କେତେ ପିଲା ଏହିପରି ଅସହାୟ ଭାବେ ଛଟପଟ ହୋଇ ଗଡି ମରୁଥିବେ । ତା'ର ହିସାବ ପର୍ଯ୍ୟନ୍ତ କେହି ରଖୁନଥିବେ ।'

'ତା ହେଲେ ରୁଇଦା ପ୍ରସଂଗରୁ ଅନାଥାଶ୍ରମ ?'

'ହଁ ଆପଣେ ! ରୁଇଦାର ଦୁଃଖ ବେଳେ ମୋର ଆପଣଙ୍କ ସ୍ନେହ ମନେ ପଡ଼ିଲା । ମୋ ଭଳି କେତେ ପିଲା ଆପଣଙ୍କ ଆଦରର ଶିଶିର ଛିଞ୍ଚା ପାଇ ଗଜୁରିଛନ୍ତି । ମୁଁ ତ ଆପଣଙ୍କ ଯତ୍ନ ପାଇ ବୋଉର ବିୟୋଗ ଦୁଃଖ ଭୁଲିଥିଲି । ତେଣୁ ମୋ ମନକୁ ଆସିଲା ବାରିପଦାରେ ଏକ ଅନାଥାଶ୍ରମ ହେବ । ରୁଇଦା ଭଳି ପିଲାଏ ଆଉ ନିଜକୁ ଅସହାୟ ମଣିବେ ନାହିଁ । ମହାରାଜା ତ ପ୍ରଜାବତ୍ସଳ । ଖାଲି ତାଙ୍କୁ ସ୍ୱପ୍ନ ଦେଖାଇବା କଥା । ତା ଛଡା ମ୍ୟୁନିସିପାଲିଟିର ଉପସଭାପତି ଭାବେ ମୋ ପାଇଁ ଟିକେ ସୁବିଧା ବି ହେଲା । ମହାରାଜ ମୋ ପ୍ରସ୍ତାବକୁ ବଡ଼ ଆନନ୍ଦ ମନରେ ଗ୍ରହଣ କଲେ । ସ୍ଥାନୀୟ ଲୋକଙ୍କଠାରୁ ମିଳିଲା ଅକୁଣ୍ଠ ସହଯୋଗ । ଆଉ ମୁଣ୍ଡ ଟେକିଲା ଏ ଅନାଥାଶ୍ରମ । ହେଲେ ପିଲାଙ୍କ ପାଇଁ ଯେଉଁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଥିଲା । ଆପଣଙ୍କୁ ପାଇଁ ତାହା ପୂରଣ ହେଲା । କୋଠା ବାଡ଼ି, ଇଟା ସିମେଣ୍ଟରେ ଭିତ୍ତି ଭୂମି ଗଢି ହୁଏ । ହେଲେ ଅନୁଷ୍ଠାନ ହୁଏନା । ସେଥିପାଇଁ ଲୋଡ଼ା ଆପଣ ଓ ନୀଳକଣ୍ଠ ପରି ସର୍ଜନଶୀଳ ବ୍ୟକ୍ତି ।'

'ଅନାଥାଶ୍ରମରେ ଅନାଥ ପିଲାଏ ବିନା ଖର୍ଚ୍ଚରେ ଖାଇ ପିଇ ରହିଲେ । ବିନା ଅର୍ଥରେ ବହି ଓ ପାଠ ପଢା ବ୍ୟବସ୍ଥା ସେମାନଙ୍କୁ ଜୀବନ ଯୁଦ୍ଧରେ ସଂଘର୍ଷ ପାଇଁ ପାଥେୟ ହେବ । ସତ କହେଁ ଗୋପ ଏଠିକୁ ଆସି ପିଲାଙ୍କ ଭିତରେ ମୁଁ ମୋ ନିଜକୁ ନୂଆ କରି ଆବିଷ୍କାର କରିଛି । ମୋର ଶୁଷ୍କ ପ୍ରାୟ ବାତ୍ସଲ୍ୟ ର ଝର ପୁଣି ପ୍ରଖର ହୋଇ ପ୍ରବାହିତ ହେଉଛି । ମୋର ସନ୍ତାନ ତୁଲ୍ୟ ହେଲେ ମଧ୍ୟ ମୁଁ ତୋ ପାଖରେ କୃତଜ୍ଞ ।'

କଥା ନ ଶୁଣିଲା ପରି ଗୋପ ପଚାରିଲେ, 'ବାରିପଦା ଖାଦ୍ୟ ଆପଣଙ୍କୁ ଆରେଇଲାଣି ତ ?'

'କଥା କଣ କି ଗୋପ ବାରିପଦା ମୁଢି, ଶାଗୁଆଡି ଜାଗାରେ ମୁଁ ମୋ ପାଇଁ ସତ୍ୟବାଦୀର ଚୁଡା ଘଷା, ଡାଲ୍ମା ବ୍ୟବସ୍ଥା କରି ପାରୁଛି ।'

ସଦାଶିବ ଆପଣେଙ୍କ ନିକଟରେ ନିରବରେ ମୁଣ୍ଡ ନୁଆଁଇ ଗୋପ ଆସ୍ତେ ଆସ୍ତେ ନିଜ ବସା ଆଡ଼କୁ ବାହୁଡ଼ିଲେ ।

# ଅଶ୍ରୁଦଗ୍ଧ ଅଶୋକ



# ଡିମିରିଫୁଲର ଆତ୍ମାଶ୍ରୁ


**ଡକ୍ଟର ମଣୀନ୍ଦ୍ର କୁମାର ମେହେର**

ବିଭାଗୀୟ ମୁଖ୍ୟ: ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର
ବାଲେଶ୍ୱର-୭୫୬୦୮୯
ଫୋନ: ୯୯୩୭୩୬୫୬୯୮


ପୃଷ୍ଠଚିତ୍ର : ଶିଳ୍ପୀ ସଞ୍ଜୟ ରାଉଳ

**ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର୍ ଆମର ଅନୁରୋଧ କ୍ରମେ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କଥାକାହାଣୀ ମଧ୍ୟରୁ ଅମର ହୋଇ ଉଠିଥିବା କିଛି ଚରିତ୍ରର ବିରଳ ବିଶ୍ଳେଷଣ କରୁଛନ୍ତି, ଖାସ୍ କରି 'ରେବତୀ'ର ପାଠକପାଠିକାଙ୍କ ପାଇଁ । ଏହା ନିୟମିତ ପ୍ରକାଶ ପାଇ ଭିନ୍ନ ଭିନ୍ନ ଚରିତ୍ରକୁ ଚିହ୍ନାଇବ ବୋଲି ଆମର ଆଶା । ଏଥର ବିଖ୍ୟାତ ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକଙ୍କ 'ଡିମିରିଫୁଲ' ଗଳ୍ପରୁ ଅଶୋକ (ସଞ୍ଜୟ) ଚରିତ୍ରର ବିଶ୍ଳେଷଣ ।**



ଡକ୍ଟର ମଣୀନ୍ଦ୍ର କୁମାର ମେହେର

ମୁଁ ମଞ୍ଜୁର ମା' କହୁଛି । ଓଡ଼ିଆ ସାହିତ୍ୟର ବିଶିଷ୍ଟ ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକଙ୍କ ଏକ ଶ୍ରେଷ୍ଠ ଗଳ୍ପ 'ଡିମିରିଫୁଲର' ନାୟିକା ମୁଁ । ଗଳ୍ପଟିରେ ମୋର କୌଣସି ନାମ ଅଙ୍କିତ ହୋଇନାହିଁ । କେବଳ ମୋତେ 'ଭଦ୍ର ମହିଳା' ବୋଲି ବର୍ଣ୍ଣନା କରାଯାଇଛି । କିନ୍ତୁ ଯେହେତୁ ମୋର ଆଦରଣୀୟା ସୁକନ୍ୟାର ନାମ ମଞ୍ଜୁ, ସେଇଥିପାଇଁ ନିଜକୁ ପରିଚିତ କରାଇବା ପାଇଁ ଚାହୁଁଛି ମୁଁ, 'ମଞ୍ଜୁର ମାଆ' ଭାବରେ ।

ଓଡ଼ିଆ ଗଳ୍ପ ଜଗତକୁ ଭଲ ପାଉଥିବା କେଉଁ ପାଠକ ପାଠିକା ବା ଡିମିରିଫୁଲ ଗଳ୍ପଟିକୁ ପଢ଼ିନଥିବେ ! ଗଳ୍ପଟିରେ ଯାହା କିଛି ସଂକ୍ଷେପରେ ବର୍ଣ୍ଣନା କରାଯାଇଛି, ତାହାର ପୁନରାବୃତ୍ତି କରିବାକୁ ମୁଁଆପଣଙ୍କ ଆଗକୁ ଆଜି ଆସିନାହିଁ । ଗଳ୍ପର କଥାବସ୍ତୁ ଆପଣମାନେ ଜାଣନ୍ତି ଭଲ ରୂପେ । ଗଳ୍ପନାୟକ ଯିଏ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶ୍ରେଣୀର ଛାତ୍ର, ସିଏ ପୂଜା ଛୁଟିରେ ଗୌହାଟୀ ବୁଲି ଆସିଥିଲେ । ରାସ୍ତାରେ ଯିବାବେଳେ ପ୍ରବଳ ପବନ ଓ ବର୍ଷାରୁ ରକ୍ଷା ପାଇବା ପାଇଁ ସେ ଆମ ଘରର ବାରଣ୍ଡା ଉପରେ ନେଇଥିଲେ ଆଶ୍ରୟ । ସେତେବେଳେ ଆମେ ଅର୍ଥାତ୍ ମୁଁ ଓ ମୋର ସ୍ୱାମୀ ଗାଡ଼ିରେ ଆସି ପହଞ୍ଚିଥିଲୁ ଘରେ । ଗାଡ଼ିର ଲାଇଟ୍ ଏହି ଯୁବକଙ୍କ ଉପରେ ପଡ଼ିବା ପରେ ମୁଁ ଉଲ୍ଲସିତ ହୋଇ ଉଠିଥିଲି ଯେ, ସେ ହେଉଛନ୍ତି ସଞ୍ଜୟ ବୋଲି । ଆପଣ ଜାଣନ୍ତି ସେ ସଞ୍ଜୟ ନୁହନ୍ତି । ଅର୍ଥାତ୍ ମୋର ଝିଅ ସଞ୍ଜୁର ବିବାହ ତାଙ୍କ ସହିତ ସ୍ଥିର ହୋଇ ନଥିଲା । ମୁଁ କିନ୍ତୁ ଭାବି ନେଇଥିଲି ଯେ, ଇଏ ହିଁ ହେଉଛନ୍ତି ସଞ୍ଜୟ, ଯିଏ ମୋର ଭାବି ଜାମାତା । ତାଙ୍କର ପ୍ରକୃତ ନାଁ 'ଅଶୋକ' । ସଞ୍ଜୟ ସହିତ ତାଙ୍କ ଚେହେରାର ଅପୂର୍ବ ସାମଞ୍ଜସ୍ୟ । ସେଥିପାଇଁ ତାଙ୍କୁ ସଞ୍ଜୟ ବୋଲି ମନେ କରିବା ଆଦୌ ଅସ୍ୱାଭାବିକ ନଥିଲା ମୋ ପକ୍ଷରେ । ମୁଁ ତାଙ୍କୁ ସଞ୍ଜୟ ବୋଲି ଭାବିଲି କେବଳ ନୁହେଁ, ମଞ୍ଜୁ ବିଷୟରେ ତାଙ୍କ ସହିତ ଆଳାପ ମଧ୍ୟ କଲି । ମଞ୍ଜୁ ମୋ ଝିଅ । ପିଲାଟି ଦିନରୁ ତାକୁ ଆଉ ସଞ୍ଜୟକୁ ଦେଖି ଦେଖି ମୁଁ ଅପୂର୍ବ ତୃପ୍ତିଲାଭ କରୁଥିଲି । ମାତ୍ର ପାଠ ପଢ଼ିବା ପାଇଁ ସେ ଯେ ରହିଲା ଅନେକ ଦୂରରେ, ତା' ସହିତ ମୋର ସମ୍ପର୍କ ରହି ପାରିଲାନି । ମଞ୍ଜୁ ଆମ ପାଖକୁ ଶୀଘ୍ର ଫେରିଆସୁ ବୋଲି ଚହୁଁଥିବାରୁ ମାସକୁ ମାସ ପଠାଉଥିବା ପଇସା ମୁଁ ବନ୍ଦ କରିଦେଇ ପାରିଥା'ନ୍ତି । ମାତ୍ର ମାଆର ହୃଦୟ ଝିଅର ଜୀବନକୁ କ'ଣ ଦୁଃଖିତ କରିବାକୁ କେବେ ହେଲେ ଚାହେଁ !

ଯେଉଁ ଯୁବକଙ୍କୁ ସଞ୍ଜୟ ବୋଲି ଭାବି ମୁଁ ମନର କଥା କହିଥିଲି, ତାହା ଯେ ମୋର ମତିଭ୍ରମ, ଏହା ଜାଣି ପାରିଥିଲେ ମୋର ସ୍ୱାମୀ । ସିଏ ଅଶୋକ ବାବୁଙ୍କ ରହୁଥିବା ହୋଟେଲକୁ ଯାଇ ମଞ୍ଜୁର ରହସ୍ୟ ଉନ୍ମୁକ୍ତ କରିଦେଲେ । ତାହା ମୋର ଅଜାଣତରେ । ଭବିଷ୍ୟତରେ ମଧ୍ୟ ମୁଁ ଯେପରି ମଞ୍ଜୁ ସମ୍ପର୍କରେ କିଛି ଜାଣି ପାରିବି ନାହିଁ ତା'ର ସମସ୍ତ ସୁବ୍ୟବସ୍ଥା କରିଦେଇ ଆସିଥିଲେ ମୋ ସ୍ୱାମୀ । ଅଶୋକ ଯେଉଁଦିନ ଯିବା ପାଇଁ ଏୟାରପୋର୍ଟରେ ପହଞ୍ଚିଥିଲେ, ସେତେବେଳେ ସ୍ୱାମୀଙ୍କ ସହିତ ଯାଇ ମୁଁ ଏହି ଯୁବକଙ୍କ ହାତରେ ପଠାଇଥିଲି ମୋ ପ୍ରାଣର ପ୍ରିୟ ଉପହାର । ମଞ୍ଜୁର ଠିକଣା ସେ ଜାଣିନଥିବା ପ୍ରକାଶ କରିବା ପରେ ମୋ ସ୍ୱାମୀ କହିଦେଇଥିଲେ ଯେଉଁ ନିଷ୍ଠୁର ସତ୍ୟ, ତାହା ହେଲା ଟ୍ରେନ୍ ଆକ୍ସିଡେଣ୍ଟରେ ଅନେକ ବର୍ଷତଳୁ ମଞ୍ଜୁର ଜୀବନଦୀପ ନିର୍ବାପିତ । ମୋ ସ୍ୱାମୀ ଏ କଥାକୁ ଲୁଚାଇ ରଖି ରହିଥିଲେ, କାରଣ ସେଇ ପ୍ରଚଣ୍ଡ ଭାଗ୍ୟାଘାତ ମୋ ପାଇଁ ଅସହ୍ୟ ହୋଇ ଉଠିବ ବୋଲି । ମୋ ମସ୍ତିଷ୍କ ସେଦିନ ଠାରୁ ହୋଇଯାଇଥିଲା ଅନିୟନ୍ତ୍ରିତ । ମଞ୍ଜୁ ଅଛି, ଅଥଚ ତା' ସହିତ ମୋର ବାର୍ତ୍ତାଳାପ, ପତ୍ରାଳାପ ବା କୌଣସି ସଂଯୋଗ ରହି ପାରୁନାହିଁ- ଏହି ଅଭାବ ମୋତେ ଅଚିନ୍ତନୀୟ ଭାବରେ ବେଦନାକ୍ତ କରିଦେଇଥିଲା ।

ମୁଁ କ'ଣ ଆଉ ଜାଣିଥିଲି ଯେ ଅଖିଳମୋହନ ପଟ୍ଟନାୟକ ମୋତେ କେନ୍ଦ୍ରକରି 'ଡିମିରିଫୁଲ' ନାମକ ଗଳ୍ପଟିଏ ଲେଖିବେ ବୋଲି । ବାସ୍ତବରେ ସେହି ଗପଟିକୁ ନିବିଷ୍ଟ ଚିତ୍ତରେ ପଢ଼ି ସାରିବା ପରେ ମୁଁ ଜାଣି ପାରିଲି ଯେ ପ୍ରକୃତ ନିଷ୍ଠୁର ବାସ୍ତବତାଟି କି ଭୟଙ୍କର ।

ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ଅଖିଳମୋହନ ପଟ୍ଟନାୟକଙ୍କ ଗଳ୍ପାଦର୍ଶ ସଂପର୍କରେ ସଚେତନ ଥିବେ ସେମାନେ ନିଶ୍ଚୟ ଜାଣିଥିବେ ଯେ ଅଖିଳମୋହନ ତାଙ୍କ ଗଳ୍ପସବୁରେ ଅଭିଜାତ ବର୍ଗର ମଣିଷମାନଙ୍କୁ ଲେଖିଛନ୍ତି । ଏହାର କାରଣ ମଧ୍ୟ ସେ ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି ଯେ- ଏହି ଅଭିଜାତ ଗୋଷ୍ଠୀ ସହିତ ମୋର ସଂପର୍କ

ଅତି ନିବିଡ଼ । ସେଥିପାଇଁ ସେମାନଙ୍କୁ ନେଇ ଗଳ୍ପରଚନାରେ ପ୍ରବୃତ୍ତ ହୋଇଛି ମୁଁ । ଯଦି ସମାଜର ଅବହେଳିତ ଓ ଉପେକ୍ଷିତ ଦାରିଦ୍ର୍ୟ ନିପୀଡ଼ିତ ମଣିଷ ଚରିତ୍ରକୁ ନେଇ ମୁଁ ଲେଖିଥା'ନ୍ତି ଗଳ୍ପ, ତାହା ହୋଇଥା'ନ୍ତା ଛଳନା ମାତ୍ର ।

ଅଖିଳ ମୋହନଙ୍କ ବକ୍ତବ୍ୟର ଏହି ସାରାଂଶ ପ୍ରମାଣିତ କରିଦିଏ ଯେ ସକଳ ଛଳନା ଓ କୃତ୍ରିମ ସହାନୁଭୂତି ପ୍ରକଟନ ଠାରୁ ସେ ଥିଲେ କେତେ ଊର୍ଦ୍ଧ୍ୱରେ । କବି ଲେଖକ, ଗାଳ୍ପିକ, ନାଟ୍ୟକାର-ଏମାନେ ସମସ୍ତେ ସେମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହୋଇଥାନ୍ତି, ଯେଉଁମାନେ ସାମାଜିକ ସ୍ତରରେ ନିମ୍ନ ଶ୍ରେଣୀର ବୋଲି ପରିଗଣିତ, ଲାଞ୍ଛିତ ଓ ଅପମାନିତ । ଏହି ବର୍ଗର ଚରିତ୍ରମାନଙ୍କୁ କେନ୍ଦ୍ରକରି ଗଳ୍ପ ଲେଖା ହୋଇନାହିଁ । ତାହା ମଧ୍ୟ ସ୍ରଷ୍ଟା ଅନ୍ତରର ମମତା-ସ୍ପର୍ଶରେ ହୋଇପାରିଛି ରସୋତ୍ତୀର୍ଣ୍ଣ । କିନ୍ତୁ ଏବେ ମନରେ ଆଉ ଏକ ପ୍ରଶ୍ନ ଉଠୁଛି ଯେ ନିମ୍ନଶ୍ରେଣୀର ଚରିତ୍ରମାନଙ୍କୁ ଅଧିକ ମାତ୍ରାରେ ରୂପାୟନ କରିବା ଦ୍ୱାରା ଉଚ୍ଚଶ୍ରେଣୀର ମଣିଷଙ୍କ ଅନ୍ତର୍ବେଦନା କ'ଣ ଅବହେଳିତ ହୋଇ ରହି ଯାଉନାହିଁ ? ସତକୁ ସତ କହିଲେ ଏହି ଉପେକ୍ଷିତ ଅଭିଜାତ ଶ୍ରେଣୀର ଚରିତ୍ରମାନଙ୍କ ପ୍ରତି ଆନ୍ତରିକ ସମ୍ବେଦନା ପ୍ରକାଶ କରି ଅଖିଳମୋହନ ଏକ କାରୁଣ୍ୟମୟ ଓ କରୁଣାପୂର୍ଣ୍ଣ ପୃଷ୍ଠାଟିଏ ସଂଯୁକ୍ତ କରିଦେଇଛନ୍ତି ଓଡ଼ିଆ ଗଳ୍ପରଚନା ଧାରାରେ । ଅଭିଜାତ ମଣିଷ ବି ଯେ ହୋଇପାରେ ଅବହେଳିତ, ଏହାର ଦୃଷ୍ଟାନ୍ତ ହେଉଛି 'ଡିମିରିଫୁଲ' ପରି ଆଉ ଅନେକ ଗଳ୍ପ ।

ମୁଁ ମଞ୍ଜୁର ମାଆ । ଆମର କୌଣସି ଅର୍ଥାଭାବ ନାହିଁ । ଆମଘର ଆଧୁନିକ ରୁଚିସମ୍ପନ୍ନ । ଏହାର ବର୍ଣ୍ଣନା ମଧ୍ୟ ଗାଳ୍ପିକ ଦେଇଛନ୍ତି ଜୀବନ୍ତ ଭାବରେ । ଏ ଗଳ୍ପର ନାୟକ ଅଶୋକ ଯେତେବେଳେ ନିଜ ରହୁଥିବା ହୋଟେଲକୁ ଫେରି ଆସୁଛନ୍ତି ରାସ୍ତାରେ ଦେଖିଛନ୍ତି ଉତ୍ତର ଦିଗରୁ ଘୋଟି ଆସିଛି କଳାମେଘ, ବହିଛି ପ୍ରବଳ ବେଗରେ ପବନ, ପଡ଼ିବାକୁ ଆରମ୍ଭ କରିଛି ବଡ଼ବଡ଼ ବର୍ଷା ଟୋପା । ବର୍ଷା ଓ ପବନରୁ ରକ୍ଷା ପାଇବା ସକାଶେ ସେ ଆମ ଘରର ବାରଣ୍ଡାରେ ନେଇଛନ୍ତି ଆଶ୍ରୟ ଓ ଲାଭ କରିଛନ୍ତି ଅଶ୍ୱସ୍ତି ଆମ ଘରର ସେହି ବାରଣ୍ଡାଟି ମଧ୍ୟ ଅତ୍ୟନ୍ତ ଲୋଭନୀୟ ରୁଚିରେ ସୁସଜ୍ଜିତ । ମସୃଣ ପ୍ରଶସ୍ତ ମଜାଇକ୍‌ର ମେଜିଆ ଉପରେ ଚାରିଖଣ୍ଡ ବେତବୁଣା ବାସ୍କେଟ୍ ଚୌକି ତାହାର ସୌନ୍ଦର୍ଯ୍ୟକୁ ବଢ଼ାଇ ଦେଉଛି । କାନ୍ଥରେ ପାଲିସ୍ କରା ଶାଗୁଆନ କାଠର ନାମଫଳକ । ତଳକୁ ଛୋଟ ଗୋଟିଏ ଚିଠି ବାକ୍ସ । ପୋର୍ସିଲେନର କୁଣ୍ଡରେ ଛୋଟ ଛୋଟ କେତୋଟି ଦୁଷ୍ପ୍ରାପ୍ୟ କାକ୍‌ଟସ୍ । ଏସବୁ କଥା ମୁଁ କାହିଁକି ବର୍ଣ୍ଣନା କରୁଛି ବୋଲି ଆପଣ ଭାବୁଥାଇ ପାରନ୍ତି । ତେଣୁ କଥାଟିକୁ ଆଉ ଟିକିଏ ସ୍ପଷ୍ଟ କରିଦିଏ । ମୋର କହିବାର ଲକ୍ଷ୍ୟ ହେଲା ଘାସ ପୁଆଳରେ ତିଆରି କୁଡ଼ିଆ ଭିତରେ ଦାରିଦ୍ର୍ୟ ବରଣ କରି ଯେଉଁମାନେ ବଂଚନ୍ତି ସେମାନଙ୍କ ଭିତରେ ଯେପରି ଅବର୍ଣ୍ଣନୀୟ ଦୁଃଖ ଆଉ ଅଭାବ ରହିଥାଏ, ଏଇ ସୁଚିହ୍ନର ସୁଦୃଶ୍ୟ ରୁଚିସମ୍ପନ୍ନ ଆଧୁନିକ ଘର ଭିତରେ ଥିବା ମଣିଷମାନଙ୍କ ଅନ୍ତଃସ୍ଥଳରେ ଠିକ୍ ସେହିପରି ଅଦୃଶ୍ୟ ଭାବରେ ରହିଥାଏ କେତେ ଅବ୍ୟକ୍ତ ଲୋତକ ଓ ହୃଦୟଭରା କୋହ । ଏହାକୁ ନିରୀକ୍ଷଣ କରିବା କ'ଣ ଉଚ୍ଚକୋଟୀର ଲେଖକମାନଙ୍କ ଉଦ୍ଦେଶ୍ୟ ବାହାରେ ? ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ଯେମିତି ଆମ ସମାଜରେ ଦଳିତବର୍ଗ ରହିଛନ୍ତି, ସେହିପରି ଧନଶାଳୀ ପ୍ରତିପତ୍ତିଶାଳୀ, ସୁରୁଚିସମ୍ପନ୍ନ ଅଭିଜାତ ପରିବାରରେ ମାନସିକ ସ୍ତରରେ ବେଦନାହତ ମଣିଷଙ୍କ ସଂଖ୍ୟା ମଧ୍ୟ ଆଦୌ କମ୍ ନୁହେଁ । ଏହି ପ୍ରକାର ମଣିଷକୁ ଆଉ ଏକ 'ଦଳିତ' ବର୍ଗର ଆଖ୍ୟା ଯଦି ଦିଆଯିବ ତା'ହେଲେ ତାହା କ'ଣ ଅଯଥାର୍ଥ ହେବ ? ଅଖିଳ ମୋହନ ତେଣୁ ଅତ୍ୟନ୍ତ ସମଭାବାପନ୍ନ ଚିତ୍ତରେ ଏହି ଚରିତ୍ରମାନଙ୍କୁ ପ୍ରାଣବନ୍ତ ଭାବରେ ପ୍ରକଟିତ କରିଛନ୍ତି ପ୍ରଭାବଶାଳୀ ରୂପରେ ।

ମୋ ଝିଅ ମଞ୍ଜୁ । ମୋର କେତେ ଆଶା ଥିଲା ସେ ଆହୁରି ଅଧିକ ପଢ଼ିବ, ଜାଣିବ, ଦେଖିବ, ବୁଲିବ ଓ ନିଜ ଭବିଷ୍ୟତକୁ କରିଦେଇପାରିବ ସ୍ୱପ୍ନମୟ । ମାତ୍ର ତା'ର ଅକାଳ ନିଧନ ସେହି ସମସ୍ତ ସମ୍ଭାବନାକୁ ଅଚିରେ ଧୂଳିସାତ କରିଦେଇଛି । ତା' ସହିତ ଆମ ଦୁଇ ସ୍ୱାମୀ ସ୍ତ୍ରୀଙ୍କୁ ନିକ୍ଷେପ କରିଛି ନିଃସୀମ ନିଃସଙ୍ଗତା ମଧ୍ୟରେ । ମଞ୍ଜୁର ଆକ୍ସିଡେଣ୍ଟ୍ ବିଷୟରେ ମୁଁ ଜାଣି ପାରିଥିଲେ କ'ଣ ଧୈର୍ଯ୍ୟ ଧରି ରହି ପାରିଥା'ନ୍ତି । ମାଆର ହୃଦୟ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସବୁଠି ସମାନ ତ ନିଶ୍ଚୟ । ଜଣେ ଆର୍ଥିକ ଅଭାବଗ୍ରସ୍ତ ମାଆର କନ୍ୟା-ବିୟୋଗ ତାକୁ ଯେତିକି ପୀଡ଼ାଗ୍ରସ୍ତ କରେ ଅଭିଜାତ ସମ୍ଭ୍ରାନ୍ତ ଘରର ମାଆଟିଏ ମଧ୍ୟ ସେହିପରି କ୍ରନ୍ଦନ କରୁଥାଏ ନିଜ ଆତ୍ମା ମଧ୍ୟରେ । ତେଣୁ ଏଭଳି ସ୍ଥଳରେ ଲେଖକ ଯେଉଁ ସମ୍ବେଦନା ପ୍ରକାଶ କରିଛନ୍ତି ତାହା କେବଳ ଧନୀକ ଗୋଷ୍ଠୀ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ନୁହେଁ । ଶ୍ରେଷ୍ଠ ଲେଖକଟିଏ ନା ଧନୀକୁ ଲେଖେ ନା ଗରିବକୁ! ସେ ସେମାନଙ୍କୁ ହିଁ ଲେଖେ, ଯେଉଁମାନେ ହେଉଛନ୍ତି ଦୁଃଖାକ୍ରାନ୍ତ, ଅସହାୟ, ଭାଙ୍ଗି ପଡୁଥିବା ଅସହାୟ ମଣିଷ । ଅଖିଳମୋହନ ନିଦା ମାତୃତ୍ୱର ଆର୍ଦ୍ରତାକୁ ହିଁ ଚିତ୍ରଣ କରିଛନ୍ତି ଅସାମାନ୍ୟ ଅନ୍ତର୍ଦୃଷ୍ଟି ନେଇ ।

ଏ ଗଳ୍ପର ଶୀର୍ଷକ ସେ ରଖିଲେ ପ୍ରତୀକାତ୍ମକ ଭାବରେ 'ଡିମିରିଫୁଲ' । ଡିମିରିଫୁଲକୁ ଏ ସଂସାରରେ କିଏ କେବେ ଦେଖିଛି କି ? ଡିମିରିଫଳ ସମସ୍ତଙ୍କ ଦୃଷ୍ଟି ପଥାରୂଢ଼ ହୋଇପାରେ । ମାତ୍ର ଏହା ପଶ୍ଚାତ୍‌ରେ ରହିଛି ଅଦୃଶ୍ୟ ଡିମିରିଫୁଲର ଯେଉଁ ବେଦନା ଜର୍ଜରିତ ଆତ୍ମା, ତାକୁ ଦେଖିପାରନ୍ତି କେତେଜଣ ? ଲେଖିଜାଣନ୍ତି ପୁଣି କେତେ ଲେଖକ ? ସମଦୁଃଖୀ ହୋଇପାରନ୍ତି କେତୋଟି ମାନବ-ପ୍ରାଣ ? ଅସଲରେ କହିଲେ ଏ ଡିମିରିଫୁଲ ଆଉ କେହି ନୁହେଁ, ସେ ହେଉଛି ମୁଁ ନିଜେ । ମୋ ଭିତରେ ରହିଥିବା ଅଦୃଶ୍ୟ ଆବେଗ ଅସହାୟତାକୁ ରୂପ ଦେବା ଲାଗି ଏପରି ସମ୍ପୂର୍ଣ୍ଣ ଉପଯୁକ୍ତ ଏକ ନାମ ଚୟନ କରିଛନ୍ତି ଲେଖକ । ଗଳ୍ପର ଶେଷରେ ଫ୍ଲାଇଟ୍‌ରେ ବସି ସଞ୍ଜୟ ବୋଲି ଯାହାଙ୍କୁ ମୁଁ ଭାବୁଥିଲି ସେହି ଅଶୋକ ଆମ ସ୍ୱାମୀ ସ୍ତ୍ରୀଙ୍କୁ ବର୍ଣ୍ଣନା କରିଛନ୍ତି ନିଷ୍ଠୁର ସୃଷ୍ଟିର ଦୁଇଟି ନିଃସଙ୍ଗ ଅଭିଶପ୍ତ ମନୁଷ୍ୟ ପିତୁଳା ବୋଲି । ବାସ୍ତବିକ ଏ ସୃଷ୍ଟି ସତକୁ ସତ କେତେ ନିଷ୍ଠୁର ତାହା ନିବିଷ୍ଟ ଚିତ୍ତରେ କ୍ଷଣେ ନିରୀକ୍ଷଣ କଲେ ବି ଯେକେହି ଦରଦୀ ବ୍ୟକ୍ତି ଅନୁଭବ କରି ପାରିବେ । ସେହିପରି ଚହଟ ଚିକ୍କଣ ଦିଶୁଥିବା ମଣିଷଙ୍କ ମେଳରେ ଆମେ ଯେ ହୋଇପାରୁ ଅଭିଶପ୍ତ ପିତୁଳା ମାତ୍ର- ଏ କଥା ଅଖିଳମୋହନ ଯେମିତି ଜାଣି ପାରିଛନ୍ତି, ଆପଣମାନେ ମଧ୍ୟ ତାହା ଦେଖି ପାରୁଥିବେ ନିଶ୍ଚୟ । 'ଓମର ରୁବାୟତ' ଲେଖିଥିବା କବି ଓମାର୍ ଖୋୟାମ୍ ଯେପରି ବିଶ୍ୱବିଧାତା ହାତରେ କ୍ରୀଡ଼ନକ ମାତ୍ର ହେଉଛି ମଣିଷ ବୋଲି ବର୍ଣ୍ଣନା କରିଛନ୍ତି, ତାହାର ସାରମର୍ମ ମୋ ଭଳି ଚରିତ୍ରକୁ ନେଇ ବିଚାର କରା ଯାଇପାରେ । ମୋ ମାତୃପ୍ରାଣ ଅବରୁଦ୍ଧ କୋହ ଓ ଲୁହକୁ ସଂକେତାତ୍ମକ ଅଭିବ୍ୟକ୍ତି ପ୍ରଦାନ କରିବା ମହାନ ସ୍ରଷ୍ଟା ଅଖିଳ ମୋହନଙ୍କୁ ବିନୀତ କୃତଜ୍ଞତା ନିବେଦନ କରୁଛି ଓ ଯେଉଁ ମରମୀ ପାଠକ ପାଠିକା ଆମ ଦୁଃଖ ସହିତ ହୋଇଛନ୍ତି ଏକାତ୍ମ, ତାହାଙ୍କୁ ମଧ୍ୟ ଜଣାଉଛି କୋଟି ପ୍ରଣାମ । ବାହାରକୁ ନଦେଖି ସମସ୍ତଙ୍କ ଭିତରେ ପ୍ରଚ୍ଛନ୍ନ ହୋଇରହିଥିବା ମଣିଷଟିକୁ ଧ୍ୟାନସ୍ଥ ଚିତ୍ତରେ ନିରୀକ୍ଷଣ କରିବା ପାଇଁ ମୋର ଏହା ଏକ ଅଶ୍ରୁସ୍ନାତ ନିବେଦନ ।

ମୁଁ ତ ସମସ୍ତଙ୍କ ପ୍ରତି କୃତଜ୍ଞ । କିନ୍ତୁ ଗୋଟିଏ ଅପ୍ରିୟ ସତ୍ୟ କହିଦେବି କି ଆପଣଙ୍କୁ ? ମୋ ମଞ୍ଜୁ ବଞ୍ଚି ରହିଛି ବୋଲି ମୁଁ ଥିଲି ଆଶ୍ୱସ୍ତ ଯଦିଓ ମଝିରେ ମଝିରେ ତାକୁ ନେଇ ପ୍ରକାଶ କରୁଥିଲି ମୋର ଉଦ୍‌ବେଗ । ଏ ଗଳ୍ପଟି ପଢ଼ିବା ପରେ ଯେଉଁ ନିଷ୍ଠୁର ସତ୍ୟଟି ପ୍ରତିଭାତ ହୋଇଉଠିଲା ମୋ ଆଗରେ, ତାକୁ ଦେଖି ମନେ ହେଉଛି ମୁଁ ଯଦି ସେହି ମିଛ ବିଶ୍ୱାସରେ ବଞ୍ଚିରହିଥା'ନ୍ତି ତାହା ମୋତେ ଦେଇଥାନ୍ତା ଗଭୀର ତୃପ୍ତି । ସତ୍ୟ ମୋ ମସ୍ତିଷ୍କ ଓ ହୃଦୟ-ବୀଣାର ସୂକ୍ଷ୍ମ ତାର ସବୁକୁ କରିଦେଲା ଛିନ୍ନଭିନ୍ନ । ମିଥ୍ୟା ମୋତେ ଦେଇଥିଲା ଅବର୍ଣ୍ଣନୀୟ ଏକ ଭାରସାମ୍ୟ । ଲେଖକ ଏ ସୃଷ୍ଟିକୁ ନିଷ୍ଠୁର ବୋଲି ବର୍ଣ୍ଣନା କରିବା ତ ନିଶ୍ଚୟ ଏକ କଠୋର ସତ୍ୟୋଚ୍ଚାରଣ । କିନ୍ତୁ ଲେଖକ ଯେ ପ୍ରକାଶ କରିଦେଲେ ମଞ୍ଜୁର ଅବର୍ତ୍ତମାନତାର ରହସ୍ୟକୁ ଆଉ ମୋତେ କଲେ ଅଶ୍ରୁଦଗ୍ଧ- ସେ କ'ଣ କମ୍ ନିଷ୍ଠୁର ?

# ବାଜେ ବଇଁଶୀ

● ରୂପାୟନ : ରଶ୍ମି ଦେବଗନ
● କାଲିଗ୍ରାଫି : ବିଶ୍ୱାଳ ସୁଧାକର



# ମୋହନ ବଂଶୀ

**ଶ୍ୱେତା ରାଉତ**
ରାଉତ କମ୍ପ୍ଲେକ୍ସ, କଟକ ରୋଡ଼
ଭୁବନେଶ୍ୱର-୭୫୧୦୦୬
ଫୋନ:୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଲେଖିକା





▲ ଲେଖିକା ଶ୍ୱେତା ରାଉତ

ଜୀବନ ଗୋଟେ ଛଳଛଳ ସଙ୍ଗୀତ । ଏ ସଙ୍ଗୀତ ଆହୁରି ମଧୁର ଲାଗେ ଯେତେବେଳେ ତା' ସହିତ ଯୋଡ଼ି ହୋଇଯାଏ ମୂର୍ଚ୍ଛନା । ସେ ସଙ୍ଗୀତର ମୂର୍ଚ୍ଛନାକୁ ଜୀବନ୍ତ କରେ ବାଦ୍ୟ । ସତ କହିଲେ, ବାଦ୍ୟ ଯନ୍ତ୍ରର ତାଳ, ସ୍ୱର, ଲୟ ଆମକୁ ଉଲ୍ଲସିତ କରେ କି ନାହିଁ ! ନିଶ୍ଚୟ କରେ । ବାଦ୍ୟଯନ୍ତ୍ରଟିଏ ବାଜିଉଠିଲେ ଆପେ ଆପେ ହାତ ପାଦ ଚଳଚଞ୍ଚଳ ହୋଇଉଠେ । ମୁହଁରୁ ଗୁଣୁଗୁଣୁ ହୋଇ ସଙ୍ଗୀତ ଝରିପଡ଼େ । ଆତ୍ମା ପଲ୍ଲବିତ ହୋଇଯାଏ । ଏହା କହିବା ବାହୁଲ୍ୟ ଯେ ଏ ବାଦ୍ୟ ଆମ ସଭ୍ୟତାକୁ କେବେ ଆସିଲା ଓ କାହିଁକି । ନିଶ୍ଚିତ ଭାବେ ବହୁ ପୁରାତନ ସଭ୍ୟତାରୁ ଏହାର ପ୍ରଚଳନ ଥିବ । ସଙ୍ଗୀତର ଧ୍ୱନି ସୃଷ୍ଟି କରବା ଉଦ୍ଦେଶ୍ୟରେ ବ୍ୟବହୃତ ବସ୍ତୁକୁ ବାଦ୍ୟଯନ୍ତ୍ର କୁହା ଯାଉଥିବ । ଜୀବଜନ୍ତୁଙ୍କ ହାଡ଼, ଚମଡ଼ା, କାଠ ଓ ଅନ୍ୟାନ୍ୟ ନଷ୍ଟ ହୋଇଯାଉଥିବା ବସ୍ତୁରୁ ମନୁଷ୍ୟ ବାଦ୍ୟଯନ୍ତ୍ର ତିଆରି କରୁଥିବ । ଠିକ୍ ସେମିତି ଏହି ବାଦ୍ୟଯନ୍ତ୍ରମାନଙ୍କ ଭିତରେ ବାଉଁଶରେ ତିଆରି ହୋଇଥିବା ଗୋଟେ ଆଶ୍ଚର୍ଯ୍ୟ ଅଲୌକିକ ବାଦ୍ୟଯନ୍ତ୍ରର ନାଁ ହେଉଛି 'ବଂଶୀ' । କୁହାଯାଏ ବାଦ୍ୟଯନ୍ତ୍ରର ଉତ୍ପତ୍ତି ୬୭୦୦୦ ବର୍ଷ ତଳେ ହୋଇଥିବା ବେଳେ, ବଂଶୀର ବୟସ ପାଖାପାଖି ୩୭୦୦୦ ରୁ ୪୩୦୦୦ ବର୍ଷ । ଦ୍ୱାପର ଯୁଗର ଅବତରି ଈଶ୍ୱର ପ୍ରଭୁ ଶ୍ରୀକୃଷ୍ଣଙ୍କର କରକମଳରେ ସର୍ବଦା ଶୋଭା ପାଉଥିବା 'ବଂଶୀ'ର ବାଦନ ଶୁଣିଲେ କ୍ରମାନ୍ୱୟରେ ଉଚ୍ଚାଟନ, ସ୍ତମ୍ଭନ, ବଶୀକରଣ ଓ ମୋହନ ଏହି ଚାରି ଅବସ୍ଥା ଜାତ ହୁଏ ବୋଲି ପୁରାଣରେ ବର୍ଣ୍ଣିତ ଅଛି । ଏହି ଅବସ୍ଥା ଅନୁସାରେ ଗୋପକନ୍ୟାମାନଙ୍କର ବିଭିନ୍ନ ଶ୍ରେଣୀ ବିଭାଗ କରାଯାଇଛି ଯଥା- ବେଦକନ୍ୟା, ଦେବକନ୍ୟା, ମୁନିକନ୍ୟା ଓ ବଜ୍ରକନ୍ୟା । ଶ୍ରୀ ଜଗନ୍ନାଥଙ୍କ ଗୀତ ଗୋବିନ୍ଦରେ ବଂଶୀକୁ ନେଇ ଲେଖା ଅଛି – "ପ୍ରଥମେ ବଂଶୀ ଉଚ୍ଚାଟନ, ପ୍ରକାଶ ବେଦକନ୍ୟାଗଣ, ସ୍ତମ୍ଭନ ନାଦେ ବଂଶୀ ଶୁଣି, ଉଦିତ ଦେବତା ନନ୍ଦିନୀ, ବଶୀକରଣ ନାଦେ ବଂଶୀ, ତହୁଁ ସମ୍ଭୁତ ମୁନି ଅଂଶୀ, ମୋହନ ନାଦେ ଯେ ମୂରଲୀ, ତହୁଁ ବିଦିତ ବଜ୍ରବାଳୀ- ଭୂପତି ପ୍ରେମପଞ୍ଚାମୃତ ।" ଗୀତଗୋବିନ୍ଦରେ ଶ୍ରୀକୃଷ୍ଣଙ୍କ ଆଉ ଏକ ପଂକ୍ତି ଲେଖାଅଛି: "କରତଳତାଳ ବଳୟା ବଳିତ କଳଶୂନ୍ୟ ବଂଶେ / ରାସରସେ ସହନୃତ୍ୟ ପରା ହରିଣା ଯୁବତିଃ ପ୍ରଶସସେ ।"

ସଂସାରକୁ ଅନେକ କିଛି ସଙ୍କେତ ଓ ଯଥାର୍ଥତା ପ୍ରଦାନ ଉଦ୍ଦେଶ୍ୟରେ ପ୍ରଭୁ ଶ୍ରୀକୃଷ୍ଣ ସର୍ବଦା ବଂଶୀ ଧାରଣ କରିଥାନ୍ତି । 'ବଂଶୀ'ର ପ୍ରଚଳନ ଖ୍ରୀଷ୍ଟିୟ ଦଶମ ଓ ଏକାଦଶ ଶତାବ୍ଦୀ ପୂର୍ବରୁ ବୋଲି ଅନୁମାନ କରାଯାଏ । ଗଙ୍ଗରାଜତ୍ୱ ସମୟରେ ଯେଉଁ ଗୋପୀନାଥ କୃଷ୍ଣ ଓ ବିଷ୍ଣୁ ମୂର୍ତ୍ତିର ପ୍ରଚଳନ ଓଡ଼ିଶା ମୂର୍ତ୍ତିତତ୍ତ୍ୱରେ ଦେଖାଯାଏ, ସେଥିରେ ଶ୍ରୀକୃଷ୍ଣଙ୍କ ହସ୍ତରେ 'ବଂଶୀ'ର ଅବସ୍ଥିତି ଦେଖିବାକୁ ମିଳେ । ଦ୍ୱାପରରେ କୃଷ୍ଣାବତାରରେ ପ୍ରଭୁ ଶ୍ରୀକୃଷ୍ଣ ତାଙ୍କର ଗୋପଲୀଳାରେ ସର୍ବଦା ବଂଶୀକୁ ଅତିବ ଗୁରୁତ୍ୱ ଦେଇଛନ୍ତି । ଗୋପାଳ ପିଲାମାନଙ୍କ ସହିତ ଖେଳିବା ସମୟରେ, ଅରଣ୍ୟରେ ଗାଈ ଚରେଇବା ସମୟରେ, ଗୋପ ଯୁବତୀମାନଙ୍କୁ ସମ୍ମୋହନ ଉଦ୍ଦେଶ୍ୟରେ, ଯମୁନା ଘାଟରେ ହୁନ୍ଦର କଲା ସମୟରେ, କ୍ରୀଡା-କୌତୁକ ସମୟରେ ଏବଂ ପ୍ରିୟତମା ରାଧାଙ୍କ ପ୍ରେମରେ ସମର୍ପିତ ହୋଇ ନିଜର ରାସକେଳୀ ସମୟରେ ସର୍ବଦା ଶ୍ରୀକୃଷ୍ଣ ବଂଶୀବାଦନ କରି ସଂସାରକୁ ମଧୁର ମୂର୍ଚ୍ଛନାର ଅନୁଭବ କରାଇଛନ୍ତି ।

## ବଂଶୀର ଉତ୍ପତ୍ତି ଓ ପ୍ରକାର

ପୁରାଣ କହେ ଦ୍ୱାପର ଯୁଗରେ ଯେତେବେଳେ ଶ୍ରୀକୃଷ୍ଣ ଜନ୍ମନେଲେ, ସମସ୍ତ ଦେବୀ ଦେବତା ନିଜର ବେଶ ବଦଳାଇ ଶ୍ରୀକୃଷ୍ଣଙ୍କୁ ଭେଟିବାକୁ ଆସିଲେ । ମହାଦେବ ଶିବ ବା କେମିତି ରହି ପାରିଥାନ୍ତେ, ତେଣୁ ସେ ମଧ ପ୍ରଭୁଙ୍କ ଦର୍ଶନ ପାଇଁ ଇଚ୍ଛା ପ୍ରକଟ କରି ସାଙ୍ଗରେ କିଛି ଉପହାର ନେଇ ଆସିବାକୁ ମନସ୍ଥ କଲେ । ମହାଦେବ ଚାହୁଁଥିଲେ ଏମିତି କିଛି ଉପହାର ଦେବେ ଯାହା ସର୍ବଦା କୃଷ୍ଣଙ୍କ ପାଖରେ ରହିବ । ତେଣୁ ସେ ଏମିତି କ'ଣ ଉପହାର ଦେବେ ଚିନ୍ତା କଲାବେଳେ, ତାଙ୍କର ମନେପଡ଼ିଲା ଋଷି ଦଧିଚିଙ୍କର ମହାଶକ୍ତିଶାଳୀ ହାଡ଼ ତାଙ୍କ ପାଖରେ ପଡ଼ି ରହିଛି । ଋଷି ଦଧିଚି ଜଣେ ମହାନ୍ ଋଷି ଯିଏକି ଧର୍ମ ପାଇଁ ନିଜର ଜୀବନ ତ୍ୟାଗିଥିଲେ ଏବଂ ନିଜର ପରମ ଶକ୍ତିଶାଳୀ ହାଡ ସବୁକୁ ଦାନ କରିଦେଇଥିଲେ । ସେହି ହାଡ଼ରୁ ଭଗବାନ ବିଶ୍ୱକର୍ମା ତିନୋଟି ଧନୁ ଯଥା- ପିନାଗ, ଗାଣ୍ଡିବ, ସାରଙ୍ଗ ତଥା ଇନ୍ଦ୍ର ପାଇଁ ବଜ୍ର ଧନୁର ନିର୍ମାଣ କରିଥିଲେ । ମହାଦେବ ଶିବ ସେହି ହାଡ଼କୁ ଘଷି ଏକ ସୁନ୍ଦର ବଂଶୀର ନିର୍ମାଣ କରିଥିଲେ ଓ ଯେତେବେଳେ କୃଷ୍ଣଙ୍କୁ ଭେଟିବାକୁ ଗଲେ, ଏକ ସମ୍ମୋହକ ଅସ୍ତ୍ର ଭାବେ ଶ୍ରୀକୃଷ୍ଣଙ୍କୁ ଭେଟି ସ୍ୱରୂପ ପ୍ରଦାନ

କରିଥିଲେ ।

ଅନ୍ୟ ଏକ କିମ୍ବଦନ୍ତୀ କହେ, କୌଣସି କାରଣରୁ ମାତା ସରସ୍ୱତୀଙ୍କୁ ବ୍ରହ୍ମାଙ୍କର ଅଭିଶାପ ଯୋଗୁଁ ପୃଥିବୀରେ ବାଉଁଶ ଗଛ ଭାବେ ଅବତରଣ ହେବାକୁ ପଡ଼ିଲା । କିନ୍ତୁ ଯେହେତୁ ମାତା ସରସ୍ୱତୀ ଭଗବତ ପ୍ରାପ୍ତି ତପସ୍ୟାର ସିଦ୍ଧି ପ୍ରାପ୍ତ କରିଥିଲେ ଏବଂ ଭଗବାନ ବିଷ୍ଣୁଙ୍କ ତାଙ୍କୁ ସର୍ବଦା ନିଜ ସହଚରୀ ଭାବେ ରଖିବାକୁ ବରଦାନ ଦେଇଥିଲେ । ତେଣୁ ଶ୍ରୀକୃଷ୍ଣ ଅବତାରରେ ଭଗବାନ ବିଷ୍ଣୁ ସର୍ବଦା ନିଜ ପାଖରେ ବାଉଁଶରେ ତିଆରି ବଂଶୀ ରଖୁଥିଲେ । ସେଥିପାଇଁ ତାଙ୍କୁ ବଂଶୀଧର କୁହାଯାଏ । ବଂଶୀର ଉତ୍ପତ୍ତିକୁ ନେଇ ଆମକୁ ଅନ୍ୟ ଏକ ପୌରାଣିକ ଆଖ୍ୟାନ ମଧ୍ୟ ଜାଣିବାକୁ ମିଳେ ।

ବ୍ରହ୍ମାଙ୍କ ଯଜ୍ଞକୁଣ୍ଡରୁ ଜାତ ବାଉଁଶ ଗଛ ଶକ୍ତି ଓ ଦୀର୍ଘାୟୁର ପ୍ରତୀକ । ଯେକୌଣସି ପରିସ୍ଥିତି ହେଉନା କହିଁକି ବାଉଁଶ ସର୍ବଦା ସିଧା ଛିଡ଼ା ହୋଇଥାଏ । ସେଥିପାଇଁ ଶ୍ରୀକୃଷ୍ଣ ବଂଶୀ ତିଆରି ପାଇଁ ବାଉଁଶ ଗଛକୁ ପସନ୍ଦ କରିଥିଲେ । ଏହା ପଛରେ ଏକ କାହାଣୀ ଅଛି, ପ୍ରଭୁ ଶ୍ରୀକୃଷ୍ଣ ସବୁଦିନ ଅରଣ୍ୟରେ ବୁଲିବୁଲି ସବୁ ଗଛଲତାଙ୍କ ସୌନ୍ଦର୍ଯ୍ୟକୁ ସ୍ପର୍ଶ କରି ଖୁବ୍ ଆନନ୍ଦ ନିଅନ୍ତି । ପ୍ରଭୁଙ୍କର ସ୍ପର୍ଶ ପାଇ ସବୁ ଫୁଲଗଛ, ତରୁଲତା ପଲ୍ଲବିତ ହୋଇଉଠନ୍ତି । କିନ୍ତୁ ଗୋଟେ ବାଉଁଶ ଗଛ ଶ୍ରୀକୃଷ୍ଣଙ୍କ ସ୍ପର୍ଶ ପାଇବାରୁ ବଞ୍ଚିତ ରହିଯାଏ । ବାଉଁଶ ପ୍ରଭୁଙ୍କର ସ୍ପର୍ଶ ପାଇବାକୁ ଅଧିର ହୋଇ ଦିନେ କୃଷ୍ଣଙ୍କୁ ନିଜର ଦୁଃଖ ଜଣାଇଲା । ତାଙ୍କୁ କୃତାର୍ଥ କରିବାକୁ ଗୁହାରି କଲା । ବାଉଁଶର ଗୁହାରୀ ଶୁଣି ଶ୍ରୀକୃଷ୍ଣ କହିଲେ, "ବାଉଁଶ ଯଦି ତୁମେ ମୋର ସ୍ପର୍ଶ ପାଇ କୃତାର୍ଥ ହେବାକୁ ଚାହୁଁଛ, ମୋତେ ତୁମର ଏକ ଅଙ୍ଗଦାନ କରବାକୁ ପଡ଼ିବ ।" ପ୍ରଭୁଙ୍କ କଥା ଶୁଣି ବାଉଁଶ ଅଙ୍ଗ ଦେବ କ'ଣ ଜୀବନ ବି ନେଇ ଯାଆନ୍ତୁ ବୋଲି ପ୍ରଭୁଙ୍କୁ ଭକ୍ତିଭାବରେ ଗୁହାରି କଲା । ବାଉଁଶର ନିଃସ୍ୱାର୍ଥ ଭଲପାଇବା, ସମର୍ପଣ, ଭକ୍ତିଭାବ ଦେଖି ଶ୍ରୀକୃଷ୍ଣ, ବାଉଁଶର ତ୍ୟାଗ ପାଇଁ ତାକୁ ସଦାସର୍ବଦା ନିଜ ପାଖରେ ରଖିବାର ଆଶୀର୍ବାଦ ଦେଲେ ଏବଂ ଶ୍ରୀକୃଷ୍ଣଙ୍କ ଅଧର ସ୍ପର୍ଶ କଲେ ବାଉଁଶରୁ ସୁନ୍ଦର, ମନମୋହକ ଧ୍ୱନି ଭାବେ ସମଗ୍ର ସୃଷ୍ଟିକୁ ସମ୍ମୋହିତ କରିପାରିବ ବୋଲି ବରଦାନ ଦେଲେ । ସେଥିପାଇଁ ବାଉଁଶ 'ବଂଶୀ' ଭାବରେ ଶ୍ରୀକୃଷ୍ଣଙ୍କ ସହିତ ସବୁବେଳେ ରହିଥାଏ ।

ହରିବଂଶ ଓ ବ୍ରହ୍ମବୈବର୍ତ୍ତ ପୁରାଣ ମତରେ ଏହି ବଂଶୀ ପ୍ରଳୟ କାଳର ବରୁଣଙ୍କ ନିକଟରେ ସଂରକ୍ଷିତ ଥିଲା । ବୃନ୍ଦାବନରେ ଗୋପୀଙ୍କ ସହିତ ରାସଲୀଳା ପାଇଁ ସମ୍ମୋହକ ଅସ୍ତ୍ର ଭାବେ ବ୍ରହ୍ମା ଏହାକୁ କୃଷ୍ଣଙ୍କୁ ପ୍ରଦାନ କରିଥିଲେ । ଏହି ବଂଶୀ ପାଞ୍ଚ ପ୍ରକାରର, ଯଥା- ଅଳାବେଣୀ, ଖୁରଲୀ, ସୁରଲୀ, ମୂରଲୀ ଓ ବଂଶୀ ।



**ଅଣାବେଣୀ:** ପାଞ୍ଚଟି ରନ୍ଧ୍ର ଓ ଦୁଇଯନ୍ତ୍ରଯୁକ୍ତ ହୋଇଥାଏ ଅଳାବେଣୀ ବଂଶୀ । ଶ୍ରୀକୃଷ୍ଣ ଗୋପାଳ ବାଳକଙ୍କ ସହ କ୍ରୀଡ଼ା କୌତୁକ ସମୟରେ ଏହି ବଂଶୀ ବଜାଇଥାନ୍ତି ।

**ସୁରଲୀ :** ବତିଶ ଅଙ୍ଗୁଳ ଦୈର୍ଘ୍ୟ ଓ ପଞ୍ଚରନ୍ଧ୍ର ବିଶିଷ୍ଟ ହୋଇଥାଏ ସୁରଲୀ । ଦୁଇରନ୍ଧ୍ରରେ ଯନ୍ତ୍ରବଦ୍ଧ ଦିଆ ଯାଇଥାଏ । ଯମୁନାଘାଟରେ ନଟନାଗର ଏହି ସୁରଲୀ ବଜାଇ ହୃଦର କରନ୍ତି ।

**ଖୁରଲୀ :** ଆଠ ଅଙ୍ଗୁଳ ବିଶିଷ୍ଟ ଖୁରଲୀରେ ଦଶଗୋଟି ମଣ୍ଡଳାକାର ରନ୍ଧ୍ର ଥାଏ । ଯେତେବେଳେ କୃଷ୍ଣ ଗାଈ ନେଇ ଯାଆନ୍ତି ସେତେବେଳେ ଏହି ଖୁରଲୀ ବଜାଇ ଗାଈମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରି ଠୁଳ କରାଇଥାନ୍ତି ।

**ମୂରଲୀ :** ଭକ୍ତି ରସାମୃତ ସିନ୍ଧୁରେ ଦ୍ୱାଦଶ ଅଙ୍ଗୁଳି ଓ ଛଅଟି ଛିଦ୍ରଯୁକ୍ତକୁ ପରିକାଶ୍ୟ ବେଣୁ, ଦ୍ୱିହସ୍ତ ପରିମିତ ଚାରି ରନ୍ଧ୍ରଯୁକ୍ତକୁ ମନୋହରିଣୀ ମୂରଲୀ କୁହା ଯାଉଥିବା ବେଳେ, କବି ଗୌରାଙ୍ଗଚରଣଙ୍କ ଶ୍ରୀକୃଷ୍ଣ ଲୀଳା କାବ୍ୟରେ ବତିଶ ଅଙ୍ଗୁଳ ଷଡରନ୍ଧ୍ର ବିଶିଷ୍ଟ ଜମ୍ବୁନାଦ ରତ୍ନବନ୍ଧ ଜଡ଼ିତ ବଂଶୀକୁ 'ମୂରଲୀ' କୁହାଯିବାର ଲିପିବଦ୍ଧ ଅଛି ।

**ବଂଶୀ:** ଷୋଳ ଅଙ୍ଗୁଳ ଓ ସପ୍ତରନ୍ଧ୍ରଯୁକ୍ତ । ତିନି ରନ୍ଧ୍ରରେ କଳକ ନଳି ବଶ କରୁଥିବାରୁ ତା'ର ନାମ 'ବଂଶୀ' । ତିନି ସ୍ୱରରେ ବଂଶୀବାଦନ କଲେ ତ୍ରିଭୂବନବାସୀ ମଦନ ଜ୍ୱାଳାରେ ଘାରି ହୁଅନ୍ତି । ଶ୍ରୀକୃଷ୍ଣ ଯେଉଁ ବଂଶୀ ଦ୍ୱାରା ଗୋପୀମାନଙ୍କୁ ବଶୀକରଣ ଭାବ ଜାଗ୍ରତ କରାଉଥିଲେ ତାକୁ 'ବଶୀକରଣ ବଂଶୀ' କୁହାଯାଏ । ଏହା ବାଉଁଶରେ ତିଆରି ସପ୍ତଦଶାଙ୍ଗୁଳ ନଅଟି ଛିଦ୍ରଯୁକ୍ତ ହୋଇଥାଏ । ବାଂଶରେ ତିଆରି ଏହି ବଂଶୀକୁ 'ଆନନ୍ଦିନୀ' ସ୍ୱର୍ଣ୍ଣନିର୍ମିତ ବଂଶୀକୁ 'ଆକର୍ଷିଣୀ' ଓ ମଣିମୟ ବଂଶୀକୁ 'ସମ୍ମୋହନୀ' ବୋଲି କୁହାଯିବାର ପୁରାଣରେ ବର୍ଣ୍ଣିତ ଅଛି । ଶ୍ରୀକୃଷ୍ଣଙ୍କ ବଂଶୀ ବାଦନ ଶୁଣି ଗୋପୀମାନଙ୍କ ମଧରେ ସ୍ତମ୍ଭନ, ମୋହନ, ବଶୀକରଣ ଆଦି ଭାବ ଜାଗ୍ରତ ହେଉଥିଲା । ଏହି ବଂଶୀସ୍ୱନରେ ଶ୍ରୀକୃଷ୍ଣ ତ୍ରିଭୂବନକୁ ମୋହତ କରିପାରୁଥିଲେ । ଏହି ବଂଶୀର ମଧୁର ମୂର୍ଚ୍ଛନା ପ୍ରାଣ ସଞ୍ଚୁରୁଥିଲା । ବାଉଁଶ ନଳୀରେ ନିର୍ମିତ ବଂଶୀ ପ୍ରାୟତଃ ଦୁଇପ୍ରକାର । ଗୋଟିଏ ମୁଣ୍ଡର ରନ୍ଧ୍ରରେ ଫୁଙ୍କିବାକୁ ହେଉଥିବା ବଂଶୀକୁ 'ରାଧାବଂଶୀ' ଏବଂ ପାର୍ଶ୍ୱସ୍ଥ ଛିଦ୍ରକୁ ଓଠପାଖେ ସ୍ପର୍ଶ କରି ସେ ରନ୍ଧ୍ରରେ ତୀର୍ଯ୍ୟଭାବରେ ଫୁଙ୍କୁଥିବା ବଂଶୀକୁ 'କୃଷ୍ଣବଂଶୀ' କୁହାଯାଏ । ବୈଷ୍ଣବମାନଙ୍କ ମତରେ ସୃଷ୍ଟି ଆରମ୍ଭରେ ପିତାମହ ବ୍ରହ୍ମା ଦେବତାଗଣଙ୍କୁ ନେଇ ସହସ୍ର ବର୍ଷ ବ୍ୟାପି ଏକ ଯଜ୍ଞ କରିଥିଲେ । ଯଜ୍ଞଶେଷରେ ସେହି ଯଜ୍ଞକୁଣ୍ଡରୁ ଏକ ବାଂଶ (ବାଉଁଶ ଗଛ) ସୃଷ୍ଟି ହେଲା । ପଚିଶ ପବ ଦୈର୍ଘ୍ୟ ବିଶିଷ୍ଟ ଏହି ବାଂଶରୁ ପ୍ରଥମେ ବିଭିନ୍ନ ଦେବତାଙ୍କ ପାଇଁ ଧନୁ ତିଆରି ହେଲଶ ଯଥା- ନଅ ପବରେ କୋଦଣ୍ଡ ଧନୁ, ସାତ ପବରେ ପିନାକଧନୁ, ପାଞ୍ଚ ପବରେ ସାରଙ୍ଗ ଧନୁ ଓ ତିନି ପବରେ ଗାଣ୍ଡିବ ଧନୁ ନିର୍ମିତ ହେବାପରେ ଶେଷ ଏକ ପବରେ ବେଦବ୍ରହ୍ମା କୃଷ୍ଣାବତାରଙ୍କ ପାଇଁ ଏହି 'ବଂଶୀ' ତିଆରି କରିଥିଲେ ।

ମନରେ ପ୍ରଶ୍ନଉଠେ ଯେଉଁ 'ବଂଶୀ'କୁ ପ୍ରଭୁ ଶ୍ରୀକୃଷ୍ଣ ଏତେ ଭଲ ପାଉଥିଲେ, ନିଜଠୁ କେବେ ଦଣ୍ଡେ ହେଲେ ଦୂର କରୁନଥିଲେ, ଯେଉଁ ବଂଶୀର

ମଧୁର ମୂର୍ଚ୍ଛନାରେ ସମଗ୍ର ଜଗତକୁ ନିଜ ପ୍ରେମରେ ବାନ୍ଧି ରଖୁଥିଲେ, ସେହି 'ବଂଶୀ'କୁ ନିଜ ହାତରେ ଭାଙ୍ଗିଦେଲେ କାହିଁକି !!

## କୃଷ୍ଣ କାହିଁକି 'ବଂଶୀ' ଭାଙ୍ଗିଲେ

ବଂଶୀ ରାଧାକୃଷ୍ଣଙ୍କ ପ୍ରେମର ସର୍ବୋଚ୍ଚ ପ୍ରତୀକ ଥିଲା । ଗୋପ, ବୃନ୍ଦାବନ, ଯମୁନା କୂଳ ଯୁଆଡ଼େ ବି କୃଷ୍ଣ ନିଜର ରାସଲୀଳା ବା କୁଞ୍ଜକେଳିରେ ଶ୍ରୀରାଧାଙ୍କ ସହ ବିଲୀନ ହୋଇଛନ୍ତି ସେଠି ସର୍ବଦା ବଂଶୀ ତାଙ୍କ ସହିତ ସହଚରୀ ଭାବେ ରହି ନିଜର ସମ୍ମୋହନ ସ୍ୱରରେ ଜଗତକୁ ପଲ୍ଲବିତ କରିଛି । କୃଷ୍ଣ ଆଉ ରାଧାଙ୍କ ପ୍ରେମ କାହାଣୀ କିଏ ନଜଣେ । ଜୀବନକୁ ପ୍ରେମର ପରିଭାଷା ଓ ମହତ୍ତ୍ୱ ବୁଝେଇବା ଉଦ୍ଦେଶ୍ୟରେ ପ୍ରଭୁଙ୍କର ପ୍ରେମଲୀଳା ସର୍ବବିଦିତ । ଯେତେବେଳେ କୃଷ୍ଣଙ୍କୁ ମାରିବାକୁ କଂସ, ଗୋପପୁରକୁ ଧ୍ୱଂସ କରିଦେଲା, ଗୋପପୁରବାସୀ କୃଷ୍ଣଙ୍କ ପିତା ନନ୍ଦରାଜାଙ୍କର ମିତ୍ର ରାଧାଙ୍କ ପିତା ବୃଷଭାନୁଙ୍କ ନଗ୍ର ବୃନ୍ଦାବନକୁ ଚାଲି ଯାଇଥିଲେ । ସେଠାରେ ହିଁ ରାଧାକୃଷ୍ଣଙ୍କର ପ୍ରେମ ହୋଇଥିଲା । କଂସକୁ ମାରିବାକୁ ଯେତେବେଳେ କୃଷ୍ଣ ମଥୁରା ଗମନ କଲେ, ଦୁର୍ଭାଗ୍ୟବଶତଃ ରାଧା ଓ କୃଷ୍ଣଙ୍କୁ ଅଲଗା ହେବାକୁ ପଡ଼ିଥିଲା । କିନ୍ତୁ କୃଷ୍ଣ, ରାଧାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଶୀଘ୍ର ଫେରି ଆସିବା ପାଇଁ । ଅନେକ ଦିନ ବିତିଗଲା ପରେ ବି ଶ୍ରୀକୃଷ୍ଣ ଫେରିନଥିଲେ । ଫଳରେ ରାଧାଙ୍କ ପରିବାର ଲୋକ ଯାଦୁଭାନିସ୍‌ଙ୍କ ସହ ରାଧାଙ୍କ ବିବାହ କରାଇ ଦେଇଥିଲେ । କିନ୍ତୁ ରାଧା ସର୍ବଦା ହୃଦୟରେ କୃଷ୍ଣଙ୍କୁ ପ୍ରେମ କରୁଥିଲେ । ସେପଟେ କୃଷ୍ଣ, କଂସକୁ ମାରି ସାରିବା ପରେ ରୁକ୍ମିଣୀଙ୍କୁ ବିବାହ କରିଥିଲେ ଏବଂ ଦ୍ୱାରକା ଭଳି ଏକ ଭବ୍ୟ ମହଲ ତିଆରି କରି ସେଠାରେ ରହିଥିଲେ । ଥରେ ରାଧା, ଶ୍ରୀକୃଷ୍ଣଙ୍କୁ ଭେଟିବା ପାଇଁ ଦ୍ୱାରକା ଯାଇଥିଲେ ଏବଂ ସେଠାରେ ସେ କୃଷ୍ଣଙ୍କ ବିବାହ ବିଷୟରେ ଶୁଣିବାକୁ ପାଇଲେ । ହେଲେ ସେଥିରେ ତିଳେହେଁ ଦୁଃଖିତ ହୋଇନଥିଲେ । ଦ୍ୱାରକାରେ ରାଧାଙ୍କୁ ଦେଖି କୃଷ୍ଣ ଅତ୍ୟନ୍ତ ଖୁସି ହୋଇ ରାଧାଙ୍କୁ ଦ୍ୱାରକାରେ ରହିବାକୁ ନିବେଦନ କଲେ । କିନ୍ତୁ ରାଧା ଗାଁର ପାଣିପବନ, ବୃନ୍ଦାବନର ବାତାବରଣ ଓ କୃଷ୍ଣଙ୍କ ପ୍ରେମର ଆଧାତ୍ମିକ ସଂଯୋଗକୁ ଅନୁଭବ କରି ପାରିଲେ ନାହିଁ । ତେଣୁ ସେ ବୃନ୍ଦାବନକୁ ଫେରି ଆସିଲେ । ଶ୍ରୀକୃଷ୍ଣଙ୍କ ସହିତ ବିତେଇଥିବା ପ୍ରତ୍ୟେକ ସ୍ମୃତିକୁ ନିଜ ହୃଦୟରେ ରଖି ବୃନ୍ଦାବନରେ ଶେଷ ଜୀବନ ଅତିବାହିତ କଲେ । ଶ୍ରୀକୃଷ୍ଣଙ୍କୁ ନିଃସ୍ୱାର୍ଥ ପ୍ରେମ କରିଥିବାରୁ ଶ୍ରୀକୃଷ୍ଣ ରାଧାଙ୍କ ଶେଷ ସମୟରେ ତାଙ୍କ ପାଖରେ ରହି ତାଙ୍କୁ ତାଙ୍କର ଶେଷ ଇଚ୍ଛା ପଚାରିଥିଲେ । ରାଧା ନିଜର ଶେଷ ଇଚ୍ଛାରେ ଶ୍ରୀକୃଷ୍ଣଙ୍କ ଠାରୁ ଧ୍ୱନୀ ଶୁଣି ନିଜ ଶେଷ ନିଃଶ୍ୱାସ ତ୍ୟଗ କରିବେ ବୋଲି କହିଥିଲେ । ରାଧାଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ଯାଇ ଶ୍ରୀକୃଷ୍ଣ ସେପର୍ଯ୍ୟନ୍ତ ବଂଶୀବାଦନ କରିଥିଲେ, ଯେପର୍ଯ୍ୟନ୍ତ ରାଧା ନିଜ ହୃଦୟ ଭିତରେ ଯମୁନା କୂଳର ନଟଖଟ କୃଷ୍ଣଙ୍କ ଆଧାତ୍ମିକ ସଂଯୋଗକୁ ଅନୁଭବ କରିନଥିଲେ । ରାଧା ଯେତେବେଳେ କୃଷ୍ଣଙ୍କ ବଂଶୀ ଧ୍ୱନି ଶୁଣିଶୁଣି କୃଷ୍ଣଙ୍କ ଆତ୍ମା ସହିତ ବିଲୀନ ହୋଇଯାଇଥିଲେ, ସେତେବେଳେ ବଂଶୀର ଏକ ରନ୍ଧ୍ରରୁ ଧ୍ୱନି ଉତ୍ପନ୍ନ ବନ୍ଦ ହୋଇଯାଇଥିଲା, ଯାହାକି କେବଳ ରାଧାଙ୍କ ପାଇଁ ବାଜୁଥିଲା । ଶ୍ରୀକୃଷ୍ଣ ଜାଣି ପାରିଥିଲେ ରାଧା ଆଉ ଇହଧାମରେ ସଶରୀରେ ନାହାଁନ୍ତି । ସେ ଏଭଳି ହୃଦୟରୁ ଭାଙ୍ଗି ପଡ଼ିଥିଲେ ଯେ, ଏ ବଂଶୀ ଆଉ କାହାପାଇଁ ବାଜିବ ନାହିଁ କହି ଶ୍ରୀରାଧାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ନିଜ ହାତରେ ଭାଙ୍ଗି ପାଖରେ ଥିବା ଏକ ବୁଦା ଭିତରକୁ ଫିଙ୍ଗି ଦେଇଥିଲେ । ତା'ପରଠୁ କୃଷ୍ଣ କେବେ ବି ବଂଶୀ ବଜାନ୍ତି ନାହିଁ ।



## ବଂଶୀ ବଜେଇବାର କୌଶଳ ଓ ରାଗ

ବଂଶୀ ହେଉଛି ବାୟୁ ପ୍ରବାହ ଦ୍ୱାରା ଧ୍ୱନି ସୃଷ୍ଟି କରୁଥିବା ବାଦ୍ୟଯନ୍ତ୍ର- ଯାହା ବାଉଁଶରେ ତିଆରି ହୋଇଥାଏ । ବାଉଁଶ ଏବଂ ସ୍ୱର- ଦୁଇଟି ଶବ୍ଦକୁ ନେଇ ଗଠିତ 'ବଂଶୀ' । ଆଜିକାଲି ଇସ୍ପାତ୍, ରୂପା, ସୁନା ଇତ୍ୟାଦିରେ ବଂଶୀ ନିର୍ମିତ ହେଉଥିଲେ ମଧ୍ୟ ବାଉଁଶରେ ତିଆରି ବଂଶୀ ହେଉଛି ପ୍ରକୃତ ମନୋମୁଗ୍ଧକାରୀ, ଅଲୌକିକ ତୃପ୍ତି ପ୍ରଦାନକାରୀ ଶ୍ରୀକୃଷ୍ଣଙ୍କ ସମ୍ମୋହନ ବାଦ୍ୟଯନ୍ତ୍ର । 'ବଂଶୀ' ତିଆରି ପାଇଁ ବାଂଶନଳୀରୁ ଗୁଣ୍ଡ ବାହାର କରି ଦିଆଯାଏ । ଗଣ୍ଠି ଗୁଡ଼ିକ ସମ୍ପୂର୍ଣ୍ଣ ସଫା କରିବା ପରେ ଏହା ସାତଟି, ନଅଟି କିମ୍ବା ବାରଟି ଇତ୍ୟାଦି ସଂଖ୍ୟାରେ ଖୁବ୍ ଛୋଟ ଛୋଟ ରନ୍ଧ୍ର ତିଆରି କରାଯାଏ । ବଂଶୀର ତିନୋଟି ମୁଖ୍ୟ ଅଂଶ ଥାଏ । ପ୍ରଥମ – ଏକ ମୁଣ୍ଡର ଗଣ୍ଠି ଥାଏ ଏହାକୁ 'ପାଟିପିସ୍' ବା 'ମୋରାଲ୍ ଫୋରମେନ୍' କୁହାଯାଏ । ଏହି ଅଂଶରେ ବଂଶୀ ବଜେଇବାକୁ ପାଟି ଦେଇ ବାୟୁ ଦିଆଯାଏ । ଦ୍ୱିତୀୟ, ମୁଖ୍ୟ ଶରୀରକୁ ଶରୀର ଓ ତୃତୀୟ ଭାଗକୁ ପାଦ ଗଣ୍ଠି କୁହାଯାଏ । ବଂଶୀ ଦେହରେ ଉତ୍ପନ୍ନ କରା ଯାଇଥିବା ରନ୍ଧ୍ରକୁ 'ଭୋକଲ ଫୋରମେନ୍' ବୋଲି କୁହାଯାଏ । ବଂଶୀ ବଜାଇବାକୁ ହେଲେ ଫୁଙ୍କିବା ସହିତ ଆଙ୍ଗୁଠି ଚାଳନାର ଆବଶ୍ୟକତା ହୋଇଥାଏ । ଆଙ୍ଗୁଠିରେ ଛିଦ୍ର ବନ୍ଦ କରି ବିଭିନ୍ନ ସ୍ୱରରେ ବଦଳାଇ ହୁଏ । ବଂଶୀ ମଧ୍ୟରେ ସ୍ଥିର ବାୟୁର କମ୍ପନ ଓ ଆଙ୍ଗୁଠିର ଚାପ ଦ୍ୱାରା ଶବ୍ଦର ପିଚ୍ ବା ଧ୍ୱନି ପରିବର୍ତ୍ତନ କରିଥାଏ ଏବଂ ବାଦକ ନିଜ ତାଳ ଅନୁସାରେ ଧ୍ୱନି ଉତ୍ପନ୍ନ କରିପାରିଥାନ୍ତି । କେତେକ ବଂଶୀକୁ ଭୂଲମ୍ବ ଭାବରେ ଧରାଯାଇ ବାଦନ କରା ଯାଇଥାଏ ଯାହାକୁ 'ଟ୍ରାନ୍ସଭର୍ସ' କୁହାଯାଏ । ସାତଟି ଛିଦ୍ର ଥିବା ପ୍ରସିଦ୍ଧ ମୂରଲୀ ବଂଶୀରେ 'ସାରେଗାମା ପାଦାନିସା'ର ସାତଟି ସ୍ୱର ଉତ୍ପନ୍ନ କରାଯାଇ ସୁଲଳିତ ଧ୍ୱନୀ ଉତ୍ପନ୍ନ କରାଯାଇଥାଏ । ମୂରଲୀକୁ ଭାରତୀୟ ସଂସ୍କୃତିରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଅତିପ୍ରିୟ ସମ୍ମୋହକ ବାଦ୍ୟ ଭାବେ ବିବେଚନା କରାଯାଏ । ବଂଶୀ ବଜାଇବା ସମସ୍ତଙ୍କ ଦ୍ୱାରା ସହଜ ହୋଇନଥାଏ । ଏଥିପାଇଁ ତାଲିମ୍ ନେବାକୁ ପଡ଼ିଥାଏ । ସମ୍ପୂର୍ଣ୍ଣ ଭାବେ ସମସ୍ତ ଧୁନ୍‌କୁ ପରିବେଷଣ କରିବାର କଳା ପ୍ରାୟତଃ ବିରଳ । ବଂଶୀ ଗୋଟିଏ ଛୋଟିଆ ବାଦ୍ୟଯନ୍ତ୍ର ହେଲେ ମଧ୍ୟ ଏଥିରୁ ସୃଷ୍ଟି ହେଉଥିବା 'ରାଗ' ବା ଧୁନ୍ ଅତିବ ମନୋମୁଗ୍ଧକର ଯାହା ସମଗ୍ର ଜୀବସତ୍ତାକୁ ପଲ୍ଲବିତ କରିଥାଏ । ଯେମିତିକି ରାଗ ପହାଡ଼ି, ରାଗ ବାଗେଶ୍ରୀ, ରାଗ ମିଶ୍ର, ରାଗ ୟମନ୍, ରାଗ ବୃନ୍ଦାବନୀ, ରାଗ ଦୁର୍ଗା, ରାଗ ଦେଶ୍, ରାଗ ଝିନ୍‌ଝୋଟି, ରାଗ ବିହାଗ, ରାଗ ମଲକାଁସ, ରାଗ ଜୈଯବନ୍ତି, ରାଗ ସୂର୍ଯ୍ୟ କଲ୍ୟାଣ, ରାଗ ଦରବାରୀ, ରାଗ ଚନ୍ଦ୍ରକଂସ, ରାଗ ଆଳାପ, ରାଗ ଭୀମପଲାସୀ, ରାଗ କୁମାୟୁଁନୀ, ରାଗ କରମସାନୀ ଇତ୍ୟାଦି ଇତ୍ୟାଦି । ଏ ସମସ୍ତ ରାଗ ବା ଧୁନ୍‌କୁ ପରିବେଷଣ କରିବାର କ୍ଷମତା ବା ଦକ୍ଷତା ସମସ୍ତେ ଉପାର୍ଜନ କରିପାରିନାହାଁନ୍ତି । ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ଏବଂ ବଂଶୀ ବାଦନର ଏ ଅଭୁତ କୌଶଳ କେବଳ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଜଗତର ବିଶ୍ୱବିଦିତ

ବଂଶୀବାଦକ ପଦ୍ମଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆ ଏହି ସର୍ବୋଚ୍ଚ ଶୀର୍ଷକୁ ଯାଇ ଭାରତକୁ ଗୌରବାନ୍ୱିତ କରାଇଛନ୍ତି ।

## ଭାରତୀୟ ବଂଶୀବାଦକ

ଭାରତୀୟ ଲୋକ ସଙ୍ଗୀତର ପ୍ରମୁଖ ବାଦ୍ୟଯନ୍ତ୍ର 'ବଂଶୀ' କେବଳ ଏକ ବାଦ୍ୟ ନୁହେଁ । ଏହାର ଆଧ୍ୟାତ୍ମ ଓ ଅଲୌକିକତା ସମ୍ବନ୍ଧରେ କୃଷ୍ଣାବତାର ଭଗବାନ ଶ୍ରୀକୃଷ୍ଣ ନିଜେ ବଂଶୀବାଦକ ଭାବେ ସମଗ୍ର ସୃଷ୍ଟିକୁ ତା'ର ମହତ୍ତ୍ୱ ଓ ଗୁରୁତ୍ୱ ଅନୁଭୂତ କରାଇଛନ୍ତି । ଏହି ମନମୋହନ ବଂଶୀ ଆମ ଭାରତୀୟମାନଙ୍କ ପାଇଁ କେବଳ ବାଦ୍ୟଯନ୍ତ୍ର ନୁହେଁ ଆମ ଆଧ୍ୟାତ୍ମିକ ବିଶ୍ୱାସ ଓ ଅସ୍ମିତାର ପରିଚୟ । ବଂଶୀର ନାମ ଶୁଣିଲେ ସ୍ୱତଃ ମନେପଡ଼ିଯାନ୍ତି ପ୍ରଖ୍ୟାତ୍ ଭାରତୀୟ ବଂଶୀବାଦକ ପଦ୍ମଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆ । ସମଗ୍ର ବିଶ୍ୱରେ ଅସାଧାରଣ ବଂଶୀବାଦକ ଭାବେ ପରିଚିତ ପଣ୍ଡିତ ଚୌରାସିଆ ବାଉଁଶ ନିର୍ମିତ ବଂଶୀ ବଜାନ୍ତି । ପିଲାଦିନରୁ ବଂଶୀ ପ୍ରତି ତାଙ୍କର ଅହେତୁକ ଆକର୍ଷଣ ଯୋଗୁଁ ସେ ବାରଣାସୀର ଭୋଳାନାଥ ପ୍ରସନ୍ନଙ୍କ ତତ୍ତ୍ୱାବଧାନରେ ବଂଶୀ ବଜାଇବା ଆରମ୍ଭ କରିଥିଲେ । ୧୯୫୭ ମସିହାରେ ଅଲ ଇଣ୍ଡିଆ ରେଡ଼ିଓ- କଟକ, ଓଡ଼ିଶାରେ ଯୋଗ ଦେଇ ଜଣେ ବଂଶୀବାଦକ ତଥା ସଂଯୋଜକ ଭାବେ କାର୍ଯ୍ୟ କରୁଥିଲେ । ନିଜର ପ୍ରତିବଦ୍ଧତା ଦେଖାଇବା ପାଇଁ ସେ ଡାହାଣ ହାତରୁ ବାମ ହାତରେ ବଂଶୀ ବାଦନ କରିବାର କଳାକୁ ଆପଣେଇ ନେଇ ଶାସ୍ତ୍ରୀୟ ସଙ୍ଗୀତ ଜଗତରେ ଖୁବ୍ ପ୍ରସିଦ୍ଧି ଲାଭ କରିଥିଲେ । ସେ ଶିବକୁମାର ଶର୍ମାଙ୍କ ସହ 'ଶିବ-ହରି' ନାମକ ଏକ ଅନୁଷ୍ଠାନ ଗଠନ କରି ଅନେକ ହିନ୍ଦୀ ଚଳଚ୍ଚିତ୍ର ଓ ଭୁବନେଶ୍ୱର ମିଶ୍ରଙ୍କ ସହ 'ଭୁବନ-ହରି' ଅନୁଷ୍ଠାନ ଗଠନ କରି ଅନେକ ଓଡ଼ିଆ ଚଳଚ୍ଚିତ୍ର ପାଇଁ ସଙ୍ଗୀତ ରଚନା କରିଥିଲେ ଯାହାକି ଅନେକ ଲୋକପ୍ରିୟତା ଆଣିଥିଲା । ପଣ୍ଡିତ ହରିପ୍ରସାଦ ଚୌରାସିଆ ନେଦରଲାଣ୍ଡ ରୋଟେରଡାମ୍ ବିଶ୍ୱ ସଙ୍ଗୀତ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରନ୍ତି । ତାଙ୍କୁ ବଂଶୀବାଦନ ପାଇଁ ଜାତୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ଅନେକ ପୁରସ୍କାର, ଉପାଧି ଓ ସମ୍ମାନ ପ୍ରଦାନ କରାଯାଇଛି ଯାହା ବର୍ଣ୍ଣନା କରିବା ବାହୁଲ୍ୟ ମାତ୍ର । ତଥାପି କେତୋଟି ସମ୍ମାନକୁ ଦୃଷ୍ଟି ପକାଇବା, ଯଥା- ସଙ୍ଗୀତ ନାଟକ ଏକାଡେମୀ- ୧୯୮୪, କୋଣାର୍କ ସମ୍ମାନ, ପଦ୍ମଭୂଷଣ, ଯଶଭାରତୀ ସମ୍ମାନ, ପଣ୍ଡିତ ରଟୁରଲାଲ ଉତ୍କର୍ଷ ସମ୍ମାନ, ତ୍ରିନାଥ ମଙ୍ଗେସକର ପୁରସ୍କାର, ହାଫିଜ୍ ଅଲ୍ଲି ଖାନ୍ ପୁରସ୍କାର ପୁଣେ ପଣ୍ଡିତ ପୁରସ୍କାର, ଅକ୍ଷୟ ସମ୍ମାନ, ଉତ୍ତର ଓଡ଼ିଶାରୁ ସମ୍ମାନଜନକ ଡକ୍ଟରେଟ୍, ଜାତୀୟ ସମ୍ମାନ ପୁରସ୍କାର, ଶିକ୍ଷା-ସଙ୍ଗୀତ-ନୃତ୍ୟ ଏକାଡେମୀ ଦ୍ୱାରା ନାଡା- ବିଦ୍ୟା ଭର୍ତ୍ତି - ଭିଜାଗ -୨୦୦୯ ଏବଂ ଆହୁରି ଅନେକ ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି । ପଣ୍ଡିତ ଚୌରାସିଆଙ୍କ ବ୍ୟତିରେକ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଜଗତରେ ଏମିତି ଅନେକ ଖ୍ୟାତିସମ୍ପନ୍ନ ବଂଶୀବାଦକ ଅଛନ୍ତି ଯାହାଙ୍କ ପାଇଁ ଭାରତ ଗର୍ବ ଅନୁଭବ କରେ । ଯଥା- ଏମ୍.ଏସ୍. ଅମାଲ୍, ବି.ଏନ୍. ସୁରେଶ, ବି. ଭାସ୍କରନ୍, ସୁଚିସ୍ମିତା ଚାଟାର୍ଜୀ, ରାକେଶ ଚୌରାସିଆ, ରାଜେଶ୍ ଚେରଥାଲା, ଦେବେନ୍ଦ୍ର ମୁରଦେଶ୍ୱର, ପାନ୍ନାଲାଲ୍ ଘୋଷ, କେଶବ ଗିନ୍ଦେ, କେ.ଏସ୍. ଗୋପାଲକ୍ରିଷ୍ଣନ, ଚେତନ ଯୋଶୀ, ରମନ୍ କଲ୍ୟାଣ, ଟି.ଆର. ମହଲିଙ୍ଗମ୍, ରାନୁ ମଜୁମ୍‌ଦାର, ବାପୁ ପଦ୍ମନାଭ, ଭୋଳାନାଥ ପ୍ରସନ୍ନ, ରତଜ ପ୍ରସନ୍ନ, ରାଜେନ୍ଦ୍ର ପ୍ରସନ୍ନ, ରାଜୀବ ପ୍ରସନ୍ନ, ସମୀର ରାଓ, ବିଜୟ ରାଘବ ରାଓ, ଦୀପକ ଶର୍ମା, ସରଭା ଶାସ୍ତ୍ରୀ, ରଘୁନାଥ ସେଠ୍, ରାମଚନ୍ଦ୍ର ଶତପଥି, ରଶିକା ଶେଖର ଶଶାଙ୍କ ଶୁଭ୍ରମନ୍ୟମ, ଟି. ବିଶ୍ୱନାଥନ୍ ଦିଗ୍‌ବିଜୟ ସିଂ ଚୌହାନ, ବିଷ୍ଣୁ ବିଜୟ ଏବଂ ଆହୁରି ଅନେକ ଠିକ୍ ସେମିତି ଆମ ଓଡ଼ିଶାରେ ମଧ୍ୟ ଅନେକ ବଂଶୀବାଦକ ଅଛନ୍ତି ଯେଉଁମାନେ ଶ୍ରୀଜଗନ୍ନାଥ ସଂସ୍କୃତି ଗୀତଗୋବିନ୍ଦ ଏବଂ ଅନେକ କଳା ଅନୁଷ୍ଠାନରେ ନିଜର ପାରଦର୍ଶିତା ଦେଖାଇ ସମଗ୍ର ବିଶ୍ୱ ଦରବାରରେ ଓଡ଼ିଶାକୁ ପରିଚିତ କରାଇଛନ୍ତି । ସେମାନେ ହେଲେ ଅଲ୍-ଇଣ୍ଡିଆ-ରେଡ଼ିଓ କଟକର ସ୍ୱୀକୃତିପ୍ରାପ୍ତ ବଂଶୀବାଦକ ଭି-କୁର୍ମାନନ୍ଦମ୍, ପଶ୍ଚିମ ଓଡ଼ିଶାର ରଞ୍ଜନ ପଟ୍ଟନାୟକ, ସୁରେଶ ଜେନା, ବରଗଡ଼ର ସୁରେନ୍ଦ୍ର ପାଣିଗ୍ରାହୀ, କେନ୍ଦୁଝରର ଦୃଷ୍ଟିହୀନ ବଂଶୀ ବାଦକ ବୃନ୍ଦଦେବ ଦେଉରୀ, ଟିଟ୍‌ଲାଗଡ଼ର ମୋହନ ତଣ୍ଡି, ଦୂରିଆ ଦୁର୍ଲୋ, ପ୍ରଖ୍ୟାତ୍ ବଂଶୀବାଦକ ଶ୍ରୀନିବାସ ଶତପଥି, ମୋହିନୀ ମୋହନ ପଟ୍ଟନାୟକ, ରମେଶ ବରିହା, ଗୋଷ୍ଠଚନ୍ଦ୍ର ପାତ୍ର, ପ୍ରକାଶ ମହାପାତ୍ର, ଯୁବ ବଂଶୀବାଦକ ରୁଦ୍ର ପ୍ରସାଦ ପରିଡ଼ା, ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବଂଶୀବାଦକ ଅଭିରାମ ନନ୍ଦ ଏବଂ ଆହୁରି ଅନେକ । ଏମିତିକି ଓଡ଼ିଶାରେ ଶିଶୁ ବଂଶୀବାଦକ ଅସିତ୍ ମହାପାତ୍ର, ବିଭୁ ଶିବଦାସଙ୍କ ପରି ଅନେକ ଶିଶୁ ବଂଶୀବାଦନକୁ ଏକ ରଚିପୂର୍ଣ୍ଣ ଓ ଆମୋଦଦାୟକ କଳା ଭବେ ଆବୋରି ନେଲେଣି । ଓଡ଼ିଶାର ଶ୍ରୀଜଗନ୍ନାଥ ସଂସ୍କୃତି ଓ ଗୀତ ଗୋବିନ୍ଦରେ ବଂଶୀବାଦନ ଏକ ପ୍ରମୁଖ ଆଧ୍ୟାତ୍ମଭାବ ସଂଚରଣ କରିଥାଏ ଶ୍ରୋତାମାନଙ୍କ ହୃଦୟରେ । ତେବେ 'ବଂଶୀ'ର ଅନେକ ବାସ୍ତୁ ଓ ବିଜ୍ଞାନ କ୍ଷେତ୍ରରେ ପ୍ରଭାବ ରହିଛି ଆସନ୍ତୁ ଜାଣିବା ।

## ବାସ୍ତୁ ଓ ବିଜ୍ଞାନରେ ବଂଶୀ

ବଂଶୀ ଭଗବାନ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ସମ୍ମୋହକ ଅସ୍ତ୍ର । ବଂଶୀକୁ ପ୍ରେମ ଓ ଆନନ୍ଦର ପ୍ରତୀକ ଭାବେ ବିବେଚନା କରାଯାଏ । ବଂଶୀର ବ୍ୟବହାରରେ ଅନେକ ବାସ୍ତୁ ଉପଚାର ଓ ବୈଜ୍ଞାନିକ ମହତ୍ତ୍ୱ ମଧ୍ୟ ରହିଛି । ବଂଶୀକୁ ଘରେ ରଖିଲେ ପ୍ରେମ ଓ ସଦ୍‌ଭାବନା ବଢ଼ାଇବା ସହିତ ଘରର ବାସ୍ତୁ ଦୋଷ ଦୂର କରିଥାଏ । ବୈଦିକ ବିଶ୍ୱାସ ଅନୁଯାୟୀ ଭଲ ବା ଖରାପ ଫଳ ଜଣଙ୍କର କାର୍ଯ୍ୟ ଏବଂ ଭାଗ୍ୟ ସହିତ ଜଡ଼ିତ । ଏହାକୁ ଆମେ ଅସ୍ୱୀକାର କରିପାରିବା ନାହିଁ । କିନ୍ତୁ ମନୁଷ୍ୟ ନିଜର ସାଧନା ଶକ୍ତି, ବିଶ୍ୱାସ ପ୍ରଚେଷ୍ଟା ବଳରେ ଅନେକ ସମସ୍ୟାର ସମାଧାନର ପନ୍ଥା ନିଜେ ନିରୂପଣ କରିବାକୁ ସମର୍ଥ ହୋଇପାରିଛି । ଏହି ସମାଧାନର ପନ୍ଥା ଭିତରେ 'ବଂଶୀ' ଅନ୍ୟତମ । ସ୍ଥାପତ୍ୟ ବିଶେଷଜ୍ଞ ଡକ୍ଟର ୟୁ.ଏସ୍. ଗଡ଼ଗିଲ୍ ଏବଂ ଜ୍ୟୋତିଶାଚାର୍ଯ୍ୟ ପି. ଅଖିଳେଶ ତ୍ରିପାଠୀଙ୍କ ଅନୁଯାୟୀ ବଂଶୀରେ ପ୍ରତ୍ୟେକ ସମସ୍ୟାର ସମାଧାନ




ରହିଛି । ବଂଶୀକୁ ଘରେ ରଖିଲେ ସୁଖ ସମୃଦ୍ଧି ବଢିଥାଏ । ପୁଅ, ଝିଅମାନଙ୍କର ବିବାହ ବାରମ୍ବାର ଭାଙ୍ଗୁଥିଲେ କିମ୍ବା ବିଳମ୍ବ ହେଉଥିଲେ ବିଛଣାରେ ଲାଲ ରଙ୍ଗର ବଂଶୀ ରଖିଲେ ନିଜ ପସନ୍ଦର ଜୀବନସାଥି ମିଳିଥାଏ । ଘରେ ଧନର ଅଭାବ ଦେଖା ଦେଲେ ଚାନ୍ଦିର ବଂଶୀକୁ ଠାକୁର ଘରେ ରଖି ପୂଜା କଲେ ମା' ଲକ୍ଷ୍ମୀଙ୍କର ଅପାର କୃପା ଲାଭ ହୋଇଥାଏ । ଦାମ୍ପତ୍ୟ ଜୀବନରେ କଳହ ବା ମତାନ୍ତର ଦେଖା ଦେଉଥିଲେ, ନିଜ ଶୋଇବା ଘର ଛାତର ବିମ୍ରେ ଲାଲ ଫିତା ଦ୍ୱାରା ଏକ ବଂଶୀ ବାନ୍ଧି ରଖିଲେ ଦାମ୍ପତ୍ୟରେ ମତାନ୍ତର ଦୂର ହୋଇଥାଏ । କାଠର ନିର୍ମିତ ବଂଶୀକୁ ଶ୍ରୀକୃଷ୍ଣଙ୍କ ନିକଟରେ ପୂଜା କରି ଅଫିସ୍ ଦୋକାନ କିମ୍ବା ନିଜର ବ୍ୟବସାୟ କ୍ଷେତ୍ରରେ ରଖିଲେ ଲାଭଫଳ ଦେଇଥାଏ । ସନ୍ତାନ ହେବାରେ ବିଳମ୍ବ ହେଉଥିଲେ ଶୋଇବା ଘରେ ବଂଶୀ ଲୁଚେଇ ରଖିଲେ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ । ଯଦି ବୃଥା ବାଦ-ବିବାଦ ଉପୁଜୁଥାଏ ତେବେ ସମାନ ରଙ୍ଗର ଦୁଇଟି ବଂଶୀ ଆଣି ପୂଜା ସ୍ଥାନରେ ରଖି ପୂଜା କଲେ ବିବାଦ ଦୂର ହୋଇଥାଏ । ବାଣିଜ୍ୟ କିମ୍ବା ଶିକ୍ଷାରେ କ୍ରମାଗତ କ୍ଷତି ହେଉଥିଲେ ଏକ ମୟୂର ପୁଚ୍ଛ ସହିତ ସୁସଜ୍ଜିତ ବଂଶୀ ରଖିଲେ ଲାଭ ମିଳିଥାଏ । ଯଦି ପରିବାରରେ କେହି ରୋଗରେ ପିଡୀତ ଥାଆନ୍ତି ତେବେ ଠାକୁର ଘରେ ସୁନେଲି ରଙ୍ଗର ବଂଶୀ ରଖିଲେ ଶୀଘ୍ର ଆରୋଗ୍ୟ ଲାଭ ମିଳିଥାଏ । ଘରେ ଶ୍ରୀକୃଷ୍ଣଙ୍କ ମୂର୍ତ୍ତୀ ନିକଟରେ ବଂଶୀ ରଖିବା ଜରୁରୀ । ଏହା ମନକୁ ଶାନ୍ତ ରଖେ ଏବଂ ଆଧ୍ୟାତ୍ମିକ ସୁଖ ଦେଇଥାଏ । ନିଜର ମନୋସ୍କାମନା ପୂରଣ ପାଇଁ ବଂଶୀକୁ ନିଜ ମନକଥା କହି ଏକ ମୟୂର ପୁଚ୍ଛ ସହିତ ସୁସଜ୍ଜିତ ରଖି ପୂଜାକଲେ ମନୋବାଞ୍ଛା ପୂର୍ଣ୍ଣ ହୋଇଥାଏ । ଜ୍ୟୋତିଶାଚାର୍ଯ୍ୟ ନନ୍ଦିନୀ ତିଓ୍ୱାରୀଙ୍କ ଅନୁଯାୟୀ ବଂଶୀ କେବଳ ବାସ୍ତୁ କ୍ଷେତ୍ରରେ ଉପଯୋଗୀ ନୁହେଁ ଆମ ଶରୀର ସହିତ ବଂଶୀର ବୈଜ୍ଞାନିକ ପ୍ରଭାବ ମଧ୍ୟ ଜଡ଼ିତ ରହିଛି । ବଂଶୀର ନଅଟି ଛିଦ୍ର ଅଛି । ଏଗୁଡ଼ିକ ସିଧାସଳଖ ଆମର ନଅ ଇନ୍ଦ୍ରିୟକୁ ପ୍ରଭାବିତ କରେ । ଏହାର ସ୍ୱରରୁ ବାହାରୁଥିବା କମ୍ପନ ଅନେକ ରୋଗର ସମାଧାନ କରେ । ଏହାର ଶବ୍ଦ ମସ୍ତିଷ୍କରେ ଏକ ରସ ପ୍ରବାହିତ କରେ, ଯାହା ଶାନ୍ତି, ଆନନ୍ଦ ଏବଂ ସୁଖର ଅନୁଭବ ଦେଇଥାଏ । ବାଙ୍ଗଲୋରର ଫୋର୍ଟିସ ହସ୍ପିଟାଲ୍‌ର ଡାକ୍ତର ବିବେକ ଆନନ୍ଦ ପାଦେଗଲଙ୍କ କହିବା ଅନୁଯାୟୀ ସିଓପିଡ଼ି ରୋଗୀମାନେ ବଂଶୀବାଦନ (ମ୍ୟୁଜିକ ଥେରାପି) ଦ୍ୱାରା ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରିପାରନ୍ତି । ବଂଶୀ ଶ୍ୱାସକ୍ରିୟାକୁ ସ୍ୱଭାବିକ ରଖିବାକୁ ସାହାଯ୍ୟ କରେ । ଯଦି ସିଓପିଡିରେ ପୀଡିତ ବ୍ୟକ୍ତି ବଂଶୀ ଶୁଣନ୍ତି କିମ୍ବା ବାଦନ କରନ୍ତି ଛାତିର ଶ୍ୱାସପ୍ରକ୍ରିୟା ସକ୍ରିୟ ମାଂସପେଶୀ, ଡାଇଫ୍ରେସ୍ ଏବଂ ପେଟ ଓ ଛାତି ମଧ୍ୟରେ ଥିବା ପ୍ରମୁଖ ମାଂସପେଶୀ ପ୍ରଭାବିତ ହୁଏ । ଚାପ ଓ ଚିନ୍ତା ଦ୍ୱାରା ପୀଡିତ ସିଓପିଡି ରୋଗୀମାନେ ବଂଶୀ ବଜାଇବା ଦ୍ୱାରା ଫୁସ୍‌ଫୁସ୍ ଭିତରକୁ ଓ ବାହାରକୁ ଯଥେଷ୍ଟ ବାୟୁ ପାଇବାରେ ସାହାଯ୍ୟ କରିଥାଏ ଏବଂ ଶ୍ୱାସପ୍ରକ୍ରିୟାର ଭଲ ଭାବେ ବ୍ୟାୟାମ୍ ହୋଇ ପାରିଥାଏ । ଖୁବ ଶୀଘ୍ର ଆରୋଗ୍ୟ ମିଳିଥାଏ । ବଂଶୀ ଶୁଣିବା ଏବଂ ବଜେଇବା ଦ୍ୱାରା ସ୍ମୃତି ଶକ୍ତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ବର୍ତ୍ତମାନ ଉଦାସୀନତାର ଶୀକାର ହେଉଥିବା ଅନେକ ରୋଗୀ ବଂଶୀ ଦ୍ୱାରା ନିଜର ହାତ, ଚକ୍ଷୁ ଏବଂ ମସ୍ତିଷ୍କର ଭଲ ଭାବେ ବ୍ୟାୟାମ କରି ପାରିବେ । ଏହା ଏକାଗ୍ରତାରେ ଉନ୍ନତି ଆଣିଥାଏ । ଭାବନା ଏବଂ ପ୍ରେମକୁ ଚିତ୍ରଣ କରିବାର ଏକ ସାଧାରଣ ଭାଷା ହେଉଛି ବଂଶୀ ।



ଶାନ୍ତି, ସମୃଦ୍ଧି, ଶୁଭ ପ୍ରଦାନକାରୀ ବଂଶୀ ପ୍ରାଚୀନ କାଳରେ ଲୋକ ସଙ୍ଗୀତର ପ୍ରମୁଖ ବାଦ୍ୟ ଥିଲା । ବଂଶୀ ବା ମୂରଲୀ ବିନା ମୂରଲୀଧରଙ୍କ କଳ୍ପନା କରାଯାଇ ପାରେନା । ରାଧାଙ୍କର ମୃତ୍ୟୁ ପରେ ଶ୍ରୀକୃଷ୍ଣ ଭାଙ୍ଗି ଦେଇଥିବା ବଂଶୀ ସତେ ଯେମିତି ମୃତକ ପ୍ରାୟ ନିଜର ଅସ୍ତିତ୍ୱ ହଜେଇ ଦେଇଥିଲା । ଭାରତବର୍ଷରେ ବଂଶୀର ଆକର୍ଷଣୀୟ ଧ୍ୱନୀ ଓ ଚମତ୍କାର ଉପଲବ୍ଧିକୁ ଦୃଷ୍ଟିରେ ରଖି ପଣ୍ଡିତ ପନ୍ନାଲାଲ ଘୋଷ ନିଜର ଅକ୍ଳାନ୍ତ ଉଦ୍ୟମ ଜରୀଆରେ ବଂଶୀ ବାଦନକୁ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଜଗତରେ ସମ୍ମାନୀୟ ସ୍ଥାନ ଦେଇଥିଲେ ପରନ୍ତୁ ବଂଶୀକୁ ଯଥାର୍ଥ ସମ୍ମାନ ପ୍ରାପ୍ତ ହୋଇନଥିଲା । ପରବର୍ତ୍ତୀ ସମୟରେ ପଣ୍ଡିତ ହରିପ୍ରସାଦ ଚୌରାସିଆ ବଂଶୀ ବାଦନକୁ କେବଳ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ନୁହେଁ ସମଗ୍ର ବିଶ୍ୱର ସଙ୍ଗୀତ ଦୁନିଆଁରେ ଏକ ପ୍ରମୁଖ ବାଦ୍ୟ ଭାବେ ବଂଶୀ ପାଇଁ ଯଥାର୍ଥ ମାନ୍ୟତା ପ୍ରାପ୍ତ କରିବାରେ ସଫଳ ହୋଇଥିଲେ । ଏ ପର୍ଯ୍ୟନ୍ତ ବି ପଣ୍ଡିତ ହରିପ୍ରସାଦ ଚୌରାସିଆ ସତେ ଯେମିତି ଶ୍ରୀହରିଙ୍କ ପ୍ରସାଦ ଭାବେ ଭାରତ ବର୍ଷରେ ଜନ୍ମ ନେଇ ହରିଙ୍କର ବଂଶୀର ମର୍ଯ୍ୟାଦାକୁ ସମଗ୍ର ବିଶ୍ୱରେ ପରିଚିତ ଦେଇ ଅବିସ୍ମରଣୀୟ ହୋଇପାରିଛନ୍ତି । ହିନ୍ଦି, ଓଡ଼ିଆ, ତେଲଗୁ, ତାମିଲ୍, ବଙ୍ଗଳା ଏପରିକି ସମସ୍ତ ଭାଷାର ଚଳଚ୍ଚିତ୍ରରେ ମଧ୍ୟ ଚଳଚ୍ଚିତ୍ର ସଂଗୀତରେ ବଂଶୀକୁ ଦେଖିବାକୁ ମିଳିଥାଏ । ପ୍ରଭୁ ଶ୍ରୀକୃଷ୍ଣଙ୍କ ଶ୍ରଦ୍ଧା ସମ୍ମୋହନର ଏ ବଂଶୀ ସମସ୍ତଙ୍କ ହୃଦୟକୁ ପ୍ରେମରେ ବାନ୍ଧିରଖୁ- ଏତିକି କାମନା କରିବା ।

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**

‘ସାଇସୁଧା’, ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬

ଫଟୋ ସୌଜନ୍ୟ : ସୂର୍ଯ୍ୟ ଦେଓ

**‘ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ’: ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । ‘ରେବତୀ’ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



◀ ଲେଖିକା ଜୟନ୍ତୀ ରଥ

# ୧୧ ପ୍ରଜ୍ଞାପୀଠରେ ତେତିଶ ବର୍ଷ

ପ୍ରତ୍ନତତ୍ତ୍ୱ ବିଭାଗରେ ଥିଲେ ଜଣେ ସଂଗ୍ରହାଧ୍ୟକ୍ଷ । ବାଙ୍ଗରା, ପତଳା ମଣିଷ । ଆଖିରେ ମୋଟା ଚଷମା । ପୋଷାକ ପରିଧାନରେ ଖୁବ୍ ବେଶି ସଚେତନ ଥିଲେ । ସବୁବେଳେ ଫିନ୍ ଫିନ୍ ଇସ୍ତ୍ରୀ ଦିଆ ସାର୍ଟପେଣ୍ଟ୍ ପିନ୍ଧୁଥିଲେ । ଦାମୀ ପର୍‌ଫିଉମ୍ ବ୍ୟବହାର କରୁଥିଲେ । ସାରା ସହର, ସାରା ରାଜ୍ୟ, ସାରା ଦେଶର ଚମକପ୍ରଦ ସମାଚାର ଶୁଣଉଥିଲେ ସହକର୍ମୀ ବନ୍ଧୁମାନଙ୍କୁ । ଆଗରେ ଦିଥର ପଛରେ ଦିଥର ଶଳା ନ ଲଗେଇଲେ ତାଙ୍କର କୌଣସି ବାକ୍ୟ ସଂପୂର୍ଣ୍ଣ ହେଉନଥିଲା । କହୁଥିଲେ ବହି ଚୋରି କରିବାଟା ପାପ ନୁହେଁ । ଯେଉଁଠୁ ଭଲ ବହି ପାଇବ, କୌଶଳ କରି ନେଇ ଆସିବ । ଅସିଦ୍ଧ ଉପାୟରେ ସଂଗ୍ରହ କରିଥିବା କେତେ ବହି ତାଙ୍କ ପାଖେ ଗଚ୍ଛିତ ଥିଲା । ବଡ଼ ବାହାଦୂରୀରେ ସେ ବହି ସବୁର ନାଁ କହୁଥିଲେ । ଅବସର ନେବା ପୂର୍ବଦିନ ବେବିକୁ ସେ ଆଡ଼ଲଫ୍ ହିଟ୍‌ଲର୍‌ଙ୍କ ଆତ୍ମଜୀବନୀ ଓ ଆଉ କେତେଖଣ୍ଡ ଚୋରା ବହି ଦେଇଥିଲେ ।

ବହି ଚୋରିଟା ସତରେ କ’ଣ ଏକ ନିର୍ଦ୍ଦୋଷ କାର୍ଯ୍ୟ ? ପଢ଼ିବା ପାଇଁ ବେବିଠୁ କେତେଜଣ ବହି ମାଗି ନେଇ ଫେରେଇ ନାହାନ୍ତି । ବହିଟି ଆବଶ୍ୟକ ପଡ଼ିଲା ବେଳେ ବେବି ଖୋଜି ଖୋଜି ନୟାନ୍ତ ହୁଏ । ପାଏ ନାହିଁ । କାହାକୁ ଦେଇଥିବା କଥାଟି ଠିକ୍‌ରେ ମନେପଡ଼େ ନାହିଁ । ବହିକୁ ଭଲପାଉଥିବା କେତେ ଶୁଭେଚ୍ଛୁଙ୍କୁ ସେ ଦେଖନ୍ତି । ଯେଉଁମାନେ କାହାକୁ କେଉଁ ବହି ଦେଇଛନ୍ତି, କାହାଠୁ କେଉଁ ବହି ଆଣିଛନ୍ତି, ଟିପିକରି ରଖନ୍ତି । ସେ କାମଟି ଅନୁସରଣ କରିବାକୁ ସେ ସଂକଳ୍ପ କରେ । ଆହୁରି ବହୁତ ସଂକଳ୍ପ ପରି ଏଇ ସଂକଳ୍ପଟିକୁ ଅଚିରେ ଭୁଲିଯାଏ ।

ବହି ପାଇଁ ତା’ର ଅସମ୍ଭବ ଆସକ୍ତି, ଆଶ୍ଚର୍ଯ୍ୟ ଆସକ୍ତି । କେତେ ବହି ଆସେ ତାର ହାତ ପାହାନ୍ତକୁ- ଉପହାର ସୂତ୍ରରେ, କ୍ରୟ ସୂତ୍ରରେ, ସଂଗ୍ରହ ସୂତ୍ରରେ । କେତେ ବହି ସେ ପଢ଼ିବାକୁ ପାଏ ଗ୍ରନ୍ଥାଗାରରେ । ତାର ଅଲକ୍ଷ୍ୟରେ । ତାର ଜୀବନ ଗଢ଼ି ହୋଇ ଯାଉଥିଲା ସେଇ ବହିସବୁ ପଢ଼ି । ସେଇ ବହିରୁ ତଥ୍ୟ ନେଇ କେତେ ଗପ ସେ ଗଢ଼ିଛି । ଜୀବନ ଯୁଝିବାର ଶକ୍ତି ସାହସ ସେ ସଞ୍ଚୟ କରନ୍ତି । ସେଇ ବହି ସବୁରୁ । ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପିକା ଡକ୍ଟର ସ୍ମିତା ହୋତା ତାକୁ ଉପହାର ଦେଇଥିଲେ ସତ୍‌ପ୍ରେମଙ୍କ ରଚିତ ‘My Burning Heart’, ଶ୍ରୀମାଙ୍କ ଦର୍ଶନ ସଂବଳିତ Mather’s Agenda ଓ ଆହୁରି କେତେ ଉପାଦେୟ ବହି । ସ୍ୱାମୀ ପରମହଂସ  ଯୋଗାନନ୍ଦଙ୍କ ‘Autobiography of a Yogi’, Diomine Romance, Man’s Eaternal Quest’ ଏସବ ବହି ସେ ପାଇଥିଲା ସୁରୁଭାଇ ଠାରୁ । ପ୍ରତିବର୍ଷ ଜନ୍ମଦିନରେ ସାନଭାଇ ବାବି ତାକୁ ଉପହାର ଦେଉଥିଲା ଶ୍ରୀରାମକୃଷ୍ଣ ପରମହଂସ, ଶ୍ରୀସାରଦାଦେବୀଙ୍କ ଜୀବନୀ ଓ ବାଣୀ ସମ୍ବଳିତ ପୁସ୍ତକ । ବିବେକ ଚୂଡ଼ାମଣି କଠୋପନିଷଦ, ଈଶୋପନିଷଦ ଆଦି ଆଧ୍ୟାତ୍ମିକ ପୁସ୍ତକ ପଢ଼ିବାର ପ୍ରେରଣା ସେ ପାଇଥିଲା ବାବି ଠାରୁ । ବୟସରେ ସାନ ହେଲେ ବି ବାବି ଆଧ୍ୟାତ୍ମିକ ଦିଗରେ ତା’ଠାରୁ ଯଥେଷ୍ଟ ଆଗରେ ଥିଲା । “Dont Think all the time of just making money, exercise, read, meditate.Love God  and act peacefully at all times- Learn to be calmly active and actively calm.”

The object of life is growth of soul.

ସ୍ୱାମୀ ଯୋଗାନନ୍ଦ । ଶ୍ରୀମାଙ୍କର ଏହିପରି ବହୁ ଉକ୍ତି ବାରମ୍ବାର ପଢ଼ି ପଢ଼ି ତା’ର ମୁଖସ୍ଥ ହୋଇ ଯାଇଥିଲା । ଭୁବନେଶ୍ୱର ପୁସ୍ତକମେଳାରୁ ସେ ସବୁବର୍ଷ କିଛି କିଛି ବହି କିଣୁଥିଲା ବୋଉ ପାଇଁ, ଶ୍ୱଶୁରଙ୍କ ପାଇଁ, ପ୍ରିୟଜନଙ୍କ ପାଇଁ ଓ ନିଜ ପାଇଁ । ବିଶ୍ୱବିଖ୍ୟାତ ଚିତ୍ରଶିଳ୍ପୀ ଭ୍ୟାନ ଗାଗ୍, ମାଇକେଲ ଏଞ୍ଜେଲୋଙ୍କୁ ଅଦ୍ଭୁତ ଜୀବନ । ଚାର୍ଲି ଚାର୍ଲିନ୍, ବ୍ରଟାଣ୍ଡ୍ ରସେଲ୍, ଚର୍ଚ୍ଚିଲଙ୍କ ବୈଚିତ୍ର୍ୟମୟ ଜୀବନକୁ ସେ ଦେଖୁଥିଲା ପୁସ୍ତକ ମାଧ୍ୟମରେ । ଇତିହାସର କେତେକ ଅଲିଭା ଘଟଣା ସେ ପ୍ରତ୍ୟକ୍ଷ କରିଛି ପୁସ୍ତକର ବର୍ଣ୍ଣନା ଭିତରେ । ଅଗଣିତ ଅନୁଭବ ତା’ର ବହିକୁ ନେଇ । ସଂଗ୍ରହାଳୟ ଗ୍ରନ୍ଥାଗାରରେ ଥରେ ପଢ଼ିଥିଲା ଗୋଟିଏ ବହି । ଆର୍ଯ୍ୟ ତରଙ୍ଗିଣୀ । ସେଥିରେ ଲେଖାଥିଲା ଖ୍ରୀଷ୍ଟପୂର୍ବ ଅଠରଶହ ଶତାବ୍ଦୀରେ ଭୂମଧ୍ୟ ସାଗରରେ ଦୀର୍ଘ ୫୦୦ ବର୍ଷ ଧରି ହିନ୍ଦୁ ରାଜବଂଶ ଶାସନ କରୁଥିଲେ । ଶାସକମାନେ ସବୁ ସଂସ୍କୃତ ଶବ୍ଦ ବ୍ୟବହାର କରୁଥିଲେ । କିଶୋରୀ ବର୍ଦ୍ଧନ, ଅରିବନ୍ଧ, ଦଶରଥ ଏମିତି କେତେ ଶବ୍ଦର ତର୍ଜମା କରା ଯାଇଥିଲା ସେଥିରେ । କିଶୋରୀମାନେ ଘୋଡ଼ା, କିଶୋରୀ ବର୍ଦ୍ଧନମାନେ ‘a place where horses grow’  ବିଭିନ୍ନ ପ୍ରକାର ବହି ଭିତରୁ ସାଉଁଟୁଥିବା ଆସ୍ୱାଦ ସେ ବାଣ୍ଟୁଥିଲା ବିଖ୍ୟାତ କବି ଗାଳ୍ପିକା ବନଜଦେବୀଙ୍କ ସହ । ନିଜେ ପଢ଼ିଥିବା ଅମୂଲ୍ୟ ବହି



(ଭାଗବତର ଏକାଦଶ ସ୍କନ୍ଦ, ତତ୍ତ୍ୱଦର୍ଶୀ ପ୍ରାବନ୍ଧିକ ଚିତ୍ତରଂଜନ ଦାସଙ୍କ ଲିଖିତ ଜୀବନ ବିଦ୍ୟାଳୟ, ପରାର୍ଥ ପଥିକ, ଶିଳାତୀର୍ଥ ହିମାଳୟ, ରୋହିତର ଡାଏରୀ, ଦିଲୀପ ମୁଖୋପାଧ୍ୟାୟଙ୍କ ରଚିତ 'ଅଘଟଣ ଏଠି ବି ଘଟେ', ସନ୍ଥ ବିନୋବା ଭାବେଙ୍କ 'ଗୀତା ପ୍ରବଚନ', ଏବଂ ଆହୁରି ଅନେକ ବହି ସେ ବେବିକୁ ଦେଇଥିଲେ ଯାହା ତାଙ୍କ ସଞ୍ଚୟ ଭିତରେ ଥିଲା ।

ଈଶ୍ୱର ସିଧା ସଳଖ ଆସନ୍ତି ନାହିଁ । ଆସନ୍ତି ସତ୍ ଗ୍ରନ୍ଥ ମାଧ୍ୟମରେ । ସହୃଦୟ ଶୁଭେଚ୍ଛୁ ବନ୍ଧୁ ମାଧ୍ୟମରେ ଏଇ ପ୍ରତ୍ୟୟ ତା'ର ଦୃଢ଼ୀଭୂତ ହୋଇଥିଲା ।

ବାପା ତା'ର ପଠନ ରୁଚିରେ ମୂଳଦୁଆ ପକେଇଥିଲେ ବହୁତ ବହି ପଢୁଥିଲେ । ବହୁତ ବହି, ଭାରତୀୟ ସାହିତ୍ୟ, ବିଶ୍ୱ ସାହିତ୍ୟ ସାଇତି ରଖିଥିଲେ । ଘରକୁ ଉଭୟ ଇଂରାଜୀ ଓ ଓଡ଼ିଆର ପତ୍ରିକା ମଗଉଥିଲେ । ମାତ୍ର ୫୨ବର୍ଷ ବୟସରେ ହୃଦ୍‌ଘାତରେ ବାପା ଚାଲିଗଲେ । ମାତ୍ର ପଛରେ ଛାଡ଼ି ଯାଇଥିଲେ ପଠନ ପରମ୍ପରା । ପାର୍ଥିବ ଶୋକର ତାପକୁ ଅତିକ୍ରମ କରୁଥିଲା ବୋଉ କାହ୍ନୁଚରଣ, ଗୋପୀନାଥ, ବସନ୍ତ କୁମାରୀ, ଆଶାପୂର୍ଣ୍ଣାଙ୍କ ଉପନ୍ୟାସ ପଢ଼ି । କାଠ ଆଲମାରୀରେ ବାପା ସାଇତି ରଖିଥିବା ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା ପଢ଼ି କବି ରାଧାନାଥ, କବି ଗଙ୍ଗାଧର, କବି ମଧୁସୂଦନଙ୍କ ଗ୍ରନ୍ଥାବଳୀ ପଢ଼ି । ବଡ଼ଭାଇ ବିଜ୍ଞାନର ଛାତ୍ର ହେଲେ ବି ବୃତ୍ତିରେ ଚିକିତ୍ସକ ହେଲେ ବି ଓଡ଼ିଆ ସାହିତ୍ୟର ମୂର୍ଦ୍ଧନ୍ୟ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି, ଅଖିଳ ମୋହନ ପଟ୍ଟନାୟକ, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ମନୋଜ ଦାସଙ୍କ ରଚନାର ମୁଗ୍ଧ ପାଠକ ଥିଲା । 'ଓ ଅନ୍ଧଖଳି', 'ସମ୍ରାଟ ଓ ଅନ୍ୟମାନେ', 'ଶତାବ୍ଦୀର ସୂର୍ଯ୍ୟ', 'କୁଳବୃଦ୍ଧ', 'ଧୂମ୍ରାଭ ଦିଗନ୍ତ'– ଏମିତି ଆହୁରି କେତେ ବହି ତାକୁ ଉପହାର ଦେଇଥିଲା । ସୁରୁଭାଇ ଆସାମ ସରକାର, ଭାରତ ସରକାର, ଓଡ଼ିଶା ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥାଇ ବି ପ୍ରଚୁର ବହି ପଢୁଥିଲା । ଆଖି ଖରାପ ଥିବାରୁ ମଝିରେ ବେବି ପଢ଼ାଲେଖା ଛାଡ଼ି ଦେଇଥିଲା । ସେତେବେଳେ 'ଗଣଦେବତା', 'ତ୍ୟାଗପତ୍ର', 'ଅରଣ୍ୟର ଅଧିକାର' ଓ ଆହୁରି କେତେ ଉପନ୍ୟାସ ଓ ଅସଂଖ୍ୟ ଉଚ୍ଚକୋଟୀର ଗଳ୍ପର ବିଷୟବସ୍ତୁ ବର୍ଣ୍ଣନା କରି ତାକୁ ଶୁଣଉଥିଲା ।

ବହିର ପୃଷ୍ଠା ମୋଡ଼ିବାର ଅଭ୍ୟାସ ବନ୍ଦ କରିବା ପାଇଁ ନକହି ବଡ଼ଭାଇ ତାକୁ ସୁନ୍ଦର କୋଟେସନ୍ ଲେଖାଥିବା ବୁକ୍‌ମାର୍କ ଦେଇଥିଲା । ବ୍ୟାଙ୍କ୍ ଚାକିରିର ଚାପରେ ପଢ଼ିବାର ସୁବିଧା ବେଶି ପାଉନଥିଲା, ମାତ୍ର ସବୁବେଳେ ଲେଖାଲେଖି ଦିଗରେ ଆଗେଇ ଯିବା ପାଇଁ ମଝିଆଁ ଭାଇ ତାକୁ ପ୍ରୋତ୍ସହିତ କରୁଥିଲା । ବହିକୁ ବଡ଼ ଆଦରରେ, ଯତ୍ନରେ ରଖୁଥିଲେ ବାପା । ବାପା ଯିବା ପରେ ବେବି ଆବିଷ୍କାର କଲା ବୋଉ ଭିତରେ ବିଦୂଷୀ ନାରୀଟିଏ ଲୁଚି ରହିଛି । ମୟୂରପୁଚ୍ଛକୁ ଚିହ୍ନ ଦେଇ ରଖୁଥିଲା ବୋଉ ବହି ଭିତରେ । ଅଳଙ୍କାର ଆଭୂଷଣ ଭିତରେ ନୁହେଁ । ବହିର ବେଷ୍ଟନୀ ଭିତରେ ବେବି ବଢ଼ିଥିଲା । ସଂଗ୍ରହାଳୟରେ ଚାକିରି ତା'ର ପଠନ ଅଭ୍ୟାସକୁ ସମୃଦ୍ଧ କରିଥିଲା । ସଂଗ୍ରହାଳୟକୁ ତାକୁ କେହି ଖୋଜିବାକୁ ଆସିଲେ ଦ୍ୱାରରକ୍ଷୀ ଆଗତୁରା ତାଙ୍କୁ କହି ଦେଉଥିଲା, "ଦିଦି ତାଙ୍କ ରୁମ୍‌ରେ ନଥିଲେ ଲାଇବ୍ରେରୀରେ ଥିବେ ।"


ବର୍ଷବର୍ଷର ଅକ୍ଷର ସାଧନା ତାକୁ ଏଇ କଥା ଶିଖେଇଥିଲା ଯେ କେବେହେଲେ କୌଣସି ପରିସ୍ଥିତିରେ ସେ ଅକ୍ଷର ଦ୍ରୋହ କରିବ ନାହିଁ ।

ଗୋଟିଏ ଦରଖାସ୍ତ ଲେଖିଲେ ୩୪ଥର ରଫ୍‌ରେ ଲେଖୁଥିଲା । ତାପରେ Fair କରୁଥିଲା ଦୁର୍ଯ୍ୟୋଧନ ।

ବେତନରେ ଡି.ଏ. ଏ.ଡି.ଏ. ବଢ଼ିବା ସମ୍ବାଦ ଘୋଷଣା ହେଲେ କାଗଜ କଲମ ଧରି ଚକାମାଳି ପକେଇ ବସି ଯାଉଥିଲା । ତା' ଚାରିପାଖେ ଚାରି ପାଞ୍ଚଜଣ ମେଳି ହୋଇ ବସୁଥିଲେ । କାହାକୁ କେତେ ଟଙ୍କା ଅଧିକ ମିଳିବ ସେ ହିସାବ କରି ନିର୍ଭୁଲ ଭାବେ କହି ଦେଉଥିଲା । ଗ୍ରହମାନଙ୍କର ଚଳନ, ଶୁଭ ବେଳ, ଅଶୁଭ ବେଳର ସଙ୍କେତ ଦେଉଥିଲା ଜିଜ୍ଞାସୁ ସହକର୍ମୀଙ୍କୁ । ମୁଦ୍ରା ବିଭାଗରେ (ବେବିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ) ଗ୍ୟାଲେରୀ ସହାୟକ ଥିଲା ଦୁର୍ଯ୍ୟୋଧନ । ମନ ମାନିଥିଲେ ହସିହସି କଥା କହେ । "ଦିଦି ଆପଣଙ୍କ ବୃହସ୍ପତି ଉଚ୍ଚରେ ଅଛନ୍ତି । ରାଜଯୋଗ ଅଛି । + + ଦିଦି, ଆପଣଙ୍କ କର୍କଟ ରାଶିକୁ ଆଜି ଘାତଯୋଗ । ସାବଧାନରେ ଚଳିବେ ।" ମନ ନଥିଲେ ମୁହଁକୁ ଚାହେଁନି କାହାର । ଏକମୁହାଁ ହୋଇ ବାଟ ଚାଲେ । ମନକୁ ମନ କ'ଣ ଗୁଣୁ ଗୁଣୁ ହେଉଥାଏ । କାମରେ ପକ୍କା ଦୁର୍ଯ୍ୟୋଧନ । ସମୟାନୁବର୍ତ୍ତୀ ବିଶ୍ୱସ୍ତ । ପ୍ରାଚୀନ ମୁଦ୍ରା ସବୁ କଏନ୍ କ୍ୟାବିନେଟ୍‌ରୁ କାଢ଼ି ଗଣାଗଣି କଲାବେଳେ ଦୁର୍ଯ୍ୟୋଧନ ସାହାଯ୍ୟ କରେ ବେବିକୁ । ଷ୍ଟିଲ୍ ଆଲମାରୀ ଭିତରେ ଷ୍ଟିଲ୍ ବାକ୍ସ । ବାକ୍ସ ଭିତରେ ଛୋଟ ଛୋଟ ଡବା । ଡବା ଭିତରେ ଛୋଟ ଛୋଟ କାଗଜ ପ୍ୟାକେଟ୍ । କବାଟ ବନ୍ଦ କରି ନିରୋଳାରେ ସେଇ କାମଟି କରିବାକୁ ହୁଏ । ଦୁର୍ଯ୍ୟୋଧନର ସାହାଯ୍ୟରେ ଚିରି ଆସୁଥିବା କାଗଜ ପ୍ୟାକେଟ୍ ବଦଳାଇ ପଲିଥିନ ପ୍ୟାକେଟ୍‌ରେ ରଖେ ମୁଦ୍ରା ସବୁକୁ । ପୁରୁଣା ଡବା ବଦଳାଇ ନୂଆ ଡବାରେ ରଖେ । ଲିଭି ଆସୁଥିବା ମିଂଜିମିଂଜି ଅକ୍ଷର ସୂଚନାଙ୍କ ଉଠେଇ ଡବା ଉପରେ ନୂଆ ସୂଚନାଙ୍କ ଲଗାଏ । ତେର ହଜାରରୁ ଊର୍ଦ୍ଧ୍ୱ ମୁଦ୍ରାର ତନଖି କାମ ସେ ଉଠାଏ ଦୁର୍ଯ୍ୟୋଧନର ସାହାଯ୍ୟରେ । ଗୋଟିଏ ବାକ୍ସରେ ଗଣିବା କାମ ସଂପୂର୍ଣ୍ଣ ନହେଲେ ଦୁର୍ଯ୍ୟୋଧନ ଉଠେ ନାହିଁ । ଭୋକ ହେଉଛି, ଆଉ ମନ ଲାଗୁନି ଆଜି ଏତିକି ଥାଉ– ଏମିତି କେବେ କହେ ନାହିଁ । ମ୍ୟାଗ୍ନି ଫାଇଙ୍ଗ୍ ଗ୍ଲାସ୍‌ରେ ମୁଦ୍ରା ଉପରେ ଥିବା ଚିହ୍ନ ସବୁକୁ ତଟସ୍ଥ ହୋଇ ଚାହୁଁଥିଲା ବେଳେ ଦୁର୍ଯ୍ୟୋଧନ ହସିହସି ଟିପ୍‌ପଣୀ ଦିଏ, "ଆଜ୍ଞା, ଯେତେ ରାଜା, ସେତେ ଚିହ୍ନ । ଆପଣ କେତେ ଦେଖିବେ ।" ମୋଗଲ ସମ୍ରାଟ ଜାହାଙ୍ଗୀର ମୁଦ୍ରାରେ ବାରଟି ରାଶି ଚିତ୍ର ଖୋଦନ କରିଥିଲେ । ଏ କଥା ବେବି ତାକୁ କହେନାହିଁ ।

ରାଶିମାନଙ୍କର ଗତିବିଧି ଅନୁଶୀଳନ କରୁଥିବା ଦୁର୍ଯ୍ୟୋଧନକୁ ସେଇ କଥାଟି ଶୁଣିଥିଲେ ଭାରି ଖୁସି ଲାଗିଥାନ୍ତା । ଖବରକାଗଜରେ, ସାପ୍ତାହିକ, ମାସିକ ପତ୍ରିକାରେ ବାହାରୁଥିବା ରାଶିଫଳ ସତ ହୁଏ ନାହିଁ– ଏକଥା ଜାଣିଲେ ବି ବେବି ସବୁବେଳେ ରାଶିଫଳ ନିଶ୍ଚିତ ଭାବରେ ପଢ଼େ । କେଉଁରାଶି ଅନ୍ୟ କେଉଁ ରାଶି ପ୍ରତି ମିତ୍ରାଭାବାପନ୍ନ ଓ କେଉଁ ରାଶି ପ୍ରତି ଶତ୍ରୁଭାବାପନ୍ନ ଏକଥା କହନ୍ତି ଜ୍ୟୋତିର୍ବିଦ୍‌ମାନେ । କହେ ଦୁର୍ଯ୍ୟୋଧନ । ବେବି ଭାବେ ସତରେ କଣ ରାଶି ନିର୍ଣ୍ଣୟ କରେ ମିତ୍ରତା, ଶତ୍ରୁତା, ରାଶି ନିର୍ଣ୍ଣୟ କରେ ଭାଗ୍ୟ ? ତା'ର ମନେପଡ଼େ ଦିବ୍ୟ ଜନନୀ ଶ୍ରୀମାଙ୍କ ଉକ୍ତି । (ତୁ କ'ଣ ଈଶ୍ୱରଙ୍କ ଆଶୀର୍ବାଦକୁ ଜାତକ, ଜ୍ୟୋତିର୍ବିଦ୍ୟାରୁ ବଡ଼ ହେବାକୁ ଦେବୁ ନାହିଁ ?)

# ସ୍ୱର୍ଗୀୟ



# କାନନ



## କିଛିକଥା କିଛି ବ୍ୟଥା

# ଦେଓମାଳି : ପ୍ରକୃତି ପର୍ଯ୍ୟଟନର ସ୍ୱର୍ଗ


**ଡକ୍ଟର ପ୍ରଦୀପ କୁମାର ମିଶ୍ର**

'ସମର୍ପଣ', ଆଇ.ବି. ରୋଡ଼, ପାୱାର ହାଉସ୍ କଲୋନୀ
୭ମ ଗଳି, ଜୟପୁର, କୋରାପୁଟ-୭୬୪୦୦୧
ଫୋନ:୯୪୩୭୫୨୫୧୦୫


ଫଟୋ ସୌଜନ୍ୟ : ଲେଖକ



▶ଲେଖକ ଡକ୍ଟର ପ୍ରଦୀପ କୁମାର ମିଶ୍ର

ଫାଲଗୁନ ମାସ ଦ୍ୱିତୀୟ ରବିବାର ବନ୍ଧୁ, ପରିଜନଙ୍କ ସହ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ଚଢ଼ିବାର ପ୍ରବଳ ଆଗ୍ରହ ନେଇ ଜୟପୁର ଘାଟି ଦେଇ ସର୍ପିଳ ପଥରେ ବୋଲେରୋ ଗାଡ଼ିଟି ମାଡ଼ି ଚାଲିଥାଏ । ଐତିହସିକ ସହର ଜୟପୁରର ତିନିପଟେ ପାହାଡ଼ମାଳା, ଘାଟି ଉପରୁ ସହରର ମନୋରମ ଦୃଶ୍ୟ ଓ କିଛି ବୁଲାଣି ଭିତରେ ଶହଶହ ଚନ୍ଦନଗଛ ସକାଳୁଆ ସୁଲୁସୁଲିଆ ପବନ ଓ ସୂର୍ଯ୍ୟକିରଣରେ ବେଶ୍ ସୁନ୍ଦର ଦିଶୁଥାନ୍ତି । ମନେପଡ଼ିଗଲା ଜୟପୁର ଘାଟି ସଂପର୍କରେ କବିତା ପଙ୍କ୍ତିଟିଏ: "ତଳେ ଧାଇଁଯାଏ କୁଟିଳ ଝରଣା, ଚାହିଁଲେ ଚକିତ ହୁଏ କଳପନା ।" ଜୟପୁର ରାଜବଂଶ ସହ ମହୀଶୂର ରାଜବଂଶର ସଂପର୍କ ବେଶ୍ ପ୍ରାଚୀନ । ସେଇଠୁ ସବୁ ଚନ୍ଦନ ଚାରା ଆଣି ରାଜା ସବୁ ପାହାଡ଼ରେ ଲଗାଇଥିଲେ । ମହୀଶୂର ଦଶହରା ପରେ ଦକ୍ଷିଣ ଭାରତର ବର୍ଣ୍ଣାଢ଼୍ୟ ଦଶହରା ମହୋତ୍ସବ ପାଳନ ହେଉଥାଏ ଜୟପୁର ରାଜ୍ୟରେ (Joypore Estate) । ଇତ୍ୟବସରରେ ଗାଡ଼ି ଘାଟି ଅତିକ୍ରମ କରି ସାରିଲାଣି । ପିଲାମାନଙ୍କ ଭିତରେ ଦେଓମାଳିକୁ ନେଇ କିଛି ପ୍ରଶ୍ନୋତ୍ତର ଚାଲିଥାଏ । ଅଧ୍ୟାପକ ବନ୍ଧୁ ପିଲାଙ୍କୁ ପ୍ରଶ୍ନ କରୁଥିଲେ- ଓଡ଼ିଶାର ଉଚ୍ଚତମ ପର୍ବତର ନାମ କ'ଣ ? ସହଜରେ ଉତ୍ତର ମିଳିଗଲା: 'ଦେଓମାଳି' । ପରେପରେ ପିଲାମାନଙ୍କର କିଛି ପ୍ରଶ୍ନର ଉତ୍ତର ଦେଇସାରି ସେ ବୁଝାଇଦେଲେ, ଭାରତର ହିମାଳୟ ପର୍ବତମାଳା ପରେ, ଦୀର୍ଘ ପର୍ବତମାଳ ଆଉ କେତୋଟି ଆମ ଦେଶରେ ରହିଛି । ଯଥା- ପୂର୍ବଘାଟ ପର୍ବତାମାଳ (ପଶ୍ଚିମବଙ୍ଗରୁ ତାମିଲ୍‌ନାଡୁ ଯାଏଁ), ପଶ୍ଚିମଘାଟ ପର୍ବତମାଳା (ଗୁଜୁରାଟ ମହାରାଷ୍ଟ୍ର ସୀମାରୁ-ତାମିଲନାଡୁ ଓ କନ୍ୟାକୁମାରୀ ପର୍ଯ୍ୟନ୍ତ) । ଏହାଛଡ଼ା, ବିନ୍ଧ୍ୟ ପର୍ବତାଞ୍ଚଳ, ସାତପୁରା, ଗୋରାଖାସି ପର୍ବତାଞ୍ଚଳ, ନାଗା ପର୍ବତାଞ୍ଚଳ ଇତ୍ୟାଦି । ଦେଓମାଳି ପର୍ବଘାଟ ପର୍ବତମାଳାର ଅଂଶ ବିଶେଷ । ଏହା ସମୁଦ୍ର ପତ୍ତନ ଠାରୁ ୧୬୧୫ ମିଟର ଉଚ୍ଚ । ଠିକ୍ ଏହି ପର୍ବତର ବେକ ପାଖରେ ଗୋଟିଏ ଗାଁ ଅଛି ନାଁ ତାର 'ମାତାଲମ୍ବ' । ଓଡ଼ିଶାର ସବୁଠୁ ଉଚ୍ଚତମ ଗାଁ । ଏହି ବାର୍ତ୍ତାଳାପ ସରିବା ପୂର୍ବରୁ ଗାଡ଼ି ଆସି କୋରାପୁଟ (ଶାବର ଶ୍ରୀକ୍ଷେତ୍ର)ର ଏକ ହୋଟେଲ୍‌ରେ ପହଞ୍ଚିଲା । ସମୟ ପାଖାପାଖି ସକାଳ ୯ଟା, ଇଡ଼ିଲି, ଦୋସା ଆଦି ଦକ୍ଷିଣି ପ୍ରାତଃଭୋଜନ ସାରି କିଛି ଖାଦ୍ୟ ପୁଡ଼ିଆ, ବିସ୍କୁଟ୍, ଚକ୍‌ଲେଟ୍ ଓ ପାଣି ବୋତଲ ଧରି ଗାଡ଼ିରେ ବସିଲୁ । କୋରାପୁଟରୁ ଦେଓମାଳି ୭୭କି.ମି. । ଆମକୁ ସୁନାବେଡ଼ା, ସେମିଳିଗୁଡ଼ା ଦେଇ କୁନ୍ଦୁଲି ଛକ ଯାଏଁ ଯିବାକୁ ହେବ । ସେଇଠୁ ବାଁ ପଟକୁ ଗଲେ ଅନେକ ପର୍ବତ ହାତ ଧରାଧରି ହୋଇ ଛିଡ଼ା ହେବା ପରି ଅନୁଭବ ହୁଏ ।

### 'ଦେଓମାଳି'ର ବାଟେ ଘାଟେ

କୁନ୍ଦୁଲିଛକ ଠୁ ଦେଓମାଳି ଶିଖର ୨୭ କି.ମି. ଦୂର । ଆମେ କୁନ୍ଦୁଲି ଛକରେ କିଛିକ୍ଷଣ ଅଟକି ଚା'ପାନ କଲୁ । ମନ ବେଶ୍ ସତେଜ ଲାଗିଲା । ଗାଡ଼ି ଘାଟି ରାସ୍ତାରେ ଉପରକୁ ଉଠିବା ବେଳେ ଦୁଇପଟେ ବେଶ୍ ସବୁଜିମା ପରିବେଶ । ସବୁ ପାହାଡ଼ର ପାଦଦେଶରୁ ଅଣ୍ଟାଯାଏଁ ବନବାସୀ ଚାଷୀ କିଛି କିଛି ଅଂଶକୁ ଥାକଥାକ କରି କାଟିଛି ଏବଂ ବର୍ଷ ତମାମ୍ ବିଭିନ୍ନ ଫସଲ କରି ଗୁଜୁରାଣ ମେଣ୍ଟାଉଛି । ପାହାଡ଼ ଗୁଡ଼ିକର ପାଦଦେଶରେ ଛୋଟବଡ଼ ଅସଂଖ୍ୟ ଚିରସ୍ରୋତା ଝରଣା,ଉର୍ବର ମାଟି ଅମୃତର ସନ୍ତାନକୁ ଖାଦ୍ୟ, ବସ୍ତ୍ର, ବାସଗୃହ, ସହ ସନ୍ତୋଷ ଓ ଆନନ୍ଦ ଦେଇଛି । ଶହଶହ କଦଳୀଗଛ, କୋବି, ମୂଳା, ଗାଜର, ଅଦା ଏ ଅଂଚଳରୁ ଟନ୍‌ଟନ୍ ଉତ୍ପାଦିତ ହୋଇ କୁନ୍ଦୁଲି ହାଟକୁ ଯାଏ । ଏ ହାଟ ଓଡ଼ିଶାର ସବୁଠୁ ବଡ଼ ଗାଉଁଲି 'ପରିବା ହାଟ' । ପ୍ରାୟ ଏକ କି.ମି. ବ୍ୟାପୀ ବିଭିନ୍ନ ପରିବାର ବଜାର ପୁଣି ଏତେ ଶସ୍ତା ! ପରିବା କିଣିବାକୁ ଭାରି ଇଚ୍ଛା ହୁଏ । ଆନ୍ଧ୍ରା ଓ ଓଡ଼ିଶାର ରାଜଧାନୀକୁ ଏ ଅଂଚଳ ଅଦା ପନିପରିବା ଯୋଗାଏ । ଅଧିକାଂଶ ବସ୍ ଡିକିରେ ଏବଂ ଉପରେ ପରିବା ଲୋଡ୍ କରି ଆନନ୍ଦରେ ସୁଙ୍କି ଓ ସାଲେରୁ ଘାଟି ଚଢ଼ିଥାନ୍ତି । ଦେଓମାଳିର ବାଟେଘାଟେ ଯେଉଁ ଗାଁଗୁଡ଼ିକ ପଡ଼େ- ମାଳିମାର୍ଲା, ଖେଜରାକୋଟ, ଟାଉପଦର, କୁରୁଡ଼ିପଦର, ଧୁରିଆ ଆହୁରି ଅନେକ ଛୋଟବଡ଼ ଗାଁ । ଏହି ଗାଁ ଗୁଡ଼ିକରେ ରହନ୍ତି ମାଳି, କନ୍ଧ, ପରଜା ଓ ଅନ୍ୟାନ୍ୟ ସଂପ୍ରଦାୟର ଲୋକ । ମାଳିମାନେ ସାଧାରଣ ଲୋକଙ୍କ ପରି ଟିକେ ସଚେତନ ଓ ଚାଷରେ ବେଶ୍ ମନ । ଦେଓମାଳିର ପାଦଦେଶରେ ପ୍ରାୟ ମାଳି ସଂପ୍ରଦାୟର ଲୋକ ବାସ କରନ୍ତି । ନାରୀ ଏବଂ ପୁରୁଷ ଉଭୟେ ପଇତା ପିନ୍ଧନ୍ତି, ଖୁବ୍ ପରିଶ୍ରମୀ । ଶିରାଳ ହାତରେ ସୁନାର ଫସଲ ଫଳେଇବାରେ ଏମାନେ ଅପ୍ରୀତିଦ୍ୱନ୍ଦୀ । 'ମାଳିମର୍ଲା'ଗାଁରେ ଏମାନଙ୍କ ସଂଖ୍ୟା ଅଧିକ ଥିବାରୁ ହୁଏତ ଗାଁର ନାମ

ଏମିତି ହୋଇଛି । ଏବେ ଦେଓମାଳି ଓ କୋଟିଆର ବିକାଶ ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି । ପର୍ବତର ଶିଖର ପର୍ଯ୍ୟନ୍ତ ସରୀସୃପ ଭଳି କଳା ମଚମଚ ରାସ୍ତାଟି ଅଙ୍କାବଙ୍କା ହୋଇ ଶିଖର ପର୍ଯ୍ୟନ୍ତ ଲମ୍ବି ଯାଇଛି । ଆଜକୁ ୩୦ବର୍ଷ ତଳେ ରାସ୍ତା ଥିଲା ବେଶ୍ ଶ୍ୱାପଦଶଙ୍କୁଳ । ବିଭିନ୍ନ ସ୍ଥାନରେ ରାସ୍ତା କାଟି ଝରଣା ପାଣି ବହି ଯାଉଥିଲ, ବର୍ଷାଦିନେ ପୁରା ଦୁର୍ଗମ, ବହୁ ବନ୍ୟଜନ୍ତୁ, ମୟୂର ଏ ଅଂଚଳରେ ଦେଖା ଯାଉଥିଲେ । ଘଂଚ ଗଛଲତାର ସବୁଜ ବଳୟ ଯୋଗୁ ଏହାକୁ 'ମହାକାନ୍ତାର' ସାମ୍ରାଜ୍ୟର ସାର ଅଂଶ କୁହା ଯାଉଥିଲା । ଉଚ୍ଚ ପର୍ବତରେ ଦେବତାମାନେ ବାସ କରନ୍ତି- ଏ ବିଶ୍ୱାସ ଆମର ଅଛି । 'ଦେବତାତ୍ମା ହିମାଳୟ'ଠୁ ଆରମ୍ଭ କରି ନିୟମଗିରି ଦେଓମାଳି ସବୁଠି ଗୋଟିଏ ବିଶ୍ୱାସ । ଭାରତର ଅଧିକାଂଶ ପାହାଡ଼ରେ ପତକାଟିଏ ଉଡ଼ିବା ଦୃଶ୍ୟ, ସେଠି ଦେବୀ ବା ଦେବତାଙ୍କ ଆସ୍ଥାନର ସୂଚନା ଦିଏ । କେଉଁଠି କେଉଁଠି ମନ୍ଦିର ସେ ଅଂଚଳର ଜୈବ ବିବିଧତାକୁ ସୁରକ୍ଷା ଦିଏ । (Conservation of biodivercity) ଦେଓମାଳିର ପାଦଦେଶ ଜୈବ ବିବିଧତାର ସ୍ୱର୍ଗ । ଅନେକ ଏଠାକୁ ଟ୍ରାକିଂ ପାଇଁ ମଧ୍ୟ ଆସିଥାନ୍ତି ।




## ସୌନ୍ଦର୍ଯ୍ୟର ଭୂ-ସ୍ୱର୍ଗ 'ଦେଓମାଳି'

ଦେଓମାଳି (ଦେଓ+ମାଳି), ଦେଓର ଅର୍ଥ ଦେବ, ମାଳି ଅର୍ଥ ପାହାଡ଼ମାଳା । ବନବାସୀ ପ୍ରତି ପର୍ବତକୁ ଦେବତାର ସମ୍ମାନ ଦିଏ । ତା'ର ମାଟି ଓ ଝରଣା ତାକୁ ଆହାର ଯୋଗାଏ । ଏଣୁ ପ୍ରତି ପାହାଡ଼ର କୌଣସି ଏକ ବଡ଼ଗଛ ମୂଳରେ କିଛି ଦେବୀ ଦେବତା ଥିବା ସେ ବିଶ୍ୱାସ କରେ । ଗାଡ଼ି ଘାଟି ଚଢ଼ିବା ବେଳେ ଏକ ବୁଲାଣିରେ ଦୁଇଟି ପର୍ବତ ଏଭଳି ଦୃଶ୍ୟମାନ ହେଲେ; ମନେହେଲା ଭୂଦେବୀଙ୍କର ଅମୃତ ସ୍ତନ ସଦୃଶ । ଯା'ର ଜଳରାଶି କ୍ଷୀର ତୁଲ୍ୟ ବହିଯାଇ ତୀରବାସୀଙ୍କ ତୃପ୍ତ କରୁଛି । ମନେ ପଡ଼ିଗଲା ପ୍ରାତଃ ସ୍ମରଣ ଶ୍ଳୋକଟିଏ- "ସମୁଦ୍ର ବସନେ ଦେବୀ, ପର୍ବତ ସ୍ତନ ମଣ୍ଡଳେ / ବିଷ୍ଣୁପତ୍ନୀ ନମସ୍ତଭ୍ୟ ପାଦସ୍ପର୍ଶ କ୍ଷମସ୍ୱମେ ।" ଧିରେ ଧିରେ ଦୃଶ୍ୟ ବଦଳି ବଦଳି ଯାଉଛି । ମଳୟର ସ୍ପର୍ଶରେ ଗଛସବୁ ପତ୍ରଝଡ଼ା ଦେଲାଣି । ନୂଆ କିଶଳୟ ସୂର୍ଯ୍ୟକିରଣରେ ଚକ୍ ଚକ୍ କରୁଛି । ବଡ଼ ଓ ଗହଳ ପତ୍ରଯୁକ୍ତ ବନସ୍ପତି କମି କମି ଗଲାଣି । ଏବେ ଲଣ୍ଡା ପାହାଡ଼ ଅଥଚ ଛୋଟ ଗୁଳ୍ମରେ ଆଚ୍ଛାଦିତ ସବୁଜିମା ଭରା ଦୃଶ୍ୟ ମନରେ କୌତୁହଳ ସୃଷ୍ଟି କରୁଥାଏ । କି ବିଚିତ୍ର ପ୍ରକୃତି ! ଅନ୍ୟ ପର୍ବତ ସବୁର ଶିଖରରେ ଗଛଲତା ଥିବାବେଳେ ଏ ଅଂଚଳର ପର୍ବତ ସବୁରେ ଶୀର୍ଷଦେଶ ବୃକ୍ଷ ଶୂନ୍ୟ । ଦାମନଯୋଡ଼ି ଅଂଚଳର 'ପଞ୍ଚପଟମାଳି' ପର୍ବତମାଳା, ଦେଓମାଳିରେ ପୂରି ରହିଛି ପ୍ରଚୁର ଖଣିଜ ପଥର । ବିଶେଷତଃ 'ବକ୍‌ସାଇଟ୍', 'ଚୂନପଥର' ଓ ବିଭିନ୍ନ ରତ୍ନପଥର ସବୁ ।

ଗାଡ଼ିର ଗତି ଧୀର ହୋଇ ଆସିଲା । ସ୍ଥାନେ ସ୍ଥାନେ ସରକାରଙ୍କ ତରଫରୁ ଦୃଶ୍ୟସ୍ତମ୍ଭ (View Tower) ସହ ଏକ ବଡ଼ ଭିଉଟାୱାର୍ ଦୃଶ୍ୟ ହେଲା ଯାହାକୁ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ କୋରାପୁଟ ଜିଲ୍ଲାପାଳ ଥିବାବେଳେ ନିର୍ମାଣ କରିଥିଲେ । ପର୍ଯ୍ୟଟକ ଓ ପାହାଡ଼ ଚଢ଼ାଳିଙ୍କୁ ଟିକେ ବିଶ୍ରାମ ଦେବା ପାଇଁ ।





ଏବଂ ଏଇଠୁ ଗଣ ମହୋତ୍ସବ ଜିଲ୍ଲାର ସାଂସ୍କୃତିକ ଉତ୍ସବ 'ପରବ' ଆରମ୍ଭ ହୋଇଥିଲା । ଧଳା, ନାଲି, ନୀଳ ରଙ୍ଗର ବହୁ କାର୍ ଏବଂ ମଟର ସାଇକେଲ ଦେଖି ସ୍ଥାନଟି ପ୍ରତି ଲୋକଙ୍କର ଆକର୍ଷଣ କେତେ ତାହା ମୁଁ କଳନା କରୁଥିଲି । କିଛି ଉଠାଦୋକାନ, ଜଳଖିଆ ଦୋକାନ ଚାରିପାଖରେ ଲୋକେ ଭିଡ଼ ଜମାଇଥିଲେ । ଆମେ ବି କିଛି ଚା'ପାନ ପାଇଁ ସେଠାକୁ ଗଲୁ । ବସିବା ପାଇଁ ସରକାର ବେଂଚ୍ ବ୍ୟବସ୍ଥା କରିଛନ୍ତି । ବନ୍ଧୁଙ୍କ ସହ କପେ ଚା' ମୋତେ ମୁଗ୍ଧ ଦାର୍ଶନିକ କରି ଦେଉଥାଏ । କିଲୋମିଟର କିଲୋମିଟର ବ୍ୟାପୀ ଦିଗନ୍ତ ବିସ୍ତାରୀ ପର୍ବତ ଶିଖର  ମେଘରେ ମିଶିଗଲା ପରି ମନେହେଉଥାଏ । ଚାରିଆଡ଼େ ଛୋଟ ଛୋଟ ଖଜୁରୀ ବୁଦା ଯାହାକୁ ସ୍ଥାନୀୟ ଦେଶିଆ ଭାଷାରେ ସିଦ୍ଧିବୁଟା ବୋଲି କହନ୍ତି । ପର୍ବତର ଶିଖରରେ ଶୁଷ୍କତା ଓ ଜଳାଭାବ ଯୋଗୁ ଏହି ସବୁଜ ଉଦ୍ଭିଦର ସଂଖ୍ୟା ଅଧିକ । କିଛି ପର୍ଯ୍ୟଟକଙ୍କୁ ପଚାରି ବୁଝିଲୁ, ସେମାନେ ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଭୁବନେଶ୍ୱରରୁ ଆସିଥାନ୍ତି ବନ୍ଧୁ ଘରକୁ, କେବଳ ଦେଓମାଳି ଦର୍ଶନ ପାଇଁ । ସୀମାନ୍ତ ଆନ୍ଧ୍ର ଓ ସ୍ଥାନୀୟ ଦର୍ଶକଙ୍କ ସଂଖ୍ୟା ବେଶ୍ ଅଧିକ । ଉଚ୍ଚ ପର୍ବତ ଶିଖରରେ କାର୍ବନ ଡାଇ ଅକ୍‌ସାଇଡ୍‌ର ଅଭାବ ଓ ଜଳହୀନତା ଅନ୍ୟଗଛ ସର୍ଜନାରେ ବାଧକ । ଏହି ପର୍ବତ ଗୁଡ଼ିକର ଉପର ଅଂଶ ସାମାନ୍ୟ ଲାଲଖଣିଜ ମୃତ୍ତିକା । ତଳକୁ ତଳ ଖଣିଜ ପଥର ଥିବାରୁ ବର୍ଷାଜଳ ମୃତ୍ତିକା ଭେଦି ଅପ୍ରବେଶ୍ୟ ଶିଳାରେ ସଂଚିତ ହୋଇ ରହେ ଏବଂ ପର୍ବତର ଢାଲୁ ଅଂଶରେ ଝରଣା ହୋଇ କ୍ରମେ ନିମ୍ନକୁ ଗଡ଼ି ଯାଉଥାଏ । ବଡ଼ବଡ଼ ଝରଣା ପାଖରେ ଆଦିବାସୀ ଗାଁ ଠାଏ ଠାଏ ମନ ମୋହୁଥାଏ । ଉପରୁ ଦେଖା ଯାଉଥାଏ ମାତାଲମ୍ବ ଓ ଗୁମେଲପଦର ଗାଁ । ବିରାଟ ଢାଲୁଅଂଶର ଜମିଗୁଡ଼ିକ ଛୋଟ ଶାଗ କିଆରି ଭଳି ଦିଶୁଥାଏ । ଲୋକମାନେ ଛୋଟ କଣ୍ଢେଇ ଭଳି ଏବଂ ଗାଈଗୋରୁ ଗୁଡ଼ିକ ବି ଉପରୁ ବେଶ୍ ଛୋଟ ଅଥଚ ସୁନ୍ଦର ଦିଶୁଥାନ୍ତି । ଏହି ପର୍ବତ ଉପରୁ ଆଉ କିଛି ଦୂରରେ ମିଶରର ପିରାମିଡ଼୍ ଭଳି ଶିଖରଟିଏ ଦେଖା ଯାଉଥାଏ । ନାଲିମାଟିର ପାଦଚଲା ରାସ୍ତାଟି ଶିଖର ପର୍ଯ୍ୟନ୍ତ ଲମ୍ବି ଯାଇଛି । ଏହା ଓଡ଼ିଶାର ସର୍ବୋଚ୍ଚ ଗିରିଶୃଙ୍ଗ 'ଆର୍ମାକୁଣ୍ଡା' ସତେ ଯେମିତି ଆମକୁ ଆହ୍ୱାନ କରୁଥାଏ- ତୁ କ'ଣ ମୋ ପାଖକୁ ଆସି ପାରିବୁ ? ଭିତରେ ବୀରତ୍ୱ ଓ ପୁରୁଷାକାର ଉହୁଁକି ଉଠିଲା । ପାଣି ବୋଟଲ୍ ସାଥିରେ ନେଇ ପାଦ ବଢ଼େଇଲୁ । ଧିରେ ଧିରେ ରାସ୍ତା ସବୁ ପାଦତଳକୁ ଆସିଗଲା । ଆମେ ତିନିଜଣ ପହଞ୍ଚିଲୁ ଶୀର୍ଷରେ । ଆହା ! କି ସୁନ୍ଦର ! କିଛି ମେଘ ଖଣ୍ଡର ଛାୟା ଆମ ଉପରେ ପଡ଼ିଲା । ନୀଳ ଆକାଶ ଓ ଖଣ୍ଡ ଖଣ୍ଡ ମେଘ ଦେଖି ରାଧାନାଥଙ୍କ କବିତା ପଂକ୍ତିଟିଏ ମନେ ପଡ଼ିଗଲା: "ଧଳା ଧଳା ମେଘ ଖଣ୍ଡ ସୁନୀଳ ଅମ୍ବରେ / ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ ।" ବର୍ଷାଦିନେ ଦେଓମାଳିର ଦୃଶ୍ୟ ଆହୁରି ଅନନ୍ୟ ! ଏହାକୁ ମେଘରାଇଜ କୁହାଯାଏ । ଘୁମନ୍ତ ମେଘମାଳାରେ ବିଜୁଳିର ଚମକ ଓ ବଜ୍ରନାଦ ପ୍ରକୃତିର ଏକ ଭୀମକାନ୍ତ ରୂପ; ନିଆରା ସୌନ୍ଦର୍ଯ୍ୟ । ଏ ଦୃଶ୍ୟ ଦେଖିବା ପାଇଁ କିଛି ବର୍ଷ ହେଲା ଦର୍ଶକ ଖାଦ୍ୟ ସହ ଆସି, ଆଶ୍ରୟସ୍ଥଳ ଓ ଭ୍ୟୁ-ଟାୱାର୍‌ରେ ବସି ଏହାର ମଜା ନିଅନ୍ତି । ଏଠି  ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ଅନିର୍ବଚନୀୟ ! ଆନ୍ଧ୍ର ଏବଂ ଓଡ଼ିଶାର ବହୁ ପର୍ଯ୍ୟଟକ ଏବେ ସାଥୀରେ 'ଟେଣ୍ଟ୍' ନେଇ ଏଠାକୁ ଆସୁଛନ୍ତି । ନଭେମ୍ବରରୁ ମାର୍ଚ୍ଚ ଯାଏଁ ପ୍ରତିଦିନ କିଛି ତମ୍ବୁ ଏଠାରେ ସଂଧ୍ୟାରେ ଟଣାଯାଏ । ସ୍ଥାନୀୟ କିଛି ଲୋକ ଏ ଦିଗରେ ପର୍ଯ୍ୟଟକଙ୍କୁ ସାହାଯ୍ୟ କରନ୍ତି ଓ କିଛି ରୋଜଗାର ମଧ୍ୟ କରନ୍ତି । ବନ୍ୟଜନ୍ତୁଙ୍କ ଭୟ ବିଶେଷ ନଥିବାରୁ ପର୍ଯ୍ୟଟକ ଆନନ୍ଦରେ ଏଠି ରାତ୍ରୀଯାପନ କରି ଭୋର୍ ସମୟର ସୂର୍ଯ୍ୟୋଦୟକୁ ବିଭୋର ମୁଦ୍ରାରେ ଦେଖିଥାନ୍ତି । ଆମେ ସେଦିନ କେବଳ ସୂର୍ଯ୍ୟାସ୍ତର ଅପୂର୍ବ ଛଟା ହିଁ ଦେଖିଥିଲୁ ।

ସଂଧ୍ୟା କ୍ରମେ ନଇଁ ଆସୁଥାଏ । ଫେରିବା ବାଟରେ କିଛି ଅନ୍ୟ ଅଂଚଳର ପର୍ଯ୍ୟଟକଙ୍କ ସହ ବାର୍ତ୍ତାଳାପରୁ ଜାଣିଲୁ, ଏ ଜାଗାର ଅନନ୍ୟ ସୌନ୍ଦର୍ଯ୍ୟ ଦେଖି



ସେମାନେ ଆତ୍ମହରା । ସମୁଦ୍ର କୂଳିଆ ମଣିଷ ପାହାଡ଼ ପର୍ବତ ଦେଖିଲେ ମୁଗ୍ଧ ହୁଏ । ସେପରି ପାର୍ବତ୍ୟାଞ୍ଚଳ ମଣିଷ ସମୁଦ୍ର ଦେଖିଲେ ବିଭୋର ହୁଏ । ପିଲାମାନେ କିଛି ବିସ୍କୁଟ୍ ଚକ୍‌ଲେଟ ଖାଇଲେ, ଆମେ ସିମେଣ୍ଟ ବେଞ୍ଚରେ ବସି ଟିକେ ବିଶ୍ରାମ ନେବାବେଳେ । ଏହାର ପରିବେଶ ପର୍ଯ୍ୟଟନର ବିକାଶ କେତେ ପଛରେ ପଡ଼ି ଯାଇଛି ସେ ବିଷୟରେ ଚିନ୍ତା କରୁଥିଲୁ ।



## ଦେଓମାଳି ପରିବେଶ ପର୍ଯ୍ୟଟନର ଅନନ୍ୟ ଅମରାବତୀ

କବିଙ୍କର କବିତା ପଂକ୍ତିଟିଏ ମନେପଡ଼ିଲା– "ଋତୁରେ ଋତୁରେ ସ୍ୱପ୍ନବିଭୋର ଏ ମାଟି ମୋ ମଧୁଝରା !" 'କୋରାପୁଟ' ମାଟିର ବୈକୁଣ୍ଠ । ଏଇଠି ରହିଛି ବହୁ ପ୍ରାକୃତିକ ସୌନ୍ଦର୍ଯ୍ୟସ୍ଥଳୀ । 'ରାଣୀ ଡୁଡୁମା', 'ଡୁଡୁମା', 'କୋଲାବ୍', 'ଗୁପ୍ତେଶ୍ୱର ପୁଟ୍‌ସିଲ୍', 'ପୁଞ୍ଜିସିଲ୍', ବାଗ୍ରା ଓ କେତଲା ଭଳି ୨୫ରୁ ଉର୍ଦ୍ଧ୍ୱ, ଦର୍ଶନୀୟ ସ୍ଥାନ ।

ବାହାରର ଦର୍ଶକ କୋରାପୁଟ ଆସିଲେ ମୁଗ୍ଧ ହୁଅନ୍ତି ଏ ଅଂଚଳର ପ୍ରକୃତିର ରୂପଲାବଣ୍ୟ ଦେଖି । ବିଗତ କିଛି ଦଶନ୍ଧି ତଳେ ପ୍ରକୃତି ପର୍ଯ୍ୟଟନ (Eco tourism)ର ଧାରଣା ପର୍ଯ୍ୟଟନ ଶିଳ୍ପକୁ ବେଶ୍ ପ୍ରଭାବିତ କରିଛି । ପ୍ରକୃତି ଓ ସଂସ୍କୃତିର ସୁରକ୍ଷା ସହ ସାମାଜିକ ଓ ଅର୍ଥନୈତିକ ଉନ୍ନତିରେ ପ୍ରକୃତି ପର୍ଯ୍ୟଟନ ଆଜି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି ।

ପର୍ଯ୍ୟଟନ ଶିଳ୍ପକୁ ଧୂମବିହୀନ ଶିଳ୍ପ (Smokeless Industry) କୁହାଯାଏ । ଗୋଟିଏ ଅଂଚଳର ପରିବେଶ ପର୍ଯ୍ୟଟନ ଶିଳ୍ପ ସେ ଅଂଚଳର ସାମଗ୍ରିକ ବିକାଶ ଓ ପରିଚୟ ସୃଷ୍ଟିରେ ବିଶେଷ ଭୂମିକା ନେଇଥାଏ । ଏହି ଶିଳ୍ପର ମୂଳ ଭିତ୍ତି ହେଲା ପ୍ରକୃତିର ବିଭିନ୍ନ ବିଭବ ଯାହା ଦର୍ଶକଙ୍କୁ ବିଭୋର କରିବା ସହ ଚିତ୍ତ ବିନୋଦନ ଓ ଶାରିରୀକ, ମାନସିକ ସ୍ୱାସ୍ଥ୍ୟ ସୁରକ୍ଷାରେ ସାହାଯ୍ୟ କରେ । ଥରେ ଛତିଶଗଡ଼ ଚିତ୍ରକୂଟ ଭ୍ରମଣରେ ଗଲାବେଳେ ସୀମାନ୍ତରେ ଲେଖାଥିବା ଗୋଟିଏ ବାକ୍ୟ ଉପରେ ନଜର ପଡ଼ିଲ– "ଆପ୍ ଛତିଶଗଡ଼ ନେହିଁ ଦେଖାତୋ କ୍ୟା ଦେଖା ?" ଏ ବାକ୍ୟଟି ମୋତେ ଆନ୍ଦୋଳିତ କଲା । କାରଣ, କୋରାପୁଟରେ ଅଛି ଏମିତି ଅନେକ ମନଲୋଭା ଜଳପ୍ରପାତ, ସୁଉଚ୍ଚ ପର୍ବତମାଳା ଅଥଚ ପ୍ରକୃତି ପର୍ଯ୍ୟଟନର ବିଶେଷ ଉନ୍ନତି ହୋଇନଥିବା କାରଣରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ସମ୍ବଳ ସଂଗ୍ରହ କରି ପାରୁନି । ଏପଟେ ଆନ୍ଧ୍ରର ପର୍ଯ୍ୟଟନ ଶିଳ୍ପ କଥା ବିଚାର କରାଯାଉ । ବିଶାଖାପାଟଣା ନିକଟରେ ଗୋଟିଏ ପାହାଡ଼ ପାଦଦେଶରେ ସମୁଦ୍ର: ସେଇଠି ସେମାନେ ବିକାଶ କରିଛନ୍ତି 'କୈଳାଶଗିରି' । ପ୍ରଚୁର ଅର୍ଥ ଦେଇ ଲୋକ ସେଠାକୁ ଯାଉଛନ୍ତି । ଅଥଚ ଆମରାଜ୍ୟ ଏ ଦିଗରେ ବିଶେଷ ଅଗ୍ରଗତି କରିନାହିଁ । ବିକାଶ ନାଁରେ କିଛିଦିନ କୌଣସି ଅଂଚଳରେ ପରିବେଶ ପର୍ଯ୍ୟଟନ ନାଁରେ କିଛି କାମ ହେବ, ତା'ପରେ ଯୋଜନା ଅଭାବ କାରଣରୁ ସ୍ଥାନଟି ତାର ଚମକ ହରାଇବ । 'ଦେଓମାଳି', 'ଗୁପ୍ତେଶ୍ୱର' ଓ 'ରାଣୀଡୁଡୁମା' ପ୍ରକୃତି ପର୍ଯ୍ୟଟନ ପାଇଁ ଉତ୍କୃଷ୍ଟ ସ୍ଥାନ । ସରକାର ଏହା ଉପରେ କିଛି କରିଛନ୍ତି, କିନ୍ତୁ ଅର୍ଥ ସଂଗ୍ରହ, ଏହାର ଉପଯୋଗ, ସ୍ଥାନୀୟ ଜନସାଧାରଣଙ୍କୁ ଏଥିରେ ଅନ୍ତର୍ଭୁକ୍ତ ନକରିବା ଏବଂ ଉପଯୁକ୍ତ ଯୋଜନା ଅଭାବ କାରଣରୁ ଏଠି ପ୍ରକୃତି ପର୍ଯ୍ୟଟନ ପଥହରା । ପ୍ରତିଦିନ ଦେଓମାଳିକୁ ଯେତିକି ପର୍ଯ୍ୟଟକ ଆସୁଛନ୍ତି ଯଦି କିଛି ଅର୍ଥ ସେମାନଙ୍କଠୁ ଆଦାୟ କରାଯାଆନ୍ତା, ସେମାନେ ଆନନ୍ଦରେ ତାହା ପ୍ରଦାନ କରିପାରନ୍ତେ ଏବଂ ସ୍ଥାନଟିର ବିଶେଷ ବିକାଶ ହୋଇପାରନ୍ତା । ସ୍ଥାନୀୟ ବନବାସୀ ଯୁବକଙ୍କୁ ଗାଇଡ୍ ଭାବେ ପ୍ରଶିକ୍ଷଣ,



ଓ ବନବାସୀମାନଙ୍କୁ ଅଲଗା ଗୃହରେ ସାମାନ୍ୟ ସରକାରୀ ପ୍ରୋତ୍ସାହନରେ ପାରଂପରିକ 'ଅତିଥିଗୃହ ନିର୍ମାଣ', ଟୁର୍ ଅପରେଟର୍, ଟେକ୍ସିବାଲାଙ୍କୁ ଏ ଦିଗରେ ତାଲିମ ପ୍ରଦାନ ସହ ଏଠିଥିବା ଅର୍ଥରୋଜଗାର ସମ୍ଭାବନାକୁ ଯଦି କାମରେ ଲଗା ଯାଇପାରନ୍ତା, ତେବେ ଦେଶୀ ଓ ବିଦେଶୀ ପର୍ଯ୍ୟଟକ ବହୁମାତ୍ରାରେ ଏ ଅଂଚଳକୁ ଆସନ୍ତେ ଏବଂ ଆର୍ଥିକ ରୋଜଗାର ସ୍ଥାନୀୟ ବାସିନ୍ଦାଙ୍କର ଆଶାତୀତ ଭାବେ ବଢ଼ିପାରନ୍ତା ।

## ଦେଓମାଳି ଓ କୋଟିଆ ଗ୍ରାମପୁଞ୍ଜ

ଦେଓମାଳିର ଢାଲୁ ଓ ଉପତ୍ୟକାରେ ରହିଛି ଅନେକ ବନବାସୀ ଗାଁ । ଏଠାରୁ ମାତ୍ର ୧୦କି.ମି. ଡାହାଣକୁ ଗଲେ ପଡ଼େ କୋଟିଆ ଗ୍ରାମପୁଞ୍ଜ ଯା' ଉପରେ ଆନ୍ଧ୍ରାର ନଜର ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଓଡ଼ିଶାର ଏହି ଗ୍ରାମ ପୁଞ୍ଜରେ ଥିବା ଗାଁ ଗୁଡ଼ିକ ହେଲା (୧) ଗଞ୍ଜେଇ ପଦର (୨) ତଳ ଗଞ୍ଜେଇପଦର (୩) କୁରୁଡ଼ିପଦର (୪) କୋଟିଆ(୫) ଜାନିଗୁଡ଼ା (୬) ମାଡ଼ାକାର (୭) ବାର୍ଣ୍ଣାପାଡୁ (୮) ଡୋଲିଆମ୍ବା (୯) ଫଗୁଣ ସିନେରୀ (୧୦) ଫାଟୁସିନେରୀ (୧୧) ସଲପଗୁଡ଼ା (୧୨) କାନାଦୋରା (୧୩) ହର ମାଣ୍ଡିଙ୍ଗି (୧୪) ସିଡ଼ିବାଲସା (୧୫) ମହିପାଣି (୧୬) ଉପରସେମ୍ଭି (୧୭) ତଳସେମ୍ଭି (୧୮) ଧୂଳିପଦର (୧୯) ପାନ୍‌କୁ ବାଲସା (୨୦) ଆର୍ଜୁବାଲସା (୨୧) ତାଡ଼ିବାଲ୍‌ସା (୨୨) ଶଙ୍କର ବାଲ୍‌ସା (୨୩) ନାରଡ଼ବାଲ୍‌ସା (୨୪)ପନିକି (୨୫) ଉପର ପନିକି (୨୬) ରଣାସିଂ (୨୭) ସିମାଗାଡ଼ା- ଏଭଳି ୨୭ଟି ଗାଁକୁ ଘେଣର ରହିଥିବା ପାହାଡ଼ ଗୁଡ଼ିକରେ ରହିଛି ଅଜସ୍ର ଖଣିଜ ସଂପଦ ଓ ରତ୍ନପଥର । ଏପରିକି ସୁନାଖଣିର ସମ୍ଭାବନାରେ ଆନ୍ଧ୍ର ପ୍ରଲୁବ୍ଧ ହୋଇ ଅନଧିକାର ପ୍ରବେଶ କରି ବିକାଶ ନାଁରେ ଲୋକଙ୍କୁ ନିଜ ସପକ୍ଷରେ ନେବାକୁ ଆପ୍ରାଣ ଉଦ୍ୟମ କରୁଛି । ଚାଉଳ, ରାସନ, ଜୋତା ଛତାଠୁ ଆରମ୍ଭ କରି ଅର୍ଥ ପର୍ଯ୍ୟନ୍ତ ଲୋକଙ୍କୁ ବାଣ୍ଟି କୋଟିଆକୁ କବ୍‌ଜା କରିବାକୁ ଉଦ୍ୟମ କରୁଛି । ଗତବର୍ଷ ଠାରୁ ସୁପ୍ତ ଓଡ଼ିଆଜାତି ଏ ଅଂଚଳରେ ଜାଗ୍ରତ ହୋଇଛି । ଗଲା ଏପ୍ରିଲରେ ସେଠାରେ 'ଉତ୍କଳ ଦିବସ' ପାଳନ ଏ ବର୍ଷ ସବୁଦଳର ସମ୍ମିଳିତ ଉଦ୍ୟମ ବଳରେ ଅବାଧ ପଂଚାୟତ ନିର୍ବାଚନ ଆନ୍ଧ୍ରର ଷଡ଼ଯନ୍ତ୍ରକୁ ପଣ୍ଡ କରିଛି । ଆଗାମୀ ଦିନରେ ବି କୋଟିଆ ଓ ଦେଓମାଳି ଆମର ଏ ଅସ୍ମିତା ନେଇ ଏ ଜାତି ଏକଜୁଟ ହେଲେ ଓଡ଼ିଶାର ସୀମା ବିବାଦ ଅଚିରେ ସମାଧାନ ହୋଇପାରିବ ।



## ଦେଓମାଳିର ସୁରକ୍ଷା ଜୀବନ ଓ ପରିବେଶର ରକ୍ଷା

ସୂର୍ଯ୍ୟାସ୍ତର ସମୟ ଦେଓମାଳିର ଆକାଶ ଲୋହିତ କିରଣ ଛଟାରେ ଅପୂର୍ବ ଦିଶୁଥାଏ । ଆମେ ସଭିଏଁ ଗାଡ଼ିରେ ବସିଲୁ କ୍ଳାନ୍ତ ଶରୀର ନେଇ । କିଛି ସ୍ଥାନରେ ବଡ଼ବଡ଼ ଜେ.ସି.ବି. ମେସିନ୍‌ର ଦନ୍ତାଘାତରେ କ୍ଷତବିକ୍ଷତ ହେଉଥିବା ପାହାଡ଼ ଆମକୁ ବେଶ୍ କରୁଣ ଦୃଷ୍ଟିରେ ଦେଖୁଥିଲେ । ପାଖରେ ଶିକ୍ଷିତ ଇଞ୍ଜିନିୟର, ରାସ୍ତା ନିର୍ମାଣ ନୁହେଁ ବରଂ ମୃତ୍ତିକା ଓ ପ୍ରସ୍ତର ସଂଗ୍ରହ କରୁଥାନ୍ତି ବିଜ୍ଞାନଗାରକୁ ପଠାଇବା ପାଇଁ । କେତେଧାତୁ (ବକ୍ସାଇଟ୍)ସେ ଶିଳାରେ ରହିଛି । ଦିନେ ଏମିତି ଇଞ୍ଜିନିୟର ଦଳର ପରୀକ୍ଷାନିରୀକ୍ଷା ପରେ ବକ୍ସାଇଟ୍ ପାଇଁ ପଞ୍ଚପାଟମାଳି ପାହାଡ଼ମାଳା ନିଲାମ ହୋଇଗଲା । ଡିନମାଇଟ୍‌ରେ ତା' ଛାତିକୁ ଫଟେଇ, ସବୁଜିମାକୁ ଧ୍ୱଂସ କରି ବକ୍ସାଇଟ୍ ଉତ୍ତୋଳନ କରାଗଲା ଓ ଅନୁଗୁଳରୁ ଆଲୁମିନିୟମ ଉତ୍ପାଦନ କରି ଏହା ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ କମ୍ପାନୀ ଭାବେ ଯଶ ଅର୍ଜନ କଲେ । ଆର୍ଥିକ ଦିଗରୁ ରାଜ୍ୟ ଓ ଦେଶ ବେଶ୍ ଲାଭବାନ ହେଲେ ଅଥଚ କେବଳ ଦାମନଯୋଡ଼ି ନୁହେଁ ପୁରା କୋରାପୁଟ ଜିଲ୍ଲାର ଜଳବାୟୁ ବଦଳିଗଲା । ଯେଉଁ ଜିଲ୍ଲାରେ ଗ୍ରୀଷ୍ମଋତୁରେ ଶୀତର ଅନୁଭବ ହେଉଥିଲା; ତା' ଜଳବାୟୁ ଏମିତି ବଦଳିଯିବା ଦୁଃଖଦାୟକ ନୁହେଁ କି ?

ହଜାର ହଜାର ବର୍ଷଧରି ପ୍ରକୃତି ଯେଉଁ ରତ୍ନଗର୍ଭା ପର୍ବତ ସବୁ ସୃଷ୍ଟି କରିଛି ସେମାନେ ହିଁ ନଈ, ଝରଣାର ଜନ୍ମଦାତା, ସଭ୍ୟତାର ଅନ୍ତୁଡ଼ିଶାଳ, ଜଳବାୟୁର ନିୟନ୍ତ୍ରକ ଓ ପୃଥିବୀର ଭାରସାମ୍ୟ ରକ୍ଷାର କାରଣ । ମଣିଷ ପ୍ରକୃତିର ଏହି ଅନୁପମ ଦାନକୁ ଧ୍ୱଂସ କରେ ତେବେ ଏ ପୃଥିବୀରୁ ପ୍ରଦୂଷଣ ଓ ବିଶ୍ୱତାପନ ଯୋଗୁ ଜୀବସତ୍ତା ଅଚିରେ ଲୋପ ନପାଇବ ତାହା କହିବା ମୁସ୍କିଲ ଅଟେ ।

ଏଣୁ ସଂସ୍କୃତି ଓ ପ୍ରକୃତିର ରକ୍ଷା ପାଇଁ ଆର୍ଥିକ ବିକାଶ ଲାଗି ପରିବେଶ ପର୍ଯ୍ୟଟନର ଉନ୍ନତି କରାଯାଉ । ଏ ବର୍ଷ 'ପୁଟସିଲ୍'ରେ (ଦେଓମାଳିର ପାଦଦେଶରେ) ପର୍ଯ୍ୟଟନ ବିଭାଗ ତରଫରୁ ଯେମିତି ବ୍ୟବସ୍ଥା କରାଯାଇଥିଲା ତାହାକୁ ଦେଓମାଳିର ବିଭିନ୍ନ ଅଂଶରେ ବନବାସୀ ଜନପଦ ସଂଲଗ୍ନ ଉପତ୍ୟକାରେ ଯୋଜନାବଦ୍ଧ ଭାବେ କରାଯାଉ । 'ଦେଓମାଳି' ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କୁ ହାତ ଠାରି ଡାକିବ । ବନବାସୀ ଜୀବିକା ପାଇବ, ତାର ଦାରିଦ୍ର୍ୟ ଦୂର ହେବ । ପ୍ରକୃତି ଓ ସଂସ୍କୃତି ବଂଚିଯିବ । ଫଳରେ ଭବିଷ୍ୟତ ପୀଢ଼ି ଆମ ଅସ୍ମିତା ଓ ମାନବିକତାର ଗୁଣଗାନ କରିବେ । ଏମିତି କେତେ କ'ଣ ବିଚାର ଭିତରେ ଗାଡ଼ି ବ୍ରେକ୍ କଷିଲା । ସମସ୍ତଙ୍କୁ ବିଦାୟ ଜଣାଇ ଦେଓମାଳିର ସବୁଜ ସ୍ମୃତିକୁ ହୃଦୟରେ ସାଇତି ଆମେ ଘରମୁହାଁ ହେଲୁ ।

ଗୃହ ସମସ୍ୟା

# ହସଖୁସିର ପରିବାର - ୨୯

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ । ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ । କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**



**ଡକ୍ଟର ହରପ୍ରସନ୍ନ ଦାସ**

ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ବାପାମାଆଙ୍କର ମୁଁ ବଡ ଝିଅ । ଚାକିରି କରିଛି । ମୋର ଆଉ ଦୁଇଟି ସାନ ଭଉଣୀ ଅଛନ୍ତି ଏବଂ ଗୋଟିଏ ଭାଇ ଅଛି । ମୋ ବାପା ଜଣେ ବଢେଇ । ତାଙ୍କର ଯାହା ରୋଜଗାର ହୁଏ ସେଥିରେ ଆମ ପରିବାର ଚଳେ । ଏବେ ମୁଁ ଗୋଟିଏ ବେସରକାରୀ ସଂସ୍ଥାରେ ଚାକିରି ପାଇବା ପରେ ମୋ ଭାଇ ଓ ଭଉଣୀଙ୍କ ପାଠପଢାର ଦାୟିତ୍ୱ ନେଇଛି । ମୋ ଭାଇ ମୋଠାରୁ ପ୍ରାୟ ଆଠବର୍ଷ ସାନ । ମୋ ବାପାମାଆ ନିଜ ପୁଅକୁ ଝିଅମାନଙ୍କଠାରୁ ବହୁତ ଅଧିକ ଭଲ ପାଆନ୍ତି । ଗୋଟିଏ ଭାଇ ବୋଲି ଆମେ ଭଉଣୀମାନେ ମଧ ତାକୁ ବହୁତ ଭଲ ପାଉ । ଆମେ ତିନି ଝିଅ ଓଡିଆ ସ୍କୁଲରେ ପାଠ ପଢିଲା ବେଳେ ଭାଇକୁ ଇଂରାଜି ମିଡିୟମରେ ପାଠ ପଢାଇଥିଲେ । ଏଥିପାଇଁ ତାଙ୍କୁ ବହୁତ କଷ୍ଟ ମଧ କରିବାକୁ ପଡିଥିଲା । ହେଲେ ଭାଇ ବାପାଙ୍କର ସେ କଷ୍ଟକୁ ଆଦୌ ବୁଝିଲାନି । ଏବେ ସେ ନବମ ଶ୍ରେଣୀରେ ପାଠ ପଢୁଛି । ତାର କିନ୍ତୁ ପାଠପଢାରେ ଆଦୌ ଆଗ୍ରହ ନାହିଁ । କେବଳ ଭଲ ଖାଇବ, ଭଲ ପିନ୍ଧିବ ଓ ଅୟସ କରିବ ତଥା

▼ସ୍ୱାଗତିକା ସେଠୀଙ୍କ ହସଖୁସିର ପରିବାର



ସାଙ୍ଗମାନଙ୍କ ସହିତ ବୁଲିବ । ସେ ସବୁବେଳେ ସ୍ୱପ୍ନର ଦୁନିଆରେ ରହିବାକୁ ଭଲ ପାଉଛି । ସେ ଭାବୁଛି ହଠାତ କିଛି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲେ ଅବା ଲଟେରୀ ଲାଗିଗଲେ ଆମର ସବୁ କଷ୍ଟ ଦୂର ହେଇଯାନ୍ତା । ଘରକୁ ଅଚଳାଚଳ ସଂପତି ଆସିବା ସହିତ ସେ ସେ ସବୁର ମାଲିକ ହେଇଯାନ୍ତା । ଏହିପରି ଅନେକ କିଛି ଅବାସ୍ତବ ଭାବନାରେ ତାର ଦିନ କଟୁଛି । ସପ୍ତମ ଶ୍ରେଣୀରୁ ହିଁ ସେ ଅନ୍ୟ ସାଙ୍ଗମାନଙ୍କ ସହିତ ମିଶି ସିଗାରେଟ ଖାଇବା ଆରମ୍ଭ କଲା । ଘରେ ବୁଝାଇବା ପରେ କିଛି ଦିନ ସବୁକିଛି ଠିକ ଚାଲିଥିଲା । ହେଲେ ତାହା ବେଶିଦିନ ରହିଲା ନାହିଁ । ଧୀରେ ଧୀରେ ଆମେ ଜାଣିବାକୁ ପାଇଲୁ ସେ ଟିଉସନ ନ ଯାଇ ଅନ୍ୟ ପୁଅଝିଅମାନଙ୍କ ସହିତ ବାହାରେ ଖଟି କରୁଛି । ଫିଲ୍ମ ଦେଖିବାକୁ ଯାଉଛି । ହୋଟେଲରେ ଖାଉଛି । ଆମେ ଅନେକ ଚେଷ୍ଟା କଲୁଣି ହେଲେ ଫଳ କିଛି ହେଉନି । ବେଳେ ବେଳେ ସେ ରାତିରେ ମଦ ପିଇ ମଧ୍ୟ ଘରକୁ ଫେରୁଛି । ଯାହା ଏବେ ଆମ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ତାକୁ କଣ କେମିତି ବୁଝାଇ ଉପଯୁକ୍ତ ରାସ୍ତାକୁ ଆଣିବୁ ସେ କଥା ଭାବି ଭାବି ମୋ ବାପାମାଆ ରୋଗଶଯ୍ୟାରେ ପଡିଗଲେଣି । ଆପଣଙ୍କ ବିଷୟରେ ରେବତୀ ପତ୍ରିକାରୁ ଜାଣିବାକୁ ପାଇଲି । ଆପଣ ଏତେ ଲୋକଙ୍କୁ ତାଙ୍କ ସମସ୍ୟାର ସମାଧାନ ବତାଉଛନ୍ତି । ଦୟାକରି ଆପଣ ଏ ସବୁର ସମାଧାନର ରାସ୍ତା ମୋତେ ବତାଇଲେ ମୁଁ ବହୁତ ଉପକୃତ ହେବି ।

**ସୁରମା ସେନାପତି,** ରାଇରଙ୍ଗପୁର

## ସମାଧାନର ସୂତ୍ର

ତୁମେ ଯାହା ସବୁ ଲେଖିଛ ସେଥିରୁ ସ୍ପଷ୍ଟ ଜଣା ପଡୁଛି ଯେ ତୁମ ଭାଇ ସଂପୂର୍ଣ୍ଣ ଭାବରେ ଅବାଟରେ ଚାଲି ଯାଇଛି । ସେ କଥା ଭାବି ଭାବି ତୁମ ବାପାମାଆ ରୋଗାକ୍ରାନ୍ତ ହେଇଗଲେଣି । ଖୋଲାଖୋଲି ଭାବରେ କହିବାକୁ ଗଲେ ଏଥିପାଇଁ ତୁମ ବାପାମାଆ ହିଁ ସଂପୂର୍ଣ୍ଣ ଭାବରେ ଦାୟୀ । ପୁଅଟିଏ ପାଇବା ପାଇ ସେ ଏତେ ବ୍ୟସ୍ତ ହେଇଗଲେ ଓ ଏତେ ଖୁସିରେ ଆତ୍ମହରା ହେଇଗଲେ ଯେ ଝିଅମାନଙ୍କୁ ଅଣଦେଖା କରିଲେ । ଯାହା ତୁମେ ଏଠାରେ ଭଲ ଭାବରେ ଲେଖିଛ । ତୁମେ ତିନି ଭଉଣୀ ଓଡିଆ ସ୍କୁଲ୍‌ରେ ପଢ଼ିଥିବା ବେଳେ ପୁଅକୁ ଇଂରାଜି ସ୍କୁଲ୍‌ରେ ପଢାଗଲା । ଗୋଟିଏ ପୁଅ ବୋଲି ସେ ପିଲା ଦିନରୁ ନିହାତି ଭାବରେ ଅତି ଗେଲବସରରେ ବଢିଲା । ବୋଧହୁଏ ସେ ଯେତେବେଳେ ଯାହା ମାଗିଥିବ ବାପାମାଆ ତାହା ନିଶ୍ଚିତ ଭାବରେ ସାଙ୍ଗେ ସାଙ୍ଗେ ଯୋଗାଇ ଦେଇଥିବେ । ଏକ ଆରାମଦାୟକ ଜୀବନ କଟାଉ ଥିବାରୁ ବାପାମାଆଙ୍କର କଷ୍ଟ ସେ ବୁଝି ପାରିଲା ନାହିଁ । ବରଂ କହିଲେ ଠିକ ହେବ ଯେ ତାକୁ ଘରର କୌଣସି କଷ୍ଟ ବିଷୟରେ ଜଣାଇ ଦିଆଗଲା ନାହିଁ । ଏଣୁ ସେ ସବୁବେଳେ ଏକ ସ୍ୱପ୍ନର ଦୁନିଆରେ ରହିଲା । ଏପରିକି ସେ ବୁଝି ପାରିଲା ନାହିଁ ଯେ ତୁମେ ଘରର ବଡ ଝିଅ ହୋଇ ଏବେ ଚାକିରି କରି ଘର ଚଳାଉଛ । ଆଜି ସେ ଯେଉଁ ଭଳି ଅବାଟରେ ଚାଲି ଯାଇଛି ତାହା ତୁମେମାନେ ଆଗରୁ ଦେଖିଥିବ । ଏଣୁ ପ୍ରଥମରୁ କିଛି ପ୍ରତିକାର ବ୍ୟବସ୍ଥା କରିଥିଲେ ଏବେ ଅବସ୍ଥା ନିୟନ୍ତ୍ରଣ ବାହାରକୁ ଯାଇ ନ ଥାନ୍ତା । ସବୁ ସମସ୍ୟାର ସମାଧାନ ରହିଛି । ଏଣୁ ଏବେ ଚିନ୍ତାରେ ଭାଙ୍ଗି ନ ପଡି ଥଣ୍ଡା ମୁଣ୍ଡରେ କିଛି ବାଟ ବାହାର କରିବାକୁ ପଡିବ । ପ୍ରଥମ କାର୍ଯ୍ୟହେଉଛି ଯେ ବାପାମାଆଙ୍କୁ ତୁମେ ସକାରାତ୍ମକ ମନୋଭାବରେ ବୁଝାଅ ଯେପରିକି ସେମାନେ ମାନସିକ ସ୍ତରରେ ଭାଙ୍ଗି ପଡିବେ ନାହିଁ । ନଚେତ ସେମାନେ ଧୀରେ ଧୀରେ ଏହିପରି ରୋଗାକ୍ରାନ୍ତ ରହିବେ । ସେଥିପାଇଁ ତୁମେ ହିଁ ବାପାମାଆଙ୍କୁ ସାହସ ଦେଇ ପାରିବ । ଏବେ ଆଉ ବାପାମାଆଙ୍କୁ ଦୋଷ ଦେଲେ କିଛି ଲାଭ ହେବନାହିଁ ବରଂ ସେମାନେ ଅଧିକ ଚିନ୍ତାଗ୍ରସ୍ତ ହେବେ । ତେଣୁ ତୁମେ ତିନି ଭଉଣୀ ଓ ବାପାମାଆ ଏକ ମନ ହେଇ ଘର ଭିତରେ ଏକ ଶାନ୍ତ ପରିବେଶ ସୃଷ୍ଟି କର । ସାନ ଭାଇର ଦୋଷ କାଢିବ ନାହିଁ କିମ୍ବା ତା ଉପରେ ବିରକ୍ତ ହେବ ନାହିଁ । ତାକୁ କିଛି ନ କହି ଚୁପଚାପ ରହିଲେ ହୁଏତ ତା ଉପରେ କିଛି ପ୍ରଭାବ ପଡିପାରେ । ଘରେ କିମ୍ବା ବାହାରେ ତା ବିଷୟରେ ଆଲୋଚନା କେବେ ବି କରିବ ନାହିଁ । ସେ ଅନୁଭବ କରିବା ଦରକାର ଯେ ତୁମେମାନେ ତା ଠାରୁ ଦୂରେଇ ରହିବାକୁ ଚାହୁଁଛ । ଏହା ହଠାତ ସମାଧାନ ହେବାର ଆଶା ରଖ ନାହିଁ । ଧୈର୍ଯ୍ୟ ରଖ ଦିନେ ନା ଦିନେ ଏହି ସମସ୍ୟାର ସମାଧାନ ହେବ ।



ଦୁର୍ଗା ପ୍ରସାଦ ପଣ୍ଡାଙ୍କ ହସଖୁସିର ପୁରିବାର

## ସମସ୍ୟା: ୨

ମୁଁ ଜଣେ ଛାତ୍ରୀ । କଲେଜରେ ପାଠ ପଢୁଛି । ହଷ୍ଟେଲରେ ରହୁଛି । ମୋ ବାପା ଆଗରୁ ବାହାରେ ସରକାରୀ ଚାକିରି କରୁଥିଲେ । କିନ୍ତୁ ରିଟାୟାର୍ଡ ପରେ ଯାଇ ଗାଆଁରେ ରହିଲେ । ମୋର ଗୋଟିଏ ଭାଇ । ସେ ମୋ ଠାରୁ ବଡ । ସେ ଚାକିରି କରି ବାଙ୍ଗାଲୋରରେ ତାର ପରିବାର ସହିତ ରହୁଛି । ସେ ବାପାମାଆଙ୍କର ଇଚ୍ଛା ବିରୁଦ୍ଧରେ ବିବାହ କରିଛି ବୋଲି ବାପା ତାକୁ ଘରେ ପୁରାଉ ନାହାନ୍ତି । ବାପା ବହୁତ ଏକଜିଦିଆ ସ୍ୱଭାବର ଲୋକ । ତେଣୁ ମାଆ ବି ତାଙ୍କ ଆଗରେ ମୁହଁ ଖୋଲି କିଛି କଥା କହିପାରନ୍ତି ନାହିଁ । ଏବେ ଭାଇ ଘରଠାରୁ ଅଲଗା ରହିବା ପରେ ମୋ ବାପାଙ୍କର ଜିଦ୍ ଆହୁରି ବଢି ଯାଇଛି । ସେ ଏବେ ତାଙ୍କର ସବୁ ସ୍ୱପ୍ନକୁ ମୋ ଉପରେ ଲଦି ଦେଉଛନ୍ତି । ଏପରିକି ମୋର ଇଚ୍ଛା ବିରୁଦ୍ଧରେ ମୋତେ ହଷ୍ଟେଲରେ ରହିବାକୁ ବାଧ କରିଲେ । ମୁଁ ଯୁକ୍ତ ଦୁଇ କଳାରେ ପଢିବାକୁ ଇଚ୍ଛା କରୁଥିଲି ସେ ମୋତେ ବାଧ କରି ଯୁକ୍ତ ଦୁଇ ବିଜ୍ଞାନ ପଢାଇଲେ । ମୁଁ କିଛି କହି ପାରିଲି ନାହିଁ କି ମନା ବି କରି ପାରିଲି ନାହିଁ । ଏବେ ମୁଁ ମୋର ଇଚ୍ଛା ବିରୁଦ୍ଧରେ ଆସି ହଷ୍ଟେଲରେ ରହି ଯୁକ୍ତ ଦୁଇ ବିଜ୍ଞାନ ପଢୁଛି । ଭାବିଥିଲି କେମିତି ବି ହେଉ ଯୁକ୍ତ ଦୁଇ ପାସ୍ କଲା ପରେ ଯୁକ୍ତ ତିନି କଳା ପଢିବି । କିନ୍ତୁ ବାପାଙ୍କର ସେଇ ଏକା ଜିଦ୍ ଯେ ଯେମିତି ବି ହେଉ ତୋତେ ଡାକ୍ତରଟିଏ ହେବାକୁ ପଡିବ । ସେଥିପାଇଁ ଯାହା କୋଚିଂ ନେବା କଥା ନେ । ଯାହା କରିବାର ଅଛି କର କିନ୍ତୁ ଏଥିରେ ତୋର ଅସଫଳତା ମୁଁ ଦେଖି ପାରିବି ନାହିଁ । କିନ୍ତୁ ମୁଁ ଜାଣିଛି ଯେ ମୁଁ ମୋର ଇଚ୍ଛା ବିରୁଦ୍ଧରେ ସେ ପାଠ ପଢିଲେ ନିଶ୍ଚୟ ମୋର ପରୀକ୍ଷାରେ ଖରାପ ହେବ । ତେଣୁ ମୋତେ ଆଉ ପଢିବାକୁ ବି ଭଲ ଲାଗୁନି । ବେଳେ ବେଳେ ଭାବୁଛି ଆତ୍ମହତ୍ୟା କରିଦେବି । ମୁଁ ଥିଲେ ସିନା ବାପା ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ମୋତେ ବାଧ କରିବେ । ତଥାପି ମନ ମାନୁନି । କିଛି ବୁଦ୍ଧି ଦିଶୁନି । ମାଆର ମୁହଁକୁ ଦେଖିଲା ବେଳକୁ କିଛି କରିବାକୁ ଇଚ୍ଛା ହେଉନି । କଣ କରିବି ଟିକେ ଉପାୟ ବତାନ୍ତୁ ।

▼ସଂଗ୍ରାମ କେଶରୀ ଓ ଚେତନା ଶ୍ରୀକ୍ରିଷ୍ଟା ସାହୁଙ୍କ ହସଖୁସିର ପରିବାର





**◣ସ୍ୱପ୍ନା କୁମାରୀ, ଭଦ୍ରକ**

### ସମାଧାନର ସୂତ୍ର

ତୁମେ ଯାହା ଲେଖିଛ ସେଥିରୁ ମୁଁ ବୁଝି ପାରୁଛି ତୁମର ମାନସିକ ଯନ୍ତ୍ରଣା ବିଷୟରେ । ମୁଁ କେବଳ ଏତିକି କହିବି ଯେ ତୁମର ବର୍ତ୍ତମାନର ପରିସ୍ଥିତି ପାଇଁ ତୁମେ ନିଜେ ହିଁ ଶତକଡା ଶହେ ଭାଗ ଦାୟୀ । କାରଣ ତୁମେ ତୁମ ବାପାଙ୍କର ଜିଦଖୋର ମନୋଭାବ ବିଷୟରେ ଆଗରୁ ବେଶ ଭଲ ଭାବରେ ଜାଣିଛ । ସେଥିପାଇଁ ତୁମ ଭାଇ ତୁମ ପରିବାରଠାରୁ ଅଲଗା ହେଇ ରହୁଛି । ତୁମ ବାପା ଜଣେ ବୟସ୍କ ବ୍ୟକ୍ତି । ତଥାପି ସେ ପିଲାଙ୍କ ପରି ହେଉଛନ୍ତି । ଜୀବନରେ ତାଙ୍କର ଅନେକ ଅଭିଜ୍ଞତା ଥାଇ ବି ସେ ତାଙ୍କର ଜିଦ୍‌ଖୋର ମନୋଭାବ ଛାଡି ପାରୁ ନାହାନ୍ତି । ତାଙ୍କର ଏହି ଗୁଣକୁ କେହି ବି ପରିବର୍ତ୍ତନ କରି ପାରିବେ ନାହିଁ । ଏ କଥା ତୁମେ ବୁଝିବା ଦରକାର । ତୁମେ ଯୁକ୍ତ ଦୁଇ ବିଜ୍ଞାନ ପଢିବା ପାଇଁ ତୁମ ବାପା ବାଧ କଲେ । ସେହି ସମୟରେ ତୁମେ ମଧ ନିଜେ ମୁହଁଖୋଲି କିଛି ନ କହି ତାଙ୍କ କଥାକୁ ମାନିଗଲ । ତୁମେ ହୁଏତ ତାଙ୍କୁ ବିନମ୍ର ଭାବରେ ଅନୁରୋଧ କରିପାରିଥାନ୍ତ ଯେ ତୁମର ଏଥିରେ ଇଚ୍ଛା ନାହିଁ ତେଣୁ ତୁମେ ଏହା ପଢିଲେ ଏଥିରେ ସଫଳତା ପାଇବ ନାହିଁ । ଆତ୍ମ ବିଶ୍ୱାସ ଓ ଦୃଢ ମନୋବଳର ସହିତ ତୁମେ ବାପାଙ୍କୁ ତୁମ ମନର କଥା ଖୋଲି କରି କହିବାର ସାହାସ କରିଥାଆନ୍ତ । ଘରେ କିଛି ଅଶାନ୍ତି ସୃଷ୍ଟି ହେଇଥାନ୍ତା ସତ କିନ୍ତୁ ପରେ ସୁଫଳ ମିଳିଥାନ୍ତା । କିନ୍ତୁ ତୁମେ ତାହା ନ କରି ବାପାଙ୍କ କଥା ମାନି ବିଜ୍ଞାନ ପଢିଲ । ଏବେ ତୁମେ ଆଉ ପଛ କଥା ଭାବି ମନଦୁଃଖ କରିବା ନିହାତି ମୁର୍ଖାମୀ । ଯଦି ତୁମେ ବିଜ୍ଞାନ ପଢିବା ପାଇଁ ରାଜି ହେଇଛ ତେବେ ତୁମର ଅଧ୍ୟବସାୟ ବଳରେ ସଫଳତା ପାଇବା ପାଇଁ ଚେଷ୍ଟା କର ତଥା ମେଡିକାଲ ପଢିବା ପାଇଁ ନିଜକୁ ଏବେଠାରୁ ପ୍ରସ୍ତୁତ କର । ସେଥିପାଇ ପ୍ରବେଶିକା ପରୀକ୍ଷାରେ ସଫଳତା ପାଇବା ଏତେ ସହଜ କଥା ନୁହେଁ । ଯଦି ସୁଯୋଗ ପାଇଲ ଭଲ କଥା, ନଚେତ ପୁଣି ତୁମେ ଯୁକ୍ତ ତିନି କଳାରେ ପାଠ ପଢି ପାରିବ । କିନ୍ତୁ ଭାଙ୍ଗି ପଡନାହିଁ ଅବା ଆତ୍ମହତ୍ୟା କଥା କେବେ ବି ମନରେ ଆଣ ନାହିଁ । ଦୁର୍ବଳମନା ବ୍ୟକ୍ତିମାନେ ହିଁ ଏପରି କଥା ଭାବିଥାନ୍ତି । ନିଜର ଆତ୍ମବିଶ୍ୱାସକୁ ଦୃଢ କର ଏବଂ ନିଷ୍ଠାର ସହିତ ପାଠ ପଢାରେ ମନ ଦିଅ । ସଫଳତା ନିଶ୍ଚୟ ପାଇବ ।

# ମଲାଇ ମହକ



# ରୋନାଲିସାଙ୍କ ରାନ୍ଧଣା




**ରୋନାଲିସା ପଣ୍ଡା**

ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧

ଫୋନ:୭୦୦୮୪୮୬୬୩୮

ଫଟୋ ସୌଜନ୍ୟ: ଲେଖିକା


## ମଟର ମେଥି ମଲାଇ



**ଆବଶ୍ୟକ ସାମଗ୍ରୀ :** ୨ କପ୍ କଂଚା ମଟର, ୨ କପ୍ କଟା ମେଥି ଶାଗ, କଟା ପିଆଜ ୨ଟା, ଅଦା ରସୁଣ ଅଳ୍ପ, କାଜୁ ୧୦ଟା, ଅମୁଲ ଗୁଣ୍ଡ ୨ ଚାମଚ, ଗୁଜୁରାତି ଗୁଣ୍ଡ ଟିକେ, ଲୁଣ ଓ ଚିନି ଅଳ୍ପ, ବଟର୍ ଅଳ୍ପ, କଂଚା ଲଙ୍କା ୨ଟା, ଜିରା ଅଳ୍ପ । ତେଲ ୨ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ମଟରକୁ ଅଳ୍ପ ଗରମ ପାଣିରେ ସିଝାଇ ରଖନ୍ତୁ । କରେଇ ଗରମ କରି ସେଥିରେ ତେଲ, ଜିରା, କଟା ପିଆଜ, କଟା ଅଦା, ରସୁଣ ଓ ଲୁଣ ପକାଇ ଭାଜନ୍ତୁ । ଏହା ଥଣ୍ଡା ହେଲେ କାଜୁ ଓ କଂଚା ଲଙ୍କା ପକାଇ ଭଲ ଭାବରେ ବାଟି ଦିଅନ୍ତୁ । ଏକ କରେଇରେ ତେଲ ଗରମ କରି ସେଥିରେ ଜିରା ପକାଇ, କଂଚା ଲଙ୍କା ପକାଇ ଶାଗକୁ ପକାନ୍ତୁ । ପରେ ସିଝା ମଟର ପକାଇ ଘାଣ୍ଟି ଦିଅନ୍ତୁ । ପରେ ପ୍ରସ୍ତୁତ ବଟା ମସଲା ପକାନ୍ତୁ । ଆବଶ୍ୟକ ଅନୁସାରେ ଚିନି ଓ ଲୁଣ ଦିଅନ୍ତୁ । ପରେ ଅମୁଲ ଗୁଣ୍ଡକୁ ୩ ଚାମଚ ପାଣିରେ ଗୋଳାଇ ସେଥିରେ ପକେଇ ଘାଣ୍ଟନ୍ତୁ । ଚୁଲି ବନ୍ଦ କରି ଦିଅନ୍ତୁ ଓ ବଟର୍ ଓ ଗୁଜୁରାତି ଗୁଣ୍ଡ ପକେଇ ପରଷନ୍ତୁ ।

## ମଲାଇ ଘାଣ୍ଟ ତରକାରୀ



**ଆବଶ୍ୟକ ସାମଗ୍ରୀ :** ଜିରା ୧ ଚାମଚ, କଟା ଗାଜର, ବିଟ୍ ଅଳ୍ପ, ବିନ୍, ଫୁଲକୋବି ୧/୨ କପ୍ ଲେଖାଏଁ, କଟା ପନିର ୧୦୦ଗ୍ରାମ, କଂଚା ମଟର ୧ କପ୍ ଓ କେପସିକମ୍ ୧ଟା, କାଜୁ କିସ୍‌ମିସ୍ ୧/୨ କପ, ପିଆଜ କଟା ୧ କପ୍, ଅଦା ରସୁଣ ପେଷ୍ଟ୍ ୨ ଚାମଚ, କଂଚା ଲଙ୍କା ୨ଟା, ନାଲିଲଙ୍କା ୨ଟା, ଗୁଜୁରାତି ୨ଟା, ଟମାଟୋ ୨ଟା ଲୁଣ ଓ ଚିନି ଅଳ୍ପ । ତେଲ ଛାଣିବା ପାଇଁ ଗରମ ମସଲା ଓ ହଳଦୀ ଗୁଣ୍ଡ, କସୁରି ମେଥି ପତ୍ର ଅଳ୍ପ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସବୁ ପରିବାକୁ କାଟି ତେଲରେ ଛାଣି ରଖନ୍ତୁ । କରେଇରେ ଜିରା, କଂଚାଲଙ୍କା, ପିଆଜ କଟା ପକାଇ ଭାଜନ୍ତୁ । ସେଥିରେ ଅଦା ରସୁଣ ପେଷ୍ଟ୍ ଓ କଟା ଟମାଟୋ ପକାଇ ଲୁଣ ପକାନ୍ତୁ । ଚୁଲି ବନ୍ଦ କରି ଦିଅନ୍ତୁ । ସେଥିରେ କାଜୁ, ନାଲି ଲଙ୍କା, ଗୁଜୁରାତି ପକାଇ ବାଟି ରଖନ୍ତୁ । କରେଇରେ ତେଲ ଗରମ କରି ଜିରା ପକାଇ ଭାଜନ୍ତୁ । ହଳଦୀ ଗୁଣ୍ଡ ଓ କିସ୍‌ମିସ୍, ଓ ବଟା ମସଲା ଦେଇ ଭାଜନ୍ତୁ । କସୁରୀ ମେଥିପତ୍ର, ଅଳ୍ପ ଲୁଣ ଓ ଚିନି ଟିକେ ପକାଇ ସମସ୍ତ ଭଜା ପରିବାକୁ ସେଥିରେ ପକାଇ ଘାଣ୍ଟି ଦିଅନ୍ତୁ । ଶେଷରେ ଭଜା ପନିର ଓ ଗରମ ମସଲା ଗୁଣ୍ଡ ପକାଇ ଚୁଲି ବନ୍ଦ୍ କରି ଦିଅନ୍ତୁ ।

## ଧନିଆପତ୍ର ତରକାରୀ



**ଆବଶ୍ୟକ ସାମଗ୍ରୀ :** କଟା ଗାଜର, କଟା ଫୁଲକୋବି, କଟା ବିନ୍ ୧ କପ୍ ଲେଖାଏଁ । କଂଚା ମଟର ୧ କପ୍, ପନିର ୫୦ଗ୍ରାମ, ଗୋଟେ ବଡ଼ ପିଆଜ, ଅଦା ରସୁଣ ପେଷ୍ଟ୍ ୨ ଚାମଚ, ଧନିଆପତ୍ର ୨୫୦ଗ୍ରାମ, କଂଚା ଲଙ୍କା ୨ଟି, ଗରମ ମସଲା ଗୁଣ୍ଡ ୧ ଚାମଚ, ଜିରା, ତେଲ ଓ ଲୁଣ ସ୍ୱାଦ ଅନୁଯାୟୀ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ରାଇଣ୍ଡର୍‌ରେ ଧନିଆପତ୍ର ଓ କଞ୍ଚା ଲଙ୍କାକୁ ବାଟି ରଖନ୍ତୁ । ମଟର ବିନ୍, ଗାଜର ଓ ଫୁଲକୋବିକୁ ଅଳ୍ପ ଲୁଣ ପକାଇ ପାଣିରେ ଅଧା ସିଝା କରି ଦିଅନ୍ତୁ । କରେଇରେ ତେଲ ଗରମ କରି ସେଥିରେ ଜିରା କଞ୍ଚାଲଙ୍କା ପିଆଜ କଟା ଅଦା ରସୁଣ ପେଷ୍ଟ୍ ଦେଇ ଘାଣ୍ଟନ୍ତୁ । ପରେ ସେଥିରେ ବଟା ଧନିଆପତ୍ର ପକାଇ ଲୁଣ ପକାଇ ଭଲଭାବରେ ଗୋଳାଇ ଦିଅନ୍ତୁ । ସେଥିରେ ଅଳ୍ପ ଟିକେ ପାଣି ଓ ସିଝା ପରିବା ପକାଇ ଘାଣ୍ଟି ଘୋଡ଼ାଇ ଦିଅନ୍ତୁ । ତରକାରୀ ଫୁଟି ଆସିଲେ ସେଥିରେ ଗରମ ମସଲା ଗୁଣ୍ଡ ପକାଇ ଚୁଲି ବନ୍ଦ କରିଦିଅନ୍ତୁ । ସେଥିରେ କଟା ପନିର ଓ ଆବଶ୍ୟକ ହେଲେ ଘିଅ କିମ୍ବା ବଟର୍ ଦେଇ ପରଷନ୍ତୁ ।

# ପିଠା ପରିଚର୍ଚ୍ଚା





# ଆମ ଘରର ପିଠାପଣା




**ଦେବଯାନୀ ରାୟ**

ରାମଚନ୍ଦ୍ରପୁର ବଜାର,
କଟଣୀ, ଖୋର୍ଦ୍ଧା-୭୫୨୦୫୦
ଫୋନ: ୯୪୩୭୪୧୩୩୧୪


ଫଟୋ ସୌଜନ୍ୟ : ଲେଖିକା

## ଧଳା ମଣ୍ଡା

**ଆବଶ୍ୟକ ସାମଗ୍ରୀ :** ଅରୁଆ ଚାଉଳ ୨କପ୍, ଅଳ୍ପ ଲୁଣ, ପୂର ପାଇଁ ନଡ଼ିଆ, ଛେନା(ଗୋଟେ ନଡ଼ିଆ, ୧/୨କେଜି ଛେନା), ଗୁଡ଼ ୨୦୦ଗ୍ରାମ (ଯଦି ଆପଣ ଅଧିକା ମିଠା ଖାଆନ୍ତି, ତେବେ ଅଧିକ ଦେଇପାରନ୍ତି) ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅରୁଆ ଚାଉଳକୁ ୪/୫ଘଣ୍ଟା ଭିଜାଇବା ପରେ ତାହାକୁ ପାଣିଦେଇ ସମ୍ପୂର୍ଣ୍ଣ ପାଣିଆ କରି ବାଟିଦେବା । ତାପରେ ଅଳ୍ପ ଲୁଣ ମିଶାଇ ଆଣକୁ କଡ଼େଇରେ ପକାଇ ଗୋଳାଇବା, ଗୋଳାଇବା ସମୟରେ ଲଗାତର ଗୋଳାଇବାକୁ ପଡ଼ିଥାଏ । ଯନ୍ତୁଣୀ ହୋଇ ଆସିବା ସମୟରେ ଟାଇଟ୍ ଲାଗିଥାଏ । ସେତେବେଳେ ଲକ୍ଷ୍ୟ ରଖିବେ ଏହା ସିଝିଯାଇଛି କି ନାହିଁ । ଯଦି ସିଝି ନଥାଏ କଡ଼େଇରେ ଅଳ୍ପ ଅଳ୍ପ ଗରମ ପାଣି ଦେଇ ଯନ୍ତି ନେବେ । ତାପରେ ଏହାକୁ ଥଣ୍ଡା କରିବା ପାଇଁ ରଖିଦେବେ । ସେହି ସମୟ ଭିତରେ ପୂର ପ୍ରସ୍ତୁତ କରିବେ ।

**ପୂର:** ପୂର ପାଇଁ କଡ଼େଇରେ ଅଳ୍ପ ପାଣି ଦେଇ ଗୁଡ଼ ପକାଇବେ, ତାପରେ ନଡ଼ିଆ କୋରା, ଛେନା, ଗୋଲମରିଚ ଗୁଣ୍ଡ, ଗୁଜୁରାତି ଗୁଣ୍ଡ ପକାଇ ଘାଣ୍ଟିବେ । ପୂର ଅଠା ଧରି ଆସିଲେ ଏହାକୁ ଗ୍ୟାସଚୁଲାରୁ ଓହ୍ଲାଇ ଦେବେ । ତାପରେ ଯନ୍ତୁଣୀରୁ ଅଳ୍ପ ଅଳ୍ପ ଧରି ରୁଟିଗୁଳା ପରି କରିବେ, ମଝିରେ ଖାଲ କରି ପୂର ଦେଇ ପୁଣି ତାହାକୁ ଉପରୁ ବନ୍ଦ କରିଦେବେ । ତାପରେ ଗୋଟେ କଡ଼ାଇରେ ଫୁଲପାଣି ଦେଇ ପାଣି ଫୁଟିଲା ପରେ ଏହି ପିଠାମାନ ପକାଇବେ । ପାଣିରୁ ପିଠା ଗୁଡ଼ିକ ଉପରକୁ ଭାସି ଉଠିଲେ ଛାଣିକରି ରଖିବେ । ଆପଣ ଚାହିଁଲେ ଏହାକୁ ଷ୍ଟିମ୍ ଦେଇ ସିଝାଇ ପାରିବେ । କିନ୍ତୁ ଛଣା ପିଠା ବହୁତ ସମୟ ପର୍ଯ୍ୟନ୍ତ ଫ୍ରେସ୍ ରହିଥାଏ । ଏହି ପିଠା ଦେହ ପାଇଁ ଉପକାରୀ ।

## କରଞ୍ଜି ପିଠା

**ମଇଦା ଗୁଳା ପାଇଁ ଆବଶ୍ୟକ ସାମଗ୍ରୀ :** ମଇଦା - ଅଢ଼େଇ କପ୍, ଘିଅ- ଅଳ୍ପ (ଖାସ୍ତା ପାଇଁ), ଛାଣିବା ପାଇଁ ଘିଅ (ଆବଶ୍ୟକ ଅନୁସାରେ), ଅଳ୍ପ ଲୁଣ ।

**ପୂର ପାଇଁ ଆବଶ୍ୟକ ସାମଗ୍ରୀ :** ନଡ଼ିଆ ୧ଟା, ଛେନା-୨କପ୍, କାଜୁ (ଗୁଣ୍ଡ), ଗୁଡ଼ କିମ୍ବା ଚିନି(ଯେମିତି ମିଠା ଖାଇବେ), ଗୋଲମରିଚ ଗୁଣ୍ଡ, ଗୁଜୁରାତି ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କରଞ୍ଜି ପିଠା ପାଇଁ କରଞ୍ଜି ଖାସ୍ତା ପାଇଁ ମଇଦାର ଗୋଟିଏ ଗୁଳା ପ୍ରସ୍ତୁତ କରିବା । ଗୋଟିଏ କପ୍‌ରେ ଅଢ଼େଇ କପ୍ ମଇଦା ନେବା । ଏହି ଅଢ଼େଇ କପ୍ ମଇଦାରେ ଖାସ୍ତା ପାଇଁ ୧କପ୍ ଘିଅ ନେବା । ଘିଅ ବଦଳରେ ଆପଣମାନେ ରିଫାଇନ ତେଲ ନେଇ ପାରନ୍ତି । ମଇଦାକୁ ଭଲ ଭାବରେ ମିଶାଇ ଦେଇ ତାପରେ ଗୋଟେ କପ୍‌ରୁ କମ୍ ପାଣିରେ ଅଳ୍ପ ଅଳ୍ପ ଛିଞ୍ଚି ଟିକେ ଟାଣ କରି ମଇଦା ଗୁଳା ପ୍ରସ୍ତୁତ କରିବା । ତାପରେ ଏହାକୁ ଘୋଡ଼ାଇ ୪୦ ମିନିଟ୍ ପର୍ଯ୍ୟନ୍ତ ରଖିବା । ସେହି ସମୟ ଭିତରେ ପୂର ପ୍ରସ୍ତୁତି ପାଇଁ ଆମେ ଗୋଟିଏ ନଡ଼ିଆ, କିଛି କାଜୁକୁ ଛୋଟ ଛୋଟ କରି ଭାଜିବା ଘିଅ ଦେଇ, ତାପରେ ନଡ଼ିଆ ପକାଇବା ଏବଂ ଯଦି ଦହି ଛେନା ଥିବ ତା ସହିତ ପକାଇବା ନଚେତ୍ କ୍ଷୀର ଛେନା ବ୍ୟବହାର କରିପାରିବେ । ତାପରେ ଗୁଡ଼ କିମ୍ବା ଚିନି ପକାଇବା । ତା ଉପରେ ଗୋଲମରିଚ ଗୁଣ୍ଡ ଏବଂ ଗୁଜୁରାତି ଗୁଣ୍ଡ କରି ପକାଇ ପାଣି ମରିବା ପର୍ଯ୍ୟନ୍ତ ପୂର ପ୍ରସ୍ତୁତ କରିବା । ୪୦ ମିନିଟ୍ ପରେ ପୁଣିଥରେ ୨/୩ ମିନିଟ୍ ଚକଟି ଗୁଳା ପ୍ରସ୍ତୁତ କରିବା । ମଇଦା ଚକଟାରୁ ଅଳ୍ପ ନେଇ ପୁରୀ ପରି ବେଲିବା ପରେ ମଝିରେ ପୂର ଦେଇ ଏହାର ସାଇଡ୍ ଗୁଡ଼ିକୁ ଚାପିଦେବା । ତାପରେ ପାରମ୍ପରିକ ପଦ୍ଧତିରେ ସାଇଡ୍‌କୁ ତଳୁ ଉପର ନହେଲେ ଉପରକୁ ତଳ ପର୍ଯ୍ୟନ୍ତ ମୋଡ଼ି ପିଠା ପ୍ରସ୍ତୁତ କରିବା । ଯଦି ସାଇଡ୍ ଗୁଡ଼ିକ ମୋଡ଼ି ନଆସେ ତେବେ କଣ୍ଟା ଚାମଚ ସାହାଯ୍ୟରେ ଦାଗ ଦେଇ ଦବା । ତାପରେ କଡ଼ାଇରେ ଘିଅ କିମ୍ବା ରିଫାଇନ୍ ଗରମ କରି ପିଠାକୁ ପକାଇବା । ତେଲ ଗରମ ହେବାପରେ ଗ୍ୟାସ୍ ଫ୍ଲେମ୍‌କୁ ମିଡ଼ିୟମ ଆଞ୍ଚରେ ରଖି ପିଠା ଛାଣିବା । ପିଠା ପକାଇ ସାରିବା ପରେ ୧ରୁ ୨ ମିନିଟ୍ ଅପେକ୍ଷା କରି ଆରପାଖକୁ ଓଲଟାଇବା, ବାଦାମୀ ରଙ୍ଗ ହେଲାପରେ କଡ଼ାଇରୁ ବାହାର କରିବା ।




ରୋଷେଇଶାଳି-୩
ମାଧୁରୀଙ୍କ କିଚେନ୍

# ଚିଙ୍ଗୁଡ଼ିର ଚର୍ଚ୍ଚା




**ମାଧୁରୀ ପଣ୍ଡା**
ବି-୨୮୭, ସେକ୍ଟର-୨, ନାଲକୋ ଟାଉନଶିପ୍,
ଦାମନଯୋଡ଼ି, କୋରାପୁଟ-୭୬୩୦୦୮
ଫୋନ : ୮୮୯୫୧୮୫୪୨୫


ଫଟୋ ସୌଜନ୍ୟ :ଲେଖିକା



## ଚିଙ୍ଗୁଡ଼ି ମୁଣ୍ଡ ଚଡ଼ଚଡ଼ି

**ଆବଶ୍ୟକ ସାମଗ୍ରୀ :** ସଫା ହୋଇଥିବା ବଡ଼ ଚିଙ୍ଗୁଡ଼ି (ବାଗ୍‌ଦା ଚିଙ୍ଗୁଡ଼ି) ଅଧା କିଲୋ, ୨ ବଡ଼ ଚାମଚ ଚାଉଳ ଚୁନା, କର୍ଣ୍ଣଫ୍ଲୋର ୧ ଚାମଚ, ଅଦା ରସୁଣ ପେଷ୍ଟ ୧ଚମଚ, ହଳଦୀଗୁଣ୍ଡ ଲଙ୍କା ଗୁଣ୍ଡ, ଜିରାଗୁଣ୍ଡ, ଧନିଆଗୁଣ୍ଡ ପ୍ରଭୃତି ୧ଚାମଚ କରି, ଲୁଣ ସ୍ୱାଦ ଅନୁଯାୟୀ ଦିଆ ହେବ । କଲର୍ ବି ଚିମୁଟେ ଦିଆଯାଇ ପାରିବ । ଛାଣିବା ପାଇଁ ତେଲ ୧/୨ ଲିଟର ବି ରଖାଯିବ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବଡ଼ ଚିଙ୍ଗୁଡ଼ିକୁ ଭଲ ଭାବେ ସଫା କରି ପାଣି ନିଗିଡ଼େଇ ଏହାର ମୁଣ୍ଡକୁ ଅଲଗା ରଖିବା । ଏଥିରେ ଆବଶ୍ୟକ ମୁତାବକ ଲୁଣ, ହଳଦୀ ଗୋଳାଇ ଦେବା । ତା ପରେ ୨ ଚାମଚ ଚାଉଳ ଚୁନା ସହ କର୍ଣ୍ଣଫ୍ଲୋର, ଅଦା ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ମସଲା ଗୁଣ୍ଡ ଓ ଧନିଆଗୁଣ୍ଡ ଦେଇ ଭଲ ଭାବେ ଗୋଳେଇ ଦେବା । ଯେମିତି ଆମ ତିଆରି ମସଲା ଭିତରେ ଚିଙ୍ଗୁଡ଼ି ମୁଣ୍ଡ ବୁଡ଼ି ରହିବ । ଯଦି ମସଲା କମ୍ ଲାଗୁଛି ଏଥିରେ ୧ ଚାମଚ ବେସନ ବି ଗୋଳେଇ ପାରିବେ । ଏ ଭିତରେ କଡ଼ାଇ ବସାଇ ତେଲ ଗରମ କରି ସେଥିରେ ଗୋଳା ଯାଇଥିବା ଚିଙ୍ଗୁଡ଼ି ମୁଣ୍ଡକୁ ଗୋଟା ଗୋଟା କରି ଛାଣି ଆଣିବା । ବାସ୍, ହେଇଗଲା ଏବେ ଚିଙ୍ଗୁଡ଼ି ମୁଣ୍ଡର ଚଡ଼ଚଡ଼ି । ଏହା ଗରମ ଗରମ ଖାଇଲେ ଭଲ ଲାଗେ । ଏଥିରେ ଟମାଟୋ ସସ୍ ଦେଇ ଖାଇଲେ ଭଲ ଲାଗେ ।

## ଚିଙ୍ଗୁଡ଼ି ପକୁଡ଼ି

**ଆବଶ୍ୟକ ସାମଗ୍ରୀ :** ବଡ଼ ଚିଙ୍ଗୁଡ଼ି ଅଧା କିଲୋ । ଆବଶ୍ୟକ ମୁତାବକ ଲୁଣ, ହଳଦୀ, ଅଦା ରସୁଣ ପେଷ୍ଟ, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଜିରା ଗୁଣ୍ଡ ପ୍ରଭୃତି ରଖିବେ । ଏଥିସହ ଚିଲି ସସ୍ ସୋୟା ସସ୍, ଟମାଟୋ ସସ୍ ଧନିଆପତ୍ର ରଖିବେ ।

**ପ୍ରସ୍ତୁତି ପ୍ରଣାଳୀ:** ଚିଙ୍ଗୁଡ଼ିକୁ ଭଲ ଭାବେ ସଫା କରି ଏଥିରେ ଲୁଣ, ହଳଦୀ ଦେଇ, ଗୋଟେ ଚାମଚ ଅଦା ରସୁଣ ପେଷ୍ଟ, ଗୋଟେ ଚାମଚ କର୍ଣ୍ଣଫ୍ଲୋର ଓ ସେଥିରେ ଆବଶ୍ୟକ ମୁତାବକ ଜିରା ଗୁଣ୍ଡ ଗୋଲ ମରିଚ ଗୁଣ୍ଡ ଚିମୁଟେ ଲଙ୍କା ଗୁଣ୍ଡ, ଚିଲି ସସ୍, ଟମାଟୋ ସସ୍, ସୋୟା ସସ୍ ଓ ଲେମ୍ବୁ ଫାଳେ ଚିପୁଡ଼ି ସବୁକୁ ଏକାଠି ଗୋଳାଇ ରଖିବେ । ତା ପରେ କଡ଼ାଇ ବସାଇ ତେଲ ଗରମ କରିବେ । ତେଲ ଗରମ ହେବା ପରେ ଗୋଳାଇ ରଖିଥିବା ଚିଙ୍ଗୁଡ଼ିକୁ ଗୋଟା ଛାଣି ଆଣିବା । ଏହା ଉପରେ ଧନିଆ ପତ୍ର ଓ ପିଆଜକୁ ଛୋଟ ଛୋଟ କରି କାଟି ବିଞ୍ଚିଦେବା । ପ୍ରସ୍ତୁତ ଏବେ ଚିଙ୍ଗୁଡ଼ି ପକୋଡ଼ା । ଗରମ ଗରମ ପକୋଡ଼ା ସହ ଟମାଟୋ ସସ୍ ଏଥିରେ ଦେଇ ଖାଇଲେ ଭଲ ଲାଗେ ।



# ସର୍ଜନଶୀଳତାରେ ମୂରବୀପଣ

ସର୍ଜନାକ୍ଷେତ୍ରରେ ମୂରବୀର ଆବଶ୍ୟକତା ଅଛି କି ନା ତାହା ଏକ ତାର୍କିକ ବିଷୟ ହୋଇପାରେ । ମାତ୍ର ମୂରବୀ ନଥାଇ ସର୍ଜନା କ୍ଷେତ୍ରରେ ଆଗେଇବା ମଧ୍ୟ ସମ୍ଭବ ନୁହେଁ ବୋଲି କହିହେବ । ସର୍ଜନା କର୍ମରେ ଯେଉଁମାନେ ଲିପ୍ତ ସେମାନେ ସର୍ବଦା ପ୍ରେରଣା ଦ୍ୱାରା ପରିଚାଳିତ ହୋଇଥାନ୍ତି । ତାହା ଯେକୌଣସି ପ୍ରେରଣା ହୋଇପାରେ । ଦୈବୀ ପ୍ରେରଣା ହେଉ କି ମାନବୀୟ ପ୍ରେରଣା, ପଛରୁ କାହାର ଗୋଟେ ପ୍ରେରଣା ପାଇବା ଦରକାର । ଜଣେ କିଏ ପିଠି ଥାପୁଡ଼େଇବା ଦରକାର । କେହିଜଣେ ହାତ ଧରି ଆଗେଇ ନେବା ଦରକାର । ସୃଜନକର୍ମର ସଫଳତା ପାଇଁ ଏଇ ଟିକିଏ ଟିକିଏ ପ୍ରେରଣା ଅମୃତ ଭଳି କାର୍ଯ୍ୟ କରେ । ଲେଖକଗୋଷ୍ଠୀ ପାଠକୀୟ ପ୍ରେରଣା ତ ପାଆନ୍ତି କିନ୍ତୁ ଲେଖାଲେଖି ଦିଗରେ ସମଧର୍ମା ବରିଷ୍ଠ ବା ସିନିୟର୍ ଲେଖକଙ୍କ ଠାରୁ ମଧ୍ୟ ମିଳିଥାଏ ପ୍ରେରଣା । ସେତକ ହିଁ ଜଣେ ଲେଖକକୁ ଆଗେଇ ନେଇଥାଏ ଅଚିରେ ।

ଥରେ ଜଣେ ନବଲେଖକ ଅସନ୍ତୋଷ ବ୍ୟକ୍ତ କରି କହିଲେ ଯେ, ବରିଷ୍ଠ ଲେଖକମାନେ ଆମକୁ ପଢୁ ନାହାନ୍ତି । ଆମେ ଲେଖିବୁ କାହିଁକି ? ମୁଁ ଜାଣେନା, କେଉଁ ନିର୍ଦ୍ଦିଷ୍ଟ ବରିଷ୍ଠ ଲେଖକଙ୍କୁ ସେ ଇଙ୍ଗିତ କରୁଥିଲେ, ହେଲେ ମୋ ଜାଣିବାରେ ସାଂପ୍ରତିକ ସମୟର ବହୁ ବରିଷ୍ଠ ଲେଖକ, ଯେଉଁମାନଙ୍କୁ ଆମେ ଆମ ସାହିତ୍ୟର ମୂରବୀ ତୁଲ୍ୟ ମାନୁ, ସେମାନେ କେବଳ ନୂଆ ଲେଖକଙ୍କୁ ପଢୁନାହାନ୍ତି, ସେମାନଙ୍କୁ ମୁଣ୍ଡରେ ବସାଇ ବୁଲୁଛନ୍ତି । ଅନେକେ ତ ନୂଆ ଲେଖକଙ୍କୁ ଆଗକୁ ନେଇଯିବା ପାଇଁ ନିଜ ପ୍ରଚେଷ୍ଟାରେ ବାର୍ଷିକ କାର୍ଯ୍ୟକ୍ରମ ମାନ କରି ନୂଆ ଲେଖକଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଭିତରେ କିଛିଟା ବିଶ୍ୱାସ ରୋପଣ କରିପାରୁଛନ୍ତି । ଅନେକେ ଅଛନ୍ତି ନୂଆ ଲେଖକଙ୍କୁ ବାଛି ବାଛି ତାଙ୍କ ଦ୍ୱାରା ସମ୍ପାଦିତ ପତ୍ରପତ୍ରିକାରେ ସେମାନଙ୍କ ଲେଖାମାନ ଛାପୁଛନ୍ତି । ବରିଷ୍ଠମାନଙ୍କ ସହ ନବଲେଖକଙ୍କୁ ଏକତ୍ର ସ୍ଥାନିତ କରିବାର ପରମ୍ପରା ଅଧୁନା ଆରମ୍ଭ ହୋଇ ସାରିଛି । ଅସନ୍ତୋଷ ବ୍ୟକ୍ତ କରିଥିବା ସେଇ ନବଲେଖକଟିକୁ ମୁଁ ପ୍ରକାରାନ୍ତରେ ମୋ ଲେଖକୀୟ ଅସନ୍ତୋଷ କଥା କହିବାକୁ ଉଚିତ ମଣିଲି । ଅର୍ଥାତ୍ ମୁଁ ଯେବେ ନବଲେଖକ ଭାବେ ଆତ୍ମପ୍ରକାଶ କଲି ସେଇ ସମୟରେ ଆମ ପାଖରେ କେହି ନଥିଲେ ଆମ ହାତ ଧରି ଟାଣିନେବାକୁ । କେହିଜଣେ ଆମ ଲେଖାଟି ପଢ଼ି ପ୍ରଶଂସା କରିବା ତ ଦୂରର କଥା, ପଢ଼ିଲେ ବୋଲି କହୁନଥିଲେ । ତା'ମାନେ କ'ଣ ସେତେବେଳେ ସାହିତ୍ୟରେ ମୂରବୀ ନଥିଲେ ନା ବରିଷ୍ଠ ଲେଖକ ନଥିଲେ ? ଥିଲେ । କିନ୍ତୁ ବରିଷ୍ଠମାନଙ୍କ ପ୍ରତି ଥିଲା ଆମର ପ୍ରଚୁର ସମ୍ମାନ ଓ ଭୟ । ତା'ଛଡ଼ା ବରିଷ୍ଠ ଲେଖକ ଓ ନବଲେଖକ ଭିତରେ ଥିଲା ଏକ ବିରାଟ ଦୂରତା । ମୋ ଜାଣିବାରେ ମୋର ମନେ ଅଛି ଲେଖାଲେଖି କରିବାର ଦଶବର୍ଷ ପର୍ଯ୍ୟନ୍ତ 'ଝଙ୍କାର' ଭଳି ପତ୍ରିକା (ଏହା ଏମିତି ଏକ ମାନ୍ୟତାପ୍ରାପ୍ତ ପତ୍ରିକା' ଯେଉଁଠି ଲେଖା ବାହାରିଲେ ଜଣେ ଲଖକ ହେଲା ବୋଲି ଧରା ଯାଉଥିଲା)କୁ ମୋର ଲେଖାଟିଏ ପଠାଇବାକୁ ସାହସ ଜୁଟାଇ ପାରିନଥିଲି । କାରଣ ଭୟ ଥିଲା ସମ୍ପାଦକ ଏତେ ବଡ଼ ଓ ବରିଷ୍ଠ, ତାଙ୍କ ପାଖକୁ ମୁଁ ଲେଖାଟି ପଠାଇବି କେମିତି ! ଯଦି କିଛି ଭୁଲ ଥାଏ ଗାଳି ମିଳିବ । ଏ ପ୍ରକାର ଏକ ଭାବନା ସେତେବେଳେ ଲେଖକଙ୍କ ଭିତରେ ରହୁଥିଲା । ଏହା ହେଉଛି ବରିଷ୍ଠଙ୍କ ପ୍ରତି ସମ୍ମାନବୋଧ । କହିବାରେ ଦ୍ୱିଧା ନାହିଁ ଯେ, 'ଝଙ୍କାର'ରେ ମୋର ପଥମ ଲେଖା ବାହାରିବାର ପାଞ୍ଚବର୍ଷ ପରେ ଏହାର ସମ୍ପାଦକଙ୍କ ସହ ମୋର ସାକ୍ଷାତ ହୋଇ ପାରିଥିଲା । ଅର୍ଥାତ୍ ତାଙ୍କ ସହ କୌଣସି ପତ୍ରାଳାପ ବା ଟେଲିଫୋନ୍ ବାର୍ତ୍ତାଳାପ ଭଳି ଚିହ୍ନାପରିଚୟର ସୁଯୋଗ ନଥିଲା । ଏ ଏକ ପ୍ରେରଣା କହିଲେ ଭୁଲ ହେବ ନାହିଁ ।

ଆଜି ଆମ ସାହିତ୍ୟରେ ମୂରବୀମାନଙ୍କୁ ଅନେକ ସମୟରେ ଅସମ୍ମାନ କରା ଯାଉଥିବାର ଦେଖା ଯାଉଛି । ନବଲେଖକମାନେ ଆଉ ସମ୍ମାନ ଦେବାକୁ ପ୍ରସ୍ତୁତ ନୁହଁନ୍ତି । କାରଣ ତାଙ୍କ ପାଖରେ ଅଛି ସ୍ମାର୍ଟ ସମୟର ସ୍ମାର୍ଟ ଫୋନ୍ । ଅଙ୍ଗୁଳି ଟିପରେ ତାଙ୍କ ଆଖି ଆଗରେ ଝଲସି ଉଠୁଛି ଏମିତି ଏକ ବିଶାଳ ପ୍ରକାଶନୀୟ ମାଧ୍ୟମ (ଫେସ୍‌ବୁକ୍ ୱାଲ୍), ଯେଉଁଠି ବେଝିଜକ୍ ସେମାନେ ଯାହା ଲେଖୁଛନ୍ତି, ତାକୁ ପବ୍ଲିଶ୍ କରିପାରୁଛନ୍ତି । ଏଥିପାଇଁ କୌଣସି ସମ୍ପାଦକର ନାଲିଆଖି ନାହିଁ କି କୌଣସି ଯାଞ୍ଚ ପ୍ରକ୍ରିୟା ନାହିଁ । ଲେଖାର ଗୁଣମାନତା ପରଖିବାର ଆବଶ୍ୟକତା ନାହିଁ । ତା'ଛଡ଼ା ସେଇଭଳି ଭାବେ ଅସଂଖ୍ୟ ଇ-ପତ୍ରିକା, ଯାହାର କୌଣସି ଫିଜିକାଲ୍ ସ୍ୱରୂପ ବା ସରକାରୀ ପଞ୍ଜିକରଣ ନାହିଁ, ସେମାନେ ଅଚିରେ ଛାପୁଛନ୍ତି ଏସବୁ ଲେଖା । କାରଣ ସେମାନଙ୍କ ଅସ୍ତିତ୍ୱକୁ କାଏମ୍ ରଖିବା ପାଇଁ କିଛି ଲେଖା ତ ଦରକାର । ଆହୁରି କିଛି ଏପରି ଇ-ପତ୍ରିକା ସେଇ ନବଲେଖକମାନଙ୍କୁ ନାନା ପୁରସ୍କାରର ପ୍ରଲୋଭନରେ ପ୍ରଲୁବ୍ଧ କରି ବାନ୍ଧି ରଖୁଛନ୍ତି । ଯେଉଁ ପୁରସ୍କାରର କୌଣସି ବିଚାରକ ନଥାଏ, ସେ ପୁରସ୍କାର ପାଇବାରେ କେଉଁ ଗୌରବ ଥାଏ- ଏ କଥା ବୁଝିବାକୁ ନାରାଜ ଆଜିର ଇନ୍‌ଷ୍ଟାଣ୍ଟ୍ ସଫଳତା ପାଇବାକୁ ବ୍ୟାକୁଳ ନବଲେଖକମାନେ ।

ମୂରବୀମାନଙ୍କ ମେଳରେ ଥାଇ ଆମେ ସେମାନଙ୍କ ଅନୁଭୂତି, ଉପଲବ୍ଧି, ଅଭିଜ୍ଞତା ହାସଲ କରି ତାକୁ ନିଜ ଲେଖାଲେଖି ଦିଗରେ କାର୍ଯ୍ୟରେ ଲଗାଇ ପାରିବା । ମାତ୍ର ଏପରି କାର୍ଯ୍ୟକ୍ରମ ମଧ୍ୟ ହେଉନାହିଁ । ମୂରବୀ ବା ମୂର୍ଦ୍ଧଣ୍ୟ ଲେଖକଙ୍କୁ ନେଇ ନବଲେଖକର ମେଳଣ ପର୍ବ କୌଣସି ସାହିତ୍ୟ ଅନୁଷ୍ଠାନ ବା ଏକାଡ଼େମୀ କରନ୍ତି ନାହିଁ । ସବୁ ଅନୁଷ୍ଠାନ ସାହିତ୍ୟର ଆଲୋଚନା, କବିତା ପାଠ ଓ ପୁରସ୍କାର ବିତରଣରେ ସାରି ଦିଅନ୍ତି ସେମାନଙ୍କ କାର୍ଯ୍ୟକ୍ରମ ।

ନବଲେଖକଙ୍କୁ ଉତ୍ସାହ ପ୍ରଦାନ କରିବା ବେଳେ ପ୍ରତିଟି ମୂରବୀ ଶ୍ରେଣୀର ଲେଖକ ମନେ ରଖିବା ଉଚିତ, ସେମାନେ ଉତ୍ତର ଦାୟାଦ ତିଆରି କରୁଛନ୍ତି । ଯାହାଙ୍କ ହାତରେ ଚାଲିବ ଆଗାମୀ ସାହିତ୍ୟ ସମାଜ । ତେଣୁ ଉତ୍ତମ ପରୀକ୍ଷା ନିରୀକ୍ଷା ସହ ଯୋଗ୍ୟ ଓ ସମ୍ଭାବନାମୟୀ ନବଲେଖକଙ୍କୁ ଚୟନ କରିବାର ଦାୟିତ୍ୱ ନେବା ଦରକାର । ମୁରବୀମାନେ ମଧ୍ୟ ଅନେକ ସମୟରେ ସେମାନଙ୍କ ଚାଟୁକାରିତା କରୁଥିବା କିଛି ନବଲେଖକଙ୍କୁ ଅଯଥାରେ ବାଟ କଢ଼େଇ ନିଅନ୍ତି, ଫଳରେ ଯୋଗ୍ୟ ପ୍ରତିଭାଟେ ଆଢୁଆଳରେ ରହିଯାଏ । କୌଣସି ସମୟରେ ନିଜର ଉତ୍ତରପିଢ଼ିଙ୍କୁ ଚୟନ କରୁଥିଲେ ସେଥିରେ କଠୋର ହେବା ଯେତେ ଜରୁରୀ, ସେତିକି ଜରୁରୀ ନିଃସ୍ୱାର୍ଥ ହେବା । ନିହିତ ସ୍ୱାର୍ଥ ରଖି ଏପରି କାର୍ଯ୍ୟ କଲେ ଗୋଟିଏ ପିଢ଼ି ପ୍ରତି ଅନ୍ୟାୟ କଲେ ବୋଲି ଭାବିବାକୁ ହେବ ।

ଏବେ ନବପିଢ଼ିଙ୍କ ପାଇଁ 'କଥା' ଅନୁଷ୍ଠାନ, ସରୋଜ ବଳଙ୍କ 'ଟାଇମ୍‌ପାସ୍', ଶୁଭ୍ରାଂଶୁ ପଣ୍ଡାଙ୍କ 'ପେନ୍‌ଇନ୍ ବୁକ୍ସ୍' ସାହିତ୍ୟ କାର୍ଯ୍ୟକ୍ରମ କିଛିଟା ଆଶ୍ୱାସନା କହିଲେ ଭୁଲ୍ ହେବନାହିଁ । କିନ୍ତୁ ସେମାନଙ୍କୁ ଖାଲି ବାଛିଦେଲେ ହେବ ନାହିଁ, ସାହିତ୍ୟ କ୍ଷେତ୍ରରେ ସେମାନଙ୍କୁ ଏକ 'ତାରକା' ବନେଇବା ଯାଏଁ କାର୍ଯ୍ୟ କରିବାକୁ ପଡ଼ିବ । ଏ କାର୍ଯ୍ୟ ଏତେ ସହଜ ନୁହେଁ । ଏଥିପାଇଁ ଆମେ ସମସ୍ତେ ଏକତ୍ର ଲାଗିବାକୁ ପଡ଼ିବ । ମୂରବୀପଣିଆ ଭିତରେ ଲେଖକଟିଏ ଗଢ଼ିଦେବାର କୋମଳପଣଟି ରହିଲେ, ମୂରବୀର ମହକରେ ସାରା ସାହିତ୍ୟ ଜଗତ ମହକିଯିବ- ଏଥିରେ ସନ୍ଦେହ ନାହିଁ ।








Image: HIGHLAND AGRO PLANT, Balasore, Odisha














/ highlandagro

# HIGHLAND GROUP

**Corporate Office: Alupur, Near Laxminaryan Temple, O.T. Road, Balasore, Odisha (India) - 756001**
**+91-6782 - 262550 I info@highlandgroups.com**
**www.highlandgroups.com**


# FORM OF DECLARATION
## FORM-IV

I, **Subasini Jena,** declare that I am the printer and publisher of the Monthly Odia Magazine entitled "REBATI AMA MATIRA SWARA" Published from Mansingh Bazar, P.O. Motiganj, Dist. Balasore, Odisha and Printed at Print-Tech Offset Pvt. Ltd., F-66 /1 & F-66 / 2, Chandaka Industrial Area, P.O. KIIT, Bhubaneswar-751024, Odisha and the particulars in respect of the said magazine given under are true to the best of my knowledge and belief.

| | | |
|---|---|---|
| 1. | Title of the Magazine : | Rebati Ama Matira Swara |
| 2. | RNI Regd No. | ODIODI / 2018 / 78444 |
| 3. | Language in which it is to be published : | ODIA |
| 4. | Periodicity of its publication : | MONTHLY |
| 5. | Retail selling Price : | Rs. 50.00 (Per Copy) |
| 6. | Publisher's Name & Address : | SUBASINI JENA<br>Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001, |
| | Nationality : | INDIAN |
| 7. | Place of publication :<br>(please give complete<br>postal address) | Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001, |
| 8. | Printer's Name & Address : | Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001, |
| 9. | Name of the printing press where printing is tobe conducted & true description of the premises on which the press is installed | Print-Tech Offset Pvt. Ltd., F-66/1 & F-66/2,<br>Chandaka Industrial Area<br>P.O. : KIIT, Bhubaneswar-751024, Odisha |
| 10. | Editor's Name :<br>Nationality :<br>Address : | SUBASINI JENA<br>INDIAN<br>Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001, |
| 11. | Owner's Name :<br>Please state the particulars of individual or of the firms, joint stock company, trust, Co-operative society or association which Owns the Magazine | SUBASINI JENA<br>Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001<br>Rebati Media House Pvt. Ltd. |

Place : Balasore
Date : 01 / 03 / 2022

Sd/- **SUBASINI JENA**
Printer & Publisher



HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com


SUPRATIK INFRAVENTURES
The best property in the town to live
Few Villas Available
2BHK, 3BHK & 4BHK Flats Available
RERA APPROVED
Ammenities
MULTI FACILITY GYM
SWIMMING POOL
ROOFTOP GARDEN
BANQUET HALL
Supratik Infraventures Private Limited
Branch Office: Alupur,Near Laxminaryan Temple, O.T. Road, Balasore - 756001
+91-7205330222 I sales@supratikinfraventures.com
www.supratikinfraventures.com